ଟକେଲ ମ୍ୟୁନିସିପାଲିଟୀ ଟେକ୍ସେର ସାଧାରଣ-ଧନ ନଷ୍ଟ କଲେ । ମୋକଦ୍ଦମା ହାଇକୋର୍ଟରୁ ମ୍ୟୁନିସିପାଲିଟୀର ଜେତା ହେଲା ଓ ସେ ଉପବିଧି ପତ୍ରବର୍ଗରେ ବର୍ତ୍ତମାନ ନୂତନ ଉପବିଧି ସନ୍ନିବେଶିତ କରଣ ନିମନ୍ତେ ମ୍ୟୁନିସିପାଲିଟୀ ଯତ୍ନବାନ୍ ହୋଇଥିବାର ଦେଖି ଆମ୍ଭେମାନେ ସନ୍ତୁଷ୍ଟ ହେଲୁଁ । ନୂତନ ଉପବିଧି ଉତ୍ତମ ହୋଇଥିବ ରୂ ଆମ୍ଭମାନଙ୍କୁ ଜଣା ଯାଏ ।

---

ବୟଃସମ୍ମତିବିଷୟକ ଆଇନ ବିରୁଦ୍ଧରେ ପାର୍ଲିଆମେଣ୍ଟକୁ ଦରଖାସ୍ତ ପ୍ରେରଣ କରିବା-ନିମନ୍ତେ ବଙ୍ଗଳାର ନାନାସ୍ଥାନର ଓ ସହରର ପ୍ରତିନିଧି ନେଇ ବ୍ରିଟିସ ସଭାଗୃହରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ସମ୍ପାଦକମାନଙ୍କ ରିପୋର୍ଟରମାନଙ୍କୁ ଉପସ୍ଥିତ ହେବାର ଅନୁମତି ଦିଆ ହୋଇ ନ ଥିଲା ସୁତରାଂ ସଭାର କାର୍ଯ୍ୟାବଳୀ ଜଣାପଡ଼ି ନ ଥିଲା । ବର୍ତ୍ତମାନ ଜଣାଯାଉଅଛି ଯେ ସହବାସ ସମ୍ମତି ଆଇନ ହେବାଦ୍ୱାରା ଭାରତୀୟ ପ୍ରଜାଙ୍କ ଧର୍ମରେ ହସ୍ତକ୍ଷେପ କରା ହୋଇଅଛି ଓ ଆଇନ ପାସ କରିବା ସମୟରେ ବଡ଼ଲାଟ ଗଭର୍ଣ୍ଣମେଣ୍ଟଙ୍କ ୧୮୫୮ ସାଲ ଘୋଷଣାବାଣୀର ଯେ ଅର୍ଥ କରିବାକୁ ପ୍ରୟାସ କରିଥିଲେ ତଦ୍ୱାରା ଇଂରାଜ ପ୍ରଜାର ଧର୍ମରେ ହସ୍ତକ୍ଷେପ କରିବେ ନାହିଁ ବୋଲି ଯେ ବିଶ୍ୱାସ ଥିଲା ତାହା ଅପନୀତ ହେବ ଏହି ମର୍ମରେ ଗୁଡ଼ିଏ ମନ୍ତବ୍ୟ ସଭାରେ ଧାର୍ଯ୍ୟ ହୋଇଅଛି ଅନୁମତି ନ ଦେବାର କାରଣ ରହସ୍ୟ ଅଛି ପରା ? ଏପ୍ରକାର ଆନ୍ଦୋଳନ-ସମୟରେ ମଧ୍ୟ ବାଳିକାଙ୍କ ଅଭିଗମନର ଭୀଷଣ ଘଟନା କର୍ଣ୍ଣଗୋଚରରେ ଉପସ୍ଥିତ ହେଉଅଛି । ଗତ ସଞ୍ଜୀବନୀରୁ ପାଠକଙ୍କ ଢାକାଜିଲ୍ଲାର ଏକତ୍ରିଂଶବର୍ଷୀୟ ବ୍ରାହ୍ମଣ ଗୋଟିଏ ପିଲାକନ୍ୟା ସହିତ ସହବାସ କରିବାରୁ ସେ ବାଳିକା ରକ୍ତସ୍ରୋତରେ ଭାସିଗଲା । ତ୍ରିଂଶବର୍ଷୀୟ ମହାଶୟ ଅନନ୍ୟୋପାୟ ହୋଇ ଖୁନ କରିଥିବା ଭଳି ପଳାୟନ କରିଅଛନ୍ତି ଏପ୍ରକାର ଦୁଷ୍କର୍ମଘଟନା ହେଉଥିବାସ୍ଥଳରେ ସ୍ୱତ୍ୱ ଆଇନବିରୋଧୀମାନଙ୍କର ଚେତନା ନ ହେଲେ ଦୁଃଖ କାହାର ଅଛି । କଥାରେ ଅଛି "ଚୋରି ଶୋଇଥିବ ଯେ, ତାକୁ ଉଠାଇବ କିଏ ।"

---

କଲିକତା ହାଇକୋର୍ଟର ଓକିଲ ବାବୁ ଦୁର୍ଗାମୋହନଦାସ ବୟୋଧିକ ଜ୍ଞାନବାନ୍ ବହୁଦର୍ଶୀ ସମାଜସଂସ୍କାରକ ଓ ଦୟାଶୀଳ ଲୋକ ଅଟନ୍ତି । ତାଙ୍କର ପୁତ୍ର କନ୍ୟା ଅନେକଗୋଟି । ବିଧବାଙ୍କୁ ବିବାହ ଦେବା ସମାଜସଂସ୍କାରକମାନଙ୍କର ଏକ ଉଦ୍ୟମ । ବାବୁ ମହୋଦୟ ଏକ ପ୍ରଧାନ ଉଦ୍‌ଯୋଗକାରୀ ଓ ଉତ୍ସାହ ଶୀଳ କୃତକାର୍ଯ୍ୟ ହୋଇଅଛନ୍ତି କିନ୍ତୁ କୌଣସି ଉଦ୍‌ଯୋଗରେ ଉଦ୍‌ଯୋଗକାରୀ ନେତା ନ ହେଲେ ଉଦ୍‌ଯୋଗ ସଫଳ ହୁଏ ନାହିଁ । ବୋଧହୁଏ ବାବୁ ମହୋଦୟ ଏପ୍ରକାର ଚିନ୍ତା କରି ମାତୃମାସ ଭରେ ପୁନର୍ବାର ଲକ୍ଷ୍ୟ ପ୍ରଦାନ କରିବାକୁ ମନ ବଳାଇଲେ । ଏସବୁ ରହି ଷଡ଼ଙ୍ଗ ସଂସାରପର ନ ହେଲେ ଧସ୍ତାରକର ସସ୍ତାର କାର୍ଯ୍ୟରେ ବିଜୟୀ ହେବାର ସମ୍ଭାବ ହେବ ନାହିଁ ସୁତରାଂ ଯାହା ଯେପରି ବୟୋବୃଦ୍ଧ ଅନେକଗୋଟି ପୁତ୍ର କନ୍ୟା ବିଶିଷ୍ଟ, ପାଣି ସହସ୍ର ବୟୋବୃଦ୍ଧା ଓ ଅନେକଗୋଟି ପୁତ୍ର କନ୍ୟା ବିଶିଷ୍ଟା ସୁତରାଂ ଉଭୟଙ୍କର ବିବାହ ଠିକ ମେଳ ହୋଇଅଛି କଥାରେ ଅଛି "ଯହିଁ ଯେ, ବଣ୍ଡହକ ଗୁଡ଼ିଲ ଉତ୍ରେଇ ଦେ," । ଦରିଦ୍ରନ୍ୟାଙ୍କର ବିବାହ ସମ୍ପନ୍ନ ହେଲା । "ଉପଦେଶ ଅପେକ୍ଷା ଦୃଷ୍ଟାନ୍ତ ଅଧିକ ଶିକ୍ଷାପ୍ରଦାନ କରେ" ବୋଧକରୁଁ ଏହି ଦୃଷ୍ଟାନ୍ତ ଦେଖି ତାଙ୍କର ଶିଷ୍ୟମାନେ ବିଧବାବିବାହ ହେବାକୁ ସଚେଷ୍ଟ ହେବେ । ପୁଣି ଏକ ରହସ୍ୟ ଏହି ଯେ ଦୁର୍ଗାମୋହନ ବାବୁଙ୍କ ବିବାହିତା ପାଣି ତାଙ୍କ ପୁତ୍ରବଧୂର ସହୋଦରା ଭଗିନୀ । ଏବେ ଦୁର୍ଗାବାବୁଙ୍କ ପୁତ୍ର ଏହାଙ୍କୁ କ'ଣ ବୋଲି ଡାକିବେ ? ସମ୍ପ୍ରତି ବୈଦ୍ୟନାଥ ପଞ୍ଚ-ବଂଶତର ରହସ୍ୟକୁ ବଳିଅଛି । ଏହା ବିଧବାବିବାହର ଆଦର୍ଶ ନୂତେ ବରଷ କଲଙ୍କ ।

---

ମଣିପୁର-ସମାଚାର ।

ମଣିପୁରସେନାପତି ଟିକେନ୍ଦ୍ରଜିତ ସିଂହଙ୍କ ଉପରେ ତିନଗୋଟି ଅଭିଯୋଗ ହୋଇଥିଲା । ଏତନ୍ମଧ୍ୟରୁ ଦୁଇଗୋଟି ଅର୍ଥାତ୍ ଶ୍ରୀମତୀ ଭାରତେଶ୍ୱରୀଙ୍କ ବିରୁଦ୍ଧରେ ଯୁଦ୍ଧ କରିବାର ଓ ପ୍ରଧାନ କମିଶନର କ୍ୱିଣ୍ଟନ ପ୍ରଭୃତି ନ ଅଣ ଇଂରାଜ-କର୍ମଚାରୀଙ୍କ ହତ୍ୟାରେ ସାହାଯ୍ୟ କରିବାର ପ୍ରମାଣ ହେବାରୁ କମିଶନର୍ମାନେ ସେନାପତିଙ୍କୁ ଫାଶିଦଣ୍ଡର ଆଜ୍ଞା ଗତ ତା ୧୧ ରଖରେ ପ୍ରଦାନ କରିଅଛନ୍ତି । ଏହି ଆଦେଶ କେବଳ ଭାରତଗବର୍ଣ୍ଣମେଣ୍ଟଙ୍କର ଅନୁମୋଦନ ସାପେକ୍ଷ କରେ । ତୃତୀୟ ଅଭିଯୋଗ ଅର୍ଥାତ୍ ଉପରୋକ୍ତ କର୍ମଚାରୀଙ୍କ ହତ୍ୟାସ୍ଥଳରେ ଉପସ୍ଥିତ ଥିବାର ପ୍ରମାଣ ନ ହେବାରୁ ସେନାପତି ଉକ୍ତ ଅଭିଯୋଗରୁ ମୁକ୍ତି ପ୍ରାପ୍ତ ହେଲେ । ମଣିପୁର ସେନାପତି ଫାଶିଦଣ୍ଡ ଆଦେଶବିରୁଦ୍ଧରେ ଅପିଲ ଦାଏର କରିବା ନିମନ୍ତେ ବାରିଷ୍ଟର ମିଃ ଏ, ଏମ୍, ଘୋଷଙ୍କ ନିକଟକୁ ତାରସମ୍ବାଦ ପ୍ରେରଣ କରିଅଛନ୍ତି ଓ ସେତେବେଳେ ପ୍ରଦାନ ସେନାପତିଙ୍କ ସମୀପକୁ ତାରଦ୍ୱାର ଦରଖାସ୍ତ ପ୍ରେରିତ କରିଅଛନ୍ତି ଯେ ସେ ତାଙ୍କ ମକଦ୍ଦମାରେ ତାଙ୍କ ବାରିଷ୍ଟରଙ୍କ ଶୁଣିବା ନିମନ୍ତେ ଅନୁମତି ଦାନ କରିବେ ।

ମଣିପୁରମହାରାଜା ଜବାବରେ ପ୍ରକାଶ କରିଅଛନ୍ତି କି ସେ ଅଳସ୍ୱଭାବ ଲୋକ ଥିବାରୁ ରାଜ୍ୟ ଶାସନ କରିବାକୁ ସମର୍ଥ ନ ଥିଲେ ସ୍ୱୀୟ ଭ୍ରାତୃଗଣ ସିଂହ ପରାମର୍ଶ କରିବାରୁ ସେ ମଣିପୁରଦରବାରଦ୍ୱାରା ମହାରାଜପଦରେ ଅଭିଷିକ୍ତ ହୋଇଥିଲେ । ମିଃ କ୍ୱିଣ୍ଟନଙ୍କ ଆଗମନ ଅବଗତ ହୋଇ ବାଧ ହୋଇ ମନ୍ତ୍ରିପ୍ରଦାନ କରିଥିଲେ । ମାର୍ଚ୍ଚମାସ ତା ୨୪ ରଖରେ ଦରବାରକୁ ଯାଇଥିଲେ ଓ କୌଣସି ଆପଦର ଆଶଙ୍କା କରି ନ ଥିଲେ । ସେ ମହାରାଜପଦରେ ଅଭିଷିକ୍ତବିଷୟ ଅନୁମୋଦିତ ହୋଇଥିବାର କ୍ୱିଣ୍ଟନ ସାହେବଙ୍କଠାରୁ ଶୁଣି ସରଳହୃଦୟରେ ଧନ୍ୟବାଦ ପ୍ରଦାନ କରିଥିଲେ ଓ ମହାରାଣୀଙ୍କ ବିପକ୍ଷରେ ଯୁଦ୍ଧ କରିବାର ତାଙ୍କର ଅଭିପ୍ରାୟ ନ ଥିବାର ପ୍ରକାଶ କରିଥିଲେ । ଯୁବରାଜଙ୍କ ରାଜଗୃହ ଆକ୍ରମଣସମୟରେ ତାଙ୍କର ଅଧିକାର ନାମ ମାତ୍ର ଥିଲା ବିଜୟ ଫଏର କରିବାବିଷୟରେ ସେ ଅନୁମତି ପ୍ରଦାନ କରି ନ ଥିଲେ ସ୍ୱଭାବତଃ ଶାନ୍ତିସ୍ୱଭାବର ଲୋକ ଥିବାରୁ ଟେପଗାର୍ଡ଼ଙ୍କ କାର୍ଯ୍ୟରେ ହସ୍ତକ୍ଷେପ ନ କରି ଗୃହମଧ୍ୟରେ ରହିଥିଲେ । କ୍ୱିଣ୍ଟନ ସାହେବଙ୍କଠାରୁ କୌଣସି ପତ୍ର ତା ୨୪ ରଖରାତ୍ରରେ ପାଇ ନ ଥିଲେ କିମ୍ବା ତାଙ୍କ ନିକଟକୁ ପଠାଇ ନ ଥିଲେ । ଟେଙ୍ଗାଲ ଜେନେରଲଙ୍କ ମନ୍ତ୍ରଣାରେ ହତ୍ୟାକାଣ୍ଡ ହୋଇଥିଲା । ଦୁର୍ଘଟନାର ଯଥାର୍ଥ ବିବରଣ ରାଜପ୍ରତିନିଧିଙ୍କ ନିକଟକୁ ପ୍ରେରଣ କରିବାକୁ ହୁକୁମ ପ୍ରଦାନ କରିଥିଲେ କିନ୍ତୁ "ଟେପଗାର୍ଡ଼" ମିଥ୍ୟାବିବରଣରେ ଦଳପୂର୍ବକ ଦସ୍ତଖତ କରାଇ ନେଇଥିଲେ । ହତ୍ୟାକାରୀମାନେ ତାଙ୍କ ବିନା ଅନୁମତିରେ ଆଣା ହୋଇଥିଲେ ତାଙ୍କ ନିକଟରେ କେବଳ ନ ୧୨୦ ଶ ମନୁଷ୍ୟ ଥିଲେ ସେ ଯୁଦ୍ଧ କରିବା ନିମନ୍ତେ ଅବା ଉଚ୍ଚପଦସ୍ଥ କର୍ମଚାରୀଙ୍କ ହତ୍ୟା-

Digitized by srujanika@gmail.com

ପାଇଁ ବହୁ ପ୍ରସ୍ତୁତ ଓ ଅବା ମନସ୍ଥ କର ନ ଥିଲେ । ସେ କଳା ଗଣ୍ଡ ଓ ଅନୁଚରବର୍ଗରେ ଯୁଦ୍ଧଦୁର୍ଗରେ ପ୍ରବେଶ କରିଥିଲେ । କେସରେ ପ୍ରକାଶ ହେଲ ଯେ ସେ ଚିଫ୍‌କମିଶନରଙ୍କ ଗରଅବରୋଧର ଦରବାରରେ ସ୍ୱୟଂ ଉପସ୍ଥିତ ନ ଥିଲେ ଓ ପୁଣି କହିଥିଲେ ଗ୍ରିମିଉଡ୍ ସାହେବଙ୍କୁ ନ ପଠାଇ ଏପର କହ୍ଛ କରିଯିବ ନାହିଁ । ତା ୨୪ ରଖରେ ବନ୍ଧୁକ ଫାଏର ହେବା ସମୟରେ ଗୃହମଧ୍ୟରେ ସେ ଥିଲେ ଫାଏର ବନ୍ଦ କରିବାର ତାଙ୍କ ହୁକୁମ ଅବଜ୍ଞା ହେଲ ଓ "ତ୍ରଫଗାର୍ଡ୍" ହୁକୁମ ଦେଇଥିବାର ସମ୍ବାଦ ଆସିଥିଲା । ତାଙ୍କର ଅଜ୍ଞା କେହ ପାଳନ କରୁ ନ ଥିଲେ ଯୁବରାଜ ବନ୍ଧୁକ ଚଳେଇବାର ହୁକୁମ ପ୍ରଦାନ କରିବାର ସେ ଶୁଣି ଥିଲେ କିନ୍ତୁ ଯୁବରାଜଙ୍କ ସହିତ ଦେଖା ହୋଇ ନ ଥିଲା ଓ ସେ କୌଣସି ଲିଖିତ ଆଦେଶ ଯୁବରାଜଙ୍କ ନିକଟକୁ ପ୍ରେରଣ କର ନ ଥିଲେ । ମୌଖିକ ସମ୍ବାଦ ପ୍ରେରଣ କରିବା ମଣିପୁରର ରୀତି ।

ମହାରାଜାଙ୍କପକ୍ଷର ସାକ୍ଷୀମାନଙ୍କର ସାକ୍ଷ୍ୟ ଗୃହୀତ ହୋଇଅଛି । ବର୍ତ୍ତମାନ କେବଳ ବିଚାର ବାକି ଅଛି । ମଣିପୁର ରାଜପରିବାରଙ୍କ ମଧ୍ୟରୁ କେବଳ ନୂତନ ସେନାପତି ଅଙ୍ଗଓସେନାପତିଙ୍କ ବିଚାର ଶେଷ ହେଲେ ସମସ୍ତଙ୍କ ବିଚାର ଶେଷ ହେବ । ଇତିମଧ୍ୟରେ ସେନାପତିଙ୍କ ବିଚାର ଆରମ୍ଭ ହୋଇଅଛି ।

ଅମୃତବଜାରପତ୍ରିକା ମଃ କୁଇଣ୍ଟନ ଓ ଗ୍ରେ-ମ୍ବଙ୍କ ମୃତ୍ୟୁସମୟରେ ଗୁରୁତ୍ୱ ପ୍ରମାଣ ସମ୍ବନ୍ଧରେ ଏକ ପତ୍ରପ୍ରେରକର ପତ୍ର ପ୍ରକାଶ କରିଥିଲେ । ପତ୍ରିକା କହନ୍ତି ଯେ ଯାହା ପୂର୍ବରେ ପ୍ରକାଶ କରିଥିଲେ ତାହା ଯଥାର୍ଥ ଅଟେ ଓ ଗବର୍ଣ୍ଣମେଣ୍ଟ ବାବୁ ହରିଦାସ ବାନୁର୍ଯ୍ୟାଙ୍କ ଜବାବ ପ୍ରକାଶ କଲେ ଭବିଷ୍ୟତର ପ୍ରମାଣ ମିଳିବ । ପତ୍ରିକା ଜିଜ୍ଞାସା କରୁଅଛନ୍ତି ମାର୍ଚ୍ଚମାସ ତା ୨୯ ରିଖରେ ଯେଉଁ ବନ୍ଦୀମାନେ ବନ୍ଦୀ ହୋଇଥିଲେ ସେମାନଙ୍କର ସାକ୍ଷ୍ୟ କାହିଁକି ଗ୍ରହଣ କରା ହେଲା ନାହିଁ ? ସେନାପତିଙ୍କ ବିଚାର ନ୍ୟାୟରୂପେ ହୋଇ ନ ଥିବାର ବୋଧ ହେଉଅଛି ।

ମଣିପୁର କେବେହେଁ ଭାରତଗବର୍ଣ୍ଣମେଣ୍ଟଙ୍କର ଅଧୀନ ହୋଇ ନାହିଁ ସ୍ୱତନ୍ତ୍ର ସ୍ୱାଧୀନ । ଏଥିପାଇଁ ସ୍ଥଳରେ ମଣିପୁରଶାସନକର୍ତ୍ତାମାନଙ୍କ ବିଚାର କେବେଳ ଇଂରେଜସୈନିକ କର୍ମଚାରୀଙ୍କଦ୍ୱାରା ହୋଇପାରେ କି ନା ସମ୍ବାଦପତ୍ରମାନଙ୍କରେ ଆନ୍ଦୋଳନ ଲାଗିଥିଲେ ମଧ୍ୟ ବିଚାର କ୍ରମଶଃ ହୋଇ ଶେଷ ହେଲା ପ୍ରାୟ । କେବଳ ବିଚାରକୁ କାର୍ଯ୍ୟରେ ପରିଣତ କରିବାକୁ ଅବଶିଷ୍ଟ ଅଛି । ଇଂରାଜ ଗବର୍ଣ୍ଣମେଣ୍ଟ ସ୍ୱବିଚାରକ ସ୍ୱନୀତିରକ୍ଷକ ରାଜା ତାଙ୍କଠାରୁ କିଛି ଅନ୍ୟାୟ ଦୃଷ୍ଟ ହେଲେ ଅବଶ୍ୟ ସାଧାରଣଙ୍କ ମନରେ କଷ୍ଟ ହେବ ।

ଉପରୋକ୍ତ ପ୍ରବନ୍ଧ ଲେଖିବା ଉତ୍ତାରେ ସମ୍ବାଦପତ୍ରରୁ ପାଠକଙ୍କୁ ମଣିପୁରମହାରାଜା ମହାରାଣୀଙ୍କ ବିରୁଦ୍ଧରେ ଯୁଦ୍ଧ ଘୋଷଣା କରିଥିବା ଅପରାଧରେ ପାଣ୍ଡି ଦଣ୍ଡର ଆଜ୍ଞା ପ୍ରାପ୍ତ ହୋଇ ଅଛନ୍ତି । ହତ୍ୟାକାଣ୍ଡରେ ସାହାଯ୍ୟ କରିଥିବା ଅପରାଧ ପ୍ରମାଣ ହେଲ ନାହିଁ । ଫାଶିଦଣ୍ଡର ଆଜ୍ଞା ବଡ଼ଲାଟଙ୍କର ଦୃଢ଼ୀକରଣ ହେଲେ କାର୍ଯ୍ୟରେ ପରିଣତ ହେବ ।

---

## ମୌସୁମିବୃଷ୍ଟି ।

ମୌସୁମି ବୃଷ୍ଟି ସହିତ ଏବର୍ଷ ଏପର୍ଯ୍ୟନ୍ତ ଦେଖା ନାହିଁ । ବେଦେଶବଦନରଲେ ସ୍ୱତସମୟରେ ଦୁଇଦିନ ମେଘ ଉଠାଇ ବୃଷ୍ଟି ହୋଇଥିଲ ଓ ସେ ସମୟରେ ଦକ୍ଷିଣାଞ୍ଚଳର କେତେକ ସ୍ଥାନରେ ମୌସୁମି ବୃଷ୍ଟି ଦେଖାଦେଇଥିବାର ସମ୍ବାଦ ଆସିଥିବାରୁ ଅମ୍ଭେମାନେ ଆଶା କରିଥିଲୁଁ ଯେ ଶୀଘ୍ର ମୌସୁମି ବୃଷ୍ଟି ଦେଖା ଦେଇ ପୃଥିବୀକୁ ଶୀତଳ କରିବ ମାତ୍ର ଅଦ୍ୟାପି ବୃଷ୍ଟିସଙ୍କେ ଦେଖା ନାହିଁ । ସୂର୍ଯ୍ୟଙ୍କ ତେଜ ଅତି ପ୍ରଖର ହୋଇ ଅଛି ଏବଂ ଚତୁର୍ଦ୍ଦିଗ ଅଗ୍ନିମୟ ହୋଇ ଯାଇ ଅଛି, ଲୋକେ ଗରମରେ କଷ୍ଟପାଉ ହେଉଅଛନ୍ତି ଏବଂ ଦିବାରାତ୍ର ସମାନ ଭାବେ ଗରମ ରହିଥିବାରୁ କହିଲେ ଅତ୍ୟୁକ୍ତି ହେବ ନାହିଁ । ରାତ୍ରିକାଳରେ ଘରେ ଶୋଇବା ଅସମ୍ଭବ ହୋଇଅଛି ଏବଂ ପଦାରେ ଶୋଇଲେ ସୁଦ୍ଧା ନିଦ ଭଲ ହେଉ ନାହିଁ, ପ୍ରାତଃକାଳରେ ପ୍ରତିଦିନ ଆକାଶମାର୍ଗରେ ହାଲୁକା ମେଘମାଳ ବିଚରଣ କରିବାର ଦେଖାଗଲେ ତ ହେବ ପ୍ରାୟ ଏକଘଣ୍ଟାମଧ୍ୟରେ ତାହାସବୁ ଅପସୃତ ହୋଇଯାଏ ଏବଂ ସୂର୍ଯ୍ୟକିରଣ ଅଧିକ ପ୍ରଖର ହୋଇ ଦେଖାଦିଏ । ଛପ୍ପିହେଉର ଦଳବେଳେ ସମୟରେ ବେଦ ଜଳାଯୋଡ଼ା କରୁଅଛି ଏବଂ ସମସ୍ତେ ଅନିମେଷ ଲୋଚନରେ ଆକାଶଆଡ଼କୁ ଅନାଇ ରହିଅଛନ୍ତି ; ମାତ୍ର ଜଳବିନ୍ଦୁ ସୁଦ୍ଧା ପଡ଼ୁ ନାହିଁ । ପ୍ରଥମେ ଶୁଣାଗଲା ବୋମ୍ବାଇଠାରେ ମୌସୁମି ବୃଷ୍ଟି ଚଳିତମାସ ତା ୧୦ ରିଖରେ ଦେଖାଦେଲା ମାତ୍ର ପରକ୍ଷଣରେ ଶୁଣାଗଲା ଯେ ତାହା ମିଥ୍ୟା ମୌସୁମି ବୃଷ୍ଟିର ଚିହ୍ନ ସୁଦ୍ଧା ଦେଖା ନାହିଁ । ଜୁନ ମାସର ପ୍ରଥମ ସପ୍ତାହରେ ବୋମ୍ବାଇଠାରେ ସାଧାରଣତଃ ମୌସୁମି ବୃଷ୍ଟି ଦେଖା ଦେଇଥାଏ ଏବଂ ଗତ ବ ୨୦ ବର୍ଷ ମଧ୍ୟରେ କେବେ ଜୁନମାସ ତା ୧୮ ରିଖରୁ ଅଧିକ ବିଳମ୍ବ ହୋଇ ନାହିଁ ମାତ୍ର ଏ ବର୍ଷ ଜୁନମାସ ଶେଷ ହେବାକୁ ବସିଲା ତଥାପି ମୌସୁମି ବୃଷ୍ଟି ଦେଖା ନ ଦେଲା । ବୋମ୍ବାଇଠାରୁ ଆସିଥିବା ତାରବାର୍ତ୍ତାରୁ ପ୍ରକାଶ ଯେ ସେଠାରେ କମ୍ପା ପଶ୍ଚିମ ଉପକୂଳର କୌଣସିଠାରେ ମେଘର ଚିହ୍ନ ସୁଦ୍ଧା ଦେଖା ଯାଉ ନାହିଁ । କରନାଲ ଜିଲ୍ଲାରେ ଗୋମେଷାଦି ଖାଦ୍ୟ ଏବଂ ଜଳ ଅଭାବରେ ମରି ଯାଉ ଅଛନ୍ତି । ବର୍ଷା ଅଭାବରେ ପାଞ୍ଚମହାଲଠାରେ କୃଷିକାର୍ଯ୍ୟ ହୋଇବସ୍ତ ବନ୍ଦ ଅଛି । ଝାଲାଠାର ତୃଣାଙ୍କୁର ଗଛ ହୋଇ ନାହିଁ । କୋଲ୍ହାପୁରଠାରେ ଗୋମେଷାଦିଙ୍କ ଖାଦ୍ୟଦ୍ରବ୍ୟର ମୂଲ୍ୟ କ୍ରମାଗତ ବଢ଼ୁଅଛି । ପୁନା କଲେକ୍ଟରଙ୍କ ଜିଲ୍ଲାରେ କେବଳ ଗୋଟିଏ ତାଲୁକରେ ବୁଣାବୁଣି ଆରମ୍ଭ ହୋଇଅଛି ମାତ୍ର ଅନ୍ୟତ୍ର କୃଷିକାର୍ଯ୍ୟ ଏକାବେଳକେ ବନ୍ଦ ଅଛି, ବର୍ଷା ଅଭାବରୁ ମନୁଷ୍ୟ ଏବଂ ଗୋମେଷାଦିଙ୍କ ଖାଦ୍ୟଦ୍ରବ୍ୟ ପୁନାଠାରେ ବଡ଼ ଦୁର୍ମୂଲ୍ୟ ହୋଇଅଛି । ଅହମଦନଗରଠାରେ ବର୍ଷା ଅଭାବରେ ରବି ଫସଲ ବୁଣା ହୋଇ ପାର ନାହିଁ ଏବଂ ଏଥର ଦୂର ଜିଲ୍ଲାରେ ଗୋରୁଙ୍କ ଖାଦ୍ୟଦ୍ରବ୍ୟ ଉଣା ହୋଇ ଆସି ଅଛି । ଏହିପରି ଚତୁର୍ଦ୍ଦିଗରୁ ମନ୍ଦବାର୍ତ୍ତା ମିଳୁଅଛି । ଶୀଘ୍ର ବୃଷ୍ଟି ନ ହେଲେ ଯେ କି ଦଶା ହେବ ତାହା କୋଲ ଯାଇ ନ ପାରେ । କଲିକତାଠାରେ ସମ୍ମିଳନ ଅନେକଯୋଡ଼ା ମରାପଡ଼ିବାରୁ ବଡ଼ାଗାଡ଼ି ମିଳିବା କଠିନ ହୋଇ ଅଛି ଏବଂ ସମ୍ବାଦପତ୍ରମାନଙ୍କରୁ ପ୍ରକାଶ ଯେ ସେଠା ଢାକାର ଅଠପଣରେ ବର୍ତ୍ତମାନ ବନ୍ଦ ହୋଇ ଯାଇଅଛି । ଏହା ସାମାନ୍ୟ କଥା ନୁହେ ଏବଂ ସେଠା ବୃଦ୍ଧଲୋକେ ମଧ୍ୟ ଏପରି ଘଟିଥିବାର କେବେ ଦେଖି ନାହାନ୍ତି । ଏହା ମୌସୁମି ବୃଷ୍ଟି ବନ୍ଦ ହୋଇ ଯିବାରୁ ଏ ଦୁର୍ଦ୍ଦଶା ଘଟିଅଛି । କଥିତ ଅଛି ଏ ମୌସୁମି ବୃଷ୍ଟି ଭାରତମହାସାଗରରେ ନିୟମମତ ଉଦୟ ହୋଇଥିଲା ମାତ୍ର ପ୍ରବଳ ପଶ୍ଚିମାପବନ ତାକୁ ପୂର୍ବଦିଗକୁ ଉଡ଼ାଇ ନେଇ ଯାଇ ଅଛି । ଏ ବଡ଼ ଭୟାନକ କଥା । କେବେ କି ଏ ବର୍ଷ ବର୍ଷାକାଳ ଅମ୍ଭେ-

ମାନେ ପାଇପାରିବେ ନାହିଁ ? ଯେପରି ଗରମ ପଡ଼ିଅଛି ଅଉ ସପ୍ତାହକାଳ ଏପରି ହେଲେ ଜୀବ ଜନ୍ତୁ ମନୁଷ୍ୟମାନଙ୍କ ବଞ୍ଚିବା କଠିନ ହେବ । ଯେଉଁମାନଙ୍କର ସ୍ୱାସ୍ଥ୍ୟ ପ୍ରାୟ ଭଲଥାଏ ଏବଂ ଯେଉଁମାନଙ୍କର ସବଳ ଶରୀର ସେମାନଙ୍କୁ ମଧ୍ୟ ବର୍ତ୍ତମାନ ଅନେକ ବାଧିଗଲଣି 'ବର୍ଷା କେବେ ହେବ' ଏହିକଥା ସମସ୍ତଙ୍କ ମୁଖରୁ ଶୁଣା ଯାଉଅଛି ଏବଂ ଗୃହସ୍ଥ ପ୍ରାୟ ସମସ୍ତେ ମେଘକୁ ଅନାଇ ବସିଅଛନ୍ତି । ଗତ ବୁଧବାର ଅପରାହ୍ନ ପାଞ୍ଚଘଣ୍ଟା ସମୟରେ ଟିକିଏ ଆଡ଼ମ୍ବର କରି ଉତ୍ତରପୂର୍ବକୋଣରୁ ମେଘ ଦେଖାଦେଇ ଆକାଶ ଆଚ୍ଛନ୍ନ କରି ଥିଲା ମାତ୍ର ଘ ୧ ଘଣ୍ଟା ମଧ୍ୟରେ ଲୋକଙ୍କର ଏଡ଼େବଡ଼ ଆଶାକୁ ନିରାଶାରେ ପରିଣତ କରି କେଉଁଆଡ଼େ ଗୁଳିଗଲା ଜଣାଗଲା ନାହିଁ । ଏଦିଗ ମୋଫସଲର କେତେକସ୍ଥାନରେ ସାମାନ୍ୟ ଅସମ୍ଭବ ବୃଷ୍ଟି ହୋଇ ଥିବାର ସମ୍ବାଦ ମିଳଇ । ଏତଦ୍ୱାରା ଧାନଗଛମାନ କହୁଦନ ବଞ୍ଚିପାରେ ମାତ୍ର ବଳ ବୃଷ୍ଟି ନ ହେଲେ ସେ ସବୁ ଯେ ମରିଯିବ ଏଥିରେ ସନ୍ଦେହ ନାହିଁ । କେତେକ ସ୍ଥାନରେ ଧାନଗଛମାନ ମରିଯିବାର ଆରମ୍ଭ ହୋଇଅଛି ଏବଂ ଶୀଘ୍ର ବୃଷ୍ଟି ନ ହେଲେ ଏବର୍ଷ ଯେ ଦୁର୍ଭିକ୍ଷ ଲୋକ କଷ୍ଟ ଦେବାରୁ ନ ହେବ ତାହା କିଏ କହି ପାରେ ? କେବେକେବେ କେତେ ଯେ ବିଶେଷ ଅସାମୟିକ ବୃଷ୍ଟି ହୋଇଥିଲା ତହିଁରେ ଚଷାମାନେ ବୁଣାପାଣି ପାଇ ପାରିବେ ନାହିଁ ବୋଲି ଭାବିଥିଲେ ମାତ୍ର ତହିଁ ଉତ୍ତାରୁ କତେଦିନ ଖରା ହେବାପରେ ବଳ ପାଗିଯିବାରୁ ସମସ୍ତେ ବୁଣାବୁଣି କାର୍ଯ୍ୟ ସାରିଦେଇ ଅଛନ୍ତି । ଏମନ୍ତ କି ବୃଷ୍ଟି ଅଭାବରେ ଏଥର ବୁଣାବୁଣି ଲୋକସାନ ହେଲେ ଚଷାଙ୍କ ହାତରେ ଅର୍ଥ ଧାନ ନାହିଁ ଯେ ସେ କ୍ଷତିପୂରଣ କରିପାରିବେ । ଫଳତଃ ସବୁଦିଗ ଭାବି ଦେଖିବାକୁ ଗଲେ ଆମ୍ଭମାନଙ୍କୁ ଭବିଷ୍ୟତ ଅନ୍ଧକାରମୟ ଦେଖାଯାଉଅଛି । ଏଥିକି ଜଗଦୀଶ୍ୱର ଭରସା ।

---

# ସାପ୍ତାହିକ ସମ୍ବାଦ ।

କଟକ ଜାଜପୁର ଅଞ୍ଚଳରେ ବୃଷ୍ଟି ନ ହେବାରୁ କଷ୍ଟ ହେଉଛି । ଲବଣ ଯୋଗାଣ ନ ହେବା ପ୍ରଯୁକ୍ତ ପ୍ରଜାମାନଙ୍କର ବିଶେଷ କଷ୍ଟ ପଡ଼ିଅଛି । କେତେକ ପ୍ରଜା ଲବଣ ଖାଇବାରୁ ହେଉଅଛନ୍ତି ।

## କଲିକତା–ଗେଜେଟ ।

କଟକ ଯାଜପୁର ମିଉନିସିପାଲିଟୀର କମିସ୍ନର ପଦରେ ନିମ୍ନଲିଖିତ ଭଦ୍ରବ୍ୟକ୍ତିମାନେ ନିଯୁକ୍ତ ହୋଇଅଛନ୍ତି ।

ବାବୁ ମନୋହର ରାୟ ସବ୍‌ଡିଭିଜନାଲ ଅଫିସର
,, ପ୍ରସନ୍ନକୁମାର ପାଲ ଏସିଷ୍ଟାଣ୍ଟ ସବ୍‌ଇଞ୍ଜିନିୟର
,, ଗୋପୀକଣ୍ଠ ରାୟ
,, ବ୍ରଜମୋହନ ଦାସ ବି, ଏଲ
,, ହରିପଦ ଦାସ ବି, ଏଲ
,, ଅଭିମନ୍ୟୁ ଦାସ
,, ମୋହନମୋହନ ମହାପାତ୍ର
,, କୃଷ୍ଣ ଦାସ
,, ବଂଶୀଧର ମହାପାତ୍ର
,, ନୀଳକଣ୍ଠ ରାୟ
,, ବଂଶୀଧର ପଣ୍ଡା
,, କାଳିପଦ ବନ୍ଦ୍ୟୋପାଧ୍ୟାୟ

---

ବାବୁ ମନୋହର ରାୟ ଡେପୁଟିମାଜିଷ୍ଟ୍ରେଟ ପଦରେ ନିଯୁକ୍ତ ହୋଇଅଛନ୍ତି ।

ବିହାର ସଂସ୍କୃତ ସଞ୍ଜୀବନସମାଜର ପାଣ୍ଠିର ସାହାଯ୍ୟାର୍ଥେ ଭାରତର ମହାରାଣୀ ଟ ୧୫୦୦ ଟଙ୍କା ଦାନ କରିଅଛନ୍ତି । ଲେଫଟେନାଣ୍ଟ ଗବର୍ଣ୍ଣର ବାହାଦୁର ତାଙ୍କ ବଦାନ୍ୟତା ଓ ସାଧାରଣହିତାକାଂକ୍ଷିତାର ଇଚ୍ଛା ପ୍ରକାଶ କରିଅଛନ୍ତି ।

ଗତଯୋଗେ କଲିକତାରେ ଟ୍ରାମଗାଡ଼ିର ଗୋ ୧୨ ଟି ଘୋଡ଼ା ମୃତ ଓ ଗୋ ୧୩ ଟି ଅକର୍ମଣ୍ୟ ହୋଇ ଯାଇଅଛନ୍ତି । କି ଭୟାନକ !

ଗତମାସ ତା ୧୭ ରିଖରେ ଜଳପାଇଗୁଡ଼ି ଦାର୍ଜିଲିଙ୍ଗଠାରେ ରାତ୍ରି ଏକ ଘ ୧ ଘଣ୍ଟା ଓ ଘ ୨ ଘଣ୍ଟା ଓପରେ ପ୍ରାତଃକାଳ ଘ ୭ ଘଣ୍ଟା ସମୟରେ ଏପରି ଭୟଙ୍କର ଭୂମିକମ୍ପ ହୋଇଥିଲା ମାତ୍ର କୌଣସି ଅନିଷ୍ଟ ଘଟଣା ହୋଇ ନାହିଁ ।

ନେପାଲମୁଠାରୁ ଅଣିଷିବା ଗତମାସ ତା ୧୧ ରିଖର ଭାରତବର୍ଷରୁ ପ୍ରକାଶ ଯେ କାଶ୍ମୀର ଦରବାର ଅଗ୍ନେୟଗିରିରୁ ଅଗ୍ନ୍ୟୁତ୍ପାତ ହେଉଅଛି ଏବଂ ତନ୍ନିକଟବର୍ତ୍ତୀ ସ୍ଥାନମାନଙ୍କରେ ସର୍ବଦା ଭୂମି କମ୍ପ ଅନୁଭୂତ ହେଉଅଛି ।

ବୋମ୍ବାଇଠାରେ ଗୋଟିଏ ଗଧକୁ ଜୀବନ୍ତ ଚିତା ପଡ଼ିଯାଇଥିବାର ଜଣାଯାଏ । ସ୍ଥାନୀୟ ଇଂରେଜମାନେ ଆପଣା ବନ୍ଧୁ ବଳକୁ ଦୋଷ ଦେବାକୁ ତାଙ୍କୁ ଓ ଯେଉଁମାନେ ଏଥିରେ ସାହାଯ୍ୟ ପ୍ରଦାନ କରିଥିଲେ ସେମାନଙ୍କୁ ଦୋଷ ନ୍ୟସ୍ତ କରିବା ଉଦ୍ଦେଶ୍ୟରେ ମାଜିଷ୍ଟ୍ରେଟ ଦୁଇଜଣଙ୍କୁ ଚାଲାଣ କରିଥିଲେ । କିନ୍ତୁ ସବୁ ଗତମାସ ତା ୨ ରିଖରେ ବୋମ୍ବାଇଠାରେ କହିଥିଲେ । ସେତେବେଳେ ସ୍ଥଳ ଦେଖିଲେ ସେତେବେଳେ ଦେଖାଗଲା ଯେ ସ୍ଥାନରେ ହିନ୍ଦୁସ୍ଥାନମାନଙ୍କ ଉପସ୍ଥିତ ସଙ୍ଖ୍ୟା ଅଧିକ ଅଛି । ଏମାନେ ପରବର୍ତ୍ତନର ପକ୍ଷପାତୀ ଏବଂ ଏମାନେ ତଥାକଥିତ ସ୍ୱପକ୍ଷରେ ମତ ଦେବାକୁ ଉଭୟଣୀର ସମ୍ପ୍ରଦାୟକୁ ଲୋକେ ଉଦ୍ୟମରେ ସେମାନଙ୍କ ସଭ ଡାକିଲେ ।—ଏ କୌତୁକ ମନ୍ଦ ନୁହଇ ।

ସନ୍ଥାଳପରଗଣାର ଅନ୍ତର୍ଗତ ଏକ ମୋକଦ୍ଦମା ହିଲିକଟଠାରେ ଫୌଜଦାରୀଅଦାଲତରେ ଏକ ହୋଇ ଥିବାର ସମ୍ବାଦ ମିଳଇ । ବିଶେଷ ବିବରଣ ଅଦ୍ୟ ଜଣା ପଡ଼ି ନାହିଁ ।

ବର୍ଲିନ ନଗରରେ ଯୋଡ଼ିଏ ବାଳକ ଉପସ୍ଥିତ ହୋଇ ଅଛନ୍ତି । ଏମାନଙ୍କର ଏକ ଅଣ୍ଟା ଓ ଦୁଇ ଗୋଡ଼ ମାତ୍ର ଉପରକୁ ଦୁଇ ଅଙ୍ଗ ଅର୍ଥାତ୍ ଯୋଡ଼ିଏ ଦେହ ଏବଂ ଗୋଟିଏ ମୁଣ୍ଡ ଅଛି । ଏମାନଙ୍କ ବୟସ ବ ୧୩ ବର୍ଷ । ଯୋଡ଼ିଏ ଗୋଡ଼ ଦୁଇ ଶରୀରର ଭାର ବହନ କରିବାକୁ ଅସମର୍ଥ ଥିବାରୁ ଏମାନେ ଚାଲି ପାରନ୍ତି ନାହିଁ । ଗୋଟିଏ ବାଳକ ମିଠା ଖାଇବାକୁ ଭଲ ପାଏ ଅନ୍ୟଟିକୁ ମିଠା ଭଲ ଲାଗେ ନାହିଁ । ଦୁହେଁ ଦୁଇ ପ୍ରକାର ଭାଷାରେ କହନ୍ତି । ଏମାନଙ୍କର ଦୁଇ ହାତ ଏବଂ ସେହିରୁ ବେଳେ ବେଳେ ହାତ ମଧ୍ୟରେ କଳି ଲାଗିଯାଏ ।—ଏହା ବିଧାତାଙ୍କ ଅଦ୍ଭୁତ ସୃଷ୍ଟି ।

କାଶୀଗଞ୍ଜର ଅଗାମୀ ଦୌରା ମିସଲରେ ଗୋ ୧୮ ଟି ହତ୍ୟାଜନକ ମୋକଦ୍ଦମା ବିଚାରିତ ହେବାର କଥା ଉଠି ଅଛି ।—କେବେ ଏକ ଜିଲ୍ଲାରେ ବଡ଼ ଅପରାଧମାନଙ୍କ ସଂଖ୍ୟା ଭୟଙ୍କର ହୋଇ ଉଠେ ।।

ଜଣେ ସାହେବ ବଡ଼ି ଭଡ଼ା ଦେବାକୁ ଚାଲି କରିବାକୁ ତୁଲାଇଲା ଏକ ଭଟ୍ଟୋଚାରୀରୁ ଏଥିରେ ପରାଜିତ ହୋଇ ସାହେବଙ୍କୁ ପ୍ରହାର କରିବାରୁ ସାହେବ ଭଟ୍ଟୋଚାରୀଙ୍କ ନାମରେ ଫୌଜଦାରୀଅଦାଲତରେ ନାଲିସ ଅଗତ କରିଅଛି । ମୋକଦ୍ଦମା ଦାଏର କରିବା ସମୟରେ ସାହେବ ଆପଣା ଦେହରେ ଥିବା ମାଡ଼ର ଦାଗମାନ ମେଜିଷ୍ଟ୍ରେଟ ସାହେବଙ୍କୁ ଦେଖାଇ ଥିଲେ ।

କଲିକତା ଖିଦିରପୁରଠାରେ ଓଲାଉଠା ଭୟଙ୍କର ରୂପରେ ଦେଖା ଦେଇଥିବାର ସମ୍ବାଦ ମିଳଇ । କଲିକତାରେ ଗ୍ରୀଷ୍ମର ଉତ୍ତାପ ଅତ୍ୟନ୍ତ ଅଧିକ ହୋଇଅଛି ଏବଂ ଏ ରୋଗ ଅନେକଲୋକ ଏବଂ ଅଶ୍ୱ ମୃତ୍ୟୁମୁଖରେ ପତିତ ହୋଇ ଅଛନ୍ତି ।

ଗତମାସ ତାରିଖରେ ବର୍ଲିନ ... ସୈନ୍ୟ ପରେଡ଼ ଖେଳୁଥିବା ସମୟରେ ତାଙ୍କ ମଧ୍ୟରେ ଅତି ଗୋଟିଏ ବଜ୍ର ପତନ ହୋଇଥିଲା । ସୌଭାଗ୍ୟବଶତଃ କେହି ତତ୍କାଳ ମୃତ୍ୟୁମୁଖରେ ପତିତ ହୋଇ ନାହିଁ, ଅନେକେ ପୋଡ଼ି ଯାଇଅଛନ୍ତି ଏବଂ ଅନେକେ କେତେଘଣ୍ଟା ଯାଏ ଅଚେତନ ଅବସ୍ଥାରେ ପଡ଼ିଥିଲେ ।

ଅଷ୍ଟ୍ରେଲିଆ ଇଂଲଣ୍ଡ ଅଛ ପର୍ତ୍ତୁଗାଲ ମଧ୍ୟରେ ଯେ ସନ୍ଧି ହେବାର ସ୍ଥିର ହୋଇଥିଲା ତଦନୁଯାୟୀ ପର୍ତ୍ତୁଗାଲ ଗବର୍ଣ୍ଣମେଣ୍ଟ ସନ୍ଧିପତ୍ର ମଞ୍ଜୁର କରି ଦସ୍ତଖତ କରି ଦେଇ ଅଛନ୍ତି ।

ସମ୍ବାଦ ଏରୂପ ଯେ ମଧ୍ୟଆଫ୍ରିକା ଯିବାକୁ ଏକଦଳ ଫରାସୀସେନ ଦେଶାନ୍ତର ଜଗତୋଳଣରେ ଯାତ୍ରା କରିଥିଲେ । କିନ୍ତୁ ସେମାନେ ମଧ୍ୟଦେଶରେ ପହଞ୍ଚିବାରୁ ନିଗ୍ରୋମାନେ ସେମାନଙ୍କୁ ବନ୍ଦୀକରି ମାରିପକାଇବାର ଲକ୍ଷଣ କରିଅଛନ୍ତି ।

ସମ୍ବାଦ ଏରୂପ ଯେ ଶ୍ରୀଶ୍ରୀମତୀ ମହାରାଣୀଙ୍କ ଜଣେ ଇଂରେଜ ଚେଲିଅଣଠାରେ ଦେଶୀୟଲୋକେ ତେଣୁ ମାସ ମାରି ପକାଇ ଅଛନ୍ତି ମଧ୍ୟ ଧର୍ମପ୍ରଚାରାର୍ଥ ଗମନ ହୋଇଥିବା ବୃଦ୍ଧକୁ ଘୋର କଷ୍ଟ ଦେଇ ଅଛନ୍ତି ।

ଅସାମ ନାଗଜଙ୍ଗଲଶାଖାରୁ ଗୋଟିଏ ସ୍ତ୍ରୀ କଏଦୀ ତାଳେଶ୍ୱର ଜେଲ ପଳାଇବା କରିଥିବାର ସମ୍ବାଦ ମିଳଇ । ଅଦ୍ୟାବଧି ଏ ପର୍ଯ୍ୟନ୍ତ ଧରା ପଡ଼ି ନାହିଁ ।

ଗତମାସର ହିନ୍ଦୁସ୍ତାନରେ ପାର୍ସିମାନେ ପ୍ରାୟ ଏକଲକ୍ଷ ଟଙ୍କା ଦାତବ୍ୟକାର୍ଯ୍ୟରେ ଦାନ କରିଥିବାର ସମ୍ବାଦ ମିଳଇ ।—ପାର୍ସିମାନେ ଯେପରି ଧନୀ ସେହିପରି ... ଧନର ସଦ୍‌ବ୍ୟବହାର ମଧ୍ୟ କରିଜାଣନ୍ତି ।

Split by PDF Splitter
Digitized by srujanika@gmail.com

ଶ୍ରୀସ୍ୱାମୀଙ୍କ ଜନରବ ହୋଇଅଛି ଯେ ଉତ୍ତମ ମୁସଲମାନ ପାଣ୍ଡିଙ୍କ ଉପରେ ତଦାରଖ କରିବେ ।

ମି, ପି, ସି, ସରା ନାମକ ଜଣେ ବଙ୍ଗାଳୀ ବେଲୁନ-ଅଫିସ୍ କଲିକତାରେ ଡାକର ବେଲୁନ ଅଧିକାର୍ଯ୍ୟ ବର୍ଣ୍ଣାଇବେ ।

ସିଆଲକୋଟର ମାଜିଷ୍ଟ୍ରେଟଙ୍କ ନିକଟରେ ଜଣେ ମୁସଲମାନ ମୋକଦ୍ଦମା ଅଗର କରେ ଯେ ଅନ୍ୟ ଏକ ଲୋକ ତାହାର ସ୍ତ୍ରୀକୁ ଲୁଚାଇ ନେଇ ଯାଇଅଛି ମୋକଦ୍ଦମା ଦାଏର ହେବାକ୍ଷଣେ ପ୍ରକାଶ ହେଲା ଯେ ବାଦୀ ଏକ ଉଚ୍ଚ ଗୃହସ୍ଥର ଅପର କନ୍ୟାକୁ ବିବାହ କରେ ମୋକଦ୍ଦମା ଅଣି ଟ ୩୦ ବା ୪୦ ଙ୍କ ଗ୍ରହଣ କରି ମୋକଦ୍ଦମାରୁ ଦସ୍ତବରଦାର ହୋଇଅଛି । ଏ ମୋକଦ୍ଦମାର ପ୍ରମାଣ ସନ୍ତୋଷଜନକ ହେବାରୁ ଡିସମିସ ହୋଇଅଛି । ଦେଶାଚାରର ନିୟମ ନାନାପ୍ରକାର ଅଛି କେବଳ ଚକ୍ଷୁ ସାପେକ୍ଷ ।

ଗତ ପକ୍ଷ ଦସ୍ତାରେ ପୋର୍ଟସଇଦରେ ୫ ଠାରୁ ୭ ପର୍ଯ୍ୟନ୍ତ ସର୍ବ ଉଦ୍ଧଗୋଷ୍ଠି ହାଙ୍ଗର ମଧ୍ୟ ଯୁଦ୍ଧ ହୋଇଅଛନ୍ତି ସହରର ଚତୁର୍ଦ୍ଦିଗରେ ଦଙ୍ଗାହଙ୍ଗାମା ଲଗିଅଛି । ପାଶ୍ଚାତ୍ୟରେ ତୁରକଲ ଗୋଲନ୍ଦାଜଙ୍କ ମଧ୍ୟରେ ପରସ୍ପର ସାମାନ୍ୟ ଯୁଦ୍ଧ ହୋଇ ଜଣେ ହତ ଓ ଦୁଇଜଣ ଆହତ ହୋଇଥିବାର ସମ୍ବାଦ ଆସିଅଛି । ନୂତନପାଞ୍ଜୀର ଫଳ ଏକର୍ଷ ପ୍ରତ୍ୟକ୍ଷ ଘଟିଲା ।

ଅଲସୁର ନନସପିର ଜଣେ ଓକିଲ ଏକମୋକଦ୍ଦମା ବସ୍ତାଧୀନ ଥିବା ସମୟରେ ନଥିରୁ ଏକମୂଲ୍ୟବାନ୍ ଦସ୍ତାବିଜ ଗୋପନ କରିବାରୁ ମୂନସଫ ଏଉଦକଷର୍ଷ ହାଇକୋର୍ଟଙ୍କ ଗୋଚରାର୍ଥେ ଅଣିଅଛନ୍ତି । ଓକିଲ ମହୋଦୟ ନିଜ ମକ୍କେଲର ଉପକାରାର୍ଥେ ନଥି ଦେଖିବା ସମୟରେ ଏହି କାଗଜକୁ ଅନ୍ତର୍ଦ୍ଧାନ କରିଅଛନ୍ତି । ଅନେକମାନେ ଏବେ ବୁଦ୍ଧି ... କଥା ଦେଖାଇବେ । ଏମାନଙ୍କରେ ତାହାଙ୍କୁ ବିଶ୍ୱାସ କରିବା କଠିନ ।

ଗୋହିତ ଜିଲ ହସେଫିନ ଠୀକ ଭେଦ କରିଥିବା ଅପରାଧରେ ଅଲପୁରର ଡେପୁଟୀ ମାଜିଷ୍ଟ୍ରେଟ ଜଣେ ବାଗୀଚାରକୁ ଦୁଇବର୍ଷର କରାବାସଦଣ୍ଡ ଆଜ୍ଞା ପ୍ରଦାନ କରିଅଛନ୍ତି ।

କନାଉଜ ନିକଟରେ ମିର୍ଜାପୁରଠାରେ ଦେଉଳସିଞ୍ଚାର ଚବାତରୁ ପୁଣି ଏକ ଦଙ୍ଗା ହୋଇଥିବାର ଜନରବ ଉଠିଅଛି ।

କମଫୁଲ କୌଣସିର ଶେନ୍‌ସନ୍ ସୁପରିଣ୍ଟେଣ୍ଡେଣ୍ଟ ଅବ୍ ଷ୍ଟାଟ୍ ଇସ୍ପାତକ ଦୈନିକକାର୍ଯ୍ୟ ଦ୍ୱିଗୁଣ ଓ ବେଶି କରିବାକୁ କହିବାରୁ ସେମାନେ ପ୍ରାୟ ୧୨୫ ଣ ଇସ୍ତଫା ପ୍ରଦାନ କରିଅଛନ୍ତି । କାର୍ଯ୍ୟ ବନ୍ଦ ହୋଇଅଛି କେବଳ ୬୦ ଣ ସରକାରକର୍ମଚାରୀ ଏବାନ୍ତ ଇସ୍ତଫା ଦେଇ ପାରିଲେ ନାହିଁ ।

ଭାରତ ଉତ୍ତରର ଉତ୍ତର ଅଂଶରେ ଅନେକ ଭୟାନକ ଭୂମିକମ୍ପ ହୋଇଅଛି ଅନେକ ଗୃହ ଭୂତଳଶାୟୀ ହୋଇ ଅଛି ଓ ଅନେକ ଲୋକ ହତ ଏବଂ ଆହତ ହୋଇଅଛନ୍ତି ।

ମୌସୁମିବୃଷ୍ଟି ଚଳିତମାସ ତା ୭ ରିଖରେ କାଲିକଟଠାରେ ଦେଖା ଦେଇଥିବାର ସମ୍ବାଦ ମିଳିଲା । ମାତ୍ର ଏପର୍ଯ୍ୟନ୍ତ ଏଥିସଙ୍ଗେ ଆମ୍ଭମାନଙ୍କର ଦେଖା ନୋହିଲା । ଏହାର କାରଣ ବୁଝିବା ଅତ୍ୟନ୍ତ କଠିନ ।

ମଣିପୁରଯୁଦ୍ଧରେ ଶୀଘ୍ର ଦେଖାଇଥିବାରୁ ବଦଳିମହାରାଜ ଅମ୍ଭମାନଙ୍କର ଶ୍ରୀମତୀ ମହାରାଣୀଙ୍କ ବାଲଡ ଇସ୍ପାତ ମହିମନ୍ତ ଉପାଧି ପ୍ରଦାନ କରିଅଛନ୍ତି ।

ମୁଜଫରଲଗ୍ନଠାରେ ଷ୍ଟେସନରେ ଭୟଙ୍କର ଦୁର୍ଘଟନା ଘଟିଥିବାର ସମ୍ବାଦ ମିଳଇ । ଲୋକଗୁଡ଼ାଏ ଯାତ୍ରିସହିତ ରେଲଗାଡ଼ି ବର୍ଷାସ୍ଥିର ସେତୁ ଉପରେ ପଡ଼ିଥିବା ସମୟରେ ସେତୁଟି ଭାଙ୍ଗିଗଲା । ଗାଡ଼ିର ଅଧିକାଂଶ ନଦୀର ଗର୍ଭରେ ନିପତିତ ହେଲା । ଏଥିରେ ୬୫ ଣ ଲୋକ ବିନଷ୍ଟ ଅଛନ୍ତି ଏବଂ ଶତାଧିକ ଲୋକେ ନାନାପ୍ରକାର କ୍ଷତଗ୍ରସ୍ତ ହୋଇ ଅଛନ୍ତି ।

କଲିକତା ଅଞ୍ଚଳରେ ଗୋଟିଏ ବିଧବାବିବାହ ହୋଇ ଯାଇଥିବାର ସମ୍ବାଦ ମିଳଇ । କଲତଙ୍ଗାର ସ୍ୱର୍ଗୀୟ ପ୍ରମଥ ଭୂଷଣଦେବ ଙ୍କ ବିଧବାକନ୍ୟା ସଙ୍ଗେ ଭବାନୀପୁରର ବାବୁ ଯଦୁନାଥ ମୁଖୁର୍ଯ୍ୟାଙ୍କର ବିବାହ ହୋଇଅଛି ।— ଉତ୍ତମ ।

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

ଶ୍ରୀଲ ଶ୍ରୀଯୁକ୍ତ ଶ୍ରୀ ଉତ୍କଳଦୀପିକା ସମ୍ପାଦକ
ମହୋଦୟ ସମୀପେଷୁ

ମହାଶୟ !

ନିବେଦନର କାରଣ ଏହି କି ଯେ ଏହି କେନ୍ଦ୍ରାପଡ଼ା ଅଞ୍ଚଳରେ ଯେଉଁମାନେ ଶ୍ରୀ ଶ୍ରୀ ଜଗନ୍ନାଥମହାପ୍ରଭୁଙ୍କ ଦେଉଳ ସଂସ୍କାର ନିମିତ୍ତ ଚାନ୍ଦା ପ୍ରଦାନ କରି ଅଛନ୍ତି ସେମାନଙ୍କ ମଧ୍ୟରୁ କେତେକ ଚାନ୍ଦାଦାତାଙ୍କ ନାମ ଆପଣଙ୍କ ଉତ୍କଳଦୀପିକାରେ ପ୍ରକାଶିତ ହୋଇ ଅଛି । ବର୍ତ୍ତମାନ ନିମ୍ନଲିଖିତ କେତେକ ଭଦ୍ରଲୋକମାନଙ୍କ ନାମ ପ୍ରକାଶ କରି ଚିରବାଧିତ କରନ୍ତୁ ଇତି ।

ଶ୍ରୀଶ୍ରୀ ମହାରାଜା ଶ୍ରୀଶ୍ରୀ ଯଦୁନାଥ ଦେବ
। କ । ଆଳି ଟ ୧୫୦୦୧

ଶ୍ରୀଶ୍ରୀ ବାବୁ ମନ୍ମଥନାଥମିତ୍ର ଓ ବାବୁ ନରେନ୍ଦ୍ରନାଥମିତ୍ର ଉଭୟଙ୍କ ଜମିଦାର ଟ ୧୦୦୦୧

ମହାରାଜ ଶ୍ରୀ ବରଜୁ ନାଏକ ଖରାପଡ଼ିଆ
ଟ ୨୫୧

ବାବୁ ଶ୍ରୀ ଜଗବନ୍ଧୁମହାନ୍ତି ବେଲଗଲ ଟ ୨୦୧

„ ଶ୍ରୀ ଗୋପାଳଚରଣମହାନ୍ତି ନାଗଣପୁର
ଟ ୨୦୧

„ ଶ୍ରୀ ସଦେଇ ଦାସ ବଳରାମପୁର ଟ ୧୫୧

ବାକି ଟ ୧୦ ଙ୍କା ବା ନ୍ୟୂନ ଚାନ୍ଦାଦାତାଙ୍କଠାରୁ ଟ ୯୦୨ ସ୍ୱାକ୍ଷରିତ ହୋଇଅଛି ।

Aghore Chandra Mukherjee.
ସମ୍ପାଦକ ଓ କୋଷାଧ୍ୟକ୍ଷ୍ୟ

## ମୂଲ୍ୟପ୍ରାପ୍ତି ।

ଜଣା ଲକ୍ଷେ ତାରଦେବ...

## ବିଜ୍ଞାପନ ।

କଟକ ମିଉନିସିପାଲଟୀ ।

ଛାପିଥିବା ଉପବିଧି ।

୧ । ଲାଇସେନ୍‌ସପ୍ରାପ୍ତ କଂସାଇଖାନା-ଗୁଡ଼ିକରେ ବିନା ଅନ୍ୟ କୌଣସି ସ୍ଥାନରେ ମେଣ୍ଢା ମହିଷ, ଗାଈ, ବାଛୁରୀ ବଧ କରି ପାରିବେ ନାହିଁ । କଲେ ଟ ୫୦ ଙ୍କା ଅର୍ଥଦଣ୍ଡ ଦେବାକୁ ହେବ ।

LALVIHARI GHOSE.

ସ୍ୱତନ୍ତ୍ର ଉପବିଧି ।

୨ କୌଣସି ଲୋକ ସାଧାରଣ ବଜାର ମାନଙ୍କରେ ଲାଇସେନ୍‌ସ ନିଥିବା କଂସାଇଖାନା-ବ୍ୟତୀତ ଅନ୍ୟ କୌଣସି ସ୍ଥାନରେ କୌଣସି ପଶୁ ମାରି ପାରିବେ ନାହିଁ ।

କୌଣସି ଲୋକ ଲାଇସେନ୍‌ସ ନିଅ ହୋଇଥିବା କଂସାଇଖାନା ଛଡ଼ା ଅନ୍ୟ କୌଣସିସ୍ଥାନରେ ଯେଉଁଠାରେ କି ସାଧାରଣଙ୍କ ଦୃଷ୍ଟିଗୋଚର ହେବ ଇଥିରେ ସେଠାରେ କୌଣସି ଅଭିପ୍ରାୟରେ କୌଣସି ପଶୁ ମାରିପାରିବେ ନାହିଁ ଏପରି ବଧ ସାଧାରଣଙ୍କୁ ଦୂଷିତ ବୋଲି ବଙ୍ଗୀୟ ସନ ୧୮୮୪ ସାଲର ୩ ଆଇନ ଅନୁସାରେ ଜ୍ଞାନ କରାଯିବ ।

ଏହିଦୋଷରେ ଦଣ୍ଡ ଟ ୫୦ ଙ୍କା ଜରିମାନା ଅଟେ ।

ଟୀକା

କୌଣସି ସାଧାରଣ ବା ପଥଚଳନ୍ତି ନିକଟବର୍ତ୍ତୀ ଜାଗା ଯେଉଁଠାରେ କି ଗାଈ କମ୍ବା କୌଣସି ପଶୁ ମାରିବାର ବନ୍ଦୋବସ୍ତ ଅଛି ସେହି ସ୍ଥାନରେ ଉକ୍ତପଶ୍ଚାତ୍ ବଧ ସାଧାରଣଙ୍କ ଦୃଷ୍ଟିପଥରୁ ଗୋପନ ରଖିବା ପ୍ରତି ବିଶେଷ ଯତ୍ନ ନେବାକୁ ହେବ । ଉପରୋକ୍ତ ବଧରେ ଏହିରୂପ ଯତ୍ନର ଅଭାବ ସର୍ବସାଧାରଣଙ୍କପ୍ରତି ଏବଂ ଉପବିଧି ଅନୁସାରେ ଦୂଷିତ ବୋଲି ଜ୍ଞାନ କରାଯିବ ।

LALVIHARI GHOSE,
Vice Chairman

## NOTICE.

Wanted a Head master for the Parikud M. E. School on a salary of Rs. 20 a month. None need apply who has not passed the Entrance Examination. Applications will be received by the undersigned up to the 5th. July 1891.

Parikud
20—6—91.

(Sd.) G. C. M.
Rajah of Parikud &
Secretary to the Parikud
school.

Split by PDF Splitter

Digitized by srujanika@gmail.com

Split by PDF Splitter




## FOR SALE.

1. A light Victoria phaeton in good order with shafts and lanterns complete
2. Waler mare perfectly steady in [illegible] to be sick or [illegible]
3. A nice tonga almost new.

For [illegible]

Secy.,
Cuttack Printing Company
Cuttack.

## NOTICE

Is hereby given that the post of Head Clerk and Accountant of the Cuttack Municipality having fallen vacant, candidates to the post are to apply to the Vice Chairman of the Municipality. The applications are to be received till the 30th. June, 1891. The pay of the post is Rs. 40 rising to Rs. 50 by a biennial increment of Rs. 2. None need apply who has no experience of accounts and office work.

Cuttack Municipal Office, 16—6—91. | Lalvihari Ghosh, Vice Chirman.

Watches! Clocks! Time pieces! Repaired by an efficient workman the premises of the Cuttack Printing Company. Charge moderate.

## ଘଡ଼ିମରାମତି ।

ନାନାପ୍ରକାର ପକେଟ ବଡ଼ ଶୂନ୍ୟଘଡ଼ି ଉତ୍ତମରୂପେ ମରାମତ ହେବା ଓ ଯଥା ସମୟରେ ପାଇପାରିବାର ଭଲ ବନ୍ଦୋବସ୍ତ ଏ ନଗରରେ ନ ଥିବାରୁ ଆମ୍ଭେ ଘଡ଼ି ମରାମତର କାର୍ଯ୍ୟାରମ୍ଭ କରିଅଛୁଁ । ଯାହାଙ୍କର ଦରକାର ହେବ ଛାପାଖାନାଠାରେ ତତ୍ତ୍ୱ କଲେ ସମସ୍ତ ଜାଣି ପାରିବେ ।

ଘଡ଼ିର ଅବସ୍ଥା ଅନୁଯାୟୀ ୬ମାସଠାରୁ ୧୨ଏ ବର୍ଷ ପର୍ଯ୍ୟନ୍ତ ଗେରେଣ୍ଟି ଦଆଯିବ ଅର୍ଥାତ୍ ମରାମତ ଦୋଷରୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଘଡ଼ି ନ ଚଳିଲେ ପୁନର୍ବାର ବିନା ଖରଚରେ ମରାମତ କରାଯିବ ।

## ଗିଲ୍‌ଟି ।

ଘଡ଼ିର ଚେଇନ ଚେଣ, ମୁଦି, ଫୁଲ୍‌ଗ୍ଲାସ ସବ୍‌ଲନପେନ୍ସିଲ ଓ ଇନଗେଜ୍ ରଙ୍ଗର କମର ପେଡ଼ାନ ଓ ଟେଗର ସାଜ, (ତମ୍ବାର ଓ ପିତ୍ତଳର ନାନାବିଧ ଅଳଙ୍କାରାଦି ରୁପା ଅବା ସୁନାରେ; ରୁପାର ମ[illegible] ଟେଗର ଅଳଙ୍କାର ସୁନାରେ) ଗିଲ୍‌ଟି [illegible] ଦିଆଯିବ ।

କଟକ, ୧୮।୧୨।୮୯ | ଶ୍ରୀ ଗୌରୀଶଙ୍କର ରାୟ


## ନୂତନ ପୁସ୍ତକ ।

### A KEY TO NEW ROYAL READERS NO. MINOR COURSE.

ଏହି ପୁସ୍ତକରେ ସବୁ ଦୁରୂହ ଇଂରାଜୀ ଶବ୍ଦର ଓଡ଼ିଆ ଓ ଇଂରାଜୀ ଅର୍ଥ, ପଦ ପରିଚୟ, ବସ୍ତୁତ ପାରିଙ୍ଗ, ସିନନିମସ୍, ଏନ୍‌ଟନିମସ୍, ଗ୍ରାମାଟିକେଲ ନୋଟସ, ସମସ୍ତ ପଦ୍ୟଭାଗର ଅନ୍ୱୟ ସହ ବ୍ୟାଖ୍ୟା ଏବଂ ସମସ୍ତ ଗଳ୍ପର, ସମସ୍ତ ପାରାଗ୍ରାଫ ଏବଂ ପ୍ରତ୍ୟେକ ଲାଇନର ଓଡ଼ିଆ ଅନୁବାଦ ଅର୍ଥାତ୍ ଯାଡ଼ିକିଆ ମାନେ, ଇଡ଼ିଅମ ଓ ଫ୍ରେଜମାନଙ୍କର ଅର୍ଥ ଓ ତଦନୁରୂପ ଅନ୍ୟାନ୍ୟ ଫ୍ରେଜର ଓ ଇଡ଼ିଅମ୍‌ସର ଅର୍ଥ, ଐତିହାସିକ ବ୍ୟାଖ୍ୟା, ଆଦର୍ଶପ୍ରଶ୍ନାବଳୀ (ଉତ୍ତର ସହିତ) ଇତ୍ୟାଦି ଦିଆ ହୋଇଅଛି । ପ୍ରତ୍ୟେକ ଗଳ୍ପରେ ଅନେକ ଅନେକ ସ୍ଥାନମାନଙ୍କରେ ନେସନ ଗ୍ରାମାରର ନିୟମ ଓ ପୃଷ୍ଠାକୁ ନିର୍ଦ୍ଦେଶ କରା ହୋଇଅଛି । ମୂଲ୍ୟ ଟ ୦ ୳

Ditto An Abridged Edition ୫ ୩

ପ୍ରାକୃତିକ ଭୂଗୋଳର ପ୍ରଶ୍ନୋତ୍ତର ଟ ୦ ।, ସ୍ୱାସ୍ଥ୍ୟସାଧନର ପ୍ରଶ୍ନୋତ୍ତର ଟ ୦୵, ଫାଷ୍ଟବୁକର ମାନେ ବହି (ସ୍ୱଳ୍ପ ଓ ପରିଶୁଦ୍ଧ) ଟ ୦ ୵

କଟକ ପ୍ରିଣ୍ଟିଂକୋମ୍ପାନିଙ୍କ ଏବଂ ବାବୁ ରାମପ୍ରସନ୍ନ ମୁଖୋପାଧ୍ୟାୟଙ୍କ ପୁସ୍ତକ ଦୋକାନରେ ପ୍ରାପ୍ତବ୍ୟ । ପତ୍ରରେ "ଲଳିତମୋହନଙ୍କ ପ୍ରଣୀତ" ବୋଲି ଲେଖିବ । ନଚେତ୍ ଅନ୍ୟ ଗ୍ରନ୍ଥକାରଙ୍କ ପୁସ୍ତକ ଏହା ବଦଳରେ ପାଇବାର ସମ୍ଭାବନା ।

ସାମ୍ୟବାଣୀ ଇନଷ୍ଟିଟ୍ୟୁସନ । କଟକ । | ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ ।

## ପ୍ରତ୍ୟକ୍ଷଫଳପ୍ରଦ ଔଷଧ ।

ଜନ୍ମଭୂମିତ ସ୍ୱାସ୍ଥ୍ୟୋନ୍ନତି ଓ ରୋଗାରୋଗ୍ୟକାର୍ଯ୍ୟ ପରୀକ୍ଷିତ ଔଷଧମାନ ଅଳ୍ପ ମୂଲ୍ୟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି ।

୧ । [illegible] ପ୍ରଭୃତି ସୁଦୀର୍ଘ ଗବେଷଣା ଏହି ଔଷଧ ପ୍ରସ୍ତୁତ ହୋଇଅଛି । ଏହା ବ୍ୟବହାର କଲେ, କେଶସ୍ନିଗ୍ଧତା, କେଶର ଅକାଳପକ୍ୱତା, ଅକାଳପତନ, ଏବଂ ଶିରଃପୀଡ଼ା, ଶିରୋଘୂର୍ଣ୍ଣନ ଇତ୍ୟାଦି ନିବାରିତ, ମସ୍ତକର କଣ୍ଡୁ ଓ ଖାଦ୍ୟାଦିଜନିତ ରୋଗ ହେତୁ ଓ ମସ୍ତିଷ୍କ ସୁଶୀତଳ, କେଶ କୁଞ୍ଚିତ, କୋମଳଯୁକ୍ତ ଓ ସୁବାସିତ ହୁଏ । ପ୍ରତି ଶିଶିର ମୂଲ୍ୟ ବାରଅଣା ମାତ୍ର ।

୨ । [illegible] ରସାୟନ—ନାମ ଶୁଣିଲେ ସମସ୍ତେ ଚମତ୍କୃତ ହୋଇ ବାଲେ କ୍ଷୀଣ ଦୁର୍ବଳ ବ୍ୟକ୍ତି ମାତ୍ର ଜଣା ଯାଏ ନାହିଁ । ମାତ୍ର ଏହା ଉତ୍କୃଷ୍ଟ ପକ୍ଷରେ ହୃଦୟର ବଳ କାର୍ଯ୍ୟ କରେ ଏବଂ ତାହାର ଏକାବେଳକେ ବନସ୍ତ ଜଳ, ଉତ୍ତେଜନା ଆଉ ସଂଚିତ ନାହିଁ । ଏହା ବ୍ୟବହାର କରି ୨ ବର୍ଷର ବହୁ ରୋଗ ଆରୋଗ୍ୟ ହୋଇଅଛି, ପ୍ରତି [illegible] ମୂଲ୍ୟ ଦୁଇ ଅଣା ମାତ୍ର ।

୩ । ମୂଳସଞ୍ଜୀବନୀ—ଏହା ଯଥାବିଧି ସେବନ କଲେ କ ପ୍ରାଚୀନ କ ନୂତନ ସବୁ ପ୍ରକାର ଅଜୀର୍ଣ୍ଣ, ପିତ୍ତଶୂଳ, ବାୟୁଶୂଳ (ଅମ୍ଳପିତ୍ତ), ବମନାଦି [illegible] ଲକ୍ଷଣମାନ ଦୂର ହୁଏ । ଏକପକ୍ଷ କାଳ ସେବନୀୟ ଔଷଧର ମୂଲ୍ୟ ଦୁଇ ଟଙ୍କା ଆଠ ଅଣା ।

୪ । କୋଷ୍ଠଶୋଧକ ବଟିକା—କୋଷ୍ଠବଦ୍ଧ ସର୍ବପ୍ରକାର ରୋଗର ଉତ୍ପତ୍ତି ଓ ବୃଦ୍ଧିର ପ୍ରଧାନ କାରଣ ଅଟେ । କୋଷ୍ଠଶୁଦ୍ଧି ନ ହେଲେ କୌଣସି ରୋଗ ଆରୋଗ୍ୟ କିମ୍ବା କୌଣସି ଔଷଧ ମଧ୍ୟ କାର୍ଯ୍ୟକାରକ ହୁଏ ନାହିଁ । ଏହି ଔଷଧ ବ୍ୟବହାର କଲେ କ ପ୍ରାଚୀନ କ ନୂତନ ସର୍ବପ୍ରକାର କୋଷ୍ଠବଦ୍ଧ ଏବଂ କୋଷ୍ଠବଦ୍ଧଜନିତ ଅନ୍ୟାନ୍ୟ ପୀଡ଼ା ଯଥା, କୋଷ୍ଠାଶ୍ରିତ ବାୟୁ, ଜ୍ୱର, ଅର୍ଶ, ଅଜୀର୍ଣ୍ଣ, ଶୋଥ, ଉଦରୀ, ଯକୃତ, ପାଣ୍ଡୁ ଓ ତଜ୍ଜନିତ ଶିରଃପୀଡ଼ା ଓ ଦୃଷ୍ଟିହାନି ନିବାରିତ ହୁଏ ।

ଏହି ଅର୍ଦ୍ଧୋକ୍ତ ଦରକାର । ସର୍ବପ୍ରକାର ପୀଡ଼ାରେ ଏମନ୍ତ କି ଅନ୍ୟାନ୍ୟ ଔଷଧ ବ୍ୟବହାରର ସଙ୍ଗେ ମଧ୍ୟ ଏହା ବ୍ୟବହାରର ଉପଯୁକ୍ତ ଅଟେ । ସୁସ୍ଥ, ଅସୁସ୍ଥ, ବାଳକ, ବୃଦ୍ଧ, ସ୍ତ୍ରୀ ଓ ପୁରୁଷ ସମସ୍ତେ ଏହା ସେବନ କରି ପାରନ୍ତି । ସପ୍ତାହ କାଳ ସେବନୀୟ, ଔଷଧର ମୂଲ୍ୟ ଏକ ଟଙ୍କା ।

୫ । କୁମାରୀଗର୍ଭ ଅମୃତ—ଏହା ସେବନ କଲେ ମ୍ୟାଲେରିଆ ବା ଦୂଷିତ ଜଳବାୟୁଜନିତ ଜ୍ୱର, ସର୍ବ ପ୍ରକାର ପାଳିଜ୍ୱର, ଶୁଖଉଣ, ବମନ ଓ ଏକାଜ୍ୱର, ପ୍ଲୀହା ଯକୃତ ଅଜୀର୍ଣ୍ଣ, ଅରୁଚି, ଶୀର୍ଣ୍ଣତା, ରକ୍ତହୀନତା, ଅନିଦ୍ରା [illegible] ଶାରୀରିକ ଓ ମାନସିକ ଦୁର୍ବଳତା [illegible] ଏବଂ ଦେହ, ପରିପୁଷ୍ଟ ହୋଇ ବଳ ବର୍ଦ୍ଧିତ ହୁଏ । ଏକ ପକ୍ଷକାଳ ସେବନୀୟ, ଔଷଧର ମୂଲ୍ୟ ଦୁଇ ଟଙ୍କା ଆଠ ଅଣା ।

୬ । ଶୋଣିତସଞ୍ଜୀବନୀ (ସାଲସା)—ଶୋଣିତ ମାନବଦେହର ପ୍ରଧାନ ଉପାଦାନ ଅଟେ । ଏହା ପରିଶୁଦ୍ଧ ଥିଲେ କୌଣସି ପ୍ରକାର [illegible] ହୋଇପାରେ ନାହିଁ । କିନ୍ତୁ [illegible] ଶୋଣିତ ସାଧାରଣ ମାତ୍ର ଦୂଷିତ ହେଲେ [illegible] ପ୍ରକାର [illegible] ହୁଏ । [illegible] ଓ ମାନସିକ [illegible], ଦୂଷିତ [illegible] ଦୋଷ, [illegible] ଦୂଷିତ ହୋଇ [illegible], କଣ୍ଡୁ, ଖାଦ୍ୟ, [illegible] ଓ [illegible] ଓ ଲକ୍ଷଣମାନ ଜାତ ହୋଇ ମନୁଷ୍ୟକୁ [illegible] ହୁଏ । ଏହି [illegible] ଉତ୍ତେଜିତ ହୋଇ [illegible] ଓ [illegible] ହୁଏ । [illegible] ଉପଯୋଗୀ । [illegible] ବର୍ଷ ସେବନ [illegible] ଓ [illegible] ଏହା ସେବନରେ ଆରୋଗ୍ୟ ହୁଏ । [illegible] ସେବନୀୟ ଔଷଧର ମୂଲ୍ୟ ଦୁଇ ଟଙ୍କା ଆଠ ଅଣା ।

ବାଲୁବଜାର, କଟକ ଔଷଧାଗାର । | ଡାକ୍ତର । ଶ୍ରୀ [illegible] ଚକ୍ରବର୍ତ୍ତୀ । V. L. M.

Digitized by srujanika@gmail.com

# ମେହରୋଗ ।

ଗ୬୪ ସ୍ଥାନମଧ୍ୟରେ ସମସ୍ତ ଜ୍ୱାଳା ଯନ୍ତ୍ରଣାର ନିବୃତ୍ତି ହେବ । ଦୁରନ୍ତ ପ୍ରମେହବ୍ୟାଧି ଯେଉଁମାନଙ୍କ ଏକମାତ୍ର କରିଅଛି ସେମାନଙ୍କର ଉନ୍ନତି ରୋଗ ଶରୀରରେ ଉପଚାର ନ ହେବ ସାମାନ୍ୟ ଅର୍ଥବ୍ୟୟ କରିବାରେ ଜୀବନର ମାୟା ପରିତ୍ୟାଗ କରନ୍ତୁ ନାହିଁ ।

ଏହି ଔଷଧ ପ୍ରଥମାବସ୍ଥାରେ ଏକମାତ୍ର ସେବନ କଲେ ନୂତନ ରୋଗ ଏବଂ ତିନ ସପ୍ତାହ ସେବନରେ ପୁରାତନ ରୋଗ ଅବଶ୍ୟ ଆରୋଗ୍ୟ ହେବ । ଯେଉଁମାନେ ଆରୋଗ୍ୟ ନ ହେବେ ସେମାନଙ୍କର ଟଙ୍କା ଫେରାଇ ଦିଆଯିବ । ଜୀବନର ଶେଷସମୟ ପର୍ଯ୍ୟନ୍ତ ହିତ । ପ୍ରସ୍ରାବ ଉପସର୍ଗରେ ପରୀକ୍ଷିତ ନ ହେଲେ ଅନ୍ୟ ଦେବ ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅବଲମ୍ବରେ ପୁସ୍ତକାକାରରେ ପ୍ରକାଶ ହେବ କଲିକତା ଅକ୍ଟରଲୋନି ଲମ୍ବର ଭବନରେ ଶ, କେ, ସେନ କମ୍ପାନିଙ୍କଠାରେ ଏବଂ କଟକ ଦରଘାବଜାର ପ୍ରିଣ୍ଟିଂ କମ୍ପାନିଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକ ଫାଇଲ ଟ ୨୲ ଟା । ପ୍ୟାକିଙ୍ଗ ଓ ଡାକଖର୍ଚ୍ଚା ପୃଥକ

# କଟକଭଣ୍ଡାର ।



ସହର ଓ ମଫସଲବାସୀମାନଙ୍କ ସୁବିଧାର୍ଥେ ଅନେକ ପ୍ରାୟ ପଞ୍ଚବର୍ଷ ହେବ ସ୍ଥାପିତ ହୋଇ ସୁବନ୍ଦୋବସ୍ତ ସହିତ କାର୍ଯ୍ୟ ଚଳୁଅଛି । ଏଥିରେ ନାନାବିଧ ଡାକ୍ତରୀ ଓ କବିରାଜୀ ଔଷଧ ବିକ୍ରୟ ହୁଅଇ । ଏହାଛଡ଼ା ଅନ୍ୟ ଯାହାର ଯେଉଁ ଦ୍ରବ୍ୟ ପ୍ରୟୋଜନ ହୁଏ ଲେଖିଲେ ... ତ ଓ ବିଶେଷ ସାବଧାନତା ସହିତ ... ଦିଆଯାଏ । ମାଦକ ଦ୍ରବ୍ୟ ଛଡ଼ା ... ସମୁଦାୟ ଦ୍ରବ୍ୟ ବିକ୍ରୟ ଓ ସରବରାହ କରୁଁ । ଯେଉଁ ଦ୍ରବ୍ୟମାନ ଅନ୍ୟସ୍ଥାନରୁ ... ଚର ପଠାଇବାକୁ ହୁଏ ତହିଁର ଉଚିତ ... ଦର ... ଉପରେ ଦଣି ପଠାଇବାର ପରିଶ୍ରମଜନ୍ୟେ ଶତକଡ଼ା ଟ ୬। ହିସାବରେ କମିଶନ ଗ୍ରାହକମାନଙ୍କଠାରୁ ନିଆଯାଏ । କେବଳ ପ୍ୟାକିଂ ଓ ଡାକଖର୍ଚ୍ଚା ପଠାଇଲେ ଔଷଧ ଓ ଦ୍ରବ୍ୟାଦି ଭାଲ୍ୟୁପେଇବଲ ଡାକରେ ମଧ୍ୟ ପଠାଯାଇ ପାରେ । ରେଜିଷ୍ଟ୍ରି ବା ଇନସିଓରେନ୍ସ ଖର୍ଚ୍ଚ ଗ୍ରହଣ ହୁଏ ନାହିଁ ଏବଂ ଉପଯୁକ୍ତ ବା ଦୁଇପଇସିଆ ଷ୍ଟାମ୍ପ ଖଣ୍ଡେ ନ ପଠାଇଲେ ପତ୍ରର ଉତ୍ତର ଦିଆଯାଏ ନାହିଁ ।

ମଫସଲବାସୀ ଅନେକ ଅନେକ ରାଜା ଜମିଦାର ଓ ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କଠାରୁ ସର୍ବଦା ରୋଗର ଚିକିତ୍ସା ଓ ଔଷଧ ପ୍ରେରଣ କରିବା ସକାଶେ ପତ୍ର ପାଉଥାଉଁ । ଅତଏବ ସେମାନଙ୍କ ଓ ସର୍ବସାଧାରଣଙ୍କ ସୁବିଧାର୍ଥେ ଜଣାଉଅଛୁଁ କି ଯେଉଁମାନେ ଆମ୍ଭଦ୍ୱାରା ଅତଃପର ଚିକିତ୍ସିତ ହେବାକୁ ଇଚ୍ଛା କରନ୍ତି ସେମାନେ ପୀଡ଼ାର ଅବସ୍ଥା ଉତ୍ପତ୍ତିର କାରଣ, ବ୍ୟାଧି ଜନକ କି ନା, ରୋଗୀ ପୁରୁଷ କି ସ୍ତ୍ରୀ, ରୋଗର ପୂର୍ବ ଓ ବର୍ତ୍ତମାନ ଆଚରଣ, ବୟଃକ୍ରମ, ଆହାର, କୋଷ୍ଠଶୁଦ୍ଧି, ଧାତୁ ପ୍ରକୃତି ଇତ୍ୟାଦି ରୋଗର ବୃତ୍ତାନ୍ତ ଲେଖି ପଠାଇଲେ ତାହାର ଯଥାଯୋଗ୍ୟ ଔଷଧ ପଠାଇବୁଁ । ଟଙ୍କା, କଉଡ଼ି କି ପତ୍ରାଦି ନିମ୍ନ ଠିକଣାରେ ଆମ୍ଭଠାକୁ ପଠାଇବାକୁ ହେବ ।

କଟକ ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ ।

# ନୂତନ ପୁସ୍ତକ

ବ ନ ବା ଲା ନା

କଟକ ପ୍ରିଣ୍ଟିଂ କମ୍ପାନି ... ମୂଲ୍ୟ ... ଟ ୦ ... ମୋଫସଲ ସକାଶେ ଡାକମାସୁଲ ଟ ୦ ... ।

ଅ ତି ସୁ ଲ ଭ ମୂ ଲ୍ୟ ।

# ଥିଏଟରସଂଗୀତ ବା ନାଟକଗୀତ ।

ଏହି ପୁସ୍ତିକାରେ ସୁଲଳିତ ଉତ୍କଳସ୍ୱରର ଓ ଅଧିକାଂଶ ବଙ୍ଗଳା ଓ ହିନ୍ଦୁସ୍ଥାନୀ ସ୍ୱରର ଅନୁକରଣରେ ରଚିତ ନୂତନ ପ୍ରକାର ସଙ୍ଗୀତମାନ ସନ୍ନିବେଶ ହୋଇଅଛି । କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

ମୂଲ୍ୟ ଟ ୦ ୵ ଦୁଇଅଣା ମାତ୍ର ।

କଟକ ୨୮।୧।୯୧ } ଶ୍ରୀ ଗୌରୀଶଙ୍କର ରାୟ ସମ୍ପାଦକ ।

ଅପୂର୍ବବୈଦ୍ୟୋକ୍ତ ନୂତନ

# ଔଷଧାଳୟ

ବାଲୁବଜାର, କଟକ ।

ଏଠାରେ ନାନାପ୍ରକାର ଦେଶୀୟ ଔଷଧମାନ ଅକୃତ୍ରିମ ଓ ଶାସ୍ତ୍ରସଙ୍ଗତମତେ ପ୍ରସ୍ତୁତ ହୋଇ ସୁଲଭ ମୂଲ୍ୟରେ ବିକ୍ରୟ ହେଉଅଛି ଅବସ୍ଥା ଦେଖି ଦରିଦ୍ରମାନଙ୍କୁ ବିନା ମୂଲ୍ୟରେ ମଧ୍ୟ ଦିଆ ଯାଉଅଛି । ଯେଉଁମାନେ ଚିକିତ୍ସିତ ହେବାକୁ ଇଚ୍ଛା କରନ୍ତି ଯତ୍ନ ପୂର୍ବକ ସେମାନଙ୍କର ଚିକିତ୍ସା କରିବାକୁ ପ୍ରସ୍ତୁତ ଅଛୁଁ । ବିଦେଶୀୟମାନେ ପତ୍ରଦ୍ୱାରା ରୋଗର ବୃତ୍ତାନ୍ତ ଜଣାଇଲେ ବ୍ୟବସ୍ଥାର ସହିତ ଉପଯୁକ୍ତ ଔଷଧ ପାଇବେ ।

ଅମ୍ଭର ଚିକିତ୍ସା ଏବଂ ଔଷଧର ଗୁଣ ପରୀକ୍ଷା କରିବାକୁ ସର୍ବସାଧାରଣଙ୍କୁ ଅନୁରୋଧ କରୁଅଛୁଁ ।

ଶ୍ରୀ ଗଦାଧର ତ୍ରିପାଠୀ ।

ଏହି ଉତ୍କଳଦୀପିକା ସହର କଟକ ଦରଘାବଜାର କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Split by PDF Splitter
Digitized by srujanika@gmail.com

Split by PDF Splitter

# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା ।

ଭାଗ ୨୭ ର | ସଂ ୨୭ ଖ୍ୟା

ତା ୪ ଋଉ ମାହେ ଜୁଲାଇ ସନ ୧୮୯୧ ଇସ୍ବୀ । ମୂ । ଆଷାଢ଼ ଶୁ ୨୨ ଦ ୪ଥ ୧୨୯୮ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୲
ପଶ୍ଚାଦେୟ ଟ ୬୲

ଗତମାସ ତା ୯ ରିଖରେ ମହାରାଜକୁମାର ନୀଳକୃଷ୍ଣ ହଠାତ୍ ପରଲୋକ ଗମନ କରିବାର କଲିକତାର ସମ୍ବାଦପତ୍ରମାନଙ୍କରୁ ଅବଗତ ହୋଇ ଦୁଃଖିତ ହେଲୁଁ । ସେ ଶୋଭାବଜାରର ବିଖ୍ୟାତ ମହାରାଜା କମଲକୃଷ୍ଣ ବାହାଦୁରଙ୍କ ଜ୍ୟେଷ୍ଠପୁତ୍ର ଥିଲେ ଏବଂ ଅନେକ ସତ୍କାର୍ଯ୍ୟଦ୍ୱାରା ସର୍ବସାଧାରଣଙ୍କର ପ୍ରୀତିଭାଜନ ହୋଇଥିଲେ ।

---

କାବୁଲର ଅମିର ଅପଣାରାଜ୍ୟରେ ଏପରି ଅବକାରୀ ବନ୍ଦୋବସ୍ତ କରି ଅଛନ୍ତି କି କାବୁଲରେ ବାସ କରୁଥିବା ହିନ୍ଦୁ ପାରସୀ ଓ ଖ୍ରୀଷ୍ଟିୟାନଙ୍କୁ ମଦ ବିକ୍ରୟ କରିବାଦ୍ୱାରା ପ୍ରତିଦିନ ଟ ୨୦୦୯ ଙ୍କା ଲେଖାଏଁ ଆୟ କରୁ ଅଛନ୍ତି । ମୁସଲମାନମାନଙ୍କୁ ମଦବିକ୍ରୟ କରିବା ଏକାବେଳକେ ନିଷେଧ ଅଛି । ଅମିରଙ୍କର ଧର୍ମରକ୍ଷା ଉପାୟ ଚମତ୍କାର ଅଟଇ । ମୁସଲମାନଧର୍ମଶାସ୍ତ୍ରାନୁସାରେ ମଦ ଖାଇବା ନିଷେଧ କିନ୍ତୁ ଅନ୍ୟକୁ ଖୁଆଇବା ଓ ତଦ୍ୱାରା ଲାଭ କରିବା ନିଷିଦ୍ଧ ନୁହଇ ।

---

ବଙ୍ଗୀୟ ଲେଫ୍ଟେନାଣ୍ଟ ଚଳିତ ମାସ ତା ୯ ରିଖରେ ଦାର୍ଜିଲିଂଠାରୁ କଲିକତାକୁ ଆସିବେ ଓ ସେଠାରେ କେତେଦିନ ରହି ଗସ୍ତରେ ବାହାର ହେବେ । ଏଥର ଗସ୍ତରେ ହୁଗୁଳି କୃଷ୍ଣନଗର ମୁରସିଦାବାଦ ମାଳଦା ପାବନା ଢାକା ଖୁଲନା ଯଶୋର ପ୍ରଭୃତି ଜିଲ୍ଲା ଦର୍ଶନ କରିବାର ଅନୁଷ୍ଠାନ ପତ୍ର ବାହାରି ଅଛି । ଅଗଷ୍ଟ ମାସ ତା ୨୩ ରିଖରେ ଗସ୍ତ ଶେଷକରି କଲିକତାକୁ ଲେଉଟି ଆସିବେ । ଏହି ଗସ୍ତରେ ଦାମୋଦରର ବନ୍ଧ କଟା ଗଲେ ଲୋକଙ୍କର କି ପରିମାଣ କଷ୍ଟ ହେବ ମାନ୍ୟବର ମହୋଦୟ ସ୍ୱୟଂ ଦୃଷ୍ଟି କରି ଆସିବାର କଥା ଅଛି । ପ୍ରଥମ ବର୍ଷମଧ୍ୟରେ ଲେଫ୍ଟେନାଣ୍ଟ ଆପଣା ଶାସିତ ରାଜ୍ୟଖଣ୍ଡର ପ୍ରାୟ ସମସ୍ତ ସ୍ଥାନ ଦର୍ଶନ କରିବାକୁ ସକ୍ଷମ ହେଲେ ବଡ଼ ପ୍ରଶଂସାର ବିଷୟ ଅଟଇ ।

---

ବମ୍ବେ ହାଇକୋର୍ଟରେ ଗୋଟିଏ ଅଭିନବ ମକଦ୍ଦମା ହୋଇଅଛି । ଜଣେ ଶେଠୀ ବିବାହଉପଲକ୍ଷରେ ବାଇନାଚ କରିବାରୁ ତାହାର ସ୍ୱଜାତିମାନେ ତାକୁ ଅଜାତି କଲେ ତହୁଁ ସେ ସେମାନଙ୍କ ନାମରେ ପାଞ୍ଚସହସ୍ର ଟଙ୍କା କ୍ଷତିପୂରଣ ଦାବିରେ ହାଇକୋର୍ଟରେ ନାଲିସ୍ କଲା । ସେ କହେ ଯେ ବିବାହବ୍ୟୟ ଊଣା କରିବା ଉଦ୍ଦେଶ୍ୟରେ କେବଳ ତାହାର ସ୍ୱଜାତିମାନେ ବାଇନାଚ ନିଷେଧ କରିଥିଲେ କିନ୍ତୁ ଏଥିରେ ସମସ୍ତେ ବାଧ୍ୟ ନୁହନ୍ତି । ପ୍ରତିବାଦୀମାନେ ଉତ୍ତର ଦେଲେ କି ସମୂହ ସ୍ୱଜାତିଏ ନିଷେଧଆଜ୍ଞା ପ୍ରଚାର କରିଥିବାରୁ ଏଥିରେ ସମସ୍ତେ ବାଧ୍ୟ ଅଟନ୍ତି ଏବଂ ଏପରି ବିଷୟ ବିଚାର କରିବା ସକାଶେ ଅଦାଲତର କିଛି ଅଧିକାର ନାହିଁ । ଏଣିକିରି ହାଇକୋର୍ଟ ବ୍ୟସ୍ତ ହୋଇ ବିଚାର ସ୍ଥଗିତ ରଖିଛନ୍ତି ।

---

ଶ୍ରୀମତୀ ଗ୍ରିମଉଡ଼ ମଣିପୁରର ବିପଦ ସମୟରେ ଆହତ ସୈନିକ କର୍ମଚାରୀଙ୍କର ସେବା ସୁଶ୍ରୁଷା କରି ଏବଂ ଅସାଧାରଣ ସାହସ ପ୍ରକାରେ ସୈନ୍ୟସଙ୍ଗେ ପଳାଇ ଆସି ଯେଉଁ ବୀରତ୍ୱ ଦେଖାଇଅଛନ୍ତି ତହିଁପାଇଁ ତାହାଙ୍କର ବହୁତ ସମାଦର ବିଲାତରେ ହୋଇଅଛି । ଶ୍ରୀମତୀମହାରାଣୀ ସ୍ୱହସ୍ତରେ ତାହାଙ୍କୁ ରଏଲରେଡ଼ କ୍ରସ୍. ନାମକ ସମ୍ମାନ ପ୍ରଦାନ କରିବାର ଇଚ୍ଛା ପ୍ରକାଶ କରିଅଛନ୍ତି ଏବଂ ବିଲାତର ଯୁବରାଜପତ୍ନୀ ତାହାଙ୍କନିମିତ୍ତ ସୈନିକମହିଳାଙ୍କଠାରୁ ଚେନ୍ଦା ସଂଗ୍ରହ କରୁଅଛନ୍ତି । ମଣିପୁରଠାରେ ତାହାଙ୍କ ଦ୍ରବ୍ୟାଦି ସମସ୍ତ ଛାଡ଼ି ଆସିବାରୁ ତହିଁର କ୍ଷତିପୂରଣସ୍ୱରୂପ ଗବର୍ଣ୍ଣମେଣ୍ଟ ତାହାଙ୍କୁ ନଗଦ ତିନିହଜାରଟଙ୍କା ଏବଂ ତାହାଙ୍କ ନିର୍ବାହ ନିମିତ୍ତ ବାର୍ଷିକ ୪ ଶତ ଟଙ୍କା ପେନସନ ଦେବାକୁ ସମ୍ମତ ହୋଇଅଛନ୍ତି । ପ୍ରାଣସଂଶୟ କଷ୍ଟ ଭୋଗିବୁ ସମ୍ମାନ ଓ ଅର୍ଥଲାଭ କରିବା ଅବଶ୍ୟ ଭାଗ୍ୟର ବିଷୟ ଅଟଇ ଏବଂ ଏଥିପାଇଁ ଅମ୍ଭେମାନେ ଆନନ୍ଦିତ ହେଲୁଁ ।

---

ସରକାରୀ ମେଘପରୀକ୍ଷ ଅର୍ଥାତ୍ ଇଣ୍ଡିୟାଗବର୍ଣ୍ଣମେଣ୍ଟଙ୍କ ଋତୁପରୀକ୍ଷକଙ୍କ ଗଣନା ଠିକ ହେଲା । ସେ ପ୍ରକାଶ କରିଥିଲେ କି ଏଥର ମୌସୁମି ବୃଷ୍ଟି ବିଳମ୍ବ ଅର୍ଥାତ୍ ଜୁନମାସ ୭ ସୁ

Digitized by srujanika@gmail.com

ଜମା ୪ ର୍ଥ ସପ୍ତାହରେ ବୃକଳଭାବରେ ପ୍ରତ୍ୟକ୍ଷ ହେବ । ବମ୍ବେଇରେ ଗତମାସ ତା ୨୭ ରଖରେ ବୃଷ୍ଟିକାଳ ଆରମ୍ଭ ହେଲା ମାତ୍ର ପବନ ଓ ବୃଷ୍ଟିର ପରିମାଣ ଊଣା ହେବାରୁ ଅବଧି କାହାରି ମନରେ ପ୍ରତ୍ୟୟ ହୋଇ ନାହିଁ । ଏ ନଗରରେ ଗତ ରବିବାରଠାରୁ ମେଘ ଘୋଟି ବର୍ଷାକାଳର ସମସ୍ତ ଲକ୍ଷଣ ଦେଖାଇଲା ମାତ୍ର ବୃଷ୍ଟିର ପରିମାଣ ନିତାନ୍ତ ଊଣା । ସୋମବାର ଓ ମଙ୍ଗଳବାର ଅପରାହ୍ନକାଳରେ ଅଳ୍ପ ଅଳ୍ପ ଯେତେ ପାଣି ବର୍ଷିଥିଲା ଏକଇଞ୍ଚରୁ ଅଧିକ ହେବ ନାହିଁ । ଏ ବୃଷ୍ଟି ଓଡ଼ିଶାର ସର୍ବତ୍ରରେ ଏବ ସ୍ଥାନେ ସ୍ଥାନେ ଅଧିକ ପରିମାଣରେ ହୋଇଅଛି ଏବଂ ଏହାଦ୍ୱାରା ଗଜାମରୁଡ଼ିର ଭୟ ନିବାରଣ ହୋଇଅଛି । ଏକାବେଳକେ ପ୍ରଚୁର ବୃଷ୍ଟି ହୋଇଥିଲେ କେତେକ ସ୍ଥଳେ ଶସ୍ୟପ୍ରତି ବ୍ୟାଘାତ ହୋଇଥାନ୍ତା ।

---

ଅସ୍ମମାନଙ୍କର ମାନନୀୟ କମିଶ୍ନର ଶ୍ରୀଯୁକ୍ତ ଟଏନବି ସାହେବ ଗତ ଶୁକ୍ରବାର ପ୍ରାତଃକାଳରେ ଏଠାରେ ପହୁଞ୍ଚିଅଛନ୍ତି । ସେହି ଦୂରଦେଶରୁ ପୁଲିସ ଓ ତାହାଙ୍କ ଅମଲା କଇଦସହିତ ପହୁଞ୍ଚିଥିଲେ । କେନ୍ଦୁଝରର ବିଦ୍ରୋହିମାନଙ୍କ ମୋକଦମା ସାହେବ ମହୋଦୟ ଉକ୍ତ ଗଡ଼ଠାରେ କରୁଅଛନ୍ତି ପ୍ରଧାନ ନେତା ଧରଣୀଧରଙ୍କୁ ଦଶବର୍ଷ, ଜ ୩ ଜଣଙ୍କୁ ୭ ୪ ର୍ଷ ଲେଖାଏଁ ଓ ଜ ୬ ଜଣଙ୍କୁ ୨ ବର୍ଷ ଲେଖାଏଁ କାରାବାସଦଣ୍ଡ ଦେଇଅଛନ୍ତି । ଧରଣୀକୁ ଦଣ୍ଡବିଧିଆଇନର ୧୨୧,୧୨୨ ଓ ୩୯୪ ଦଫାରେ ଦୋଷୀ କରାଯାଇଅଛି । ଏହି ଦଣ୍ଡିତ ବ୍ୟକ୍ତିମାନେ କଟକ ଜେଲଖାନାରେ ବର୍ତ୍ତମାନ ଅଛନ୍ତି । ଶ୍ରୀଯୁକ୍ତ ଟଏନବି ସାହେବ କେନ୍ଦୁଝରଗଡ଼ର ଅଶାନ୍ତିର କାରଣ ବଦୋବସ୍ତରୂପ ତଦନ୍ତକରି ସେଠା ମହାରାଜା ଓ ତାହାଙ୍କ ଅଧୀନସ୍ଥ କେତେକ କର୍ମଚାରୀଙ୍କ ଦୋଷସମ୍ବନ୍ଧ ହେତୁ ତାହା ଘଟିଥିବାର ଜାଣିପାରି ଉକ୍ତ ଗଡ଼ରେ ମୟୂରଭଞ୍ଜର ବର୍ତ୍ତମାନ ମାନେଜର ଶ୍ରୀଯୁକ୍ତ ବାଲିସାହେବଙ୍କୁ ମାନେଜର କରିବାର ସ୍ଥିର କରିଅଛନ୍ତି ବୋଲି ଶୁଣା ଯାଉଅଛି । ସବିଶେଷ ବିବରଣ ଏପରେ ପ୍ରକାଶ ପାଇବ ।

---

ଗତସପ୍ତାହରେ ଏ ନଗରରେ ଯେମନ୍ତ ଝଡ଼ବୃଷ୍ଟି ଯୋଗ ହୋଇଥିଲା ତାହା ପାଠକମାନଙ୍କୁ ଜଣାଇଅଛୁଁ । ଗତ ଶନିବାରର ବୃଷ୍ଟି ଓ ଝଡ଼ ସର୍ବାପେକ୍ଷା ଅଧିକ ଥିଲା ଏମନ୍ତ କି ସହରରେ ବୃଦ୍ଧା ଲୋକେ ସରମଧ୍ୟରେ ଛଟପଟ ହେଲେ । ସୁଖର ବିଷୟ ଯେ ଏହି ଦିନଠାରୁ ସେହି କଷ୍ଟକର ପାଗ ବିଦାୟ ହୋଇଗଲା । ଅନ୍ଧ୍ରୁଣ୍ଣ ବୃଷ୍ଟି ହେତୁ ଗଙ୍ଗାମନ୍ଦିରପୁଷ୍କରିଣୀର ଜଳ ଏପରି ଉଷ୍ଣ ହୋଇଗଲା ଯେ ଲୋକେ ସ୍ନାନ କରିବାକୁ ସୁଖ ପାଇଲେ ନାହିଁ ଓ ମାଛସବୁ ବ୍ୟାକୁଳ ହୋଇ ବୌଳିଉଠିବାରୁ ଗତ ରବିବାର ପ୍ରାତଃକାଳରୁ କ୍ରମାଗତ ପ୍ରାୟ ୪୦୫ ଶତଲୋକ ପଡ଼ି ଜଳଉପରକୁ ମୁଣ୍ଡ ଉଠାଇବା ବଡ଼ମାଛ ସବୁକୁ ଠେଙ୍ଗାରେ ପିଟି ଓ ସାନମାଛସବୁ ଲୁଗା ଇତ୍ୟାଦିରେ ଧରି ନେଇ ପଳାଇଲେ । ପ୍ରାୟ ଘ ୧୧ ଘା ପର୍ଯ୍ୟନ୍ତ ମାଛ ଲୁଟି ହୋଇଥିଲା ଓ ଏଥିରେ ପ୍ରାୟ ଦୁଇଶତ ଟଙ୍କାର ମାଛ ଲୋକେ ନେଇଗଲେ । ଅଧିକାଂଶ ବଡ଼ମାଛ ଦୁଇସେର ପର୍ଯ୍ୟନ୍ତ ଭାର ହେବ ଏବଂ କେତେମାଛ ସେ୍ ୮,୧୦, ବା ୧୨ ର ପର୍ଯ୍ୟନ୍ତ ଥିଲା ! ପଣ୍ଡାଦାର ଗୋଲୋକବାବୁ ଉଦାରପ୍ରକୃତିର ଲୋକ । ଏତେବଡ଼ ଲୁଟରେ ପୁଲିସର ସାହାଯ୍ୟ ନ ନେଇ କେବଳ କୌତୁକ ଦେଖି ଗୃହକୁ ଗଲେ ।

---

ଅଲ୍ପଦିନହେଲା ସହବାସସମ୍ମତି ଆଇନସମ୍ବନ୍ଧେ ଯେଉଁ ସଭା କଲିକତାରେ ହୋଇଥିଲା ଏବଂ ଯହିଁର ବିବରଣ ଆମ୍ଭେମାନେ ଗତସପ୍ତାହରେ ପ୍ରକାଶ କରିଅଛୁଁ ସେହି ସଭାରେ ମହାରାଜା ସର ଜ୍ୟୋତିନ୍ଦ୍ରମୋହନ ଠାକୁର ପୀଡ଼ାବଶତଃ ଉପସ୍ଥିତ ହୋଇ ନ ପାରି ଏକ ପତ୍ରଦ୍ୱାରା ଆପଣା ଅଭିପ୍ରାୟ ଲେଖି ପଠାଇଥିଲେ । ତାହା ପାଠକରି ଆମ୍ଭେମାନେ କଡ଼ ପ୍ରୀତ ହେଲୁ । ସେ ଯଥାର୍ଥ ଲେଖିଅଛନ୍ତି ଉକ୍ତ ଆଇନ ବିଲୁପ୍ତିସକାଶେ ବିଲାତର ପାର୍ଲିମେଣ୍ଟରେ ବର୍ତ୍ତମାନ ଦରଖାସ୍ତ ଦେଲେ କିଛି ଫଳ ହେବ ନାହିଁ । ବିଶେଷତଃ ଗବର୍ଣ୍ଣମେଣ୍ଟ ଯେଉଁ ସ୍ଥିରବିଶ୍ୱାସ ଜାଣି କରି ଅଛନ୍ତି ତଦ୍ଦ୍ୱାରା ଉକ୍ତ ଆଇନର କଠୋରତା ଅନେକ ପରିମାଣରେ ହ୍ରାସ ହୋଇ ଯାଉଅଛି । ବିଶେଷତଃ ଗବର୍ଣ୍ଣମେଣ୍ଟ ଅବଶ୍ୟକମତେ ଆଇନର ଅନ୍ୟାନ୍ୟ ପରିବର୍ତ୍ତନ କରିବାକୁ ଇଚ୍ଛା ପ୍ରକାଶ କରିଅଛନ୍ତି । ଏମନ୍ତ ଅବସ୍ଥାରେ ବର୍ତ୍ତମାନ ଆଇନ ରହିତ କରିବା କାରଣ ବିଲାତକୁ ଆବେଦନ ନ ପଠାଇ ଏହି ଆଇନଅନୁସାରେ କପରି କାର୍ଯ୍ୟ ହେଉଅଛି ଅର୍ଥାତ୍ କେଉଁସ୍ଥଳରେ କି ପରିମାଣ ଅତ୍ୟାଚାର ହେଉଅଛି ଏବଂ ଲୋକେ ଅନ୍ୟ କି କି କଷ୍ଟ ଭୋଗ କରୁଅଛନ୍ତି ତାହା ଅନୁସନ୍ଧାନ କରିବା ଉଚିତ ଅତ୍ୟାଚାର ଘଟିଲେ ତାହା ବର୍ଣ୍ଣାଇ ଆବେଦନ କଲେ ଗବର୍ଣ୍ଣମେଣ୍ଟ ଅବଶ୍ୟ ଶୁଣିବେ ଓ ତହିଁର ପ୍ରତିକାର କରିବାକୁ ଆଉ ବିଳମ୍ବ କରିବେ ନାହିଁ ।

---

ବାବୁ ବଇଶ୍ଣବ ଦାସ୍ ଏ ପ୍ରଦେଶୀୟ ଲୋକ ଓ ଏଠା ରେଭେନ୍ସାକଲେଜରେ ଶିକ୍ଷାଲାଭ କରି ଏହି କଲେଜର ବିଜ୍ଞାନଶାସ୍ତ୍ରର ଉପଦେଶକ ନିଯୁକ୍ତ ହେବାରୁ ତାହାଙ୍କୁ ମଙ୍ଗଳବାଦ ପ୍ରଦାନ କରିବା କାରଣ ଏଠା ଗ୍ରାଜୁଏଟ ସଭାର ଏକ ସାଧାରଣ ଅଧିବେଶନ ଗତରବିବାର ଅପରାହ୍ନକାଳରେ ପ୍ରିନ୍ସିପାଲଙ୍କ କୋଠାରେ ହୋଇଥିଲା । ଘ ୫୨ ଘା ସମୟରେ ସଭା ବସିବାର ସମୟ ଧାର୍ଯ୍ୟ ହୋଇଥିଲେହେଁ ଅଧିକାଂଶ ସଭ୍ୟ ଏତେ ବିଳମ୍ବରେ ଆସିଲେ ଯେ ଘ ୬୨ ଘା ସମୟରେ କାର୍ଯ୍ୟାରମ୍ଭ ହେଲା । ସଭାପତି ବାବୁ ମଧୁସୂଦନଦାସ ସଭାର ଉଦ୍ଦେଶ୍ୟ ବୁଝାଇଦେଇ କାର୍ଯ୍ୟାରମ୍ଭ କଲାରୁ ବୈଷ୍ଣବବାବୁଙ୍କୁ ଧନ୍ୟବାଦ ଦେବା ବିଷୟକ ପ୍ରସ୍ତାବ ସର୍ବସମ୍ମତ ଅନୁମୋଦିତ ହେଲା ଏବଂ ସେ ତହିଁନିମିତ୍ତ ସଭାକୁ ଧନ୍ୟବାଦ ଦେଲାଉତ୍ତାରୁ ଏ ପ୍ରଦେଶର ସରକାରୀ କାର୍ଯ୍ୟମାନଙ୍କ ସମ୍ପର୍କରେ ଏ ପ୍ରଦେଶୀୟ ଲୋକଙ୍କ ଦାବୀ ଅନେକସ୍ଥଳେ ଉପେକ୍ଷିତ ହେଉଥିବାରୁ ସେ ବିଷୟରେ ବଙ୍ଗୀୟଗବର୍ଣ୍ଣମେଣ୍ଟଙ୍କ ନିକଟକୁ ଏକ ଆବେଦନପତ୍ର ପଠାଇବାର ନିର୍ଦ୍ଧାରଣ ଲିପିବଦ୍ଧ ହେଲା ଏବଂ ଉକ୍ତ ଆବେଦନପତ୍ର ପ୍ରସ୍ତୁତ ଏବଂ ଶ୍ରୀଯୁକ୍ତ କମିଶ୍ନର ସାହେବଙ୍କଦ୍ୱାରା ତାହା ପଠାଇବା କାରଣ ଗୋଟିଏ ସବକମିଟୀ ଗଠିତ ହେଲା । ଏ ବିଷୟରେ ଗ୍ରାଜୁଏଟ ସଭାକୁ ମନୋଯୋଗୀ ହେବାର ଦେଖି ଆମ୍ଭେମାନେ ଆନନ୍ଦିତ ହୋଇଅଛୁଁ । ବାସ୍ତବରେ ଅନେକ ସାମାନ୍ୟ ସାମାନ୍ୟ ସରକାରୀ ଚାକିରି ଯହିଁପାଇଁ ଏଠାରେ ଯୋଗ୍ୟ ଲୋକର ଅଭାବ ନାହିଁ ତହିଁ ସକାଶେ ମଧ୍ୟ ଅନ୍ୟପ୍ରଦେଶରୁ ଲୋକ ଆଣିବାର ଆୟୋଜନ ଦେଖା ଯାଉଅଛି ଏବଂ ତହିଁର କେତେକ ଉଦାହରଣ ଆମ୍ଭେମାନେ ଏଥିପୂର୍ବେ ଦେଖାଇଅଛୁଁ । ଆମ୍ଭମାନଙ୍କର ଭାଗ୍ୟକୁ ଓଡ଼ିଶାର ପରମବନ୍ଧୁ ଶ୍ରୀଯୁକ୍ତ ଟଏନବି ସାହେବ ବର୍ତ୍ତମାନ ଏ ପ୍ରଦେଶର କମିଶନର ହୋଇଅଛନ୍ତି ଏବଂ ପରମଦୟାଳୁ ଓ ବିଚକ୍ଷଣ ସର ଚାର୍ଲସ୍ ଇଲିୟଟ ବଙ୍ଗଦେଶର ଶାସନଭାର ନିରପେକ୍ଷଭାବରେ ଚଳାଉଅଛନ୍ତି । ଏଣୁକରି ଆଶା ହେଉ-

Split by PDF Splitter



ଅଛୁ ଯେ ଅମ୍ଭମାନଙ୍କର ଏ ଗୁହାରି ଶୁଣିଲାପରି ସେମାନେ ଉଚିତ ପ୍ରତୀକାର ପ୍ରଦାନ କରିବାକୁ ଯତ୍ନବାନ୍ ହେବେ ଏବଂ ତହିଁପାଇଁ ଅମ୍ଭେମାନେ ସେମାନଙ୍କଠାରେ କର ଯୋଡ଼ି ପ୍ରାର୍ଥନା କରୁଅଛୁଁ ।

ବଡ଼ ଅକ୍ଷେପର ବିଷୟ ଯେ ସଭ୍ୟମାନେ ସଭାରେ ନିରୂପିତ ସମୟରେ ଉପସ୍ଥିତ ହେବାକୁ ହେଳା କରିବାରୁ ସଭାପତି ମହାଶୟ ସେମାନଙ୍କର ଏହି ତ୍ରୁଟି ଦେଖାଇଦେବାକୁ ବାଧ୍ୟ ହୋଇଥିଲେ ଏବଂ ତହିଁପାଇଁ ଦୁଃଖପ୍ରକାଶ କରିଥିଲେ । ସଭାପତି ଏହି ଅପ୍ରୀତିକର କର୍ତ୍ତବ୍ୟକାର୍ଯ୍ୟ ନିରପେକ୍ଷଭାବରେ ନିର୍ବାହ କରିଥିବାରୁ ତାହାଙ୍କୁ ଅମ୍ଭେମାନେ ଧନ୍ୟବାଦ ଦେଉଅଛୁଁ । ଶିକ୍ଷିତ ଯୁବାମାନେ ଦେଶର ଆଶା ଭରସା, ସେମାନେ ସାଧାରଣକାର୍ଯ୍ୟରେ ଯେ ପରିମାଣେ ସର୍ବାନ୍ତଃକରଣ ସହିତ ମନୋଯୋଗୀ ହେବେ ସେ ପରିମାଣରେ ଦେଶର ମଙ୍ଗଳ ହେବାର ସମ୍ଭାବନା । ସମୟ ଓ ସମୟର ମୂଲ୍ୟ ସେମାନଙ୍କୁ ବିଲକ୍ଷଣ ଜଣାଅଛି ଏବଂ ଏହା ମଧ୍ୟ ସେମାନେ ଜାଣନ୍ତି ଯେ ସ୍ୱାର୍ଥ ତ୍ୟାଗ ସ୍ୱୀକାର ନ କଲେ ସାଧାରଣକାର୍ଯ୍ୟ ନିର୍ବାହ ହେବା କଠିନ । ଏହେ ଜାଣି ଶୁଣି ଯେବେ ସେମାନେ ସାଧାରଣ ସୁବିଧା ଅପେକ୍ଷା ଆପଣା ସୁବିଧାକୁ ଅଧିକ ମନେ କରି ଯଥାସମୟରେ ସଭାରେ ଉପସ୍ଥିତ ନ ହେବେ ଏବଂ ଏକଥର ସଭାର ଅଧିବେଶନ ହେଲେ ଦୀର୍ଘକାଳ ନିଶ୍ଚିନ୍ତ ରହିବେ ତେବେ ଏମାନେ କପରି କାର୍ଯ୍ୟ ତତ୍ପର ହେବେ? ସାଧାରଣକାର୍ଯ୍ୟର ଉପଯୁକ୍ତ ହେବାପାଇଁ ଆଗେ ନିଜର ଜଡ଼ତା ଭାଙ୍ଗିବା ଆବଶ୍ୟକ । ଶିକ୍ଷିତ ଯୁବାଙ୍କ କାର୍ଯ୍ୟସମ୍ବନ୍ଧରେ ଏପରି ଗୁହାରି କରିବାର ଆଉ ଆବଶ୍ୟକ ନ ହେଲେ ଅମ୍ଭେମାନେ ବଡ଼ ସୁଖୀ ହେବୁଁ ।

---

## ମଣିପୁର-ସମାଚାର ।

ପ୍ରଧାନ କମିଶନର କୁଇଣ୍ଟନ ଓ ତାହାଙ୍କ ସଙ୍ଗି ସାହେବମାନଙ୍କ ହତ୍ୟା ସମ୍ବନ୍ଧରେ ଯେଉଁ ବିଶେଷ ଅଦାଲତ ମଣିପୁରଠାରେ ବସିଥିଲା ତହିଁର କାର୍ଯ୍ୟ ଗତମାସ ତା ୨୨ ଦିନରେ ଶେଷ ହେଲା ଓ ତହିଁ ଆରଦିନ ଅର୍ଥାତ୍ ତା ୨୩ ରିଖରେ ଉକ୍ତ ଅଦାଲତର ବିଚାରକର୍ତ୍ତାମାନେ ୩୨ ସ୍ତ୍ରୀନକୁ ଅର୍ଥାତ୍ ମେଜର ରିଜବେ ତାହାଙ୍କର ନ ୪୪ ମ୍ବର ଗୁରଖାପଲଟନ ଲୁଙ୍ଗଳାଲରେ ଥିବାରୁ ସେଠାକୁ ନାଗାପାହାଡ଼ ଡେପୁଟୀ କମିଶ୍ନର ଡେଭିସ ସାହେବ କୋହିମାକୁ ଓ ଲେଫ୍ଟନାଣ୍ଟ କର୍ଣ୍ଣେଲ ସେଣ୍ଟଜାନମିଚଲ ଆପଣା ଏଜେଣ୍ଟୀକୁ ଯାତ୍ରା କରିଅଛନ୍ତି । ବିଚାରର ଫଳ ପୂର୍ବେ ଯାହା ପ୍ରକାଶିତ ହୋଇଅଛି ତହିଁରୁ କେବଳ ନୂତନ ସେନାପତି ଅଙ୍ଗୁଅସେନଙ୍କ ମୋକଦମା ଗତସପ୍ତାହରେ ବିଚାରାଧୀନ ଥିବାର ଲେଖିଥିଲୁଁ । ସମ୍ପ୍ରତି ତହିଁର ନିଷ୍ପତ୍ତି ବାହାରି ଅଛି ଏବଂ ତହିଁରେ ଅଙ୍ଗୁଅସେନ ଶ୍ରୀମତୀ ମହାରାଣୀଙ୍କ ବିରୁଦ୍ଧରେ ଅସ୍ତ୍ରଧାରଣ କରିବା ଅପରାଧରେ ଦୋଷୀ ଏବଂ କୁଇଣ୍ଟନ ପ୍ରଭୃତିଙ୍କ ହତ୍ୟାର ସହାୟତା କରିବା ଅପରାଧରେ ନିର୍ଦ୍ଦୋଷୀ ସାବ୍ୟସ୍ତ ହେବାରୁ ଫାଶିଦଣ୍ଡର ଆଦେଶ ହୋଇଅଛି । ସଂକ୍ଷେପରେ ଉକ୍ତ ଅଦାଲତ ମଣିପୁରର ରାଜକର୍ମଚାରୀଙ୍କ ମଧ୍ୟରୁ ତିନିଜଣ ଓ ରାଜା ଓ ତାହାଙ୍କ ଦୁଇଭାଇ ଏପରି ଜ ୭ ଣ ଆସାମିଙ୍କର ବିଚାର କରି ସମସ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ପ୍ରାଣଦଣ୍ଡ ବିଧାନ କରିଅଛନ୍ତି । ଏଥିମଧ୍ୟରେ ଦୁଇଜଣ କର୍ମଚାରୀ ଓ ଥୋଙ୍ଗାଲ ଜେନରଲଙ୍କ ଫାଶିଦଣ୍ଡ ଗବର୍ଣ୍ଣମେଣ୍ଟ ଇଣ୍ଡିଆଙ୍କ ମଞ୍ଜୁରୀ ଅପେକ୍ଷାରେ ସ୍ଥଗିତ ଥିଲେହେଁ ତହିଁରେ ବିସ୍ତର ବିଳମ୍ବ ହେବ ନାହିଁ । ପ୍ରାୟ ଏଥି ମଧ୍ୟରେ ମଞ୍ଜୁରୀ ପହୁଞ୍ଚିଥିବ । ମହାରାଜା କୁଳଚନ୍ଦ୍ର ଓ ତାହାଙ୍କର ଦୁଇଭାଇ ଅର୍ଥାତ୍ ଯୁବରାଜ ଟିକେନ୍ଦ୍ରଜିତ ସିଂହ ଏବଂ ସେନାପତି ଅଙ୍ଗୁଅସେନଙ୍କ ପ୍ରତି ଯେଉଁ ଦଣ୍ଡବିଧାନ ହୋଇଅଛି ତାହା ମଧ୍ୟ ଇଣ୍ଡିଆ ଗବର୍ଣ୍ଣମେଣ୍ଟଙ୍କ ମଞ୍ଜୁରୀ ସାପେକ୍ଷ ଅଟଇ ଏବଂ ତହିଁରେ ମଧ୍ୟ ବିଶେଷ ବିଳମ୍ବ ହେବାର କଥା ନାହିଁ । ମହାରାଜା ଏବଂ ଯୁବରାଜ ଶ୍ରୀଯୁକ୍ତ ମନମୋହନଘୋଷ ଓ ଶ୍ରୀଯୁକ୍ତ ଅନନ୍ଦମୋହନ ବସୁ ବାରିଷ୍ଟରମାନଙ୍କୁ ଆପଣାପକ୍ଷ ସମର୍ଥନ କରିବାକାରଣ ନିଯୁକ୍ତ କରି ମହାମାନ୍ୟ ଗବର୍ଣ୍ଣରଜେନରଲଙ୍କ ସାକ୍ଷାତରେ ଉପସ୍ଥିତ ହେବାର ଅନୁମତି ପ୍ରାର୍ଥନା କରିଥିଲେ । ତହିଁର ଉତ୍ତରରେ ଫରେନ୍ ସେକ୍ରେଟରୀ ତାରଡାକଯୋଗେ ଜଣାଇଅଛନ୍ତି ଯେ ଇଣ୍ଡିଆ ଗବର୍ଣ୍ଣମେଣ୍ଟ ଆସାମିଙ୍କ ପକ୍ଷରୁ କୌଣସି ଉକୀଲର ବକ୍ତୃତା ଶୁଣିବେ ନାହିଁ ମାତ୍ର ଯେବେ ଆସାମିମାନଙ୍କର କିଛି ଜଣାଇବାର ଇଚ୍ଛା ଅଛି ତେବେ ସେମାନେ ଲିଖିତ ଦରଖାସ୍ତ ଦ୍ୱାରା ତାହା ଜଣାଇ ପାରିବେ ଏବଂ ଉକ୍ତ ଦରଖାସ୍ତ ଚଳିତ ମାସ ତା ୧୦ ରିଖମଧ୍ୟରେ ମହାମାନ୍ୟ ଗବର୍ଣ୍ଣର ଜେନରଲଙ୍କ ନିକଟରେ ଉପସ୍ଥିତ ହେବାର ଉଚିତ । ଏହି ଉତ୍ତର ଗତମାସ ତା ୨୩ ରିଖରେ ମଣିପୁରରେ ପହୁଞ୍ଚି ଥିଲା । ତାହା ପାଇଁ ଆସାମିମାନେ କାଗଜପତ୍ର ବାରିଷ୍ଟରମାନଙ୍କ ନିକଟକୁ କଲିକତାକୁ ପଠାଇ ଥିବେ ଓ ସେଠାରେ ଦରଖାସ୍ତ ପ୍ରସ୍ତୁତ ହୋଇ ସିମଲାକୁ ଯିବ । ଆସନ୍ତା ତା ୧୦ ରିଖ ମଧ୍ୟରେ ଏ ସବୁ ହୋଇ ପାରିବାର କଷ୍ଟ ଅନ୍ତତଃ କାର୍ଯ୍ୟ ତତ୍ପରତା ହେବ ଏଥିରୁ ଜଣାଯାଉ ଅଛି ଯେ ଭାରତଗବର୍ଣ୍ଣମେଣ୍ଟ ଏ ମୋକଦମାମାନ ଶୀଘ୍ର ଶେଷ କରିବାକୁ ଅତ୍ୟନ୍ତ ବ୍ୟସ୍ତ । ଏଣେ ବିଲାତର ଷ୍ଟେଟସେକ୍ରେଟରୀ କହି ଅଛନ୍ତି ଯେ ମଣିପୁରୀୟ ଅପରାଧିଙ୍କ ବିଚାର ସମ୍ବନ୍ଧରେ ସେ ହସ୍ତକ୍ଷେପ କରିବେ ନାହିଁ । ଏମନ୍ତ ଅବସ୍ଥାରେ ରାଜା ଓ ରାଜଭ୍ରାତାମାନଙ୍କର ଦଣ୍ଡରୁ ମୁକ୍ତ ହେବାର ଆଶା ଦେଖା ଯାଉ ନାହିଁ । ଯେବେ ମୁକ୍ତି ନ ପାଇବେ ତେବେ ଦଣ୍ଡ ଊଣା ହେଲେ ଫାଶି ବଦଳରେ ଯାବଜ୍ଜୀବନ କାରାବାସ ଦଣ୍ଡ ହେଲେ ସେମାନେ ସୁଖୀ ହେବେ ଏମନ୍ତ ଅନୁମାନ ହେଉ ନାହିଁ କାରଣ ସମ୍ଭ୍ରାନ୍ତ ବ୍ୟକ୍ତିପକ୍ଷରେ କାରାବାସରେ ଇତର ଲୋକଙ୍କ ସହିତ ଯାବଜ୍ଜୀବନ କଟାଇବାଠାରୁ ଏକାବେଳକେ ପ୍ରାଣ ହରାଇବା ଶ୍ରେୟସ୍କର ଅଟଇ । ଯାହା ହେଉ ଶେଷଫଳ ଅଳ୍ପଦିନରେ ଜଣା ପଡ଼ିବ ।

ଅମ୍ଭେମାନେ ମନେ କରିଥିଲୁଁ ଯେ ଏତିକରେ ମଣିପୁରୀୟମାନଙ୍କର ବିଚାର ଶେଷ ହେଲା । ମାତ୍ର ତାହା ନୁହଇ । ପ୍ରଧାନ ଲୋକଙ୍କ ବିଚାରନିମିତ୍ତ ବସିଥିବା ବିଶେଷଅଦାଲତ ଉଠିଗଲା । ମଣିପୁରର ପୋଲିଟିକଲ ଏଜେଣ୍ଟ ମେଜର ମାକ୍ସୱେଲ ସାହେବ ଅନ୍ୟାନ୍ୟ ଲୋକଙ୍କ ବିଚାରକାର୍ଯ୍ୟରେ ନିଯୁକ୍ତ ହୋଇଅଛନ୍ତି । ସାହେବମାନଙ୍କୁ ରକ୍ଷା କରିବାକାରଣ ଯୁବରାଜ ଯେଉଁ ପହରାବାଲାଙ୍କୁ ନିଯୁକ୍ତ କରିଥିଲେ ସେମାନଙ୍କ ମଧ୍ୟରୁ ଜ ୯ ଣଙ୍କର ବିଚାର ଗତ ତା ୨୪ ରିଖରେ ଆରମ୍ଭ ହୋଇଅଛି ଓ ଆଙ୍ଗୋମ୍ପୁମିଙ୍ଗଷ୍ଟୋ, ଯାଡ଼ାସିଂହ ଦୁଃଖୀ ପ୍ରଭୃତି ଅନ୍ୟାନ୍ୟ ମୋକଦମାରେ ଯେପ୍ରକାର ସାକ୍ଷ୍ୟ ଦେଇଥିଲେ ସେହିପରି ସାକ୍ଷ୍ୟ ଦେଇଅଛନ୍ତି । ମୋକଦମାର ଶେଷ ନିଷ୍ପତ୍ତି ଜଣାଯାଇ ନାହିଁ ।

ଆଯୁାପେଉଲ ଓ ସାମୁକ୍ଷେଲଙ୍କ ପ୍ରତି ପ୍ରାଣଦଣ୍ଡର ଆଦେଶ ହୋଇଥିଲା ମାତ୍ର ଗବର୍ଣ୍ଣମେଣ୍ଟ ସେ ଆଦେଶ ସ୍ଥିର ନ ରଖି ଯାବଜ୍ଜୀବନ କାରାବାସଦଣ୍ଡବିଧାନ କରିଅଛନ୍ତି । ଏଥିରେ ମଣିପୁରସ୍ଥ ଇଂଗ୍ରେଜମାନେ ବଡ଼ ଅଧୈର୍ଯ୍ୟ ହେ-

Digitized by srujanika@gmail.com

Split by PDF Splitter



ବାର କରିବ ଜୁଝଇ କାରଣ ମାର୍ଚ୍ଚ ମାସ ତା ୨୪ ଋଖର ଦଲିଲାବଣ୍ଡରେ ଏମାନେ ପ୍ରଧାନ ଅଂଶିଦାର ଥିଲେ । ସମସ୍ତେ ପାଣି ନ ପାଇଲେ ଯାହାଙ୍କର ମନ ସ୍ଥିର ନ ହେବ ତାହାଙ୍କ କଥା ଅତଗତ୍ୟ ଅଟଇ । ଅଦ୍ୟୋ ବନ୍ଦୋବସ୍ତ ପ୍ରଣାଳୀ ସମ୍ପୂର୍ଣ୍ଣରୂପେ ସର୍ବସାଧାରଣଙ୍କ ତୃପ୍ତିଜନକ ହୋଇ ନାହିଁ ତହିଁରେ ପାଣି ବିନା ଅନ୍ୟ କିଛି ଦଣ୍ଡ ଜାହିର ଦୟାଯାଇ ନାହିଁ । ଏଥିରେ ଗବର୍ଣ୍ଣମେଣ୍ଟ ତାହାର ଦଣ୍ଡ ଊଣା କରିବା ଉଚିତ ନୁହଇ ବରଂ ବାଞ୍ଛନୀୟ ଅଟେ ।

---

ବଙ୍ଗଳାର ଜେଲଖାନାର ବିବରଣ ।

ସନ ୧୮୯୦ ସାଲର ବଙ୍ଗଳା ଜେଲସମୂହର ବାର୍ଷିକବିବରଣସମ୍ବନ୍ଧରେ ମାନ୍ୟବର ଷ୍ଟେଟଲାଟଙ୍କର ମନ୍ତବ୍ୟ ସମ୍ପ୍ରତି ପ୍ରକାଶିତ ହୋଇ ଅଛି । ତହିଁରୁ ନିମ୍ନଲିଖିତ ସ୍ଥଳମାନ ସଙ୍କଳିତ ହେଲା ।—

ବଙ୍ଗଳାର ଜେଲସମୂହରେ ସନ ୧୮୮୯ ସାଲରେ ଜ ୮୪୬୩୯ ଣ କଏଦୀ ଦାଖଲ ଓ ଜ ୮୩୫୭୨ ଣ ଖଲାସ ହୋଇଥିଲେ ସନ ୧୮୯୦ ସାଲରେ ଏମାନଙ୍କ ସଂଖ୍ୟା ଯଥାକ୍ରମେ ୮୦୯୫୫ ଓ ୮୦୮୦୦ ଥିଲା । ଗତ ବର୍ଷଶେଷରେ ଜ ୧୫୦୪୮ ଣ ଓ ଚଳିତବର୍ଷଶେଷରେ ଜ ୧୫୨୦୨ ଣ କଏଦୀ ଜେଲଖାନାରେ ଥିଲେ । ବଙ୍ଗଳାରେ ସର୍ବସୁଦ୍ଧା ୪୫ ଜିଲ୍ଲା ଅଛି ଏଥିମଧ୍ୟରେ ଚଟ୍ଟଗ୍ରାମ ପାହାଡ଼ ଜିଲ୍ଲା ଛଡ଼ା ଅବଶିଷ୍ଟ ୪୪ ଜିଲ୍ଲାରେ ୪୪ ଜେଲଖାନା ଅଛି । ଏଥିମଧ୍ୟରୁ ବର୍ତ୍ତିତବର୍ଷରେ ୨୨ ଜେଲରେ ଆମଦାନୀ ବୃଦ୍ଧି ଓ ଅପର ୨୨ ଜେଲରେ ଆମଦାନୀ ଊଣା ହୋଇଅଛି । ଯେଉଁସବୁ ଜିଲ୍ଲାରେ ପୂର୍ବବର୍ଷ ଅନ୍ନକଷ୍ଟ ହୋଇଥିଲା ସେହିସବୁ ଜେଲଖାନାକୁ ଏବର୍ଷ ଊଣା କଏଦୀ ଆସିଅଛନ୍ତି । ଯେଉଁସବୁ ଜେଲଖାନାରେ କଏଦୀ ବୃଦ୍ଧି ହୋଇଅଛି ତହିଁମଧ୍ୟରେ ଯଶୋର ଓ ନଦୀଆ ପ୍ରଧାନ । ଦଙ୍ଗାହଙ୍ଗାମା ସିନ୍ଧିଭଙ୍ଗ ଇତ୍ୟାଦି ଏସବୁ ସ୍ଥାନରେ ଅଧିକ ହୋଇଥିଲା । ମୋଟରେ ଅପସ୍ଥିତକଏଦୀ ସଂଖ୍ୟା ଗତବର୍ଷଠାରୁ ଊଣା ପଡ଼ିଅଛି । କେବଳ ଦେବାନୀକଏଦୀ ଗତବର୍ଷ ଜ ୫୪ ଣରୁ ଏବର୍ଷ ଜ ୭୧ ଣ ହୋଇଅଛି । କଏଦୀ ସଂଖ୍ୟା ଊଣା ପଡ଼ିବାରୁ ପ୍ରଧାନ ଜେଲମାନଙ୍କର କାରଖାନା ସକାଶେ ଲୋକ ନିଅଣ୍ଟ ଥିଇଥିଲା । କାରଣ ଏକବର୍ଷରୁ ଊଣା ମିଆଦିର କଇଦମାନେ ସେସବୁ ଜେଲକୁ ପ୍ରେରିତ ହେଉଥିଲେ । ସମ୍ପ୍ରତି ମା ୬ ସରୁ ଅଧିକ ମିଆଦର କଏଦୀଙ୍କୁ ପଠାଯିବାରୁ ଉକ୍ତ ଅସୁବିଧା ନିବାରଣ ହୋଇଅଛି ।

କଏଦୀ ଖଲାସ ହେବା ସଂଖ୍ୟା ଗତ ଏବଂ ବର୍ତ୍ତମାନ ବର୍ଷରେ ପ୍ରାୟ ସମାନ । କେବଳ ଅପିଲରେ ଗତବର୍ଷ ଯେତେ ଖଲାସ ହୋଇଥିଲେ ଏବର୍ଷ ତହିଁରୁ ଅଧିକ ଖଲାସ ହୋଇ ଅଛନ୍ତି । ଏଥିର ବିଚାର ମୋକଦମାସମ୍ପର୍କୀୟ ବାର୍ଷିକବିବରଣ ସମାଲୋଚନା ସମୟରେ କରିବେ ବୋଲି ମାନ୍ୟବର ଷ୍ଟେଟଲାଟ କହିଅଛନ୍ତି । ପୀଡ଼ାହେତୁରେ ଗତବର୍ଷ ଜ ୩୭ ଣ ଏବଂ ଏବର୍ଷ ଜ ୩୯ ଣ ଖଲାସ ହୋଇଅଛନ୍ତି । ଏସମ୍ପର୍କରେ ମାନ୍ୟବର ଷ୍ଟେଟଲାଟ ଲେଖିଅଛନ୍ତି କି ନିକଟରେ ସେ ଏକ ଜେଲଖାନା ସନ୍ଦର୍ଶନ କରିବା ସମୟରେ ଅବଗତ ହେଲେ ଯେ ଦୁଇଜଣ କଏଦୀ ଜେଲରେ ଦାଖଲ ହେବା ସମୟରୁ ପୀଡ଼ିତାବସ୍ଥାରେ ହାସପାତାଲରେ ରହି ସେହିଠାରେ ମରି ଗଲେ । ଏଥିରୁ ଷ୍ଟେଟଲାଟ କହିଅଛନ୍ତି କି ଏପରିସ୍ଥଳରେ କଠିନରୂପେ ନିୟମ ପାଳିବା ଉଚିତ ନୁହଇ । ଅର୍ଥାତ ଯେତେବେଳେ ମାଜିଷ୍ଟ୍ରେଟ ଦେଖିବେ ଯେ କୌଣସି କଏଦୀ କଠିନରୋଗରୁ ପୀଡ଼ିତ ହୋଇ ଅଛି ଆଉ ବଞ୍ଚିବାର ସମ୍ଭାବନା ନାହିଁ ଏବଂ ତାହାର ଏପରି ଆତ୍ମୀୟଲୋକ ଅଛନ୍ତି ଯେ କି ତାହାକୁ ନିଜଘରରେ ରଖିବାର ଦାୟିତ୍ୱ ଗ୍ରହଣ କରିବେ ସେ ସେସ୍ଥଳରେ ରିପୋର୍ଟ କଲେ ଉକ୍ତ କଏଦୀକି ଖଲାସ ଦଆଯିବ । ଏପରି ନିୟମ କରିବାର ଅଭିପ୍ରାୟ ଏମନ୍ତ ନୁହଇ ଯେ ଜେଲଖାନାର ମୃତ୍ୟୁସଂଖ୍ୟା ଊଣା ହେବ (ଅବଶ୍ୟ ଅସାଧ୍ୟ ରୋଗୀଙ୍କୁ ରଖିବାଦ୍ୱାରା ମୃତ୍ୟୁସଂଖ୍ୟା ବୃଦ୍ଧି ହେଉଅଛି ) ମାତ୍ର ଏହି ଅଭିପ୍ରାୟ ଅଟଇ ଯେ ଉକ୍ତକଏଦୀ ମୃତ୍ୟୁସମୟରେ ଆପଣା ଘରେ ଓ କୁଟୁମ୍ବାଦିଙ୍କ ମଧ୍ୟରେ ମରି ବା ଶାନ୍ତିଲାଭ କରିବ । ମାନ୍ୟବର ଷ୍ଟେଟଲାଟଙ୍କର ଏହି ଦୟାଶୀଳ ବିଚାର ବଡ଼ ପ୍ରଶଂସନୀୟ ଅଟଇ । ଯାହାର ବଞ୍ଚିବାର ଆଶା ନାହିଁ ଓ ମୁକ୍ତିଲଭିଲେ ଯାହାର ଅନିଷ୍ଟ କରିପାରିବ ନାହିଁ ସେପରି ଲୋକକୁ କଏଦ ରଖିବାର କି ପ୍ରୟୋଜନ ? ପାଣି ଓ ଦ୍ୱୀପାନ୍ତରିତ ଦଣ୍ଡ ପାଇବା ବ୍ୟକ୍ତିଙ୍କ ସଂଖ୍ୟା ଗତବର୍ଷଠାରୁ କିଛି ଅଧିକ ହୋଇଅଛି । ବ୍ରହ୍ମଦେଶୀୟ କଏଦୀଙ୍କ ସଂଖ୍ୟା କିଛି ଊଣା ହୋଇଅଛି ମାତ୍ର ବଙ୍ଗପ୍ରଦେଶର ଜଳ ବାୟୁ ସହ୍ୟ ନ ହେବାରୁ ଅନେକ ପୀଡ଼ିତ ହେଉଅଛନ୍ତି । ସେମାନଙ୍କୁ ବ୍ରହ୍ମଦେଶକୁ ବଦଳ କରିବାର ବନ୍ଦୋବସ୍ତ ହେଉଅଛି । ମୋଟ କଏଦୀଙ୍କମଧ୍ୟରୁ ହିନ୍ଦୁଙ୍କ ସଂଖ୍ୟା ଶତକଡ଼ା ୬୧ ରୁ ୫୬ ଏବଂ ମୁସଲମାନଙ୍କ ସଂଖ୍ୟା ଶତକଡ଼ା ୩୫ ରୁ ୪୭ ହୋଇଗଲା । ଅର୍ଥାତ ଗତବର୍ଷଠାରୁ ଏବର୍ଷ ଅଳ୍ପ ହିନ୍ଦୁ ମାତ୍ର ଅଧିକ ମୁସଲମାନ କଏଦ ହୋଇଥିଲେ ଓ ଲୋକସଂଖ୍ୟା ଅନୁପାତରେ ମୁସଲମାନମାନେ ଅଧିକ ଅପରାଧ କରିବାର ଜଣାଯାଏ । ଖ୍ରୀଷ୍ଟାନ ଅପରାଧିଙ୍କ ସଂଖ୍ୟା ଏକସମାନ ରହି ଅଛି ।

ହାଜତ କଏଦୀ ଅନେକସ୍ଥାନରେ ଦୀର୍ଘକାଳ ପଡ଼ିରହିବାର ଦେଖି ମାନ୍ୟବର ଷ୍ଟେଟଲାଟ ତହିଁର ପ୍ରତୀକାର କରିବାକୁ ସଚେଷ୍ଟ ହୋଇଅଛନ୍ତି । ଦାଉରା ମିସଲ ବର୍ତ୍ତମାନ ଅପେକ୍ଷା ଅଳ୍ପ ସମୟାନ୍ତରେ ହେବା କାରଣ ହାଇକୋର୍ଟଙ୍କ ସହିତ ବିଚାର ଲାଗିଅଛି । ଏବଂ କମିଶ୍ନରମାନଙ୍କୁ ଜ୍ଞାତ ହୋଇଅଛି କି ଜେଲ ଦର୍ଶନ କରିବା ସମୟରେ ହାଜତ କଏଦୀଙ୍କ ମୋକଦମା ବିଚାରରେ କାହିଁ ବିଲମ୍ବ ହୋଇଅଛି ତହିଁର ଅନୁସନ୍ଧାନ କରିବେ ।

ବର୍ତ୍ତିତବର୍ଷରେ ଜେଲରୁ ଜ ୧୩ ଣ କଏଦୀ ପଳାଇଥିଲେ ସେମାନଙ୍କ ମଧ୍ୟରୁ ଜ ୧୦ ଣ ଧରା ପଡ଼ିଅଛନ୍ତି । ପହରାଦାରଙ୍କୁ ସାବଧାନ ରହିବା ବିଷୟରେ ଜ୍ଞାତ ହୋଇଅଛି ।

କଏଦୀମାନଙ୍କ ଶାସନ ବିଷୟରେ ଭିନ୍ନ ଭିନ୍ନ ଜେଲରେ ଭିନ୍ନ ରୀତି ଦେଖି ଷ୍ଟେଟଲାଟବାହାଦୂର ଆଦେଶ କରିଅଛନ୍ତି କି ଜେଲର ନିୟମାବଳୀ ଅନୁସାରେ ସବୁଠାରେ କାର୍ଯ୍ୟ କରାଯିବ ଏବଂ ଜଳବାୟୁ କିମ୍ବା ଶାରୀରିକ ଅବସ୍ଥା ବିବେଚନାରେ କାର୍ଯ୍ୟର ପରିମାଣ ଊଣା କରିବାର ଆବଶ୍ୟକ ହେଲେ ଇନସ୍ପେକ୍ଟର ଜେନେରଲଙ୍କ ଅନୁମତି ପ୍ରାପ୍ତେ ତହିଁର ଆଦେଶ ଦେବେ । ବଙ୍ଗଳାର କଏଦୀମାନେ ଅନ୍ୟାନ୍ୟପ୍ରଦେଶ ଅପେକ୍ଷା ଅଧିକ କଠିନ ଶାସନରେ ଥିବା କଥାର କୌଣସି ମୂଳ ନାହିଁ ବୋଲି ଷ୍ଟେଟଲାଟ ଅନୁସନ୍ଧାନ କରି ଦେଖିଅଛନ୍ତି । ବାସ୍ତବରେ ଅନେକ ପ୍ରକାର ଦଣ୍ଡର ପରିମାଣ ପୂର୍ବଠାରୁ ଊଣା ହୋଇଅଛି ।

ଜେଲବିଭାଗର ବ୍ୟୟ ଗତବର୍ଷ ଟ ୧୧୯୧୧୪୫୯ କାରୁ ଏବର୍ଷ ଟ ୧୦୨୮୨୭୧ କା ହୋଇଅଛି । ପ୍ରତ୍ୟେକ କଏଦୀର ଖର୍ଚ୍ଚ ଗତବର୍ଷ ଟ ୭୪।୫ ରୁ ଏବର୍ଷ ଟ ୭୨।୯ ହୋଇଅଛି ।

Digitized by srujanika@gmail.com

କେବଳ ବାଟେଖର୍ଚ୍ଚ ଛଡ଼ା ଅନ୍ୟ ସମସ୍ତ ଖରଚ ଯେତେଦୂର ଊଣା ହୋଇପାରେ ତାହା କର-ବାରୁ ଇନସ୍ପେକ୍ଟର ଜେନରଲ ସୁଖ୍ୟାତିଭାଜନ ହୋଇଅଛନ୍ତି ।

ଜେଲରେ କଇଦୀମାନେ ଯେ ସବୁକାର୍ଯ୍ୟ କରନ୍ତି ତହିଁର ଲାଭ ଗତବର୍ଷ ଟ ୨୬୦୦୯୬-ଙ୍କାରୁ ଏବର୍ଷ ଟ ୩୦୧୭୧୭୯ ଙ୍କା ହୋଇଅଛି । ଅଧିକା ଲାଭର କାରଣ ଏହିକି ଲୋକସଂଖ୍ୟା ହେତୁ ପ୍ରେସିଡେନସୀ ଜେଲରେ ଫରମାକାର୍ଯ୍ୟ ବିଶେଷ ହୋଇଥିଲା ଏବଂ ବକ୍ସାର ଜେଲର ତେଣ୍ଟକାର୍ଯ୍ୟ ବିସ୍ତର ହୋଇଥିଲା ।

ଜେଲଖାନାରେ କଇଦୀଙ୍କ ମୃତ୍ୟୁଘଟଣା ସବୁଠାରୁ ଅଧିକ ଚିନ୍ତାର ବିଷୟ ଅଟଇ ଏବଂ ମାନ୍ୟବର ଲେଫ୍‌ଟେନାଣ୍ଟ ବଡ଼ ସନ୍ତୋଷ ହୋଇ ଲେଖିଅଛନ୍ତି କି ଏବର୍ଷର ମୃତ୍ୟୁସଂଖ୍ୟା ପୂର୍ବବ-ର୍ଷମାନଙ୍କଠାରୁ ଅନେକ ଊଣା ଅର୍ଥାତ ହଜାରି-ପ୍ରତି ୩୨ ରୁ ଅଧିକ ନୁହଇ । ଗତ ଦୁଇବର୍ଷରେ ବଙ୍ଗଲାର ଏକ୨ ସ୍ଥାନରେ ଅନାବୃଷ୍ଟି ଘଟିଥିଲା ଏବର୍ଷ କୌଣସିଠାରେ ତାହା ନ ଘଟିବାରୁ ମୃତ୍ୟୁ ଊଣା ହୋଇଅଛି । ଏବର୍ଷ ଯେମନ୍ତ ମୃତ୍ୟୁସଂଖ୍ୟା ଊଣା ହୋଇଅଛି ତେମନ୍ତ ଖଲାସି କଇଦୀଙ୍କ ଶାରୀରିକ ଅବସ୍ଥା କିଛିହ ଭଲ ହୋ-ଇଥିବାର ଦେଖା ଯାଉଅଛି ।

ଉପରଲିଖିତ ବିବରଣରୁ ଜଣାଯାଉଅଛି ଯେ ପ୍ରାୟ ସକଳପ୍ରକାରରେ ଏବର୍ଷ ଜେଲ-ବିଭାଗର କାର୍ଯ୍ୟ ସନ୍ତୋଷଜନକ ହୋଇଅଛି । ଅମଦାନୀ ଓ ମୃତ୍ୟୁ ଊଣା ପଡ଼ିଅଛି । କଇଦୀପ୍ରତି ଖରଚ ଊଣା ହୋଇଅଛି ଏବଂ ସେମାନଙ୍କ କାର୍ଯ୍ୟଲାଭ ଅଧିକ ହୋଇଅଛି । ସର୍ବୋପରି ଆମ୍ଭମାନଙ୍କର ବର୍ତ୍ତମାନ ଲେଫ୍‌ଟେନାଣ୍ଟ ସର ଚାର-ଲସ୍ ଇଲିୟଟ ବାହାଦୂରଙ୍କର ତତ୍ତ୍ୱାବଧାରଣ ଯେମନ୍ତ ସମ୍ପୂର୍ଣ୍ଣ ତେମନ୍ତ ବିଚକ୍ଷଣ ଓ ଦୟାପୂର୍ଣ୍ଣ ହୋଇଅଛି ।

---

# ସାପ୍ତାହିକ ସମ୍ବାଦ ।

ଅସମାନଙ୍କ ଜଜ ସାହେବ ବାଲେଶ୍ୱର ଛୋଟ ପେଷ କର ସରକାର ଏଠାରେ ପହୁଞ୍ଚି ଅଛନ୍ତି ।

ଏଠା ସ୍କୁଲର ଟୌନଷ୍ଟିଡ ଟେଷ୍ଟମେଣ୍ଟ ଇନସ୍ପେକ୍ଟର ଅର୍ଥାତ ସ୍ୱାସ୍ଥ୍ୟରକ୍ଷଣମନ୍ତ୍ରି ଶ୍ରୀମତୀ ଦଦ୍ଧବାଶିଙ୍କ ବସ୍ତୁ ଜାତିକମ ବହିବାକୁ ଅସିଅଛନ୍ତି । ଏହାଙ୍କଦ୍ୱାରା କଉର-ବାସିନୀ ସ୍ତ୍ରୀମାନଙ୍କର ଅନେକ ଉପକାର ହେବ ।

ଏଠା କଲେକ୍ଟର ହେଡ଼କ୍ଲର୍କ ଶ୍ରୀ ବାବୁ ଗଣେଶପ୍ରସାଦ ସିଂହ କଟକର ମାଜେଷ୍ଟ୍ରେଟ ନିଯୁକ୍ତ ହେଲେ ।

ସେ ପେନସନ ଉଠାଇବା ମାସିକ ଟ ୨୦୦୯ ଙ୍କା ବେତନ ପାଇବେ ଓ ସଙ୍ଗତିଥ ତୁଲେଇ ସାହେବ ବନ୍ଦୋବସ୍ତରେ ଥିବାପର୍ଯ୍ୟନ୍ତ ମେନେଜର କାର୍ଯ୍ୟରେ ନିଯୁକ୍ତ ରହିବେ ।

କେଉଁପଡ଼ାର ଦେଉଆନଙ୍କ ବାବୁ ଦୁର୍ଗାଚରଣଦାସ ଯାଜପୁର ସବଡିଭିଜନକୁ ବଦଳି ହୋଇଥିଲେ ସେ ଏଠା କଲେକ୍ଟରୀ ହେଡ଼କ୍ଲର୍କ କର୍ମରେ ଏକଟିଙ୍ଗ ନିଯୁକ୍ତ ହେଲେ ଓ ତାଙ୍କ କର୍ମସ୍ଥାନେ କୋଶାମ ଦଅଯାଉ ଅଛି ଯେ ତତ୍‌ସ୍ଥାନୀୟ କଲେକ୍ଟରୀ ହେଡ଼କ୍ଲର୍କଙ୍କଦ୍ୱାରା ଗ୍ରହଣ ହେବ ।

କନିକାର ବନ୍ଦୋବସ୍ତକର୍ମରୁ ଅବ୍ୟାହତିରୁ ବଦଳ ହେବାରୁ ସେଠାର ମାନେଜର ସଙ୍ଗତିଥ ହୋସେନ ସାହେବ ସେ କର୍ମରେ ନିଯୁକ୍ତ ହେଲେ ଓ ସେଥିପାଇ ବଳ ଅଧିକା ବେତନ ପାଇବେ ତାହା ପଶ୍ଚାତ ସ୍ଥିର ହେବ ।

## କଲିକତା—ଗେଜେଟ ।

ବାବୁ ଦୁର୍ଗାକାନ୍ତ ରାୟ ଚୌଧୁରୀ ବାଲେଶ୍ୱରର ବିଶେଷ ସବରେଜିଷ୍ଟ୍ରାର ପଦରେ ନିଯୁକ୍ତ ହେଲେ ।

ଡେଃ କଲେକ୍ଟର ବାବୁ ଗୋପାଳଚନ୍ଦ୍ର ଦାସ କଟକର ଇନ୍‌କମ ଟ୍ୟାକ୍ସ ଡେଃ କଲେକ୍ଟର ସ୍ୱରୂପ ନିଯୁକ୍ତ ହେଲେ ।

କଟକ ଟେଃ କଲେଜିଏଟ ସ୍କୁଲର ହେଡ଼ମାଷ୍ଟର ବାବୁ ରାମଦାସ ଚକ୍ରବର୍ତ୍ତୀ ତୁଲଛ ବ୍ରାଞ୍ଚସ୍କୁଲର ହେଡ଼ମାଷ୍ଟର ସ୍ୱରୂପ ନିଯୁକ୍ତ ହେଲେ ଓ ତାଙ୍କ ସ୍ଥାନରେ କଟକ ସ୍କୁଲ-ଦର୍ଶକ ଡେଃ ଇନ୍‌ସ୍ପେକ୍ଟର ବାବୁ ମଧୁସୂଦନ ରାଓ ନିଯୁକ୍ତ ହେଲେ ।

---

କଲିକତାରେ ଅତ୍ୟଧିକ ଗରମଯୋଗେ ଦିନ ଦିନମଧ୍ୟରେ ନ ୩୮ ଜଣ ଲୋକ ମୃତ୍ୟୁମୁଖରେ ପତିତ ହୋଇଥିବାର ପ୍ରକାଶ ହୋଇଅଛି ମଫସଲରେ କେତେକ ଲୋକ ମରିଅଛନ୍ତି ଠିକ ଜଣାଯାଉ ନାହିଁ । ମନୁଷ୍ୟଅପେକ୍ଷା ଘୋଡ଼ାଙ୍କ ମୃତ୍ୟୁ ଅଧିକ ହୋଇଅଛି ।

ହାଇକୋର୍ଟରେ ଲୁକ୍‌ସନ ନାମକ ଏକ ସାହେବ ଆପଣା ପତ୍ନୀନାମରେ ବିବାହବନ୍ଧନ ଛେଦକରଣାର୍ଥ ମୋକଦ୍ଦମା ଆରମ୍ଭ କରିଅଛି । ସାହେବଟି ରେଲଗାଡ଼ିରେ ପହରାଦାରର କାର୍ଯ୍ୟ କରେ । ତାହାର ବିବାହ ସନ ୧୮୮୬ ମସିହାରେ ହୋଇଥିଲା । ସନ ୧୮୮୮ ମସିହାରେ ସାହା ସବୁ ତାହାର ଯାଇ ମୁସଲମାନଧର୍ମ ଗ୍ରହଣ କରି ଜଣେ ମୁସଲମାନକୁ ବିବାହ ହେଲା । ଓ ଜଣଙ୍କସଙ୍ଗେ ବର୍ତ୍ତମାନ ପୂର୍ବଠାଠାରେ ବାସ କରୁଅଛନ୍ତି ।

କର୍ଣ୍ଣାର ଅଭାବଯୋଗେ କଲେରାପୀଡ଼ାଠାରେ କୂପ ଓ ପୁଷ୍କରିଣୀ ଖନନାର୍ଥ ପ୍ରାୟ ଏକଲକ୍ଷ ଟଙ୍କା ଜଳପ୍ରଦାନାର ଲୋକମାନଙ୍କୁ ଗଭର୍ଣ୍ଣମେଣ୍ଟ ଦାନ ଦେଇଅଛନ୍ତି । ବୃଷ୍ଟିର ଅଭାବ ଏଥର ତବୁଦିନରେ ଲୋକଙ୍କୁ ଦୁଇଗୁଣ କରୁଅଛି ଏବ ଭବିଷ୍ୟତ ବଡ଼ ଅଶାଜନକ ବୋଧ ହେଉ ନାହିଁ ।

ଭାରତ ପାର୍ଲିୟାମେଣ୍ଟ କମନ୍ସସଭାରେ ଅର୍ଥ ହୋଇ-ଅଛି ଯେ ବ ୧୧ ବର୍ଷର ନ୍ୟୂନବୟସ୍କ ପିଲାମାନେ କାରଖାନା-ମାନଙ୍କରେ କାର୍ଯ୍ୟ କରି ପାରିବେ ନାହିଁ ।

ଗୁଜରାଟଠାରେ କୋଡ଼ିଏ କୃଷ ମୃତ୍ତ ପଙ୍ଗପାଳଙ୍କ ଯୋଗେ ନଷ୍ଟ ହୋଇଯାଇଥିଲା । ତାହା ପରିଷ୍କାର କରିବାକୁ କୃଷ-କମାନଙ୍କୁ ସ୍ୱତନ୍ତ୍ର ଲୋକ ଯାଇଥିଲେ ମାତ୍ର ଦୁର୍ଗନ୍ଧରେ ସେମାନଙ୍କର ଶ୍ୱାସପ୍ରଶ୍ୱାସ ବନ୍ଦ ହୋଇ ଗଲା । ତତ୍‌କ୍ଷ-ଣାତ ସେମାନଙ୍କୁ ଉପରକୁ ଅଣାଗଲା । ତନ୍ମଧ୍ୟ ସେହିକ୍ଷଣି କାଳକବଳରେ ପତିତ ହେଲେ । ଏଥିରେ ପଙ୍ଗପାଳ ଶସ୍ୟ ନଷ୍ଟ କରୁଅଛି ।

ମହାନ୍ତ୍ରୋଠାରେ ଲୋକେ ହିଁଷିକା ଖାଇବାକୁ ଆରମ୍ଭ କରୁଅଛନ୍ତି । କେତେ ଦିନରୁ ଏଥିର ସ୍ୱାଦଗ୍ରହଣ କରି-ଥିଲେ । ସେମାନେ କହନ୍ତି ହିଁଷିକା ଖାଇବାରୁ ଉନ୍ନତି-ମାନ୍ତପର ଲାଗେ । ସେ ଅଞ୍ଚଳରେ ଓଃରେ କୋଷାଇ ହୋଇ ବସ୍ତା୨ ପଙ୍ଗପାଳ ଅସି କନାରରେ ବିକ୍ରୟ ହୁଅଇ । ଲୋକେ ତାହାସବୁ ଲୁଣପାଣିରେ ସିଝାଇ ଘିଅକରି ଖାଆନ୍ତି ଉନ୍ନତିରହିଲେକଃ ।

ସିଉଲଫୁଲ ରାଜା ପୂର୍ଣ୍ଣଚନ୍ଦ୍ରଦେବଙ୍କ ପୁତ୍ର କୁମାର ନରେନ୍ଦ୍ର-ଚନ୍ଦ୍ରଙ୍କ ଶ୍ରୀ ଜମସୂତ ମିଲନସିପାର୍ଷ୍ଟୀର ଗୃହସ୍ଥଭେଷ୍ଟାଉମାନ ଥିବା ସମୟରେ ଦେଢ଼େଙ୍କା ଅସ୍ତ୍ରାହ କରି ଏସପଡ଼ିବା ଭୟରେ ସନ ୧୮୮୬ ମସିହାରୁ ଦେଶାନ୍ତରକୁ ପଳାୟନ କରିଥିଲେ । ସେ ବର୍ତ୍ତମାନ ମାନ୍ଦ୍ରାଜଠାରୁ ଧରା ହୋଇ ଅଛି ଥିବାର ସମ୍ବାଦ ମିଳଇ ।

ବଙ୍ଗଳାଦେଶ ବାରକପୁରଠାରୁ କିଛି ଦୂର ହୁଗଳୀ-ନଦୀର ତୀରବର୍ତ୍ତୀ ପାଣିହାଟି ଗ୍ରାମରେ ଅଳ୍ପଦିନତଳେ ଏକ ଅଦ୍ଭୁତକାଣ୍ଡ ଘଟି ଯାଇ ଅଛି । ଢ ୧୨ ଜଣ ବୋମ୍ବେ ଶିଶୁକୁ ମାତା ପ୍ରାତଃକାଳରେ ଖଟରେ ଶୁଆଇଦେଇ ଥିବା ସମୟରେ ଏକ ମାଇମାଙ୍କଡ଼ ହଠାତ ଆସି ସେ ପିଲାଟିକୁ କୋଳରେ ଘେନି ଅନ୍ୟଗଛ ଉପରକୁ ଉଠିଗଲା । ମାତାର କ୍ରନ୍ଦନ ଶବ୍ଦରେ ପଡ଼ୋଶୀମାନେ ଲୁଣ ହେଲେ । ଅବଶେ-ଷରେ ଜଣେଲୋକ ଗୁଡ଼ି ଉପରେ ଗୋ ୨ ଟି ପାଚିଲା କଦଳୀ ରଖିଦେବାରୁ ମାଙ୍କଡ଼ ଓହ୍ଲାଇଅସି ପିଲାଟିକୁ ଗୁଡ଼ିରେ ଥୋଇଦେଇ କଦଳୀ ଘେନି ପ୍ରସ୍ଥାନ କଲା । ପିଲାଟି-ଦେହରେ ଆଞ୍ଚ ବାଜି ନାହିଁ ।

ନଇଗାଁର ରାଜା ବ୍ରଜଭୂଷଣଦେବଙ୍କ କନ୍ୟା କନ୍ୟା ଭବାନୀପୁରର ବାବୁ ଯଦୁନାଥବନ୍ଦ୍ୟୋପାଧ୍ୟାୟଙ୍କ ପୁତ୍ରକୁ ବିବାହ ହୋଇଥିବାରୁ ଯେ ସମ୍ବାଦ ଇତିପୂର୍ବେ ପାଠ ଯାଇଥିଲା ତାହା ମିଥ୍ୟା ଥିବାର ପ୍ରକାଶିତ ହୋଇଅଛି । ଉକ୍ତ ଉଭୟ ଲୋକଙ୍କ ପରିବାରମଧ୍ୟରେ ବିବାହସମ୍ବନ୍ଧ ଅଳ୍ପଦିନତଳେ ଘଟିଥିଲା ସତ୍ୟ ମାତ୍ର କୌଣସି କଥା ବିବାହ ହୋଇ ନାହିଁ ।

ବଙ୍ଗଳାର ତାରସମ୍ବାଦରୁ ପ୍ରକାଶ ଯେ ଗ୍ୱାଲିଅରଠାରେ ଭୂଲ ରେଲଗାଡ଼ି ଧକ୍କା ଲାଗି ପ୍ରାୟ ଜ ୩୪ ଜଣ ଲୋକଙ୍କୁ ବିପଦଗ୍ରସ୍ତ କରିଅଛି ।

ବଙ୍ଗଳା ଅଞ୍ଚଳର ନାନାସ୍ଥାନରେ ଅଳ୍ପବହୁତ ଭୂମିକମ୍ପ ହୋଇଯାଇ ଥିବାର ସମ୍ବାଦ ମିଳଇ ।

ସୁଇଜରଲାଣ୍ଡଠାରେ ଯେଉଁ ରେଲଗାଡ଼ିର ଦୁର୍ଘଟଣା ଅଳ୍ପ-ଦିନତଳେ ଘଟିଥିଲା ତହିଁରେ ଅନେକ ଲୋକେ ମରି ପଡ଼ି-ଅଛନ୍ତି । ଜ ୬୦ ଜଣ ଲୋକଙ୍କର ମୃତଦେହ ପାଆଯାଇ ଅଛି । ଅନ୍ୟ ଜ ୪୮ ଜଣ ଲୋକଙ୍କର ଠିକଣା ମିଳି ନାହିଁ ।

ବର୍ଷା ଅଭାବହେତୁ ବଙ୍ଗଳପୁର ଜିଲ୍ଲାରେ ଘୋଡ଼ା ମଇଷି ଖାଦ୍ୟାଭାବରେ ବଡ଼ କଷ୍ଟ ପାଉଅଛନ୍ତି । ଏହେତୁ ସେଠା ଗଭର୍ଣ୍ଣମେଣ୍ଟ ଜିଲାଗାଈରେ ଆସିବାରୁ ଗଭର୍ଣ୍ଣମେଣ୍ଟ ସେଠା କଲେକ୍ଟରଙ୍କୁ ଘୋଡ଼ା ମଇଷି ଚରିବାକାରଣ ପ୍ରତ୍ୟେକ ମନ୍-ଷିରେ ଦୁଇପଇସା ଏବ ପ୍ରତ୍ୟେକ ଘୋଡ଼ା ପଠାଇବାରେ ଏକପଇସା ମାସୁଲ ନେଇ ଜଙ୍ଗଲ ଛାଡ଼ିବାର ଦେବାକୁ ଆଦେଶ ଦେଇଅଛନ୍ତି । କେବଳ ଛେଳି ଓ ମେଣ୍ଢା ଜଙ୍ଗ-ଲର କ୍ଷତିକର ହେବାରୁ ତାଙ୍କୁ ଜଙ୍ଗଲ ଭିତ୍ତ-ର ଦେଲା ।

## ଯାଜପୁର—ସମ୍ବାଦ ।

ଏସପ୍ତାହରେ ଗ୍ରୀଷ୍ମ ଅତି ଅସହ୍ୟ ହୋଇଅଛି । ମଧ୍ୟ ସମୟରେ ଅବାଧ ମେଘାଚ୍ଛନ୍ନ ହୋଇ ସାମାନ୍ୟ ବୃଷ୍ଟିପାତ ଓ ପବନବହିବାର ବୃଷ୍ଟିସୂଚକ ସାକ୍ଷାତ ନାହିଁ ।

Split by PDF Splitter
Digitized by srujanika@gmail.com

Split by PDF Splitter



କଅଣ ଥାନ ତପସ୍ବୀଙ୍କୁ କେତେକ ସ୍ଥାନରେ ମାର ପଡ଼ୁଅଛି । ଓ ଏ ଜାତି ମଧ୍ୟ, ଆଉ ଅନ୍ୟଜାତିମଧ୍ୟରେ ରତ୍ନ ପରୀକ୍ଷିତ ନ ହେଲେ ଏହିପରି ଦଶା ଘଟିବ ।

ଇନ୍ଦ୍ରଦେବଙ୍କ କୃପାଦୃଷ୍ଟି ଓ ଜଗନ୍ନାଥ ଯାତ୍ରୀଙ୍କ ସଂଖ୍ୟା ଅଧିକ ହେବାରୁ ଖାଦ୍ୟଦ୍ରବ୍ୟର ମୂଲ୍ୟ ଏ ନଗରରେ ଚଢ଼ା ହୋଇ ଅଛି ।

ଏ ସହରରେ ଝାଡ଼ାବାନ୍ତି ଦେଖାଦେଇଅଛି । ଅଳ୍ପ ସମୟମଧ୍ୟରେ ସବୁ ପାଞ୍ଚଜଣ ଲୋକ ତାହାର କାଳକବଳରେ ପତିତ ହୋଇଅଛନ୍ତି ।

ଆସିଷ୍ଟାଣ୍ଟ ସେଟଲମେଣ୍ଟ ଅଫିସର ମିଃ ଏ, ସି, ସେନ ଡେପୁଟିମାଜିଷ୍ଟ୍ରେଟ ତା ୧୮ ରିଖରେ ଏ ଅଞ୍ଚଳର ଜମାବନ୍ଦୀର କାର୍ଯ୍ୟ ତଦାରଖ କରିବାନିମନ୍ତେ ଏଠାକୁ ଆସିଥିଲେ । ତାହାଙ୍କ କାର୍ଯ୍ୟ ଶେଷ କରି ତା ୨୨ ରିଖରେ କଟକାଭିମୁଖରେ ଯାତ୍ରା କରିଅଛନ୍ତି ।

"ଜଗନ୍ନାଥମନ୍ଦିରର ଜୀର୍ଣ୍ଣସଂସ୍କାରନିମନ୍ତେ ସେଉଁ ସାହାଯ୍ୟ ପ୍ରଦାନ କରିବାର ଧାର୍ଯ୍ୟ ହୋଇଥିଲା ସେଥିର ପ୍ରାୟ ଚତୁର୍ଥାଂଶ ସଂଗୃହୀତ ହୋଇଅଛି । ବାକୀଗୁଡ଼ା ଉଠାଇ ନେବା ପରେ ପୁଣି ଚୋଳକାର ସବୁ ସ୍ଥିର କରିଅଛନ୍ତି ଏବଂ ଏହି ମନ୍ଦିର ଜୀର୍ଣ୍ଣ ଶୀଘ୍ର ଆରମ୍ଭ ହେବାନିମନ୍ତେ ଚେଷ୍ଟା ଚାଲିଅଛି ।

ଏଠା ହାଇସ୍କୁଲର ଜଣେ ଉପଯୁକ୍ତ ହେଡ଼ମାଷ୍ଟର ନିଯୁକ୍ତ ହେବାପର୍ଯ୍ୟନ୍ତ ୨ୟ ଶିକ୍ଷକ ପ୍ରଥମଶିକ୍ଷକଙ୍କ ଓ ୩ୟ ଶିକ୍ଷକ ୨ୟ ଶିକ୍ଷକଙ୍କ କାର୍ଯ୍ୟରେ ଅଫିସିଏଟ କରୁଅଛନ୍ତି । ଅଳ୍ପଦିନେ ୩ୟ ଶିକ୍ଷକ ରହିବାନିମନ୍ତେ ଠିକା ନିଯୁକ୍ତ ହୋଇ ଅଛନ୍ତି । ଏ ବନ୍ଦୋବସ୍ତ ଅସ୍ଥାୟୀ ହୋଇଅଛି ଓ ଏହା ଚିରକାଳନିମନ୍ତେ ହେଲେ ଅନୁତ୍ତମ ଫଳ ସାଧିତ ହେବ ।

ଏ ସହରର ଜଣେ ବଙ୍ଗଦେଶୀୟ କଲେକ୍ଟରପଦାଭିଳାଷୀ ଓ ସର୍ବଶ୍ରେଣୀ ଉତ୍କଳଙ୍କ ଚରିତ୍ର ବଳୁଥିବାରେ ଅନେକଙ୍କର ଶୁଣାଯାଏ ତାହାଙ୍କ ପ୍ରକୃତିରେ ସ୍ଵଧର୍ମ ରହିଲ ଅର୍ଥ ଶୀଘ୍ର ଚରିତ୍ର ସଂଶୋଧନ ନ କଲେ କଠିନର ଦାୟ ଭଗିବାକୁ ହେବ ।

---

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

---

ମାନ୍ୟବର ପରମପୂଜନୀୟ ଶ୍ରୀଳ ଶ୍ରୀଯୁକ୍ତ ଶ୍ରୀ ଉତ୍କଳପ୍ରିଣ୍ଟିଂକୋମ୍ପାନୀ ସମ୍ପାଦକ ମହୋଦୟ

ସମୀପେଷୁ—

ମହାଶୟ !

ଆପଣଙ୍କର ଜଗଦ୍‌ବିଖ୍ୟାତ ପତ୍ରିକାରେ ନିମ୍ନଲିଖିତ କେତେକ ପଂକ୍ତିକୁ ସ୍ଥାନଦାନ ଦେଇ ବାଧିତ କରିବା ହେବେ ।—

ଗତର ମାସ ତା ୧୬ ତଖ ମଙ୍ଗଳବାରଦିନ ଦିବା ଦୁଇପ୍ରହର ସମୟରେ ଏହି ରଣପୁର ଗଡ଼ମଧ୍ୟ ଦେଇ ସସୈନ୍ୟ ସମାରୋହାକାରରେ ଝିଣ୍ଟିକାସବୁ ଦକ୍ଷିଣଦିଗରୁ ଉତ୍ତରଦିଗକୁ ଗମନ କଲେ; ଅଳ୍ପ କାଳ ଦିବା ଦୁଇପ୍ରହର ସମୟରେ ସୂର୍ଯ୍ୟଦେବଙ୍କର ଯେପରି ପ୍ରତାପ ସେଥିରେ ପୁଣି ଏକଦଣ୍ଡାସମୟ ସୂର୍ଯ୍ୟଦେବଙ୍କର କିରଣ ବନ୍ଦ ହୋଇଗଲା, ସମସ୍ତେ ମନେ କଲେ କି ଅକସ୍ମାତ୍ ମେଘାଚ୍ଛନ୍ନ କିପରି ହେଲା; ଏହା କହି ଆକାଶମାର୍ଗକୁ ନିରୀକ୍ଷଣ କରିବାସମୟକୁ ଦେଖାଗଲା ଯେ ଝିଣ୍ଟିକାସବୁ ସସୈନ୍ୟରେ ନାନାବିଧ ଶବ୍ଦମାନ କରି ଗମନ କରୁଅଛନ୍ତି; ଏହି ଶବ୍ଦମାନ ବୋଧ ହୁଏ ବାଜାବାଜା ହେବ କି ? ସର୍ବାଗ୍ରେ ଯେଉଁ ଝିଣ୍ଟିକାଟି ଯାଉଥିଲା ତାହାର ଲମ୍ବ ଅନ୍ଦାଜ ଫୁ ୧½ ଟ ହେବ; ବୋଧହୁଏ ଉକ୍ତ ଝିଣ୍ଟିକାଟି ଝିଣ୍ଟିକାରାଜା ହେବ କି ? ବାକୀ ସବୁ ଝିଣ୍ଟିକାଙ୍କର ଲମ୍ବ ଅନ୍ଦାଜ ଇଂ ୩-୪-୫-୬, ଇଂ ହେବ; ଏଥିରୁ କମ ଲମ୍ବରେ ଏକଗୋଟି ସୁଦ୍ଧା ଦେଖାଯାଉ ନ ଥିଲେ, ଏବଂ ସମସ୍ତଙ୍କର ବର୍ଣ୍ଣ କେହି ନୀଳ କେହି ପୀତ କେହି ହରିତ୍ କେହି ଶ୍ଵେତ ଦେଖାଯାଉଥିଲା; ସେମାନେ 'ଗ୍ରାମଭିତରେ ନ ରହି ଜଙ୍ଗଲଭିତରେ ରହି ଆହାର କରୁଅଛନ୍ତି ଓ ଯେଉଁସ୍ଥାନରେ ରହୁଅଛନ୍ତି ସେଠାରେ ଭୂମିରୁ ଘାସ, ବିଲରୁ ଧାନ ଓ ବୃକ୍ଷରୁ ପତ୍ରସମସ୍ତ ଭକ୍ଷଣ କରି ଦେଉଅଛନ୍ତି; ଗୋରକ୍ଷକ ଓ କୃଷକମାନେ କହନ୍ତି କି ଝିଣ୍ଟିକାମାନେ ଯେତେବେଳେ ଜଙ୍ଗଲଭିତରେ ଦେଇ ଗମନାଗମନ କଲେ ସେତେବେଳେ ଗୋରୁମାନେ ଝିଣ୍ଟିକାଙ୍କର ଶବ୍ଦ ଶୁଣି ଆହାରବିହାର ତ୍ୟାଗ କରି ଅସ୍ଥିର ନ ରହି ଗ୍ରାମନିକଟକୁ ପଳାଇଲେ କଲେ; ଝିଣ୍ଟିକାମାନେ ଯେ କେଉଁସ୍ଥାନକୁ ଗଲେ ତହିଁର ସମ୍ବାଦ ଅଦ୍ୟାବଧି କିଛି ପାଇଁ ଯାଇ ନାହିଁ ଲୋକମାନେ କହନ୍ତି କି ଝିଣ୍ଟିକା ଆସିଲେ ପୃଥିବୀରେ ନାନାବିଧ ଅନିଷ୍ଟ ଘଟେ, ଏହା ଯେ କେତେଦୂର ସତ୍ୟ ତାହା ସମସ୍ତେ ବିଚାର କରିବା ହେବେ । ଇତି ।

୧୯-୬-୯୧ }
ରଣପୁର } ଅନୁଗତ
ଶ୍ରୀ ସନାତନ ପଟ୍ଟନାୟକ

---

ମହାଶୟ !

କେତେକ ସପ୍ତାହପୂର୍ବରେ ଦୀପିକାରେ ପାଠ କରି ଅବଗତ ହୋଇଥିଲୁ ଯେ, କେହି ଶୂଦ୍ରଜାତୀୟ ସ୍ତ୍ରୀ ବଙ୍କୀର ଢୋଲଣୀଦାଣ୍ଡି ଅଟର୍ଣ୍ଣିକାଭ୍ରାନ୍ତରେ ଛୁଇଁପକାଇଥିବାରୁ ତାହାର ପ୍ରାୟଶ୍ଚିତ୍ତ ବିଷୟରେ ମତ ଭେଦ ହୋଇଅଛି, ଏବଂ ତହିଁର ମୀମାଂସା ପ୍ରକାଶ କରିବାକୁ ସାଧାରଣଙ୍କୁ ଅନୁରୋଧ କରାଯାଇଅଛି । ଅତଏବ ତତ୍‌ସମ୍ବନ୍ଧରେ ଅନୁସନ୍ଧାନମତ ନିମ୍ନରେ ଲେଖି ପଠାଇଲୁଁ ନିଜ ପତ୍ରିକାରେ ସ୍ଥାନ ଦେଇ ବାଧିତ କରିବା ହେବେ ।

ପ୍ରଶ୍ନୋକ୍ତ ଘଟନାରେ ବ୍ରାହ୍ମଣପକ୍ଷରେ ସଚେଲଃ ସ୍ନାନମାତରେତ୍—ଏହି ପ୍ରମାଣଅନୁସାରେ ସ୍ନାନମାତ୍ର ପ୍ରାୟଶ୍ଚିତ୍ତ ହେବାର ଉଚିତ, ମାତ୍ର ଶୂଦ୍ରସମାଜର ଆଗର ବ୍ୟବହାର ଦେଶଭେଦରେ ଭିନ୍ନ ପ୍ରକାର ଦେଖାଯାଏ, ଏମନ୍ତ କି ଯେବେ ଶୂଦ୍ରମାନେ ମଦ୍ୟପାୟୀମାନଙ୍କୁ ଛୁଇଁପକାନ୍ତି ଅଥବା ସେମାନଙ୍କ ଉଚ୍ଛିଷ୍ଟ ସ୍ପର୍ଶ କରନ୍ତି ତାହା ହେଲେ ଶୂଦ୍ରମାନେ ନିଜ ସମାଜର ନିୟମାନୁସାରେ ପ୍ରାୟଶ୍ଚିତ୍ତ କରିବାକୁ ବାଧ ହେଉଥିବାର ଏ ଦେଶରେ ଦେଖାଯାଏ କିନ୍ତୁ ପ୍ରଶ୍ନୋକ୍ତ ଘଟନାସ୍ଥଳେ ଉକ୍ତ ସ୍ତ୍ରୀ ଅଟର୍ଣ୍ଣିକାରେ ଛୁଇଁପକାଇ ଅନ୍ତ ମାଛ ଖାଇ ନ ଥିବାରୁ ଜାତିଭ୍ରଷ୍ଟ ବା ପତିତ ହୋଇ ନାହି । ଏଣୁ କରି ପଞ୍ଚଗବ୍ୟ ପାନ କରି ଶୁଦ୍ଧ ହେବ, ଏପରି କର୍ତ୍ତୃର ବଳ ନୁହଇ, କେବଳ ସଚେଲସ୍ନାନ କରି ସୂର୍ଯ୍ୟ ଦର୍ଶନ କରିବାକୁ ହେବ, ଏବଂ ଅସ୍ପର୍ଶୀୟଦ୍ରବ୍ୟ ଛୁଇଁଥିବାରୁ ସେହି ଦୋଷରୁ ମୁକ୍ତି ହେବାକୁ ତିଳସୁବର୍ଣ୍ଣ ପ୍ରାୟଶ୍ଚିତ୍ତ କଲେ ଯଥେଷ୍ଟ ହେବ । ବହୁନାଲଂ । ଇତି ।

୭-୬-୯୧

ବଶମ୍ବଦ

ଶ୍ରୀ ଯୋଗୀନ୍ଦ୍ର ମିଶ୍ର ( କାବ୍ୟବିଶାରଦ )

ସମ୍ପାଦକ—ଆର୍ଯ୍ୟନୀତି ପ୍ରଦୀପସମାଜ

ଘର ନରସିଂହପୁର

---

## ମୂଲ୍ୟପ୍ରାପ୍ତି ।

| | |
|---|---|
| ବାବୁ ଘନଶ୍ୟାମ ପଣ୍ଡା କଲିକତା | ଟ ୧୧ |
| ଚୌଧୁରୀ କୃତ୍ତିବାସ ଦାସ କଟକ | ଟ ୩୧ |
| ବାବୁ ଚନ୍ଦ୍ରଭୂଷଣ ସାମନ୍ତ ସାମନ୍ତରାପୁର | ଟ ୧୧ |
| „ ହରିହର ପଟ୍ଟନାୟକ ଜଟନି | ଟ ୩୧ |
| „ କେଶବ ପଟ୍ଟନାୟକ ଭଦ୍ରକ | ଟ ୩୧ |
| „ ଚନ୍ଦ୍ରମୋହନ ମହାରଣା ବାଲେଶ୍ଵର | ଟ ୩୧ |

---

# ବିଜ୍ଞାପନ ।

---

"ନିର୍ବିଘ୍ନେ ବାଷ୍ପୀୟଯାନ ଚଳାଇବାର ଉପାୟ" ନାମକ ବଙ୍ଗଳା ପୁସ୍ତକକୁ ଓଡ଼ିଆରେ ଅନୁବାଦ କରିବାନିମନ୍ତେ ମାସିକ ଟ ୧୩୧ ଙ୍କା ବେତନରେ ଏକମାସ ସକାଶେ ଜଣେ ଅଭିଜ୍ଞ ପଣ୍ଡିତ ଏହି ଅଫିସରେ ନିଯୁକ୍ତ ହେବାର ଆବଶ୍ୟକ । ଅତଏବ ଏତଦ୍ଦ୍ଵାରା ବିଜ୍ଞାପନ ଦିଆଯାଉଅଛି ଯେ ପ୍ରାର୍ଥିନାକାରମାନେ ୧୮୯୧

Digitized by srujanika@gmail.com

ସାଲ ଜୁଲାଇମାସ ତା ୧୬ ରଖ ପୂର୍ବରେ ଆପଣା ଦରଖାସ୍ତ ନିମ୍ନଲିଖିତ ସ୍ୱାକ୍ଷରକାରୀଙ୍କ ପାଖକୁ ପଠାଇବେ । ନର୍ମାଲସ୍କୁଲର ପଣ୍ଡିତ-ଙ୍କ ଭାଗରେ ଉତ୍ତୀର୍ଣ୍ଣ ଯେଉଁ ପ୍ରାର୍ଥନାକାରୀମାନେ ବଙ୍ଗଳା ଜାଣନ୍ତି, ସେମାନଙ୍କ ଦାବୀକୁ ଅଗ୍ରଗଣ୍ୟ କରାଯିବ ।

ଉତ୍କଳଅନୁବାଦକଅଫିସ } Sd. Chaturbhuj Pattaik
କଟକ } Uriya Translator
୨୯।୬।୯୧ } to Government.

## NOTICE.

**ORRISSA GRADUATES' AND UNDER-GRADUATES' ASSOCIATION.**

Lecturer—Dr. Ram Chandra Bose, M. A.
Subject—" Morality without religion. "
Time—7 P. M., Tuesday the 7th Instant.
Place—Printing Company's Hall.
Gentlemen are respectfully invited to attend.

Cuttack, The 2nd July, 1891. } AKSHOY KUMAR GHOSE
*Honorary Secretary.*

Watches! Clocks! Time pieces! Repaired by an efficient workman the premises of the Cuttack Printing Company. Charge moderate.

## ଘଣ୍ଟିମରାମତି ।

ନାନାପ୍ରକାର ଶ୍ରେଷ୍ଠ ବହୁ ମୂଲ୍ୟଘଡ଼ି ଉତ୍ତମରୂପେ ମରାମତ ହେବା ଓ ଯଥା ସମୟରେ ପାଇପାରିବାର ଭଲ ବନ୍ଦୋବସ୍ତ ଏ ନଗରରେ ନ ଥିବାରୁ ଆମ୍ଭେ ଘଡ଼ି ମରାମତର କାର୍ଯ୍ୟାରମ୍ଭ କରାଇଅଛୁଁ । ଯାହାଙ୍କର ଦରକାର ହେବ ଛାପାଖାନାଠାରେ ତତ୍ତ୍ୱ କଲେ ସମସ୍ତ ଜାଣି ପାରିବେ ।

ଘଡ଼ିର ଅବସ୍ଥା ଅନୁଯାୟୀ ୬ମାସଠାରୁ ୧ବର୍ଷ ପର୍ଯ୍ୟନ୍ତ ଗ୍ୟାରେଣ୍ଟି ଦିଆଯିବ ଅର୍ଥାତ୍ ମରାମତ ଦୋଷରୁ କଥିତ ସମୟ ମଧ୍ୟରେ ଘଡ଼ି ନ ଚଳିଲେ ପୁନର୍ବାର ଦୁରସ୍ତ କରିଦିଆଯିବ ।

## ଗିଲ୍‌ଟି

ଘଡ଼ିର ଚେଇନ କେସ, ମୁଦି, ଷ୍ଟିଲ୍‌ସଂସବ୍ରଲନହେଡ୍‌ର ଓ ଇନଷ୍ଟ୍ରୁମେଣ୍ଟର କମରହେବାଳ ଓଗେର ସାଜ, (ଚାମାର ଓ ପିତ୍ତଳର ନାନାବିଧ ଅଳଙ୍କାରାଦି ରୂପା ଅବା ସୁନାରେ; ରୂପାର ମୁଦି ଓଗେର ଅଳଙ୍କାର ସୁନାରେ) ଗିଲ୍‌ଟ କରି ଦିଆଯିବ ।

କଟକ } ଶ୍ରୀ ଗୌରୀଶଙ୍କର ରାୟ
୧୬।୧୧।୮୯ }

## ନୂତନ ପୁସ୍ତକ ।

### ବ ନ ବା ଲା ନା ଟ କ ।

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି । ମୂଲ୍ୟ ପ୍ରତିଖଣ୍ଡକୁ ଟ ୦ ।/ ଚାରିଅଣା ମାତ୍ର । ମୋଫସଲ ହିସାବେ ଡାକମାସୁଲ ଟ ୦୧୬ ଲାଗିବ ।

ଅତ୍ୟନ୍ତ ଅଳ୍ପ ମୂଲ୍ୟ ।

## ଥିଏଟରସଂଗୀତ ବା ନାଟକଗୀତ ।

ଏହି ପୁସ୍ତିକାରେ ସୁଲଳିତ ଉତ୍କଳସ୍ୱରର ଓ ଅଧିକାଂଶ ବଙ୍ଗଳା ଓ ହିନ୍ଦୁସ୍ଥାନୀସ୍ୱରର ଅନୁକରଣରେ ରଚିତ ନୂତନ ପ୍ରକାର ସଙ୍ଗୀତମାନ ସନ୍ନିବେଶିତ ହୋଇଅଛି । କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

ମୂଲ୍ୟ ଟ ୦ ⁄ ଦୁଇଅଣା ମାତ୍ର ।

କଟକ } ଶ୍ରୀ ଗୌରୀଶଙ୍କର ରାୟ
୨୮।୧।୯୧ } ସମ୍ପାଦକ ।

## ମେହରୋଗ ।

ଗ୍ରୀଷ୍ମକାଳରେ ସମସ୍ତ ଜ୍ୱାଳା ଯନ୍ତ୍ରଣାର ବୃଦ୍ଧି ହେବ । ଦୁରନ୍ତ ପ୍ରମେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ଚିକିତ୍ସା ରୋଗ ଉପଶମକରିବାର ଉଚିତ ନୁହେ ସାମାନ୍ୟ ଅର୍ଥବ୍ୟୟଂ ନିମନ୍ତେ ଜୀବନର ମାୟା ପରିତ୍ୟାଗ କରି ନୁହେ ।

ଏହି ଔଷଧ ଯଥାରୀତିରେ ଏକସପ୍ତାହ ସେବନ କଲେ ନୂତନ ରୋଗ ଏବଂ ତିନ ଚାରି ସପ୍ତାହରେ ପୁରାତନରୋଗ ଅବଶ୍ୟ ଆରୋଗ୍ୟ ହେବ। ଯେଉଁମାନେ ଆରୋଗ୍ୟ ନ ହେବେ ନିଶ୍ଚୟ ଜାଣିଅଛୁଁ ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ଏହାର ବ୍ୟବହାରରେ ପରାଜିତ ନ ହେଲେ ଆଉ ଯିବ ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅବଲମ୍ବନରେ ପୁସ୍ତକାକାରରେ ପ୍ରକାଶିତ ହେବ କଲିକତା ଅପରସର୍କୁଲାର ରୋଡ଼ ନମ୍ବର ଭବନରେ ଏ, କେ, ଗନ୍ଧ କମ୍ପାନୀଙ୍କଠାରେ ଏବଂ କଟକ ଦରଘାବଜାର ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଶିଶି ଟ ୨॥ ଟା । ପ୍ୟାକିଂ ଓ ଡାକଖର୍ଚ୍ଚା ସ୍ୱତନ୍ତ୍ର ।

## ଗାଡ଼ିକାଭଣ୍ଡାର ।



ସହର ଓ ମଫସଲବାସିମାନଙ୍କ ସୁବିଧାର୍ଥ ଅନେକରୁ ପ୍ରାପ୍ତ ପାଞ୍ଚବର୍ଷ ହେବ ସ୍ଥାପିତ ହୋଇ ସୁବନ୍ଦୋବସ୍ତ ସହିତ କାର୍ଯ୍ୟ ଚଳୁଅଛି । ଏଥିରେ ନାନାବିଧ ଡାକ୍ତରୀ ଓ କବିରାଜୀ ଔଷଧ ବିକ୍ରୟ ହୁଅଇ । ଏହାଛଡ଼ା ଅନ୍ୟ ଯାହାର ଯେଉଁଦ୍ରବ୍ୟ ପ୍ରୟୋଜନ ହୁଏ ଲେଖିଲେ ଅତିସତ୍ୱର ଓ ବିଶେଷ ସାବଧାନତା ସହିତ ପଠାଇ ଦିଆଯାଏ । ମାଦକ ଦ୍ରବ୍ୟ ଛଡ଼ା ଅନ୍ୟାନ୍ୟ ସମୁଦାୟ ଦ୍ରବ୍ୟ ବିକ୍ରୟ ଓ ସରବରାହ କରୁଁ । ଯେଉଁ ଦ୍ରବ୍ୟମାନ ଅନ୍ୟସ୍ଥାନରୁ କ୍ରୟ କରି ପଠାଇବାକୁ ହୁଏ ତହିଁର ଉଚିତ ବଜାର ଦର ଉପରେ କିଣି ପଠାଇବାର ପନ୍ଥା-

Split by PDF Splitter
Digitized by srujanika@gmail.com

Split by PDF Splitter



ଷମନମସ୍ତେ ଶତକଡ଼ା ଟ ୬। ହିସାବରେ କମିଶନ ଗ୍ରାହକମାନଙ୍କଠାରୁ ନିଆଯାଏ । କେବଳ ପ୍ୟାକିଂ ଓ ଡାକଖର୍ଚ୍ଚା ପଠାଇଲେ ଔଷଧ ଓ ଦ୍ରବ୍ୟାଦି ଭାଲ୍ୟୁପେଇବଲ ଡାକରେ ମଧ୍ୟ ପଠାଯାଇ ପାରେ । ବେରିଂ ବା ଇନସଫିସିଏନ୍ଟ ଷ୍ଟାମ୍ପ ଗୃହୀତ ହୁଏ ନାହିଁ ଏବଂ ରିପ୍ଲାଇକାର୍ଡ ବା ଲୁଇଟିଇସିଆ ଟିକେଟ ଖଣ୍ଡେ ନ ପଠାଇଲେ ପତ୍ରର ଉତ୍ତର ଦିଆଯାଏ ନାହିଁ ।

ମଫସଲବାସୀ ଅନେକ ଅନେକ ରାଜା ଜମିଦାର ଓ ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କଠାରୁ ସର୍ବଦା ରୋଗର ଚିକିତ୍ସା ଓ ଔଷଧ ପ୍ରେରଣ କରିବାସକାଶେ ପତ୍ରାଦି ପାଇଥାଉଁ । ଅତଏବ ସେମାନଙ୍କ ଓ ସର୍ବସାଧାରଣଙ୍କ ସୁବିଧାର୍ଥ ଜଣାଉଅଛୁଁ କି ଯେଉଁମାନେ ଆମ୍ଭଦ୍ୱାରା ଅତଃପର ଚିକିତ୍ସିତ ହେବାକୁ ଇଚ୍ଛା କରନ୍ତି ସେମାନେ ପୀଡ଼ାର ଅବସ୍ଥା ଉତ୍ପତ୍ତିର କାରଣ, ବ୍ୟାଧି କୁଳଜ କି ନା, ରୋଗୀ ପୁରୁଷ କି ସ୍ତ୍ରୀ, ରୋଗିର ପୂର୍ବ ଓ ବର୍ତ୍ତମାନ ଆଚରଣ, ବୟଃକ୍ରମ, ଅହାର, କୋଷ୍ଠଶୁଦ୍ଧି, ଧାତୁ ପ୍ରକୃତି ଇତ୍ୟାଦି ରୋଗର ବୃତ୍ତାନ୍ତ ଲେଖି ପଠାଇଲେ ତାହାର ଯଥାଯୋଗ୍ୟ ଔଷଧ ପଠାଇବୁଁ । ଟଙ୍କା, କଉଡ଼ି ବା ପତ୍ରାଦି ନିମ୍ନ ଠିକଣାରେ ଆମ୍ଭଠାକୁ ପଠାଇବାକୁ ହେବ ।

କଟକ ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ ।

# ନୂତନ ପୁସ୍ତକ ।

**A KEY TO NEW ROYAL READERS NO. IV MINOR COURSE.**

ଏହି ପୁସ୍ତକରେ ସବୁ ଦୁରୂହ ଇଂରାଜୀ ଶବ୍ଦର ଓଡ଼ିଆ ଓ ଇଂରାଜୀ ଅର୍ଥ, ପଦ ପରିଚୟ, ବସ୍ତୁତ ପାରସିଂ, ସିନନିମସ୍, ଏନ୍ଟନିମସ୍, ଗ୍ରାମାଟିକେଲ ନୋଟସ, ସମସ୍ତ ପଦ୍ୟଭାଗର ଅନ୍ୱୟ ସହ ବ୍ୟାଖ୍ୟା ଏବଂ ସମସ୍ତ ଗଳ୍ପର, ସମସ୍ତ ପାରାଗ୍ରାଫ ଏବଂ ପ୍ରତ୍ୟେକ ଲାଇନର ଓଡ଼ିଆ ଅନୁବାଦ ଅର୍ଥାତ୍ ଧାଡ଼ିକିଆ ମାନେ, ଇଡ଼ିଅମ ଓ ଫ୍ରେଜମାନଙ୍କର ଅର୍ଥ ଓ ତଦନୁରୂପ ଅନ୍ୟାନ୍ୟ ଫ୍ରେଜର ଓ ଇଡ଼ିଅମ୍ସର ଅର୍ଥ, ଐତିହାସିକ ବ୍ୟାଖ୍ୟା, ଆଦର୍ଶପ୍ରଶ୍ନାବଳୀ ( ଉତ୍ତର ସହିତ ) ଇତ୍ୟାଦି ଦିଆ ହୋଇଅଛି । ପ୍ରତ୍ୟେକ ଗଳ୍ପରେ ଅନେକ ଅନେକ ସ୍ଥାନମାନଙ୍କରେ ଲେନସ ଗ୍ରାମାରର ନିୟମ ଓ ପୃଷ୍ଠାକୁ ନିର୍ଦ୍ଦେଶ କରା ହୋଇଅଛି ।

ମୂଲ୍ୟ ଟ ୦ ୳

Ditto An Abridged Edition ଟ ।

ପ୍ରାକୃତିକ ଭୂଗୋଳର ପ୍ରଶ୍ନୋତ୍ତର ଟ ୦ ।, ସ୍ୱାସ୍ଥ୍ୟସାଧନର ପ୍ରଶ୍ନୋତ୍ତର ଟ ୦୶ , ଫାଷ୍ଟବୁକର ମାନେ ବହି ( ସୁଲଭ ଓ ପରିଶୁଦ୍ଧ ) ଟ ୦ ୶

କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ଏବଂ ବାବୁ ରାମପ୍ରସନ୍ନ ମୁଖୋପାଧ୍ୟାୟଙ୍କ ପୁସ୍ତକ ଦୋକାନରେ ପ୍ରାପ୍ତବ୍ୟ । ପତ୍ରରେ "ଲଳିତମୋହନଙ୍କ ପ୍ରଣୀତ" ବୋଲି ଲେଖିବ । ନଚେତ୍ ଅନ୍ୟ ଗ୍ରନ୍ଥକାରଙ୍କ ପୁସ୍ତକ ଏହା ବଦଳରେ ପାଇବାର ସମ୍ଭାବନା ।

ସାମ୍ୟବାଦୀ ଇନଷ୍ଟିଟ୍ୟୁଶନ । କଟକ । } ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ ।

## ପ୍ରୟୋଜନୀୟ ଔଷଧ ।

ନିମ୍ନଲିଖିତ ପ୍ରୟୋଜନୀୟ ଓ ନିତ୍ୟବ୍ୟବହାର୍ଯ୍ୟ ପରୀକ୍ଷିତ ଔଷଧମାନ ଅମ୍ଭ ନିକଟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି ।

୧ । ପାରିଜାତ ତୈଳ—ବହୁ ଦିବସରୁ କେଶତତ୍ତ୍ୱ ଅନ୍ୱେଷଣ କରି ଏହି ଔଷଧ ପ୍ରସ୍ତୁତ ହୋଇଅଛି । ଏହା ବ୍ୟବହାର କଲେ, କେଶସ୍ୱଳ୍ପତା, କେଶର ଅକାଳପକ୍ୱତା, ଅକାଳପତନ, ଏବଂ ଶିରଃପୀଡ଼ା, ଶୀର୍ଷଘୂର୍ଣ୍ଣନ ଇତ୍ୟାଦି ନିବାରିତ, ମସ୍ତକର କଣ୍ଡୂ ଓ ଖୁଣ୍ଟିଆ ନିବାରିତ ହୋଇ ଦେହ ଓ ମସ୍ତିଷ୍କ ସୁଶୀତଳ, କେଶ ବର୍ଦ୍ଧିତ, ଶୋଭାଯୁକ୍ତ ଓ ସୁବାସିତ ହୁଏ । ପ୍ରତି ଶିଶିର ମୂଲ୍ୟ ବାରଅଣା ମାତ୍ର ।

୨ । ଦଦ୍ରୁ ହୁତାଶନ—ନାମ ହୁତାଶନ ସତ୍ୟ କିନ୍ତୁ ପ୍ରୟୋଗ କାଳେ ଜ୍ୱାଳା ଯନ୍ତ୍ରଣା କିଛିମାତ୍ର ଜଣା ଯାଏ ନାହିଁ । ମାତ୍ର ଏହା ଦଦ୍ରୁରୋଗ ପକ୍ଷରେ ହୁତାଶନ ତୁଲ୍ୟ କାର୍ଯ୍ୟ କରେ ଏବଂ ତାହାକୁ ଏକାବେଳକେ ବିନଷ୍ଟ କରେ, ତହିଁରେ ଆଉ ସନ୍ଦେହ ନାହିଁ । ଏହା ବ୍ୟବହାର କରି ୨୫ ବର୍ଷର ଦଦ୍ରୁ ରୋଗ ଆରୋଗ୍ୟ ହୋଇଅଛି, ପ୍ରତି ଡିବିଆର ମୂଲ୍ୟ ଦୁଇ ଅଣା ମାତ୍ର ।

୩ । ଶୂଳହାରିଣୀ—ଏହା ଯଥାବିଧି ସେବନ କଲେ କି ପ୍ରାଚୀନ କି ନୂତନ ସବୁ ପ୍ରକାର ଅମ୍ଳଶୂଳ, ପିତ୍ତଶୂଳ, ବସ୍ତି ଶୂଳ ( ଅମାବାଇ ), ବମନାଦି ଅତି ଯନ୍ତ୍ରଣାଦାୟକ ଲକ୍ଷଣମାନ ନିବୃତ୍ତ ହୁଏ । ଏକପକ୍ଷ କାଳ ସେବନୀୟ ଔଷଧର ମୂଲ୍ୟ ଦୁଇ ଟଙ୍କା ଆଠ ଅଣା ।

୪ । କୋଷ୍ଠଭେଦ ବଟିକା—କୋଷ୍ଠବଦ୍ଧ ସର୍ବପ୍ରକାର ରୋଗର ଉତ୍ପତ୍ତି ଓ ବୃଦ୍ଧିର ପ୍ରଧାନ କାରଣ ଅଟେ । କୋଷ୍ଠଶୁଦ୍ଧି ନ ହେଲେ କୌଣସି ରୋଗ ଆରୋଗ୍ୟ କିମ୍ବା କୌଣସି ଔଷଧ ମଧ୍ୟ କାର୍ଯ୍ୟକାରକ ହୁଏ ନାହିଁ । ଏହି ଔଷଧ ବ୍ୟବହାର କଲେ କି ପ୍ରାଚୀନ କି ନୂତନ ସର୍ବପ୍ରକାର କୋଷ୍ଠବଦ୍ଧ ଏବଂ କୋଷ୍ଠବଦ୍ଧଜନିତ ଅନ୍ୟାନ୍ୟ ପୀଡ଼ା ଯଥା, କୋଷ୍ଠାଶ୍ରିତ ବାୟୁ, ଜ୍ୱର, ଅର୍ଶ, ଅଜୀର୍ଣ୍ଣ, ଶୋଥ, ଉଦରୀ, ଯକୃତ୍, ପାଣ୍ଡୁ ଓ ତଜ୍ଜନିତ ଶିରଃପୀଡ଼ା ଓ ଘୂର୍ଣ୍ଣାଦି ନିବାରିତ ହୁଏ ।

ଏହି ନିର୍ଦ୍ଦୋଷ ବଟିକା । ସର୍ବପ୍ରକାର ପୀଡ଼ାରେ ଏମନ୍ତ କି ଅନ୍ୟାନ୍ୟ ଔଷଧ ବ୍ୟବହାରର ସଙ୍ଗେ ମଧ୍ୟ ଏହା ବ୍ୟବହାରର ଉପଯୁକ୍ତ ଅଟେ । ସୁସ୍ଥ, ଅସୁସ୍ଥ, ବାଳକ, ବୃଦ୍ଧ, ସ୍ତ୍ରୀ ଓ ପୁରୁଷ ସମସ୍ତେ ଏହା ସେବନ କରି ପାରନ୍ତି । ସପ୍ତାହ କାଳ ସେବନୀୟ, ଔଷଧର ମୂଲ୍ୟ ଏକ ଟଙ୍କା ।

୫ । ଜ୍ୱରସାଗର ଅଗସ୍ତ୍ୟ—ଏହା ସେବନ କଲେ ମ୍ୟାଲେରିଆ ବା ଦୂଷିତ ଜଳବାୟୁଜନିତ ଜ୍ୱର, ସର୍ବ ପ୍ରକାର ପାଳିଜ୍ୱର, ପୁରାତନ, ନୂତନ ଓ ବଦ୍ଧ ଜ୍ୱର, ପ୍ଲୀହା ଯକୃତ୍, ଅଜୀର୍ଣ୍ଣ, ଅରୁଚି, ଶୀର୍ଣ୍ଣତା, ରକ୍ତସ୍ୱଳ୍ପତା, ଅନିୟମିତ କୋଷ୍ଠ, ଶାରୀରିକ ଓ ମାନସିକ ଅବସନ୍ନତା ଇତ୍ୟାଦି ନିବାରିତ ହୁଏ ଏବଂ ଦେହ, ପରିପୁଷ୍ଟ ହୋଇ ରକ୍ତ ସଞ୍ଚାରିତ ହୁଏ । ଏକ ପକ୍ଷକାଳ ସେବନୀୟ, ଔଷଧର ମୂଲ୍ୟ ଦୁଇ ଟଙ୍କା ଆଠ ଅଣା ।

୬ । ଶୋଣିତସଞ୍ଜୀବନୀ ( ସାଲସା )—ଶୋଣିତ ମାନବଦେହର ପ୍ରଧାନ ଉପାଦାନ ଅଟେ । ଏହା ପରିଶୁଦ୍ଧ ଥିଲେ କୌଣସି ପ୍ରକାର ବ୍ୟାଧିର ଉତ୍ପତ୍ତି ହୋଇପାରେ ନାହିଁ । କିନ୍ତୁ ରକ୍ତ ଶୋଣିତ ସାମାନ୍ୟ ମାତ୍ର ଦୂଷିତ ହେଲେ ତହିଁରୁ କ୍ରମେ କ୍ରମେ ଶରୀର ଭିତରୁ ରକ୍ତ ଦୂଷିତ ହୋଇ ନାନା ପ୍ରକାର ଉତ୍କଟ ବ୍ୟାଧିର ଉତ୍ପତ୍ତି ହୁଏ । ଅନିୟମିତ ଆହାର, ବିହାର ଅତିରିକ୍ତ ଶାରୀରିକ ଓ ମାନସିକ ପରିଶ୍ରମ, ଦୂଷିତ ଜଳବାୟୁ ପାରଦାଦି ବିଷଦୋଷ, ପ୍ରମେହ, ଉପଦଂଶ ଇତ୍ୟାଦି ହେତୁ ଶରୀରର ରକ୍ତ ଦୂଷିତ ହୋଇ ଉଠେ ଏବଂ ନାନାପ୍ରକାର କ୍ଷତ, କଣ୍ଡୁସା, ଗାତ୍ର, କଣ୍ଡୁ, ଗଣ୍ଠିବେଦନା, ନେତ୍ର ଓ ନାସିକା ରୋଗ ଶାରୀରିକ ଓ ମାନସିକ ଅବସନ୍ନତା ଇତ୍ୟାଦି ରୋଗ ଓ ଲକ୍ଷଣମାନ ଜାତ ହୋଇ ମନୁଷ୍ୟକୁ ଅକର୍ମଣ୍ୟ କରି ଦିଏ । ଏହି ସୁଧା ବ୍ୟବହାର କଲେ ଉକ୍ତିଖିତ ଉପଦ୍ରବମାନ ତିରୋହିତ ହୋଇ ମାନବଦେହ ନବଜୀବନ ପ୍ରାପ୍ତ ଓ ଶୋଭାଯୁକ୍ତ ହୁଏ । ସୂତିକାଗାରରେ ମଧ୍ୟ ବାଳକ ବାଳିକାମାନଙ୍କ ଏହା ଉପଯୋଗୀ । ନାନାପ୍ରକାର ଚର୍ମରୋଗ, ଶାଳୁ କୁଷ୍ଠ ଓ ଷିତାଦି ଏହା ସେବନେ ଆରୋଗ୍ୟ ହୁଏ । ବାର ଦିବସ ସେବନୀୟ ଔଷଧର ମୂଲ୍ୟ ଦୁଇଟଙ୍କା ଆଠଅଣା ।

ବାଲୁବଜାର, କଟକ ଔଷଧଭଣ୍ଡାର । } ଡାକ୍ତର । ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ । V. L. M. S.

ଆୟୁର୍ବେଦୋକ୍ତ

ନୂତନ

## ଔଷଧାଳୟ ।

ବାଲୁବଜାର, କଟକ ।

ଏଠାରେ ନାନାପ୍ରକାର ଦେଶୀୟ ଔଷଧମାନ ଅକୃତ୍ରିମ ଓ ଶାସ୍ତ୍ରସଙ୍ଗତମତେ ପ୍ରସ୍ତୁତ ହୋଇ ସୁଲଭ ମୂଲ୍ୟରେ ବିକ୍ରୟ ହେଉଅଛି ଅବସ୍ଥା ଦେଖି ଦରିଦ୍ରମାନଙ୍କୁ ବିନା ମୂଲ୍ୟରେ ମଧ୍ୟ ଦିଆ ଯାଉଅଛି । ଯେଉଁମାନେ ଚିକିତ୍ସିତ ହେବାକୁ ଇଚ୍ଛା କରିବେ ଯତ୍ନ ପୂର୍ବକ ସେମାନଙ୍କର ଚିକିତ୍ସା କରିବାକୁ ପ୍ରସ୍ତୁତ ଅଛୁଁ । ମଫସଲବାସୀମାନେ ପତ୍ରଦ୍ୱାରା ରୋଗର ବୃତ୍ତାନ୍ତ ଜଣାଇଲେ ବ୍ୟବହାର ବିଧି ସହିତ ଉପଯୁକ୍ତ ଔଷଧ ପାଇବେ ।

ଆମ୍ଭର ଚିକିତ୍ସା ଏବଂ ଔଷଧର ଗୁଣ ପରୀକ୍ଷା କରିବାକୁ ସର୍ବସାଧାରଣଙ୍କୁ ଅନୁରୋଧ କରୁଅଛୁ ।

ଶ୍ରୀ ଗଦାଧର କୈଥୋଟି ।

ଏହି ଉତ୍କଳଦୀପିକା ସହର କଟକ ଚଉଧୁରୀବଜାର କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter

# ଉତ୍କଳ ଦୀପିକା

ସାପ୍ତାହିକସମ୍ବାଦପତ୍ରିକା ।

ଭ ୨୬ ଶ
ସ ୨୮ ସଂଖ୍ୟା

ତା ୧୧ ଋଣ ମାହେ ଜୁଲାଇ ସନ ୧୮୯୧ ମସିହା । ମୁ । ଆଷାଢ଼ ଵ ୨୯ ଦ ସନ ୧୨୯୮ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩,
ପଶ୍ଚାଦେୟ ଟ ୩।

## ଭାରତବର୍ଷୀୟ ଦଣ୍ଡବିଧି ।

ଅର୍ଥାତ୍ ସନ ୧୮୬୦ ସାଲର ଆ ୪୫ ଉନ କାନୁନର ସନ ୧୮୯୦ ସାଲର ଅଗଷ୍ଟ ମାସ ତା ୧ ଋଣପର୍ଯ୍ୟନ୍ତ ଯେସମସ୍ତ ଅ ୨ନ ଦ୍ୱାରା ସଂଶୋଧନ ହୋଇଅଛି ତାହାର ମିଶି ଏକଠାରେ ଓଡ଼ିଆଭାଷାରେ ଛପା ହୋଇ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି । ମୂଲ୍ୟ ଏକଖଣ୍ଡକୁ ଟ ୧। ଓ ଡାକଖର୍ଚ୍ଚା ଟ ୦୵ ଅଳ୍ପସଂଖ୍ୟା ଛପା ହୋଇଅଛି । ଯାହାଙ୍କର ପ୍ରୟୋଜନ ଶୀଘ୍ର କ୍ରୟ କରନ୍ତୁ ।

---

ମଣିପୁରର ଦଣ୍ଡପ୍ରାପ୍ତ ମହାରାଜା ଓ ଯୁବରାଜଙ୍କ ଆପତ୍ତି ଦରଖାସ୍ତ ଗ୍ରହଣ କରିବାକାରଣ ଇଣ୍ଡିଆ ଗବର୍ଣ୍ଣମେଣ୍ଟ ଚଳିତମାସ ତା ୧୦ ଋଣ ପର୍ଯ୍ୟନ୍ତ ସମୟ ଦେଇଥିଲେ ମାତ୍ର ଏ ସମୟରେ ଦରଖାସ୍ତ ପ୍ରସ୍ତୁତ ହୋଇ ନ ପାରିବାର ଆବେଦନ ହେବାରୁ ଚଳିତମାସ ଶେଷ ତାରିଖ ପର୍ଯ୍ୟନ୍ତ ମିଆଦ ଦିଆଯାଇ ଅଛି ।

---

ମାନ୍ଦ୍ରାଜ ରାଜଧାନୀର କେତେକ ପ୍ରଦେଶରେ ଅନ୍ନକଷ୍ଟ ଘଟିଅଛି । ଉତ୍ତର ଆର୍କଟରେ ୭୦୦୦ ଲୋକ ସାହାଯ୍ୟ କାର୍ଯ୍ୟରେ ପ୍ରତିପାଳିତ ହେଉଅଛନ୍ତି ଓ ୧୬୦୦ ଜଣ ଅନ୍ନଛତ୍ରରେ ଖାଉଅଛନ୍ତି । ଚିଙ୍ଗଲପଟରେ ଜ ୮୩୦୦ଣ ସାହାଯ୍ୟ କାର୍ଯ୍ୟରେ ଓ ଜ ୭୦୦ ଣ ଅନ୍ନଛତ୍ରରେ ପ୍ରତିପାଳିତ ହେଉଅଛନ୍ତି । ଅନ୍ୟାନ୍ୟସ୍ଥାନରେ ଜ ୧୬୦୦ ଣ ପର୍ଯ୍ୟନ୍ତ ସାହାଯ୍ୟ ପାଉଅଛନ୍ତି । ଅନ୍ନକଷ୍ଟ ଛଡ଼ା ଜଳକଷ୍ଟ ମଧ୍ୟ ବାଧିଅଛି । ତହିଁର ଅଭାବେ ପଶୁମାନେ କଷ୍ଟ ଲଭୁଅଛନ୍ତି ।

---

ଡାକ୍ତର ରାମଚନ୍ଦ୍ର ଦତ୍ତ ପୁଣି ଗତ ସୋମବାର ସନ୍ଧ୍ୟା ସମୟରେ ଏକ ବକ୍ତୃତା ପ୍ରଦାନ କରିଥିଲେ ଏବଂ ଏଥର ସ୍ୱାଭାବିକ ଭାର ଆମ୍ଭମାନଙ୍କର ଜଜ ଶ୍ରୀଯୁକ୍ତ ଗୁପ୍ତ ସାହେବ ଗ୍ରହଣ କରି ନଗରବାସିଙ୍କୁ ବଡ଼ ଆପ୍ୟାୟିତ କରିଥିଲେ ପୂର୍ବଦିନଠାରୁ ଏଦିନ ଅଧିକ ଅଧିକ ଲୋକେ ବକ୍ତୃତା ଶୁଣିବାକୁ ଆସିଥିଲେ ଏବଂ ଶେଷପର୍ଯ୍ୟନ୍ତ ଥିଲେ ଏତିକି ବକ୍ତାଙ୍କ ମୁଖ୍ୟାତିର ଯଥେଷ୍ଟ ପରିଚୟ ଅଟଇ । ଏଦିନ ବକ୍ତୃତାର ବିଷୟ ଥିଲା "ଧର୍ମବିହୀନ ଜାତି" ଏହାକୁ ଅନ୍ୟ ଭାଷାରେ ଈଶ୍ୱର ବିଶ୍ୱାସ ବିହୀନ ଧର୍ମ ବୋଲାଯାଇ ପାରେ ସେ ଏହି କଥା ପ୍ରତିପନ୍ନ କଲେ ଯେ ସମସ୍ତ ଜାତିର ଧର୍ମର ମୂଳ ଈଶ୍ୱର । ଈଶ୍ୱରଛଡ଼ା ଧର୍ମ ଅସମ୍ପୂର୍ଣ୍ଣ ଏବଂ ସେ ଧର୍ମ ଜୀବିତ ରହି ନ ପାରେ ।

---

ଏକ ସମ୍ବାଦପତ୍ରରେ ପାଠକଲୁଁ କି ଗତବର୍ଷ ଭାରତବର୍ଷର ପଥରକୋଇଲାଖଣିମାନଙ୍କରୁ ୨ କୋଟି ମହଣ କୋଇଲା ଆମଦାନୀ ହୋଇଥିଲା । ଏଥିମଧ୍ୟରୁ ଏକା ବଙ୍ଗଦେଶର ଉତ୍ପନ୍ନ ୪ କୋଟି ମହଣରୁ ଅଧିକ ଅଟଇ । ପଞ୍ଜାବ ଓ ଆସାମର ଉତ୍ପନ୍ନ ମଧ୍ୟ ଅନେକ ବୃଦ୍ଧି ହୋଇଅଛି, ମଧ୍ୟପ୍ରଦେଶର ଉତ୍ପନ୍ନ ସମାନଭାବରେ ଗତ କେତେବର୍ଷରୁ ହେଉଥିଲେହେଁ ବଙ୍ଗଲା ନାଗପୁରରେଲ ଫିଟିବାରୁ ନିକଟ ଓ ଭବିଷ୍ୟତରେ ବୃଦ୍ଧି ହେବାର ଲକ୍ଷଣ ଜଣାଯାଉଅଛି । ସମ୍ବଲପୁର ଜିଲ୍ଲାରେ ଇବନଦୀର ଗର୍ଭ ନିର୍ମାଣ ସମୟରେ ଯେଉଁ କୋଇଲାଖଣି ଆବିଷ୍କାର ହୋଇଅଛି ତହିଁର ପରୀକ୍ଷା ବଡ଼ ସନ୍ତୋଷଜନକ ହୋଇଅଛି । ମଧ୍ୟପ୍ରଦେଶରେ ଏ ଖଣି ସର୍ବାପେକ୍ଷା ଉତ୍କୃଷ୍ଟ ଥିବାର ଅନୁମାନ ହୁଅଇ ଓଡ଼ିଶା ରେଲପ୍ରତି ସେ ବିଶେଷ ସାହାଯ୍ୟ କରିବ ।

---

ହରଗଡ଼ର ଜମିଦାରୀ ବିକ୍ରୟ ହେବା କଥା ପ୍ରକାଶ କରି ସମ୍ବଲପୁରହିତୈଷିଣୀ ଏହିମନ୍ତବ୍ୟ ଲେଖିଅଛନ୍ତି କି ଉକ୍ତଜମିଦାରୀ ବଙ୍ଗଲାହାତକୁ ବାହାର ଗିବାକୁ ଆମ୍ଭେମାନେ ଓ ସମ୍ବାଦବାହିକା ଦୁଃଖପ୍ରକାଶ କରୁଅଛୁଁ "କେବଳ ଅବିବେଚନାରେ ଋଣଗ୍ରସ୍ତ ହୋଇ ଜଣେ ଜମିଦାର ଯେ ପୈତୃକ ସମ୍ପତ୍ତି ହରାଇ ବସିଲେ ଏଥିପାଇଁ କେହି ଦୁଃଖିତ ଥିବାର ପ୍ରକାଶ ପାଉ ନାହିଁ" । ବଡ଼ଦୁଃଖସ୍ଥଳେ ଶ୍ରେଷ୍ଠଦୁଃଖ ଲୁଚିଯାଏ ସହଯୋଗୀ ଏକଥା ବିଚାର କରିଥିଲେ ଆମ୍ଭମାନଙ୍କର ତ୍ରୁଟି ଧରି ନ ଥାନ୍ତେ । ଆଉ ସେ ଅବିବେଚନାପୂର୍ବକ

Digitized by srujanika@gmail.com

Split by PDF Splitter



ସନ୍ତୁଷ୍ଟ ହୋଇଅଛୁ ତାହାପାଇଁ ସହଯୋଗୀ ଉଚିତ ହେବାରୁ ତାହାଙ୍କର ମନ ବଡ଼ କୋମଳ ବୋଲଯାଇପାରେ ମାତ୍ର ଜଣେ ପାରସୀଜାତି-ଜ୍ଞପଣ୍ଡିତ କହୁଅଛନ୍ତି ଯେ ଯାହାର ଆୟ ଟ ୧୯୯-ଙ୍କା ଓ ଖର୍ଚ୍ଚ ଟ ୨୦୯ ଙ୍କା ତାହାପାଇଁ ଆଦବୀ ଉଚିତ ନୁହଇ । ସେ ବ୍ୟକ୍ତି ସ୍ୱୟଂ ଆପଣାପାଇଁ ଉଚିତ ନୁହେ ପରର ସହାନୁଭୂତି ଆଶା କରି ନ ପାରେ ।

---

ଜଣେ ପତ୍ରପ୍ରେରକ ଲେଖିଅଛନ୍ତି ଯେ ଏଠା ପଲଟନ ଏଲାକାରେ ଯେଉଁ କାଞ୍ଜିହାଉସ ଅଛି ତହିଁର ଇଜାରଦାରଙ୍କୁ ପଲଟନ ସାହେବ ଅଧିକାର ଦେଇଅଛନ୍ତି ଯେ ପଲଟନ ସୀମା ମଧ୍ୟରେ ବୁଲା ପଶୁ ଦେଖିଲେ ସେ ଆପେ ଧରି-ନେଇ କାଞ୍ଜିହାଉସରେ ପକାଇବ ଏଥିଲାଗି ଇଜାରଦାର ଆପଣା ଲାଗିପାରେ ଠିକା ମନୁଷ୍ୟ ନିଯୁକ୍ତ କରି ସେମାନଙ୍କଦ୍ୱାରା ନଗରକୂଳ ଓ ତତ୍ପର ପଡ଼ିଆରେ ଚରୁଥିବା ପଶୁମାନଙ୍କୁ ସଡ଼କ ଉପରକୁ ଅଡ଼ାଇଆଣି ସେଠାରୁ ବୁଲାପଶୁ ବୋଲି ଧରି କାଞ୍ଜିହାଉସରେ ପକାଇ ଦେଉ-ଅଛି । ଏଥିପାଇଁ କେତେଗୁଡ଼ିଏ ମୋକଦମା ଫଉଜଦାରୀରେ ଉପସ୍ଥିତ ହୋଇଅଛି ଏବଂ ପଲଟନ ଏଲାକାରେ ବାସ କରିବା ଲୋକଙ୍କର ଗୁରୁ ଦୁଃଖ ହୋଇଅଛି । ମୋକଦମାର ଫଳ ଅମ୍ଭେମାନେ ଅବଗତ ହୋଇ ନାହୁଁ । ସଫଳ ହେଲେ ମଧ୍ୟ ସମସ୍ତଙ୍କ ପକ୍ଷରେ ମୋକଦମା କରିବା ସହଜ କଥା ନୁହଇ । ଅର୍ଦ୍ଧୋ କାଞ୍ଜି-ହାଉସ ଇଜାରା ଦେବା ଅନର୍ଥର ମୂଳ ଅଟଇ । ତହିଁ ଉପରେ ଇଜାରଦାରଙ୍କୁ ଏପରି ଅଧିକାର ଦେବା ଅତ୍ୟନ୍ତ ଅନିଷ୍ଟଜନକ ! ଅମ୍ଭେମାନେ ଆଶା କରୁଁ ପଲଟନରୁ ସରଦାର ସାହେବ ତାହାଙ୍କ ପ୍ରଦତ୍ତ ଅଧିକାରର ଅନିଷ୍ଟକାରିତା ଅନୁଭବ କରି ତାହା ରହିତ କରିବାଦ୍ୱାରା ପ୍ରଜାମାନଙ୍କର ଧନ୍ୟବାଦର ଭାଜନ ହେବେ ।

---

କୁଆଁପାଳରୁ ଶ୍ରୀକୃଷ୍ଣପ୍ରସାଦ ଚୌଧୁରୀ ଲେଖି ପଠାଇଅଛନ୍ତି ଯେ ଗତ ଆଷାଢ଼ମାସ ତା ୬-ରିଖରେ ଉକ୍ତ ଗ୍ରାମର ହରସଣ୍ଡୀ ଚତୁର୍ଥବର୍ଷରେ ପଦାର୍ପଣ କରିବାରୁ ତଦୁପଲକ୍ଷରେ ନଗର-ସଙ୍କୀର୍ତ୍ତନ ବ୍ରାହ୍ମଣଭୋଜନ ପ୍ରସାଦ ସେବା ଇତ୍ୟାଦି ସତ୍କାର୍ଯ୍ୟମାନ ଅନୁଷ୍ଠିତ ହୋଇଥିଲା ଏବଂ ଗ୍ରାମର ଆବାଳବୃଦ୍ଧ ହରପ୍ରେମରେ ମଗ୍ନ ହୋଇଥିଲେ । ସେଉଁଠାରେ ପ୍ରସାଦର [illegible] ବନ୍ଦୋବସ୍ତ ସେଠାରେ ସମାଲୋଚ୍ୟ ଅଧିକ ହେବ ଏକଥା ସମସ୍ତଙ୍କ ଜଣାଅଛି । କିନ୍ତୁ ଏହାଦ୍ୱାରା ସଭାର କାର୍ଯ୍ୟର ପରିଚୟ ମିଳିବାର କଥା ନାହିଁ । ସଭାଟି ବର୍ଷମଧ୍ୟରେ କେତେଥର ବସିଥିଲା ପ୍ରତ୍ୟେକ ଅଧିବେଶନରେ କେତେ ସଭ୍ୟ ଉପସ୍ଥିତ ହୋଇଥିଲେ । ସଭ୍ୟସଂଖ୍ୟା ପୂର୍ବବର୍ଷଠାରୁ କି ପରିମାଣରେ ବୃଦ୍ଧି ହୋଇଅଛି, କି କି ବିଷୟର ଚର୍ଚ୍ଚା ଏବର୍ଷମଧ୍ୟରେ ହୋଇଥିଲା ଏବଂ ନିଯୁକ୍ତ ସଭ୍ୟଙ୍କ ଛଡ଼ା ଅପର କେତେ ଗ୍ରାମବାସୀ ପୁସ୍ତକ ପାଠ ବା କଥା ଶୁଣିବାକୁ ଉପସ୍ଥିତ ହେଉଥିଲେ ଏସବୁ ବିଷୟର ସଂକ୍ଷେପ ବିବରଣ ପ୍ରକାଶ ହେଲେ ସଭାଦ୍ୱାରା କି ପରିମାଣ ହିତସାଧନ ହେଉଅଛି ତାହା ସର୍ବସାଧାରଣ ଜାଣିପାରନ୍ତେ ଏବଂ ତଦ୍ଦ୍ୱାରା ଅନ୍ୟାନ୍ୟସ୍ଥାନର ଲୋକମାନେ ଏପ୍ରକାର ସଭା ସ୍ଥାପନ ବିଷୟରେ ଉତ୍ସାହୀ ହେବେ । ଏ ସଭାଟି ଯେଉଁସ୍ଥଳେ ତିନି-ବର୍ଷ ସ୍ଥିର ରହିଅଛି ସେସ୍ଥଳେ ଅବଶ୍ୟ ଅନୁମାନ କରିବାକୁ ହେବ ଯେ ଏହାପ୍ରତି ଲୋକଙ୍କର ଆଗ୍ରହ ଅଛି ଏବଂ କିଛି ଉପକାର ହେଉଅଛି । କିନ୍ତୁ ଉପକାରର ଏଥିର ଶ୍ରୀବୃଦ୍ଧି ହେବା ବାଞ୍ଛନୀୟ ଏବଂ ତହିଁର ପରିମାଣ ଜାଣିବା ଆଶା-ରେ ଅମ୍ଭେମାନେ ଉପରଲିଖିତ ମନ୍ତବ୍ୟ ପ୍ରକାଶ କଲୁଁ ନତୁବା ସଭାର ଦୋଷ ଦେଖାଇବା ଉଦ୍ଦେଶ୍ୟରେ ନୁହଇ ।

---

ଏଠା ମେଡିକେଲ ସ୍କୁଲସମ୍ବନ୍ଧରେ ଗତମାସ ତା ୧୩ ରିଖର ଉତ୍କଳଦୀପିକାରେ ଖଣ୍ଡିଏ ଇଂରାଜୀ ପ୍ରେରିତପତ୍ର ପ୍ରକାଶ ହୋଇଥିଲା । ତହିଁରେ ଉକ୍ତ ବିଦ୍ୟାଳୟରେ ସ୍ତ୍ରୀମାନଙ୍କ ଶିକ୍ଷା-ବିଷୟରେ କେତେକ ଅସୁବିଧା ମଧ୍ୟରେ କେହି କେହି ଶିକ୍ଷକ ଛାତ୍ରୀମାନଙ୍କୁ ବେଞ୍ଚ ଉପରେ ଛିଡ଼ା କରି-ବାଦ୍ୱାରା ଯାହା ଦଣ୍ଡ ଦିଅନ୍ତି ଏ ପ୍ରଥା ଅନ୍ୟାୟ୍ୟ ବୋଲି ଲେଖିଥିଲେ ଏବଂ ଆଶା କରିଥିଲେ ଯେ ସ୍କୁଲର ଅଧ୍ୟକ୍ଷ ଏ ଦଣ୍ଡ ରହିତ କରିବେ । ଏ ପତ୍ର ଅଧ୍ୟକ୍ଷ ମହାଶୟଙ୍କ ଗୋଚରରେ ଆସି-ବାରୁ ସେ ତହିଁର ଅନୁସନ୍ଧାନରେ ପ୍ରବୃତ୍ତ ହେଲେ । ଏଥିରୁ ଅମୂଲ୍ୟ ବାବୁ ନାମକ ଜଣେ ଛାତ୍ର ଏପ୍ରକାର ଦଣ୍ଡାଜ୍ଞା ଥରେ ଅଉ ଜଣେ ଛାତ୍ରୀଙ୍କ ଦେଖି ପାଇଥିବା ଏବଂ ତାହା ନିତାନ୍ତ ଲଜ୍ଜାକର ଥିବା ହେତୁ ଆପତ୍ତି କରିଥିବାରୁ ଶିକ୍ଷକ ମହାଶୟ ତାହାକୁ କ୍ଲାସରୁ ବାହାର କରି ଦେବା ଓ ସେ କାନ୍ଦି ଘରକୁ ଯାଇଥିବା ଇତ୍ୟାଦି ପ୍ରସଙ୍ଗରେ ଏକ ଆବେଦନପତ୍ର ଅଧ୍ୟ-କ୍ଷଙ୍କଠାରେ ଦେଲା । ଅଧ୍ୟକ୍ଷଙ୍କ ତଦନ୍ତରେ ଅମୂଲ୍ୟବାବୁର ଗୁହାରି ମିଥ୍ୟା ଥିବା ଏବଂ ସେ କେବଳ ଶିକ୍ଷକଙ୍କ ଦୁର୍ନାମ ରଟାଇବା ଏବଂ ବିଦ୍ୟାଳୟର ହାନି କରିବା ଅଭିପ୍ରାୟରେ ସେପ୍ର-କାର ଗୁହାରି କରିଥିବାର ଜଣା ଯିବାରୁ ଅଧ୍ୟକ୍ଷ ମହାଶୟ ଅମୂଲ୍ୟଙ୍କୁ ସ୍କୁଲରୁ ବାହାର କରି ଦେଲେ । ବର୍ତ୍ତମାନ ଏହି ନିଷ୍ପତ୍ତି ଦଣ୍ଡ-ବିରୁଦ୍ଧରେ ଅମୂଲ୍ୟବାବୁ ଶ୍ରୀଯୁକ୍ତ କମିଶନର ସାହେବଙ୍କ ନିକଟରେ ଏକ ଆବେଦନପତ୍ର-ଦ୍ୱାରା ଆପଣାର ଦୁଃଖ ଜଣାଇ ପ୍ରତୀକାର ପ୍ରାର୍ଥନା କରିଅଛି ଏବଂ ତହିଁର ପ୍ରତିଲିପି ଅମ୍ଭ-ମାନଙ୍କ ନିକଟକୁ ପଠାଇ ଦୃଢ଼ଭାବରେ କହି-ଅଛି କି ସେ ପ୍ରକୃତ ଘଟନା ଅଧ୍ୟକ୍ଷଙ୍କୁ ଜଣାଇ ଥିଲା ଆଦୌ ମିଥ୍ୟା କହି ନାହିଁ ଏବଂ ଯଦ୍ୟପି କି ସ୍କୁଲସମ୍ପର୍କୀୟ କୌଣସି ବ୍ୟକ୍ତି ଏ ଘଟନା ଦେଖିଥିବାର କହି ନାହିଁ ମାତ୍ର ସେ ଯେ ସମସ୍ତ ବାହାରଲୋକଙ୍କର ଲିଖିତ ପ୍ରମାଣ ଦର୍ଶାଇ ଅଛି ତହିଁରୁ ଏ ଗୁହାରି ନିତାନ୍ତ ଅମୂଳକ ଥିବାର ଜଣା ଯାଉ ନାହିଁ । ପଢ଼ାସମୟରେ ଶିକ୍ଷକଙ୍କ ଚରିତ୍ରସମ୍ପର୍କିତ ପ୍ରମାଣ ଛାତ୍ରମାନଙ୍କ ଛଡ଼ା ଅନ୍ୟ କାହାଦ୍ୱାରା ହୋଇ ନ ପାରେ ଏବଂ ଛାତ୍ରମାନେ କୌଣସି ସମୟରେ ଶିକ୍ଷକଙ୍କ ସପ-କ୍ଷରେ ... ଅସାଧାରଣ ନୁହଇ । ଫଳତଃ ଯେଉଁଠାରେ ସ୍କୁଲସମ୍ପର୍କୀ ଓ ବାହାରଲୋକଙ୍କ ସାକ୍ଷ୍ୟ ଭିନ୍ନ ହେବାର ଦେଖାଯାଏ ସେସ୍ଥଳେ ସନ୍ଦେହ ଜାତ ହେବା ଅସମ୍ଭବ ନୁହଇ ଏବଂ ଏ ସନ୍ଦେହର ଫଳ ଅଭିଯୁକ୍ତ ବ୍ୟକ୍ତି ପାଇବାର ଉଚିତ । ଅମ୍ଭମାନଙ୍କର ଦୃଢ଼ବିଶ୍ୱାସ ଯେ ଅମ୍ଭମାନଙ୍କର ନିରପେକ୍ଷ ଓ ଦୟାଳୁ କମିଶ-ନର ସାହେବ ଏ ବିଷୟ ଉତ୍ତମରୂପେ ବିବେଚନା କରି ଉଚିତ ପ୍ରତୀକାର ପ୍ରଦାନ କରିବେ । ଅଜ୍ଞା-ନତା ଅଥବା ଈର୍ଷାବଶତଃ କେହି ଛାତ୍ର ଶିକ୍ଷକ-ନାମରେ ଏପରି ମିଥ୍ୟା ଗୁହାରି ରଚନା କରିବ ଏହା ମନକୁ ଆସୁ ନାହିଁ ଏବଂ ଯେବେ ପ୍ରମାଣ-ଦ୍ୱାରା ତାହା ନିଶ୍ଚୟ ଜଣାଯାଏ ହେବେ ମଧ୍ୟ ଏପରି ଗୁରୁଦଣ୍ଡ ଏକାବେଳକେ ଦେବା ଅମ୍ଭ-ମାନଙ୍କ ବିବେଚନାରେ ଉଚିତ ନୁହଇ । ଛାତ୍ରର ଚରିତ୍ର ସଂଶୋଧନ ଉଦ୍ଦେଶ୍ୟରେ ଦଣ୍ଡ ଦେବା ଆବଶ୍ୟକ ବିଦ୍ୟାଳୟରୁ ବାହାର କରି ଦେଲେ ଆଉ ଭଲ କରିବାର ଉପାୟ ରହିବ ନାହିଁ । ଯେଉଁଛାତ୍ର କ୍ରମାଗତ ଶାସିତ ହେବା ପ୍ରତ୍ୟେ ସୁଧୁରି ଉଠିଲା ନାହିଁ ସେହି ଏହା ଶାସନ-ଦଣ୍ଡର ଯୋଗ୍ୟ । କିନ୍ତୁ ପ୍ରଥମ ଅପରାଧ କ୍ଷମାର

Digitized by srujanika@gmail.com

Split by PDF Splitter



ଯୋଗ୍ୟ ଓ କ୍ଷମା ନ କଲେ କ୍ଷମାର ମହତ୍ତ୍ୱ ଶିକ୍ଷା ଦେବା ଯୁକ୍ତ ନାହିଁ । ବଡ଼ଦୁଃଖର ବିଷୟ ବର୍ତ୍ତମାନ ସମୟରେ ବିଦ୍ୟାଳୟର ଅଧ୍ୟକ୍ଷମାନେ ଛାତ୍ରଙ୍କ ଦଣ୍ଡର ଅଧିକ ପକ୍ଷପାତୀ ହୋଇ ଅଛନ୍ତି । ଗତବର୍ଷ ରେଭେନ୍ସା କଲେଜରୁ ଛଜଣ ଛାତ୍ର ବହିଷ୍କୃତ ହୋଇ ଥିଲେ ଏବର୍ଷ ମଡେଲ ସ୍କୁଲରେ ପୁଣି ସେହିପରି ଘଟଣା ହେଲା । ଏଥିରୁ ବୋଧ ହେଉଅଛି ଯେମନ୍ତ ଅଧ୍ୟକ୍ଷ ଓ ଶିକ୍ଷକମାନଙ୍କର ଅଧିକ ସହିଷ୍ଣୁତା ଓ କ୍ଷମାଗୁଣମାନ ଊଣା ହୋଇ ଆସୁଅଛି ।

---

## ବିଲାତରେ ମଣିପୁରଚର୍ଚ୍ଚା ।

ବିଲାତର ତାରସମ୍ବାଦରୁ ଜଣାଯାଏ ଯେ ...ପ୍ରିରସେନ ପାର୍ଲିଆମେଣ୍ଟସଭାରେ ଉପ- ...ସ୍ଥିତ ହୋଇ ଓ ସେଠା ସମ୍ବାଦପତ୍ରମାନ- ...ର ବିଶେଷ ଆନ୍ଦୋଳନ ଲାଗିଅଛି । ...ହଙ୍କ ସହକାରୀ ସରଜନ ଗର୍ଷ୍ଟ ...ମେଣ୍ଟଙ୍କ ପକ୍ଷ ସମର୍ଥନ କରି ଏକ- ...ବ୍ୟକ୍ତକଲେ କି "ଯୁବରାଜ ...ବୁଦ୍ଧି, ଚତୁର ଓ କାର୍ଯ୍ୟ- ...ହେତୁରୁ ଗବର୍ଣ୍ଣମେଣ୍ଟ ତା- ...ର ଅନୁପଯୁକ୍ତ ସିଦ୍ଧାନ୍ତ ...ତାଙ୍କ ...ପେକ୍ଷା ମୂର୍ଖ ବା ... ଅବୋଧଲୋକ ଉପରେ ରାଜ୍ୟଭାର ଅର୍ପଣ କରିବା ଗବର୍ଣ୍ଣମେଣ୍ଟ ନିରାପଦ ଓ ଶ୍ରେଷ୍ଠତର ...ଧ୍ୟ ମନେ କରନ୍ତି ।" ଆମ୍ଭମାନଙ୍କ ଭୂତପୂର୍ବ ...ର ଜେନରଲ ଲର୍ଡ଼ରିପନ ସାହେବ ଯା- ...ଶାର ବଡ଼ ସଭାରେ ଏହି ବାକ୍ୟର ...ାର ପ୍ରତିବାଦ କରି କହିଲେ କି ଦେଶୀୟ ...ଜ୍ୟ ସମସ୍ତ ମୂର୍ଖଲୋକଙ୍କଦ୍ୱାରା ଶାସିତ ହେଉ । ଏବଂ ବୁଦ୍ଧିମାନ୍ ରାଜାମାନେ କାହାର ଯାଉନ୍ତୁ ଭାରତଗବର୍ଣ୍ଣମେଣ୍ଟଙ୍କର ଏପରି ଇଚ୍ଛା କଦାଚ ହୋଇ ନ ପାରେ । ବାସ୍ତବରେ ସହକାରୀ ସଚିବ ଭାରତ ଗବର୍ଣ୍ଣମେଣ୍ଟଙ୍କର ଯେପରି ଅଭିପ୍ରାୟ ବ୍ୟକ୍ତକଲେ ତାହା ଯଥାର୍ଥ ହେଲେ ନିତାନ୍ତ ଅନ୍ୟାୟ । ଅଥଚ ଯେ ସ୍ଥଳେ ସହକାରୀ ସଚିବଙ୍କପରି ଉଚ୍ଚପଦସ୍ଥ କର୍ମଚାରୀ ଏପରି କହୁଅଛନ୍ତି ସେ ସ୍ଥଳେ ତାହା ଅଯଥାର୍ଥ ବୋଲି ...କହିବ ? ଏକଥା ଶୁଣି ଲୋକଙ୍କ ମନରେ ...ଧାରଣା ହୋଇପାରେ ଯେ ଗବର୍ଣ୍ଣମେଣ୍ଟ ...ରେ ଯାହା ବୋଲନ୍ତୁ ଭିତରେ ତାହା- ଙ୍କର ଅନ୍ତରର ଇଚ୍ଛା ଏହି ଯେ ଦେଶୀୟ ରାଜା ...ଥ ହେଲେ ଭଲ କାରଣ ତାହାଙ୍କ ଯେମନ୍ତ ଇଚ୍ଛା ସେମନ୍ତ ବାଟରେ ଚଳାଇ ପାରିବେ । ଦେଶୀୟ ରାଜାମାନେ ଚତୁର ହେଲେ ସେପରି ହୋଇ ପାରିବ ନାହିଁ ।

ସହକାରୀଙ୍କ କଥା ନିତାନ୍ତ ଅନ୍ୟାୟ ଏବଂ ତହିଁରେ ଅନର୍ଥ ଘଟିବାର ଦେଖି ଭାରତସଚିବ ଲର୍ଡ଼ କ୍ରସ ସଭାରେ କହିଲେ କି "ଯୁବରାଜ ସମ୍ବନ୍ଧରେ କି କରିବାକୁ ହେବ କହି ନ ପାରୁଁ ମାତ୍ର ଲର୍ଡ଼ ଲାନସଡାଉନ ଯେ ଦୟା ଓ ନ୍ୟାୟପରତା ପ୍ରଦର୍ଶନ କରାଇବେ ତହିଁରେ କୌଣସି ସନ୍ଦେହ ନାହିଁ । ସେନାପତି ରାଜଦ୍ରୋହୀ । ଯଦ୍ୟପି ଭୂତପୂର୍ବ ମହାରାଜା ରାଜ୍ୟ ତ୍ୟାଗ ନ କରନ୍ତେ ତେବେ ସୈନ୍ୟ ପଠାଇ ତାହାଙ୍କୁ ପୁନର୍ବାର ରାଜସିଂହାସନରେ ପ୍ରତିଷ୍ଠିତ କରା ଯାଇ ଥାନ୍ତା । ଯୁବରାଜ କୃତୀ ପୁରୁଷ ଏ କାରଣ ତାହାଙ୍କୁ ନିର୍ବାସନ ଦଣ୍ଡ ଦିଆ ଯାନ୍ତା ନାହିଁ । କିନ୍ତୁ ସେ ବିଦ୍ରୋହୀ ଏହି ନିମିତ୍ତ ସେ ନିର୍ବାସିତ ହୁଅନ୍ତେ । କୃତୀଲୋକଙ୍କୁ ଗବର୍ଣ୍ଣମେଣ୍ଟ ନିର୍ବାସିତ କରିବେ ଭାରତର ରାଜନ୍ୟବର୍ଗଙ୍କର ଏପରି କଥା ମନେ କରିବା ଉଚିତ ନୁହଇ । ଭାରତବର୍ଷ କିମ୍ବା ଅନ୍ୟ କୌଣସି ସ୍ଥାନରେ ଏହି ଦୁର୍ନୀତି ପ୍ରଶ୍ରୟ ପାଇବ ନାହିଁ । ଭାରତଗବର୍ଣ୍ଣମେଣ୍ଟ କୃତୀ ଓ କାର୍ଯ୍ୟକୁଶଳ ଲୋକଙ୍କୁ ଚିରକାଳ ସମାଦର କରିବେ ଓ ସେମାନଙ୍କୁ ରାଜକାର୍ଯ୍ୟରେ ନିଯୁକ୍ତ କରିବେ । ଯୁବରାଜଙ୍କୁ ଦରବାରକୁ ଡକାଇ ଅଣି ବନ୍ଦ କରିବାର ଯେଉଁ ପ୍ରସ୍ତାବ ହୋଇଥିଲା ତାହାକୁ ଆମ୍ଭେ ବିଶ୍ୱାସଘାତକତା ବୋଲି କହି ନ ପାରୁଁ ମାତ୍ର ଏ କାର୍ଯ୍ୟ ଆମ୍ଭେ ଉଚିତ ମନେ କରୁଁ ନା । ଗବର୍ଣ୍ଣରଜେନରଲ ଏକାର୍ଯ୍ୟ ସକାଶେ ଦାୟୀ ନୁହନ୍ତି । ଏପରି କେହି କରିବ ବୋଲି ସେ ଜାଣି ନ ଥିଲେ ।"

ଭାରତ ସଚିବ ଓ ତାହାଙ୍କ ସହକାରୀ ମଧ୍ୟରେ ଏପରି ଦ୍ୱନ୍ଦ୍ୱ ଆରମ୍ଭ ହେବା କୌତୁକର ବିଷୟ ଅଟଇ ଏବଂ ଏହି କଥା ସେଠା ସମ୍ବାଦପତ୍ରମାନଙ୍କରେ ନାନାକଥା ଚାଲୁଅଛି ଏବଂ ସମସ୍ତେ ସହକାରୀଙ୍କର ନିନ୍ଦା କରୁଅଛନ୍ତି । ଆମ୍ଭେମାନେ ଆଶା କରୁଁ କି ପ୍ରଧାନ ସଚିବ ଯାହା ବ୍ୟକ୍ତ କଲେ ତାହାକୁ ଗବର୍ଣ୍ଣମେଣ୍ଟଙ୍କର ଯଥାର୍ଥ ଅଭିପ୍ରାୟ ବୋଲି ଦେଶୀୟ ରାଜା ଓ ସରଦାରମାନେ ବୁଝିବେ ସରଜନ ଗର୍ଷ୍ଟଙ୍କ କଥାରେ କେହି ଆସ୍ଥା କରିବେ ନାହିଁ । ମଣିପୁର ଘଟଣା ସମ୍ବନ୍ଧରେ ଗବର୍ଣ୍ଣମେଣ୍ଟଙ୍କର ଅନେକ ଭ୍ରମ ହୋଇ ଅଛି । ତାହା ସବୁ ଶୋଧାଇବାକୁ ବ୍ୟସ୍ତ ହୋଇ ସେ ଅଭିଜ୍ଞ ଭାବରେ ଉକ୍ତରୂପ କହିଦେଇଥିବାର ଜଣାଯାଏ ଅତଏବ ତାହା ଆସ୍ଥା କରିବାର ନୁହଇ ।

---

## ପ୍ରାଚୀନ ଓ ବର୍ତ୍ତମାନ ସଭ୍ୟତା ।

ଏହିବିଷୟରେ କଲିକତାରୁ ନବାଗତ ଡାକ୍ତର ରାମଚନ୍ଦ୍ରବସୁ ଏମ, ଏ, ଗୋଟିଏ ବକ୍ତୃତା ଗତ ଶୁକ୍ରବାର ସନ୍ଧ୍ୟାସମୟରେ ଟ୍ରେନିଂ ସ୍କୁଲଙ୍କ କୋଠାରେ ପ୍ରଦାନ କରିଥିଲେ । ବକ୍ତାଙ୍କ ନାମ ଏଠା ଶିକ୍ଷିତ ସମ୍ପ୍ରଦାୟର ଅନେକଙ୍କ ଜଣାଥିବାରୁ ବକ୍ତୃତା ଶୁଣିବାକାଙ୍କ୍ଷ ଏତେଲୋକ ଆସିଥିଲେ ଯେ ସଭାସ୍ଥଳ ପୂର୍ଣ୍ଣ ହୋଇଥିବାରୁ କେହି କେହି ହତାଶ ହୋଇ ଫେରିଯିବାକୁ ବାଧ୍ୟ ହୋଇଥିଲେ । ସଭାପତି ବାବୁ ମଧୁସୂଦନଦାସ ବକ୍ତାଙ୍କର ଗୁଣର ପ୍ରଶଂସା କରି କହିଲେ କି ଡାକ୍ତର ମହାଶୟଙ୍କ ନିବାସ ବଙ୍ଗଳାରେ କିନ୍ତୁ ସେ ଇଉରୋପ ଓ ଆମେରିକା ଭ୍ରମଣ କରି ସେସବୁ ରାଜ୍ୟର ଅବସ୍ଥା ଆଚାର ବ୍ୟବହାରାଦି ଉତ୍ତମରୂପେ ଅବଗତ ହୋଇଅଛନ୍ତି ଓ ସେସବୁର ଭଲମନ୍ଦ ନିରପେକ୍ଷ ଭାବରେ ଚିନ୍ତା କରିଅଛନ୍ତି । ପୂ... ...ରେ ସଭ୍ୟତା କିପ୍ରକାର ଥିଲା ବର୍ତ୍ତମାନ ...ହୋଇଅଛି ଏଥିର ବିବରଣ ସେ ବିଚକ୍ଷଣରୂପେ କହିବାକୁ ସମର୍ଥ । ଏହିକଥା କହି ସଭାପତି ଅନୁରୋଧ କରିବାରୁ ଡାକ୍ତର ମହାଶୟ ଦଣ୍ଡାୟମାନ ହୋଇ ଏକ ଘଣ୍ଟାକାଳ ବଡ଼ ସରସ ଓ ବିଶୁଦ୍ଧ ଇଂରାଜୀଭାଷାରେ ପ୍ରସ୍ତାବିତ ବିଷୟରେ ବକ୍ତୃତା କଲେ । ଏହାଙ୍କର ସ୍ୱର ଯେମନ୍ତ କହିବାର ଛଟା ସେମନ୍ତ । କଥାଗୁଡିକ ଏମନ୍ତ ସତେଜ ଓ ସ୍ପଷ୍ଟ କହୁଥିଲେ ଯେ ସଭା ଘରମଧ୍ୟରେ ଥିବାଲୋକଙ୍କ କଥା କେଉଁକି ଥାଉ ବାଣ୍ଡରେ ଛିଡ଼ା ହେବା ଲୋକେ ମଧ୍ୟ ଶୁଣିପାରୁଥିଲେ ଏବଂ ଗୋଟିଏ କଥା କହକଯିବାର ଅବସର ନ ଥିଲା । ସାରଗର୍ଭ ଉପଦେଶସଙ୍ଗରେ ଏବଂ ସ୍ଥଳେ ହାସୋଦ୍ଦୀପକ ବର୍ଣ୍ଣନାଦ୍ୱାରା ଶ୍ରୋତାମାନଙ୍କ ଗାମ୍ଭୀର୍ଯ୍ୟପଣିଆ ଭାଙ୍ଗିଦେଇ ଉଚ୍ଚହାସରେ ଗଡାଇ ଦେଉଥିଲେ । ବାସ୍ତବରେ ବାବୁ ଜଣେ ସୁବକ୍ତା ଏବଂ ତାହାଙ୍କର ବକ୍ତୃତା ଶୁଣି ଆମ୍ଭେମାନେ ବଡ଼ ଆନନ୍ଦିତ ହୋଇଅଛୁଁ ।

ବକ୍ତୃତାର ସାରମର୍ମ ଏହି କି ସଭ୍ୟତା ପ୍ରାଚୀନକାଳରେ ... ଏବଂ ବର୍ତ୍ତମାନ ମଧ୍ୟ ଅଛି । ସଭ୍ୟତା କହି... କୌଣସି ସମାଜର ଅସ୍ତିତ୍ୱ ଅସ-

Digitized by srujanika@gmail.com

…ଙ୍ଗ୍ୟତାର ତିନୋଟି ଅଙ୍ଗ ଯଥା ଜୀବନ, ସ୍ୱାଧୀନତା ଓ ସୁଖ । ଯେଉଁ ସମାଜରେ ଯେପରି ମାଣରେ ଜୀବନ ରକ୍ଷା ଓ ସ୍ୱାଧୀନତା ଓ ସୁଖଲାଭର ଉପାୟ ଅଛି ସେ ସମାଜକୁ ସେହି ପରିମାଣରେ ସଭ୍ୟ ବୋଲିବାକୁ ହେବ । ଅନ୍ୟାନ୍ୟ ବିଷୟପରି ସଭ୍ୟତା ମଧ୍ୟ ବୃଦ୍ଧି ପାଉଅଛି । ଏହା କ୍ରମେ ହେଉ କେମନ୍ତ ହୋଇଅଛି ତାହା ଦର୍ଶାଇବା ନିମିତ୍ତ ପୂର୍ବ-କାଳର ସଭ୍ୟତାସଙ୍ଗେ ବର୍ତ୍ତମାନକାଳର ସଭ୍ୟ-ତାକୁ ମିଶାଇ ଦେଖିବାର ଆବଶ୍ୟକ ସବୁ ଅଙ୍ଗ ମିଶାଇ ଦେଖିବା ଅଳ୍ପସମୟର କାର୍ଯ୍ୟ ନୁହଇ କେବଳ ଦୁଇଗୋଟି ଉଦାହରଣ ଦେଖାଉଛେ ପ୍ରାଚୀନକାଳର ସଭ୍ୟଦେଶ ଗ୍ରୀସ ଓ ରୁମରେ ପଣ୍ଡାଦାସତ୍ୱ ପ୍ରଥା ପ୍ରଚଳିତ ଥିଲା ବର୍ତ୍ତମାନ ସମସ୍ତ ସଭ୍ୟଦେଶରୁ ତାହା ଉଠିଯାଇ ଅଛି ଏବଂ … ନ୍ୟ ସ୍ଥାନରୁ ଉଠାଇବାର ଚେଷ୍ଟା … ଅଛି । ସ୍ତ୍ରୀମାନଙ୍କୁ ପୁରୁଷଠାରୁ ନିକୃଷ୍ଟ … ପଶୁପରି ଜ୍ଞାନ କରାଯାଉଥିଲା ବର୍ତ୍ତ-ମାନ …ରେ ସ୍ତ୍ରୀମାନେ ପୁରୁଷଙ୍କ ସମକକ୍ଷ …ନିକଟବର୍ତ୍ତୀ ହେଉଅଛନ୍ତି ତାହାଙ୍କର … ବଢିଅଛି ଏବଂ ଶିକ୍ଷାର ପ୍ରଚ- … ପୁରୁଷଙ୍କୁ … ନାନା- …ବିଷୟିକ କା… ଯୁକ୍ତ ହୋଇ- …ଲାନ୍ତି । … ଶ୍ରେଷ୍ଠଦେଶର …ଲିକଙ୍କର ଏକଚାଟିଆ … ବର୍ତ୍ତମାନ … ଶ୍ରେଣୀର ଲୋକଙ୍କୁ ଶିକ୍ଷା ଦେବାର …ଯ ଚେଷ୍ଟା ସମସ୍ତେ କରୁ ଅଛନ୍ତି । ସମ… …ଶ୍ୱରଙ୍କ ସନ୍ତାନ ସୁତରାଂ ସମସ୍ତେ …ରାର ଭାଇ ଅଟନ୍ତି । ଏହି ଜ୍ଞାନର ବୃଦ୍ଧି ହେଉ ଅଛି ଏବଂ ଏହି ଈଶ୍ୱରଙ୍କ ପିତୃ ଏବଂ ମନୁଷ୍ୟଙ୍କ …ଭ୍ରାତୃତ୍ୱ ଯେପରିମାଣରେ ବିସ୍ତାର ହେବ …ପରିମାଣରେ ସଭ୍ୟତା ବୃଦ୍ଧି ହେବ । ଏ…ରୁ …ହୋଇଲେ ପୂର୍ବ କାଳଠାରୁ ବର୍ତ୍ତମାନର ସଭ୍ୟତା …ଉତ୍କୃଷ୍ଟ ଅଟଇ । ଏହା ବୋଲି ବର୍ତ୍ତମାନର …ସଭ୍ୟତା ଦୋଷଶୂନ୍ୟ ନୁହଇ । ଏହାର ଗୋ-… ପ୍ରଧାନ ଦୋଷ ସ୍ୱାର୍ଥପରତା । ଏକଥାଟି …ମାନଙ୍କ ମନକୁ ବଡ଼ ଯେନ ଅଛି । ଅମ୍ଭେ-… ଆଶା କରୁଥିଲୁଁ ଭାରତବର୍ଷର ପୂର୍ବ ଓ …ନ ସଭ୍ୟତା ବିଷୟରେ ବକ୍ତା ମହାଶୟ …ବେ ମାତ୍ର ତାହା ପୂର୍ଣ୍ଣ ହେଲା ନାହିଁ । … ଅଛି । … ଭାବୁଥିବି ବୋଲି ସେ … ଆମ୍ଭର ବ୍ୟକ୍- … ମାତ୍ର …ର ଅନେକ ଶିକ୍ଷା ଲାଭ ହୋଇଥାନ୍ତା ।

…ଆଲୋଚନା କରିଥିଲେ ଅନେକ ଶିକ୍ଷା ଲାଭ ହୋଇଥାନ୍ତା ।

---

କେଉଁଝର ବିଦ୍ରୋହର ବିବରଣ ।

ଏ ବିଷୟରେ ଆମ୍ଭେମାନେ ଯେତେବେଳେ ଯାହା ଅବଗତ ହୋଇଥିଲୁଁ ଏଥିପୂର୍ବେ ଲେଖିଅଛୁଁ । କିନ୍ତୁ ସମସ୍ତ ବିବରଣ ଏକତ୍ରେ ଶୁଣିବାକୁ ଅନେକ ଲୋକଙ୍କର ଇଚ୍ଛା ଥିବାରୁ ତାହା ସଂକ୍ଷେପରେ ବର୍ଣ୍ଣନା କରୁଅଛୁଁ ।

ସୂଚନା—କେଉଁଝରର ମହାରାଜା ରାଜକାର୍ଯ୍ୟ ଉତ୍ତମରୂପେ ନିର୍ବାହ କରିବାର ସୁଖ୍ୟାତି ବହୁକାଳରୁ ଲଭ କରିଥିଲେ କିନ୍ତୁ ଗତ କେତେକ ବର୍ଷରୁ ଲୋଭଗ୍ରସ୍ତ ହୋଇ ପ୍ରଜାଙ୍କ ଉପରେ ନାନାପ୍ରକାର ଓ ନୂତନକର ବସାଇବା ଅପଣା ଇଚ୍ଛାରେ ସେମାନଙ୍କଠାରୁ ଦ୍ରବ୍ୟ କିଣି ବିନା ଖର୍ଚ୍ଚରେ ଗଡ଼କୁ ବୁହାଇ ଆଣିବା ଓ ଭୂୟାଁମାନଙ୍କୁ ବେଠି କାର୍ଯ୍ୟ କରାଇବାରୁ ସର୍ବସାଧାରଣଙ୍କ ମନରେ ଅସନ୍ତୋଷ ଜାତ ହୋଇଥିଲା । ଅସିଷ୍ଟାଣ୍ଟ ମାନେଜର ବାବୁ ବଇଷ୍ଣବ ମହାରାଜାଙ୍କୁ କୁପରାମର୍ଶ ଦେଇ ଏହି ଅସନ୍ତୋଷର ମୂଳ କାରଣ ହୋଇଅଛି ବୋଲି ପ୍ରଜାମାନଙ୍କର ବିଶ୍ୱାସ ହେବାରୁ ତାହାଙ୍କର ଘୃଣା ଓ ରାଗ ଜନ୍ମ ଥିଲା । ଏପ୍ରକାର ଅବସ୍ଥାରେ ପ୍ରଥମେ ଭୂୟାଁମାନେ ସେମାନଙ୍କ କଷ୍ଟ ମୋଚନାର୍ଥେ ପଞ୍ଚାୟତ ବସାଇଲେ । ମହାରାଜା ଏକଥା ଶୁଣି । ବଇଷ୍ଣବ ବାବୁଙ୍କୁ ତଦନ୍ତ କରଣ ପଠାଇଲେ ସେ ଜାମାନୁସାରେ ବହୁତ ବୁଦ୍ଧିବଳରେ କି ଅନ୍ୟ କୌଶଳ କରି ଭୂୟାଁମାନଙ୍କ ମଧ୍ୟରୁ ପ୍ରାୟ ୨୦ ଜଣଙ୍କୁ ଧରି ଆଣିଲେ ସେ ଗୁଡ଼ିକ ମଧ୍ୟରୁ କେତେକ ଜଣ ମୁକ୍ତି ପାଇଲେ ଅବଶିଷ୍ଟ କାରାବାସରେ ଆବଦ୍ଧ ରହିଲେ । କାରାବାସ ଭୋଗୀମାନଙ୍କ ମଧ୍ୟରୁ ଦଶ ଏଗାର ଜଣ ଶମନସଦନକୁ ଗମନ କଲେ । ମୃତ୍ୟୁର କାରଣ ସନ୍ଦେହ ଜନକ ହେବାରୁ ଓ ବୃଥା କାରଣରେ କାରଦଣ୍ଡ ହେବାରୁ ଭୂୟାଁମାନଙ୍କ ମଧ୍ୟରେ କୋଳାହଳ ଉପସ୍ଥିତ ହେଲା ।

ଉଦ୍ୟମ—ଧରଣୀଧର ନାୟକ ବୋଲି ସେ କଟକ ସର୍ଭେସ୍କୁଲର ଜଣେ ପରୀକ୍ଷୋତ୍ତୀର୍ଣ୍ଣ ଛାତ୍ର ଅଟଇ ପ୍ରାୟ ଦେଢ଼ବର୍ଷ କାଳ ମହାରାଜାଙ୍କ ଅଧୀନରେ ବିନା ବେତନରେ ସର୍ଭେୟର କାର୍ଯ୍ୟ କରୁଥିଲା । ତତ୍ପରେ ମୟୂରଭଞ୍ଜରେ ଉକ୍ତବୃତ୍ତ ବର୍ଷ ସର୍ଭେୟର କାର୍ଯ୍ୟ କରି ଗୃହକୁ ଆସିଥିଲା ।

ଏହି ସମୟରେ ସିଂହଭୂମ ଓ କେଉଁଝରରେ ବିବାଦ ଉପସ୍ଥିତ ହୁଏ । ମହାରାଜାଙ୍କ ପ… ଧରଣୀ ସୀମାସ୍ଥଳକୁ ପ୍ରେରିତ ହେଲା । ସେ… ରେ ସେ ସମ୍ବାଦ ପାଇଲା ଯେ ତାହାର ଭ୍ରାତା ଓ ଅନ୍ୟ କେତେକ ଜ୍ଞାତିଭାଇ ବିନାଦୋଷରେ ଧୃତ ହୋଇ କାରାରୁଦ୍ଧ ହୋଇଅଛନ୍ତି ଏବଂ ସେ ନଗରେ ଆସିଲେ ମଧ୍ୟ ବନ୍ଦୀ ହେବ ଏ କଥା ଶୁଣି ସେ ତାହାର ଗ୍ରାମକୁ ନଯାଇ ମହାପାତ୍ର ଗୃହରେ ଆଶ୍ରୟ ନେଲା ଓ ଭୂୟାଁମାନଙ୍କ ମଧ୍ୟରେ ଏହି ବାକ୍ୟ ରଟିଲା ଯେ ପ୍ରତ୍ୟେକେ ନିଜ ଶକ୍ତ୍ୟାନୁସାରେ କଷ୍ଟ ଦେବା ହେଲାରୁ ମହାରାଜାଙ୍କର ଅତ୍ୟାଚାର ବନ୍ଦ କରିବାର ଉପାୟ ଅବଲମ୍ବନ କରିବେ । କଥିତ ହୁଅଇ ଯେ ଗତ ଜାନୁଏରୀ ମାସରେ ସଡ଼କ ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟକୁ ଏକ ଖଣ୍ଡ ଦର… ତହିଁର ପ୍ରତିଲିପି ମୟୂରଭଞ୍ଜର ମା… ଗବର୍ଣ୍ଣମେଣ୍ଟଙ୍କ ନିକଟକୁ ପ୍ରେରିତ … କିନ୍ତୁ ତହିଁରେ ଫଳ କିଛି ନ… ଧରଣୀଙ୍କ ଭାଇ କାରାବାସରେ … ଓ ନିଜ କଥା ଅସ୍ଥିର ଥିବାରୁ … ମଧ୍ୟରେ ନାୟକ ପଦରେ ଅ… ଅତ୍ୟାଚାର ନିବାରଣ କର… ବଳ ତାହା ନିକଟରେ ଅ… ହେଲେ ଓ ଅନେକ ଗ୍ରାମରୁ ମଧ୍ୟ ସ୍ୱାଧୀନ ଅତ୍ୟାଚାର କାହାଣିମାନ ଆସିଲା ।

କାର୍ଯ୍ୟାରମ୍ଭ—ପ୍ରାୟ ୫୦୦ ଶ ପର୍ଯ୍ୟନ୍ତ ଲୋକ ନୟାଗଡ଼ଠାରେ ଏକତ୍ରିତ ହେଲେ ଧରଣୀଙ୍କ ଆଦେଶ ଜାରି ହେଲା ଯେ ସେଉଁ… ରେ ମହାରାଜାଙ୍କର ଲୋକ ପାଇବ ତା… ଧରିଆଣିବ ମାତ୍ର କେହି କାହାପ୍ରତି କୌଣସି ଅତ୍ୟାଚାର କରିବ ନାହିଁ ବା ଗ୍ରାମମାନ ଲୁଟ ଇତ୍ୟାଦି କରିବ ନାହିଁ । ଏହି ପ୍ରକାର ପରିର୍ତ୍ତନା ଚତୁର୍ଦ୍ଦିଗେ ପ୍ରଚାରିତ ହେବାରୁ ଅନେକ-ଲୋକ ଧରଣୀଙ୍କୁ ସାହାଯ୍ୟ କରିବାର ପଣ୍ଡିତ ପ୍ରେରଣ କଲେ ଓ ଅନେକ ଲୋକ ଧରଣୀ ସହିତ ଯୋଗ ପ୍ରଦାନ କରିବାକୁ ଉପସ୍ଥିତ ହେଲେ । ଦେଖୁ ୨ ଦୁଇ ତିନି ସହସ୍ର ଲୋକ ସମବେତ ହେଲେ ଓ ଟାଙ୍ଗିଆ ତୋପ ଓ ଅନ୍ୟାନ୍ୟ ଅସ୍ତ୍ର ସଂଗୃହୀତ ହେଲା । ସୁଯୋଗ ପାଇ ବଦମାସମାନେ ଲୁଟପାଟ କରିବା ଆଶାରେ ମେଳିଆଙ୍କ ସଙ୍ଗରେ ମିଶିଲେ । ଏମାନେ ଗଡ଼ ଦିଗକୁ ଅଗ୍ରସର ହେଲେ । ରାସ୍ତା ସବାରେ ସରକାରୀ ଖମାର ଧାନ ଖର୍ଚ୍ଚ କଲେ ଓ …

Split by PDF Splitter
Digitized by srujanika@gmail.com

Split by PDF Splitter



ପ୍ରତାପଗଡ଼ଠାରେ ଲୁଟି ନଷ୍ଟ ହୋଇଥିଲା ମାତ୍ର ଧରଣୀର ଅଜ୍ଞାତସାରରେ ହୋଇ ଥିବାର ପ୍ରକାଶ ହୋଇଅଛି । ମହାରାଜା ସ୍ଥିର ହୋଇ କଟକକୁ ପଳାଇ ଆସିଲେ ଏବଂ ସେଠାରୁ ଲେଉଟି ଆନନ୍ଦପୁରଠାରେ ରହିଲେ ମେଳୟୀ-ମାନେ ଗଡ଼ରେ ପହଞ୍ଚି ପ୍ରଥମେ ଜେଲଖାନା-ରେ ପଶି କଇଦୀମାନଙ୍କୁ ମୁକ୍ତି ଦେଲେ ଏବଂ ଦୁର୍ଗ ବା ରାଜବାଟି ଆକ୍ରମଣ କରିବାକୁ ଚେଷ୍ଟା କଲେ । କିଛିବର୍କନ୍ଦାଜ ଦୁର୍ଗ ରକ୍ଷା କରୁଥି-ବାରୁ କେହି ଅଗ୍ରସର ହେଲେନାହିଁ ଧରଣୀ-ଧରଙ୍କ ଆଦେଶ ଥିଲା ଯେ ଗଡ଼ଦଗକୁ କେହି ଯିବେନାହିଁ କିନ୍ତୁ ଏହା ନ ମାନି କେତେକ ଲୋକ ଯିବାରୁ ପ୍ରତ୍ୟାଘାତ ପାଇଥିଲେ କେତେକ ହତ ହେବାରୁ ନିରସ୍ତ ହେଲେ । ଏଥିଉତ୍ତାରୁ ମହାରାଜା ଓ ବାବୁ ଫକୀରମୋହନ ସେନାପତି ଆନନ୍ଦପୁରଠାରୁ ଗଡ଼ମୁହାଁମକୁ ଆସୁଥିବାର ଧରଣୀ ସମ୍ବାଦ ପାଇ ସେମାନଙ୍କୁ ଧରିଆଣି-ବା ନିମନ୍ତେ ଆଦେଶ ଦିଅନ୍ତେ ପ୍ରାୟ ୫୦୦ ଭୂୟାଁ ଗୋପାଳନାୟକର ଅଧୀନରେ ବସନ୍ତପୁରଠାରେ ପ୍ରବେଶ ହୋଇ ଫକୀରମୋହନ ବାବୁ ଓ ତାଙ୍କର ଅନୁଚରବର୍ଗ ପ୍ରାୟ ୧୦ଜଣ-ଙ୍କୁ ଗତମାସ ତା୧୯ ରିଖରେ ଧରି ଗୋପାଳଙ୍କୁ ବାବୁଙ୍କ ... ବାବୁଙ୍କ ଫକୀରପର ଧରଣୀ ନିକଟକୁ ଘେନିଗଲେ ବାବୁ ପ୍ରଣାମକରି କ୍ଷମା ମାଗିବାରୁ ଧରଣୀ ପ୍ରସନ୍ନ ହୋଇ ତାହାଙ୍କୁ ୫୦୦ଙ୍କା ବେତନରେ ମାନେଜରନିଯୁକ୍ତ କଲେ ଓ ତେଜକମି ଖଞ୍ଜା କରି ଦେଲେ । ଜଣେଭୂୟାଁ ବାବୁଙ୍କୁ ହାଣିପକାଇବାକୁ ତରବାରି ଦେଖାଇ ଥିଲା ମାତ୍ର ଧରଣୀ ନିଷେଧ କଲା । ବାବୁଙ୍କପ୍ରତି ଆଉ କିଛି ଅନିଷ୍ଟ ହୋଇ ନାହିଁ କେବଳ ତାହାଙ୍କର ଘଡ଼ି ଓ ଚେନ ଅପ୍ରାପ୍ତ ହୋଇଅଛି । ଅତଃପର ଗାଲିସ ସାହେବ ପୁଲିସଦଳ ଘେନି ଆନନ୍ଦପୁରଠାରୁ ମହାରାଜାଙ୍କୁ ସଙ୍ଗେ ନେଇ ଗଡ଼କୁ ଯାତ୍ରା କରିବାରୁ ବାଟରେ କେତେକ ଜଣ ବିଦ୍ରୋହୀ ବାଧା ଜନ୍ମାଇବାକୁ ଚେଷ୍ଟା କରିଥିଲେ କିନ୍ତୁ ସେମାନଙ୍କ ମଧ୍ୟରୁ କେହି୨ ପୋଲିସଦ୍ୱାରା ହତ ହେବାରୁ ନିରସ୍ତ ହୋଇ ରହିଲେ ଓ ମହାରାଜା ଅକ୍ଳେଶରେ ଗଡ଼ମୁହା-ଣରେ ପହଞ୍ଚିଲେ ।

ଉପସଂହାର—ଜୁନ ତା୨୭ରିଖରେ ଦଶଲ ସାହେବ ତାଙ୍କର ସବ୍‌ଇନ୍‌ସ୍‌ପେକ୍ଟର ବାବୁ ଶଶୀ-ଭୂଷଣ ରାୟଙ୍କୁ ଧରଣୀଙ୍କନିକଟକୁ ପ୍ରେରଣ ... । ଧରଣୀ ବାଧାଜନ୍ମାଇବାର ଚେଷ୍ଟା ନ କରି...

କରୁଥିଲା କିନ୍ତୁ ଶଶୀ ବାବୁ ତାଙ୍କର ପୂର୍ବପରିଚିତ ବନ୍ଧୁ ଓ ଏକସଙ୍ଗରେ କାର୍ଯ୍ୟ କରୁଥିବାରୁ ତାଙ୍କୁ ତାମ୍ବୁକୁ ଘେନି ଗଲେ । ଶଶୀ ବାବୁ ସେଠାରେ ରହି ଫକୀର ବାବୁଙ୍କସହିତ ଆହାର କରି ବାହାରେ ଆସିବାକୁ ଇଚ୍ଛାପ୍ରକାଶ କଲେ କିନ୍ତୁ ଧରଣୀର ଅନୁରୋଧରେ ସେଦିନ ରହି ପ୍ରାତଃକାଳରେ ଦଶଲ ସାହେବଙ୍କ ନିକଟରେ ଉପସ୍ଥିତ ହୋଇ ସକଳବୃତ୍ତାନ୍ତ ଜଣାଇଲେ । ଧରଣୀ ଦଶଲ ସାହେବଙ୍କୁ ଅଗ୍ରସର ହେବାକୁ ମନା କରିଥିଲେ । ଜୁନ ତା ୨୯ ରିଖରେ ଧରଣୀ ସ୍ୱୟଂ ଅଣ୍ଡାଏଶନ ଦଣ୍ଡପୂର୍ବକ ଢାଲ ଓ ତରବାରି ଘେନି କହିଲେ ସାହେବଙ୍କ ନିକଟରେ ଉପସ୍ଥିତ ହୋଇ ... ମୁଁ ଇଚ୍ଛା କଲେ ତୁମ୍ଭଙ୍କୁ ହତ୍ୟା କ... ପାରନ୍ତି ମାତ୍ର ମୋହର ବାଞ୍ଛା ତାହା ନୁହଇ । ଏ... ବାରି ଅସ୍ତ୍ରକୁ ଅବତରଣପୂର୍ବକ ଢାଲ ଓ ତରବାରି ସମର୍ପଣ ସାହେବଙ୍କ ସମ୍ମୁଖରେ ରଖିଦେଇ ଆମୃପ ତାହା କରି କହିଲେ "ମୁଁ ଯାହା କରିଅଛି ... ସାଧାରଣ ମଙ୍ଗଳ ନିମନ୍ତେ" । ... ସାହେବ ଗାର୍ଡ଼ଦ୍ୱାରା ଧରଣୀକୁ ରକ୍ଷାକରି ଓ ଫକୀର ବାବୁ ଓ ତାଙ୍କର ଅନୁଚର ମୁକ୍ତିପ୍ରଦାନ କଲେ ଓ ଶଶୀ ବାବୁଙ୍କଦ୍ୱାରା ଧରଣୀଙ୍କ ସିରସ୍ତା କୋରକ କରି ଘେନି ଗଲେ ।

କଟକ—ଗଡ଼ଜାତର ସୁପ୍ରିଣ୍ଟେଣ୍ଡେଣ୍ଟ ଶ୍ରୀଯୁକ୍ତ ଟଏନବି ସାହେବ ଗୋଳମାଳ ଭାଙ୍ଗିବା ଉତ୍ତାରୁ ଗଡ଼ମୁହାଁମରେ ପହଞ୍ଚି ମୋକଦମାର ବିଚାର ଆରମ୍ଭ କଲେ । ଧରଣୀଧରଙ୍କ ଉପରେ ଏହି ଅଭିଯୋଗ ହେଲା କି ସେ ମହାରାଣୀଙ୍କ ସହିତ ସନ୍ଧିବଦ୍ଧ ରାଜାଙ୍କ ବିରୁଦ୍ଧରେ ଯୁଦ୍ଧର ସାହାଯ୍ୟ କରିଅଛି ଯୁଦ୍ଧ ପ୍ରାପ୍ତ ସମ୍ପତ୍ତି ଗ୍ରହଣ କରିଅଛି ଓ ଫକୀରମୋହନ ବାବୁଙ୍କୁ ଦଣ୍ଡଦଳ ଅନ୍ୟାୟ ରୂପେ ବନ୍ଦ କରିଅଛି । କିନ୍ତୁ ଧରଣୀ ଯୁଦ୍ଧ ନ କରି ଆତ୍ମସମର୍ପଣ କରିବା ଓ ଲୁଠସବୁରେ ଯୋ-ଗଦାନ ନ କରି ବରଂ ବାରଣ କରିବାର ପ୍ରମାଣ ହେଲା । ଅଧିକନ୍ତୁ ପ୍ରଥମ ଓ ଶେଷରେ ତାହାର ବ୍ୟବହାର ଭଲଥିଲା । କେବଳ ଟିକାଏତ ପ୍ରଭୃତି ... ପଦ ଗ୍ରହଣକରି ... ଅସମ୍ମାନ ହୋଇଥିଲା ... ଯାବଜ୍ଜୀବନ ଦେଶାନ୍ତର ପ୍ରେରଣ ଦଣ୍ଡ ... ନରେ ଥିଲେଶ୍ବା ବ ୭ ବର୍ଷ କାରାବାସଦଣ୍ଡ ... ଆଜ୍ଞା ଆନନ୍ଦପୁର ମୁକାମଠାରେ ସାହେବମାନେ ... ଦଣ୍ଡ ଧରଣୀକୁ ଶୁଣାଇଦେଲେ ସେ ... ଯୁଦ୍ଧର କଳ୍ପନା କରିବା ପୂର୍ବେ ... ଅଭ୍ୟାସର ନିବାରଣାର୍ଥେ ...

...ଇଅନ୍ତା ତାହାହେଲେ ଏତେଦଣ୍ଡ ଲମ୍ବନ ହ ଆନ୍ତା । ସାହେବଙ୍କ ବିବେଚନାରେ ... ନୀତିସଙ୍ଗତ ଦୋଷୀ ନ ହୋଇ ପାରେ ଧର୍ମ ଆଇନସଙ୍ଗତ ଦୋଷୀ ହେବାରୁ ଦଣ୍ଡିତ ହେଲା । ଧରଣୀ ସହିତରେ ଅନ୍ୟ ଦୁଇଜଣ ... ୭ ବର୍ଷ ଲେଖାଏ ଓ ଲୁଟକରିବା ଅପରାଧରେ ଅବଶିଷ୍ଟ ୩ ଜଣ ୪ ବର୍ଷ ଲେଖାଏ ଦଣ୍ଡ-ପ୍ରାପ୍ତ ହେଲେ ବାକୀ କେତେକ ମେଳଆଙ୍କପ୍ରତି ଓ୍ୱାରଣ୍ଟ ଜାରି ହୋଇଅଛି ।

## ସାପ୍ତାହିକ ସମ୍ବାଦ

ଏ ସପ୍ତାହରେ ପ୍ରତିଦିନ ବୃଷ୍ଟି ହୋଇଥିଲେହେଁ ... ଏବଜ ଏତଃ... ଜଳବୃଷ୍ଟି ହୋଇଥିଲା । ... ଅଛି । ଅବଧି ନଦୀରେ ବଢ଼ିପାଣି ନ ଆସିବାରୁ ... ମାନେ ନଦୀପାରର କଷ୍ଟଭୋଗି ନାହାନ୍ତି ।

ଅସ୍ମମାନଙ୍କ ଜଜ ସାହେବ ଯାଜପୁର ମୁନସି... ନିମନ୍ତେ ଗତ ମଙ୍ଗଳବାର ଯାଇଅଛନ୍ତି ଅ... ଆସିବେ ।

ଗତ ମଙ୍ଗଳବାରଠାରୁ କଲେକ୍ଟର ଓ ... ମାନ ... ରୂପେ ସ ୧୧ ...

ଅଡ଼ିସାର ସୁପ୍ରିଣ୍ଟେଣ୍ଡେଣ୍ଟ ... କଲେକ୍ଟର ...

... ଗତ ... ଗସ୍ତରେ ଯାହାକଲେ ... ପରୀକ୍ଷା ... ଦର୍ଶନକରିବା ଏ ଗସ୍ତର ଉଦ୍ଦେଶ୍ୟ

କଲିକତା-ଗେଜେଟ ।

ପ୍ରେସିଡେନ୍‌ସି କମିସନର ମିଃ ଏ ସ୍ମିଥ ସାର ହେ... ହାରିସନ ଛୁଟି ନେବାରୁ ବୋର୍ଡର ମେମ୍ବର ପଦରେ ଏ... ନିଯୁକ୍ତ ହେଲେ ଓ ତାଙ୍କ ସ୍ଥାନରେ ଅବକାଶ କମିଶନର ... ନିଯୁକ୍ତ ହେଲେ ।

ବୋର୍ଡର ସେକ୍ରେଟରୀ ମିଃ କେଜଗୁପ୍ତ ଅବକାଶ କମି-ଶନର ପଦରେ ନିଯୁକ୍ତ ହେଲେ ।

ବାଲେଶ୍ୱରର ଆମେରିକା ଦେଶୀୟ ... ଯୋସେଫ ... ବାହାଦୁର ରେଜିଷ୍ଟ୍ରାର ଓ ... ରେଜିଷ୍ଟ୍ରାର ପଦରେ ନିଯୁକ୍ତ ହେଲେ

ଓଡ଼ିଶା ବନ୍ଦୋବସ୍ତ କାର୍ଯ୍ୟରେ ନିଯୁକ୍ତ ମିଃ ... ଏକମାସର ଛୁଟି ପ୍ରାପ୍ତ ହୋଇଅଛନ୍ତି

ମୃତ ପଣ୍ଡିତ ... ବିଦ୍ୟାସାଗରଙ୍କ ସ୍ଥାନରେ ... କ୍ଷେତ୍ରମୋହନ ଘୋଷ ... ବୋର୍ଡର ମେ... ପଦରେ ନିଯୁକ୍ତ ହେଲେ ଓ ... ମିଉନିସିପାଲିଟିର କମିଶନର ପଦରେ ନିଯୁକ୍ତ ହେଲେ

ମିଃ ... ସ୍ଥାନରେ ବାବୁ ନଗେନ୍ଦ୍ରନାଥ ଘୋ... ବାଲେଶ୍ୱର ... ବୋର୍ଡର ସଭ୍ୟ ପଦରେ ... ବୋର୍ଡଦ୍ୱାରା ନିର୍ବାଚିତ ହୋଇ ଅଛନ୍ତି

ଯାଜପୁର ଅଞ୍ଚଳର ସଦର ଓ ମୋଫସଲରେ ... ମାଲେରିଆ ଉପସ୍ଥିତ ହୋଇଅଛି ।

ସମ୍ବାଦଦାତାଙ୍କଠାରୁ ଅବଗତ ... ଟାଙ୍ଗନଦୀରେ ମୌଲବୀ ... ଏଥିମଧ୍ୟରେ ବୁଦ୍ଧଙ୍କ ଧର୍ମ ... ମୁସଲମାନ ଧର୍ମର ଗୌରବ ...

Digitized by srujanika@gmail.com

Split by PDF Splitter



ସାମ୍ପେଲରର ଘଟ ମୌଷରେ ଉତ୍ତରହାର ନାମକ ଜଣେ ବଙ୍ଗାଳୀ ଲୋକର ମୋକଦ୍ଦମାରେ ଚୋରି ମାଲ ଗୋପନ କରିବାର ସାହାଯ୍ୟ କରିବା ଅପରାଧରେ ... ଙ୍କ ଦଣ୍ଡ ପାଇଅଛି । ସୁଲସରେ ଏପରି କନଷ୍ଟେବଲ ... ଧରେ ଖଣ୍ଡା ନିଚାନ୍ତି ଭଲ ନୁହଇ ।

ବେଲଗଠାରେ ପୁଣି ରେଲଗାଡି ଧକ୍କା ଖାଇବା ଯୋଗେ ଅନେକ ଯାତ୍ରୀ ହତ ଓ ଆହତ ହୋଇଥିବାର ସମ୍ବାଦ ଆସି-ଅଛି । କେତେକ ଲୋକଙ୍କର ଦୁର୍ଦ୍ଦଶା ଘଟିଅଛି ତହିଁର ବିଶେଷ ସମ୍ବାଦ ମିଳି ନାହିଁ ।

ଗତ ରବିବାର ଏଲବର୍ଟ ଏବଟଲ ଝିଙ୍କା ଉଡି ଯାଇ ଦେଖା ଗଲା । ପ୍ରାୟ ଘ ୧୨ ଟା ସମୟରୁ ଏମାନେ ... ଗଲେ ମାତ୍ର ଲୋକଙ୍କର ଦୃଷ୍ଟି ଅଧିକପରିମାଣରେ ... ଘ ୨ ଟା ସମୟରୁ ଅଦର୍ଶିତ ହୋଇଥିଲା । ଏମାନଙ୍କ ... ଅଧିକଥିଲ ଯେ କେଉଁ ସ ... ଟା ପର୍ଯ୍ୟନ୍ତ ... ଏହାଦେଖିଲେ ଅନ୍ତନ୍ତ ହୋଇ ରହିଥିଲ । ... ବର୍ଷ ଗଲ ଏବ ... ଲେଖା ଏବଂ ଲମ୍ବା ... ଅବାଶରେ ଉଡିଯିବାରୁ ନିକଟରେ ଓଷଧାନ ... ନିର୍ମାଣ ହେଉ ନାହିଁ । ଏବର୍ଷ ଝିଟିକାପଲ ... ହାର ଅଛନ୍ତି ।

... ରେ ଜଣେ ସାହେବର ସ୍ତ୍ରୀ ରହମେମ ପଡ଼- ... ସନ ୧୮୮୮ ସାଲରେ ଅର ଡାକ୍ତର ... ସ୍ୱାମୀ କହିଲେ କି ସେ ପିତ୍ରାଳୟକୁ ... ମେମ ଇଲ୍ଲ ଅବସ୍ଥାରେ ... ସ୍ୱାମୀ ସ୍ତ୍ରୀଙ୍କୁ ତାଙ୍କୁ ... କହିଲେ କ ଅପର ... ସୌନ୍ଦର୍ଯ୍ୟରେ ମୋହିତ ହୋଇ ... ଦେଖା କରିବେ । ଏହି ସଙ୍କାରେ ମୋର ମନେ ପୁନ ... କାଳ ... ଠାକୁର କରି ... ଅର ମଦ ... ଲଗଲା ମୂର୍ଚ୍ଛା ହୋଇ ପଡ଼ିଗଲ ଅସିଲ । ସେ ... ସ୍ୱାମୀ ଅନ୍ୟାୟ କଏଦ ରକ୍ଷିବା ଅପରାଧରେ ... ହୋଇ କଟ୍‌କଧୀନ ଅଛି । ସକଳ୍ପଭାବ କେବେ ମନ୍ଦଫଳ ।

କାଶ୍ମୀରରେ ଗୋଟିଏ ମୋକଦ୍ଦମ ବେ ସେଠାର ଜଣେ ପ୍ରଧାନ ଓକିଲ ଓ ... ବ୍ୟକ୍ତି ନିଦେଶ ଥିବାରୁ ... ଓକିଲ ଅବା ... ଗୋଟିଏ ପଦ ପାଇଥି ... । ସେମାନେ ସମସ୍ତେ ତାହା ପକ୍ଷରେ କାର୍ଯ୍ୟ ... ଅସମ୍ମତ ହେଲେ । ... ଏ କାରଣ ... ମକଦମା ... ଠାରେ ... ହାଇକୋର୍ଟରେ ଅବେଦନ କରିଅଛି । ... ଓକିଲ ... ପକ୍ଷରେ ... ।

... ଦ୍ୱୀପରେ ... ପ୍ରସ୍ତୁତ ହେଉଛି । ... ମାସରେ ୧୨୪୭ ... ଗଭର୍ଣ୍ଣରଙ୍କୁ ଅମଦାନ ... । ଏହା ... ଏଠାରେ ।

... ଡାକ୍ତର ... ସାହେବଙ୍କ ... ଠାରୁ ... ହୋଇ ଥିବାର ସମ୍ବାଦ ... ଶୀଘ୍ର ଆରୋଗ୍ୟ କର ... ଏହାକୁ ପ୍ରାର୍ଥନା ।

... ଗୋଟିଏ ଲୋକ ବର୍ତ୍ତମାନ ... ଏବଂ ଜଣେ ...

ବ ... ର୍ଣ୍ଣ ... ସ୍ୱାମୀ ଗୋଟିଏ କନ୍ୟାକୁ ... ଅଧି ତାହା ... ପିଲ୍ଲାଟିର ଏମନ୍ତ ପୀଡ଼ା ହୋଇ-ଅଛି ଯେ ... ତାହାର ଅଉ ବଞ୍ଚିବାର ଆଶା ନାହିଁ । ଏପରି ଲୋକ ପଶୁଠାରୁ ଖରା ।

ମୌସୁମୀବୃଷ୍ଟି ଅବଶେଷରେ ଆରମ୍ଭ ହୋଇ ଅଛି । ... କଲିକତାଠାରେ ଏ ବୃଷ୍ଟି ଗତ ଜୁନମାସ ତା ୨୫ ରଖରେ ଏବ ବୋମ୍ବାଇଠାରେ ତା ୨୮ ... ଦେଖାଦେଲା । ଏହା ... ବୋମ୍ବାଇଠାରେ ୧୦ ଇଞ୍ଚ ଜଳ ବୃଷ୍ଟି ହୋଇ ଅଛି । ବୃଷ୍ଟିର ଅଭାବ ହେତୁ ବୋମ୍ବାଇଠାରେ ... ଖାଦ୍ୟ ଦ୍ରବ୍ୟ ମହାର୍ଘ ହୋଇ ଯାଇ ...

... ଓସିଆଙ୍କ ... ଅଟ୍ଟର୍ଣ୍ଣି ... ମେମ ଓ ... ସାହେବ ଏବେ ଅତ୍ରସ୍ତ ହୋଇ ଥିଲେ ... ସମ୍ବାଦ ମିଳ ... ସାହେବ ... ହୋଇଥିବାର ... ଉତ୍ତମ । ... ଏଥରେ ... ଶ୍ରୀ ହୁଅଇ ।

... ଠାରେ ... ରେଲଗାଡି ଧକ୍କା ... ହୋଇଥିବାର ସମ୍ବାଦ ମିଳିଲା । ଏ ଦୁର୍ଘଟଣାରେ ... ଓ ... ଅବସ୍ଥା ଅସାଧ ... ଅଛନ୍ତି । ଅନେକ ... ଚୂର୍ଣ୍ଣୀଭୂତ ହୋଇ ... ।

... ସମ୍ରାଟ ... ମହାରାଣୀଙ୍କ ସହିତ ... ସ୍ଥିର ... ପ୍ରସ୍ତାବ ... ଅମୋଦପ୍ରମୋଦ ... ସେଠାରେ ... ଆୟୋଜନ ହେଉଅଛି । ସମ୍ରାଟ ମହୋଦୟ ... ମାସ ତା ୪ ... ଲଣ୍ଡନ ନଗରରେ ପହୁଞ୍ଚିବେ । ସେଠାରେ ସେ ... ଅବସ୍ଥାନ କରିବେ । ... ହୋଇଅଛି ।

ସାନଫ୍ରାନ୍‌ସିସ୍କୋଠାରେ ପ୍ରବଳ ଭୂମିକମ୍ପ ହୋଇଥିବାର ସମ୍ବାଦ ମିଳଇ । ଏଯୋଗୁଁ ସେଠାରେ ବଡ଼ କ୍ଷତି ହୋଇ ଅଛି ।

... ଠାରେ ... କୋଟିଏ ... ଅପଣାର ... ପରାମର୍ଶରେ ... ସମ୍ବାଦ ମିଳଇ । ... ଅନେକ ... ଏ ... ପ୍ରମାଣ ... ଅଛନ୍ତି । ... ବର୍ତ୍ତମାନ ହାଜତରେ ଅଛନ୍ତି ।

... ଅତ୍ୟାଚାର ... ସେମାନେ ... ପାଇବାର ... ଅରମ୍ଭ କରି ଅଛନ୍ତି । ବର୍ତ୍ତମାନ ... ଦେଶ ଛାଡ଼ି ପାଳିଅଛନ୍ତି । ... କାର୍ଯ୍ୟ କରିବାକୁ ... ବାହାରିଥିବାରୁ ... ବର୍ତ୍ତମାନ ... ଅଛନ୍ତି । ... ସମ୍ବନ୍ଧରେ କୌଣସି କଥା ... ସେଠା ସମ୍ବାଦପତ୍ରରେ ... ବାହାରିଅଛି ।

... ଜଣେ ... ଅପଣାର ... ସମସ୍ତରେ ... ଗୋଟିଏ ... । ଏଥରେ ... ।

ନୁସଲମାନ ସମସ୍ତେ ହୋଇ ସେ କବର ... ଲୁକେଶ୍ୱରେ ... ଉପରେ ... ଗୋଳହେଲେ । ... ମେଜେଷ୍ଟର ... ସାହେବ ... ଯାଇ ନୁସଲମାନମାନଙ୍କ ... ଦେଇଅଛନ୍ତି । ... ମୁସଲମାନମାନେ ଧର୍ମବିଷୟେ ... କୋଇ ... ମାତ୍ର ... କୌଣସିପ୍ରକାର ... ହୋଇ ନାହିଁ ।

କାଟୁକରଛି ପ୍ରକାଶ କରଅଛନ୍ତି ଯେ ... ସଭାଙ୍କିଙ୍କେ ... ବାବୁ ... ଙ୍କ ନାମରେ ... ହୋଇଥିବା ଗୋଟିଏ ମାମଲାରେ ସେ ... ଅଭିଯୋଗ ଅସତ ହୋଇଅଛି । ସେଠା ... ସାହେବ ... ସେନ ବାବୁଙ୍କ ... ହାଇକୋର୍ଟକୁ ପଠାଇ ଅଛନ୍ତି । ... ବାବୁଙ୍କ ନାମରେ ... ମାମଲା ... ଅନୁମତ ଦେଲେ ଉତ୍ତମ ପ୍ରମାଣ ଅଗତ ହୋଇପାରିବାର କଥିତ ହୁଏ ।

## ପତ୍ରପ୍ରେରକଙ୍କପତ୍ର ।

କେହି ଏକ ଉଦ୍ଧାନୁକାଙ୍କ୍ଷୀ—ଲେଖିଅଛନ୍ତି ଯେ ମିରପୁରର ନାବାଳଗ ଜମିଦାର ବ୍ରଜସୁନ୍ଦର ଦାସ ଉତ୍ତମରୂପେ ଲେଖାପଢ଼ା ଓ ଶିକ୍ଷାଲାଭ କରିବାର ସେ ପରୀକ୍ଷାକର ଦେଖିଅଛନ୍ତି ଏବଂ ତହିଁପାଇ ନାଏବ ... ଦାସଙ୍କର ସୁଖ୍ୟାତି କରୁଅଛନ୍ତି । କେବଳ ନାବାଳଗର ଜଣେ ... ପ୍ରଜାମାନଙ୍କ ମଝାଇ ନାନା ଅନର୍ଥ ଲାଗି କରୁଅଛି । ପ୍ରଭିବାଦର କାର୍ଯ୍ୟ ଅନ୍ୟାୟ ହୋଇଥିଲେ ଉପଯୁକ୍ତ ଅଦାଲତରେ ତହିଁର ପ୍ରତୀକାର ଲୋଡ଼ିବା ଉଚିତ । ବ୍ୟକ୍ତି ବିଶେଷର ବୃତ୍ତାନ୍ତ ସମ୍ବାଦପତ୍ରର ବିଷୟ ନୁହଇ ।

ଶ୍ରୀ ସଯ୍ୟଦ ... —ପାଲଲହଡ଼ାର ନାବାଳଗ ରାଜାଙ୍କ ଉପନୟନ କ୍ରିୟା ଉପଲକ୍ଷରେ ଗତମାସ ତା ୨୩ ଓ ୨୪ ରଖରେ ଯେଉଁ ସମାରୋହ ହୋଇଥିବାର ବିସ୍ତାରିତ ବିବରଣ ଲେଖିଅଛନ୍ତି । ସ୍ଥାନାଭାବରୁ ପ୍ରକାଶିତ ହେଲା ନାହିଁ ।

ଶ୍ରୀ କରୁଣାନିଧି ମହାପାତ୍ର—ଅପଣ ସ୍ୱୟଂ ମାଜିଷ୍ଟ୍ରେଟ ସାହେବଙ୍କ ନିକଟକୁ ଦରଖାସ୍ତ ପଠାଇଲେ ପୁଲିସ ଅତ୍ୟାଚାରର ଅବଶ୍ୟ ପ୍ରତିକାର ହେବ । ଅପଣଙ୍କ ସହିତ ... ନ ଥିବା ଓ ସତ୍ୟାସତ୍ୟ ବୁଝିବାର ଉପାୟ ନ ଥିବାରୁ ପ୍ରକାଶ କରିବାକୁ ଅକ୍ଷମ ହେଲୁଁ ।

ଶ୍ରୀ ... ପଟ୍ଟନାୟକ—ଦସ୍ତା ନରସିଂହପୁର ନାବାଳଗ ରାଜାଙ୍କ ... ସଦ ...

Digitized by srujanika@gmail.com

ରେ ବର୍ଣ୍ଣନା କରିଅଛନ୍ତି । ସ୍ଥାନାଭାବରୁ ଉପେକ୍ଷିତ ହେଲା ।

### ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

ଶ୍ରୀଳ ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହୋଦୟେଷୁ

ମହାଶୟ !

ଅଧଃ ପ୍ରକଟିତ କଏଟି ପଙ୍କ୍ତି ଆପଣଙ୍କ ଭୂବନବିଦିତ ପତ୍ରିକାରେ ସ୍ଥାନ ଦାନଦ୍ୱାରା ପରସୂଚିତ କରିବେ ।

ଗତ ଦଶବର୍ଷ ମଧ୍ୟରେ ଶ୍ରୀ ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ରଥଯାତ୍ରାର କର୍ମ ଅତି ବିଳମ୍ବରେ ହେବାର ଦେଖା ଯାଉଥିଲା ଅର୍ଥାତ୍ ମହାପ୍ରଭୁ ରଥରେ ବିରାଜମାନ ହେବା ସନ୍ଧ୍ୟାରୁ କାରିଗରମାନେ ଶେଷକରି ନ ଥାନ୍ତି । କିନ୍ତୁ ଏବର୍ଷ ମେନେଜର ବାବୁ ମହୋଦୟଙ୍କ ଯତ୍ନରୁ ରଥକର୍ମ ଚଞ୍ଚଳ ହେବାର ଦେଖାଯାଏ । ଅର୍ଥାତ୍ ଶ୍ରୀଗୁଣ୍ଡିଚା ଦ ୭ ନ ପୂର୍ବରୁ ରଥରେ କଳଶ ବସିଅଛି । ଏଥିଲୁ ମେନେଜର ମହୋଦୟ ପ୍ରଶଂସାଯୋଗ୍ୟ ହୋଇଅଛନ୍ତି । ଏବଂ ଆଶା କରୁଁ ଯେ ଗତବର୍ଷମାନଙ୍କରେ ସମୟାଭାବରୁ ବନ୍ଦ ହୋଇଥିବା ରଥର ଅବଶିଷ୍ଟକର୍ମମାନ ଏବର୍ଷ ସମ୍ପୂର୍ଣ୍ଣ ହେଲେ ସର୍ବସାଧାରଣ ଅତିଶୟ ଆନନ୍ଦିତ ହେବେ । ଯାହା ହେଉ ଏପରି ମେନେଜରଙ୍କଦ୍ୱାରା ମନ୍ଦିରକାର୍ଯ୍ୟ ଶୃଙ୍ଖଳାରୂପେ ... ର ସମ୍ଭାବନା ଅତଏବ ପରମେଶ୍ୱର ଉକ୍ତ ... ଙ୍କୁ ଏଠାରେ ଚିରସ୍ଥାୟୀ କରନ୍ତୁ ।

...ଣ୍ଡିକାସର୍ଗ } ବଶମ୍ବଦ
} ଶ୍ରୀ ଦାମୋଦର
...୭।୯୧ } ସାମନ୍ତସାୟ ମେମ୍ବର

### ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ବାବୁ ବ୍ରଜସୁନ୍ଦର ଦାସ | କଟକ | ଅଗ୍ରିମ | ଟ ୩୧ |
| „ ରଘୁନାଥ ରଥ | „ | „ | ଟ ୧୫ |
| „ ଜଗନ୍ନାଥ ଦାସ | „ | „ | ଟ ୯୧ |
| „ ପୁରୁଷୋତ୍ତମ ମହାପାତ୍ର | „ | „ | ଟ ୩୧ |
| „ ରାମଗୋବିନ୍ଦ ଜଗଦେବ ବେହେରାପଟ୍ଟା | | „ | ଟ ୩୧ |
| „ ଗୁଣନିଧି ଦାସ | କଟକ | „ | ଟ ୧୧ |
| „ ଗୋପାଳ ପଣ୍ଡା | „ | „ | ଟ ୩୧ |
| „ ଶ୍ୟାମସୁନ୍ଦର ସାହୁ | „ | „ | ଟ ୧୧ |
| „ ଅଚ୍ୟୁତାନନ୍ଦ ଦାସ | „ | „ | ଟ ୧୧ |
| „ ରମାଚରଣ ବିଶ୍ୱାସ | „ | „ | ଟ ୩୧ |
| „ ଗୋପୀନାଥ ତ୍ରିପାଠୀ ଚୌଧୁରୀ | | „ | ଟ ୧୧ |

| | | | |
|---|---|---|---|
| „ ଚନ୍ଦ୍ର ନାରାୟଣ | କଟକ | „ | ଟ ୩୧ |
| „ ଗୌରଚନ୍ଦ୍ର ଦେଓ ଜମିଦାରଭେଡ଼ାଗୋଳ | | „ | ଟ ୩୧ |
| „ ସୂର୍ଯ୍ୟମଣି ମହାନ୍ତି ଅକ୍ଷୟପଦା | | „ | ଟ ୩୧ |

## ବିଜ୍ଞାପନ ।

"କବିବୃନ୍ଦ ବାଷ୍ଟୀଯୁଯନ୍ତ ଚଳାଇବାର ଉପାୟ" ନାମକ ବଙ୍ଗଳା ପୁସ୍ତକକୁ ଓଡ଼ିଆରେ ଅନୁବାଦ କରିବାନିମନ୍ତେ ମାସିକ ଟ ୧୫୧ ଙ୍କା ବେତନରେ ଏକମାସ ସକାଶେ ଜଣେ ଅତିଉକ୍ତ ପଣ୍ଡିତ ଏହି ଅଫିସରେ ନିଯୁକ୍ତ ହେବାର ଆବଶ୍ୟକ । ଅତଏବ ଏତଦ୍ୱାରା ବିଜ୍ଞାପନ ଦିଆଯାଉଅଛି ଯେ ପ୍ରାର୍ଥନାକାରିମାନେ ୧୮୯୧ ସାଲ ଜୁଲାଇମାସ ତା ୧୬ ରଖ ପୂର୍ବରେ ଆପଣା୨ ଦରଖାସ୍ତ ନିମ୍ନଲିଖିତ ସ୍ୱାକ୍ଷରକାରିଙ୍କଠାରୁ ପଠାଇବେ । ଜମିଲ୍ ସ୍କୁଲର ପଣ୍ଡିତ-ପରୀକ୍ଷାରେ ଉତ୍ତୀର୍ଣ୍ଣ ଯେଉଁ ପ୍ରାର୍ଥନାକାରୀମାନେ ବଙ୍ଗଳା ଜାଣନ୍ତି, ସେମାନଙ୍କ ଦାବୀକୁ ଅଗ୍ରଗଣ୍ୟ କରାଯିବ ।

ଉତ୍କଳଅନୁବାଦକଅଫିସ } Sd. Chaturbhuj Patnaik
କଟକ } Uriya Translator
୨୯।୬।୯୧ } to Government.

## NOTICE.

### ORRISSA GRADUATES' AND UNDER-GRADUATES' ASSOCIATION.

Lecturer—Dr. Ram Chandra Bose, M. A.
Subject—"The importance and necessity of Religion".
Time—7 P, M, Sunday the 12th Instant.
Place—Printing Company's Hall.

Gentlemen are respectfully invited to attend.

Cuttack, The 9th July, 1891. } AKSHOY KUMAR GHOSE
Honorary Secretary.

## କଟକଭଣ୍ଡାର ।



ସହର ଓ ମଫସଲବାସିମାନଙ୍କ ସୁବିଧାର୍ଥ ଆଜିଠୁ ପ୍ରାୟ ପାଞ୍ଚବର୍ଷ ହେବ ସ୍ଥାପିତ ହୋଇ ସୁବନ୍ଦୋବସ୍ତ ସହିତ କାର୍ଯ୍ୟ ଚଳୁଅଛି । ଏଥିରେ ନାନାବିଧ ଡାକ୍ତରୀ ଓ କବିରାଜୀ ଔଷଧ ବିକ୍ରୟ ହୁଅଇ । ଏହାଛଡ଼ା ଅନ୍ୟ ଯାହାର ଯେଉଁ ଦ୍ରବ୍ୟ ପ୍ରୟୋଜନ ହୁଏ ଲେଖିଲେ ଅତିସତ୍ୱର ଓ ବିଶେଷ ସାବଧାନତା ସହିତ ପଠାଇ ଦିଆଯାଏ । ମାଦକ ଦ୍ରବ୍ୟ ଛଡ଼ା ଅନ୍ୟାନ୍ୟ ସମୁଦାୟ ଦ୍ରବ୍ୟ ବିକ୍ରୟ ଓ ସରବରାହ କରୁଁ । ଯେଉଁ ଦ୍ରବ୍ୟମାନ ଅନ୍ୟସ୍ଥାନରୁ କ୍ରୟ କରି ପଠାଇବାକୁ ହୁଏ ତହିଁର ଉଚିତ ବଜାର ଦର ଉପରେ ଜଣି ପଠାଇବାର ପରିଶ୍ରମନିମନ୍ତେ ଶତକଡ଼ା ଟ ୬। ହିସାବରେ କମିଶନ ଗ୍ରାହକମାନଙ୍କଠାରୁ ନିଆଯାଏ । କେବଳ ପ୍ୟାକିଂ ଓ ଡାକଖର୍ଚ୍ଚ ପଠାଇଲେ ଔଷଧ ଓ ଦ୍ରବ୍ୟାଦି ଭାଲ୍ୟୁପେଏବଲ ଭାବରେ ମଧ୍ୟ ପଠାଯାଇ ପାରେ । କେସ୍ତିଂ ବା ଇନଫିସିଏନ୍ସ ଫି ଗ୍ରହଣ ହୁଏ ନାହିଁ ଏବଂ ଷ୍ଟାମ୍ପ ଇତ୍ୟାଦି ବା ଦୁଇପଇସିଆ ଟିକଟ ଖର୍ଚ୍ଚ ନ ପଠାଇଲେ ପତ୍ରର ଉତ୍ତର ଦିଆଯାଏ ନାହିଁ । ମଫସଲବାସୀ ଅନେକ ଅନେକ ସଭ୍ୟ ଜମିଦାର ଓ ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କଠାରୁ ସର୍ବଦା ଶୀଘ୍ର ତତ୍ପରତା ଓ ଔଷଧ ପ୍ରେରଣ କରିବାସକାଶେ ପ୍ରସାଦ ପାଇଥାଉଁ । ଅତଏବ ସେମାନଙ୍କ ଓ ସର୍ବସାଧାରଣଙ୍କ ସୁବିଧାର୍ଥ ଜଣାଉଅଛୁଁ କି ଯେଉଁମାନେ ଅମ୍ଭଦ୍ୱାରା ଅତଃପର ଉପକୃତ ହେବାକୁ

ଇଚ୍ଛା କରନ୍ତି ସେମାନେ ପୀଡ଼ାର ଅବସ୍ଥା ଉତ୍ପତ୍ତିର କାରଣ, ବ୍ୟାଧି ଭୂଲକ କି ନା, ରୋଗୀ ପୁରୁଷ କି ସ୍ତ୍ରୀ, ରୋଗିର ପୂର୍ବ ଓ ବର୍ତ୍ତମାନ ଆଚରଣ, ବୟଃକ୍ରମ, ଅହାର, କୋଷ୍ଠଶୁଦ୍ଧି, ଧାତୁ ପ୍ରକୃତି ଇତ୍ୟାଦି ରୋଗର ବୃତ୍ତାନ୍ତ ଲେଖି ପଠାଇଲେ ତାହାର ଯଥାଯୋଗ୍ୟ ଔଷଧ ପଠାଇବୁଁ । ଟଙ୍କା, କଉଡ଼ି କି ପତ୍ରାଦି ନିମ୍ନ ଠିକଣାରେ ଅମ୍ଭଠାକୁ ପଠାଇବାକୁ ହେବ ।

କଟକ ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ ।

# ନୂତନ ପୁସ୍ତକ ।

**A KEY TO NEW ROYAL READERS NO. IV MINOR COURSE.**

ଜୁଲାଇମାସର ମଧ୍ୟରେ ଗ୍ରାହକ ହେଲେ ମୂଲ୍ୟ ଟ ୦ ।୰ ନତୁବା ପରେ ମୂଲ୍ୟ ବୃଦ୍ଧି ହେବ ।

Ditto An Abridged Edition ଟ ॥

ପ୍ରାକୃତିକ ଭୂଗୋଳର ପ୍ରଶ୍ନୋତ୍ତର ଟ ୦ ।, ସ୍ୱାସ୍ଥ୍ୟସାଧନର ପ୍ରଶ୍ନୋତ୍ତର ଟ ୦୵ , ଫାଷ୍ଟବୁକର ମାନେ ବହି ( ସରଳ ଓ ପରଶୁରାମ ) ଟ ୦ ୵

ଧ୍ରୁବ ଚରିତ ଟ ୦ ।

କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ଏବଂ ବାବୁ ରାମପ୍ରସନ୍ନ ମୁଖୋପାଧ୍ୟାୟଙ୍କ ପୁସ୍ତକ ଦୋକାନରେ ପ୍ରାପ୍ତବ୍ୟ । ପତ୍ରରେ "ଲଳିତମୋହନଙ୍କ ପ୍ରଣୀତ" ବୋଲି ଲେଖିବ । ନତୁବା ଅନ୍ୟ ଗ୍ରନ୍ଥକାରଙ୍କ ପୁସ୍ତକ ଏହା ବଦଳରେ ପାଇବାର ସମ୍ଭାବନା ।

ସାମ୍ୟବାଦୀ ଇନଷ୍ଟି- ଟ୍ୟୁସନ । କଟକ । } ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ ।

## ପ୍ରତ୍ୟୋକ୍ଷଫଳାଦାୟୀ ଔଷଧ ।

ଚନ୍ଦ୍ରରକ୍ଷିତ ସ୍ବାୟୋନଲଯ୍ ଓ ଉଚ୍ଚକ୍ୱୋପାର୍ଦ୍ଧ ପରିଷିତ ଔଷଧମାନ ଅଲ୍ପ ଜାଳରେ ବଚନ୍ତର୍ଥ ପ୍ରସ୍ତୁତ ଅଛି ।

୧ । ପାଦ୍ମୋତ ତୈଳ—ବହୁ ଦ୍ରବ୍ୟରୁ କେଶତତ୍ତ୍ୱ ଅନ୍ୱେଷଣ କରି ଏହି ଔଷଧ ପ୍ରସ୍ତୁତ ହୋଇଅଛି । ଏହା ବ୍ୟବହାର କଲେ, କେଶସ୍ଥଳତା, କେଶର ଅକାଳପକ୍ୱତା, ଅକାଳପତନ, ଏବଂ ଶିରଃପୀଡ଼ା, ଶୀର୍ଷରୋଗ ଇତ୍ୟାଦି ନିବାରିତ, ମସ୍ତକର କଣ୍ଡୁ ଓ ଖାଣ୍ଟିକ ନଷ୍ଟ ହୋଇ ଦେହ ଓ ମସ୍ତିଷ୍କ ଶୀତଳ, କେଶ ବର୍ଦ୍ଧିତ, ଶୋଭାଯୁକ୍ତ ଓ ସୁବାସିତ ହୁଏ । ପ୍ରତି ଶିଶିର ମୂଲ୍ୟ ବାରଅଣା ମାତ୍ର ।

୨ । ଦଦ୍ରୁ କୁଠାରଚ—ନାମ କୁଠାରଚ ସତ୍ୟ କିନ୍ତୁ ପ୍ରୟୋଗ କାଳେ ଜ୍ୱାଳା ଯନ୍ତ୍ରଣା ବିନ୍ଦୁମାତ୍ର ଜଣା ଯାଏ ନାହିଁ । ମାତ୍ର ଏହା ଦଦ୍ରୁଗୋଷ୍ଠ ପକ୍ଷରେ କୁଠାରଚ ତୁଲ୍ୟ କାର୍ଯ୍ୟ କରେ ଏବଂ ତାହାକୁ ଏକାବେଳକେ ନଷ୍ଟ କରେ, ତହିଁରେ ଅଳ୍ପ ସନ୍ଦେହ ନାହିଁ । ଏହା ବ୍ୟବହାର କରି ୨୪ ବର୍ଷର ଦଦ୍ରୁ ରୋଗ ଆରୋଗ୍ୟ ହୋଇଅଛି, ପ୍ରତି ଡିବାର ମୂଲ୍ୟ ଚାରି ଅଣା ମାତ୍ର ।

୩ । ଶୂଳହରାରଣୀ—ଏହା ଯଥାବିଧି ସେବନ କଲେ ଓ ପ୍ରାଚୀନ ବା ନୂତନ ସବୁ ପ୍ରକାର ଅମ୍ଳଶୂଳ, ପିତ୍ତଶୂଳ, ବସ୍ତିଶୂଳ ( ଅମାବାତ ), ବମନାଦି ଅତି ଯନ୍ତ୍ରଣାଦାୟକ ଲକ୍ଷଣମାନ ଉପଶମ ହୁଏ । ଏକପକ୍ଷ କାଳ ସେବନୀୟ ଔଷଧର ମୂଲ୍ୟ ଦୁଇ ଟଙ୍କା ଆଠ ଅଣା ।

୪ । କୋଷ୍ଠଭେଦ ବଟିକା—କୋଷ୍ଠବଦ୍ଧ ସର୍ବପ୍ରକାର ରୋଗର ଉତ୍ପତ୍ତି ଓ ବୃଦ୍ଧିର ପ୍ରଧାନ କାରଣ ଅଟେ । କୋଷ୍ଠଶୁଦ୍ଧି ନ ହେଲେ କୌଣସି ରୋଗ ଆରୋଗ୍ୟ କିମ୍ବା କୌଣସି ଔଷଧ ମଧ୍ୟ କାର୍ଯ୍ୟକାରକ ହୁଏ ନାହିଁ । ଏହି ଔଷଧ ବ୍ୟବହାର କଲେ କି ପ୍ରାଚୀନ କି ନୂତନ ସର୍ବପ୍ରକାର କୋଷ୍ଠବଦ୍ଧ ଏବଂ କୋଷ୍ଠବଦ୍ଧଜନିତ ଅନ୍ୟାନ୍ୟ ପୀଡ଼ା ଯଥା, କୋଷ୍ଠାଶ୍ରିତ ବାୟୁ, ଜ୍ୱର, ଅର୍ଶ, ଅଜୀର୍ଣ୍ଣ, ଶୋଥ, ଉଦରୀ, ଯକୃତ, ପାଣ୍ଡୁ ଓ ତଜ୍ଜନିତ ଶିରଃପୀଡ଼ା ଓ ଘୂର୍ଣ୍ଣାଦି ନିବାରିତ ହୁଏ ।

ଏହି ନିର୍ଦ୍ଦୋଷ ବିରେଚକ । ସର୍ବପ୍ରକାର ପୀଡ଼ାରେ ଏମନ୍ତ କି ଅନ୍ୟାନ୍ୟ ଔଷଧ ବ୍ୟବହାରର ସଙ୍ଗେ ୨ ମଧ୍ୟ ଏହା ବ୍ୟବହାରର ଉପଯୁକ୍ତ ଅଟେ । ସୁସ୍ଥ, ଅସୁସ୍ଥ, ବାଳକ, ବୃଦ୍ଧ, ସ୍ତ୍ରୀ ଓ ପୁରୁଷ ସମସ୍ତେ ଏହା ସେବନ କରି ପାରନ୍ତି । ସପ୍ତାହ କାଳ ସେବନୀୟ, ଔଷଧର ମୂଲ୍ୟ ଏକ ଟଙ୍କା ।

୫ । ହିମସାଗର ଅରିଷ୍ଟ—ଏହା ସେବନ କଲେ ମ୍ୟାଲେରିଆ ବା ଦୂଷିତ ଜଳବାୟୁଜନିତ ଜ୍ୱର, ସର୍ବ ପ୍ରକାର ପାଳିଜ୍ୱର, ପୁରାତନ, ବିଷମ ଓ ଏକ ଜ୍ୱର, ପ୍ଲୀହା ଯକୃତ, ଅଜୀର୍ଣ୍ଣ, ଅରୁଚି, ଶୀର୍ଣ୍ଣତା, ରକ୍ତହୀନତା, ଅନିୟମିତ କୋଷ୍ଠ, ଶାରୀରିକ ଓ ମାନସିକ ଅବସନ୍ନତା ଇତ୍ୟାଦି ଦୂରୀଭୂତ ହୁଏ ଏବଂ ଦେହ, ପରିପୁଷ୍ଟ ହୋଇ ରକ୍ତ ସଞ୍ଚାରିତ ହୁଏ । ଏକ ପକ୍ଷକାଳ ସେବନୀୟ, ଔଷଧର ମୂଲ୍ୟ ଦୁଇ ଟଙ୍କା ଆଠ ଅଣା ।

୬ । ଶୋଣିତସଞ୍ଜୀବନୀ ( ସାଲସା )—ଶୋଣିତ ମାନବଦେହର ପ୍ରଧାନ ଉପାଦାନ ଅଟେ । ଏହା ପରିଶୁଦ୍ଧ ଥିଲେ କୌଣସି ପ୍ରକାର ବ୍ୟାଧିର ଉତ୍ପତ୍ତି ହୋଇପାରେ ନାହିଁ । କିନ୍ତୁ ରକ୍ତ ଶୋଣିତ ସାମାନ୍ୟ ମାତ୍ର ଦୂଷିତ ହେଲେ ତହିଁରୁ କ୍ରମେ କ୍ରମେ ଶରୀରର ଭାବତ୍ ରକ୍ତ ଦୂଷିତ ହୋଇ ନାନା ପ୍ରକାର ଉତ୍କଟ ବ୍ୟାଧିର ଉତ୍ପତ୍ତି ହୁଏ । ଅନିୟମିତ ଆହାର, ବିହାର ଅତିରିକ୍ତ ଶାରୀରିକ ଓ ମାନସିକ ପରିଶ୍ରମ, ଦୂଷିତ ଜଳବାୟୁ ପାରଦାଦି ବିଷଦୋଷ, ପ୍ରମେହ, ଉପଦଂଶ ଇତ୍ୟାଦି ହେତୁ ଶରୀରର ରକ୍ତ ଦୂଷିତ ହୋଇ ଉଠେ ଏବଂ ନାନାପ୍ରକାର କ୍ଷତ, କଣ୍ଡୁରା, ଖାଜୁ, ବଣ, ଗଣ୍ଠିବେଦନା, ନେତ୍ର ଓ ନାସିକା ରୋଗ ଶାରୀରିକ ଓ ମାନସିକ ଅବସନ୍ନତା ଇତ୍ୟାଦି ରୋଗ ଓ ଲକ୍ଷଣମାନ ଜାତ ହୋଇ ମନୁଷ୍ୟର ସର୍ବନାଶ କରି ଦିଏ । ଏହି ସୁଧା ବ୍ୟବହାର କଲେ ଉଲ୍ଲିଖିତ ଉପଦ୍ରବମାନ ତିରୋହିତ ହୋଇ ମାନବଦେହ ନବଜୀବନ ପ୍ରାପ୍ତ ଓ ଶୋଭାଯୁକ୍ତ ହୁଏ । ସୁସ୍ଥଶରୀରରେ ମଧ୍ୟ ବଳାଧାନନିମନ୍ତେ ଏହା ଉପଯୋଗୀ । ନାନାପ୍ରକାର ଚର୍ମରୋଗ, ଖାଜୁ କଣ୍ଡୁଆ ଓ ଖଜାଦି ଏହା ସେବନେ ଆରୋଗ୍ୟ ହୁଏ । ଚାରି ସପ୍ତାହ ସେବନୀୟ ଔଷଧର ମୂଲ୍ୟ ଦୁଇଟଙ୍କା ଆଠଅଣା ।

ବାଲୁବଜାର, କଟକ ଔଷଧଭଣ୍ଡାର । } ଡାକ୍ତର । ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ । V. L. M. S.

Watches! Clocks! Time pieces! Repaired by an efficient workman the premises of the Cuttack Printing Company. Charge moderate.

## ଘଣ୍ଟିମରାମତି ।

ନାନାପ୍ରକାର କ୍ଲୋକ ବଡ଼ ଘଣ୍ଟାଘଡ଼ି

ଉତ୍ତମରୂପେ ମରାମତ ହେବା, ଓ ଯଥା ସମୟରେ ପାଇପାରିବାର ଭଲ ବନ୍ଦୋବସ୍ତ ଏ ନଗରରେ ନ ଥିବାରୁ ଅମ୍ଭେ ଘଡି ମରାମତର କାର୍ଯ୍ୟାରମ୍ଭ କରାଇଅଛୁ । ଯାହାଙ୍କର ଦରକାର ହେବ ଛାପାଖାନାଠାରେ ତତ୍ତ୍ୱ କଲେ ସମସ୍ତ ଜାଣି ପାରିବେ ।

ଉତ୍ତର ଅବସ୍ଥା ଅନୁଯାୟୀ ୬ମାସଠାରୁ ଦୁଇ ବର୍ଷ ପର୍ଯ୍ୟନ୍ତ ଗେରେଣ୍ଟି ଦିଆଯିବ ଅର୍ଥାତ୍ ମରାମତି ଦୋଷରୁ ନିୟମିତ ସମୟ ମଧ୍ୟରେ ଘଡି ନ ଚଳିଲେ ପୁନର୍ବାର ଦୁରସ୍ତ କରିଦିଆଯିବ ।

## ଗିଲ୍ଟି

ଘଡ଼ିର ଚେଇନ ହେଣ, ମୁଦ, ସୁନ୍ଦର ସ୍ୱର୍ଣ୍ଣକାରଙ୍କର ଓ ଇନଷ୍ଟେକ୍ଟରଙ୍କର କମରହେକାଳି ଓ ଗେର ସାଜ, ( ତମ୍ବାର ଓ ପିତ୍ତଳର ନାନାବିଧ ଅଳଙ୍କାରାଦି ରୂପା ଅବା ସୁନାରେ; ରୂପାର ମୁଦ ଓ ଗେର ଅଳଙ୍କାର ସୁନାରେ ) ଗିଲ୍ଟ କରି ଦିଆଯିବ ।

କଟକ ୧୦।୧୧।୮୯ } ଶ୍ରୀ ଗୌରୀଶଙ୍କର ରାୟ

## ମେହରୋଗ ।

ଗତ ୬୭ ସ୍ଥାନରେ ସମସ୍ତ ଜ୍ୱାଳା ଯନ୍ତ୍ରଣାର ନିବୃତ୍ତି ହେବ । ଦୁରନ୍ତ ପ୍ରମେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ଚରାଚର ... ଣତ୍ରବାର ଉଚିତ ନୁହେ ସାମାନ୍ୟ ଅର୍ଥବ୍ୟୟ ପ୍ରକାଶେ ଜୀବନର ମାୟା ପରିତ୍ୟାଗ କରନ୍ତୁ ନାହିଁ ।

ଏହି ଔଷଧ ଯଥାବିଧିରେ ଏକସପ୍ତାହ ସେବା କଲେ ନୂତନ ରୋଗ ଏବଂ ତିନି ସପ୍ତାହ ଦିନରେ ପୁରାତନରୋଗ ଅବଶ୍ୟ ଆରୋଗ୍ୟ ଯେଉଁମାନେ ଆରୋଗ୍ୟ ନ ହେବେ ଜାଣିଅଛି ଏ ବ୍ୟାଧି ସେମାନଙ୍କ ସଙ୍ଗୀ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ଶରୀର ଭସ୍ମରାଶିରେ ପରିଣତ ନ ହେବା ଯିବ ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅବଲମ୍ବରେ ପୁସ୍ତକାକାରରେ ପ୍ରକାଶିତ ହେବ କଲିକତା ଅଟେରଟୋଲା ନମ୍ବର ଭବନରେ ସ, ହେ, ଗତ କମ୍ପାନୀଙ୍କଠାରେ ଏବଂ କଟକ ତେଲିଆବଜାର ପ୍ରିଣ୍ଟିଂକମ୍ପାନୀ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଶିଶି ଟ ୬ ଟଙ୍କା । ପ୍ୟାକିଂ ଓ ଡାକଖର୍ଚ୍ଚ ପୃଥକ୍

ଏହି ଉତ୍କଳଦୀପିକା ସହର କଟକ ତେଲିଆବଜାର କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Split by PDF Splitter

Digitized by srujanika@gmail.com

REGISTERED NO. 1

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା ।


| | | |
|---|---|---|
| ଭା ୨୭ ଗ<br>ସଂ ୨୯ ଖ୍ୟା | ତା ୧୮ ଶ୍ରବଣ ମାସେ କୁମର ସନ ୧୮ ୧୧ ମଙ୍ଗଳ । ମୂ । ଶ୍ରାବଣ ତା ୪ ... ୧୨୯୮ ସାଲ ... | ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୷<br>ଡାକ୍ମାସୁଲ ଟ ୵୧ |


## ଭାରତବର୍ଷୀୟ ଦଣ୍ଡବିଧି ।

ଅର୍ଥାତ୍ ସନ ୧୮୬୦ ସାଲର ଅ ୪୫ ଆଇନ କମାଗତ ସନ ୧୮୮୦ ସାଲର ଅଗଷ୍ଟ ମାସ ତା ୧ ରଖପର୍ଯ୍ୟନ୍ତ ଯେସମସ୍ତ ଅଇନଦ୍ୱାରା ସଂଶୋଧନ ହୋଇଅଛି ତାହାସବୁ ମିଶି ଏକତ୍ରେ ଓଡ଼ିଆଭାଷାରେ ଛପା ହୋଇ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି । ମୂଲ୍ୟ ଏକଖଣ୍ଡକୁ ଟ ୧।ଓ ଡାକଖର୍ଚ୍ଚା ଟ ୦୵ ଅଳ୍ପସଂଖ୍ୟା ଛପା ହୋଇଅଛି । ଯାହାଙ୍କର ପ୍ରୟୋଜନ ଶୀଘ୍ର କ୍ରୟ କରନ୍ତୁ ।

---

ସମ୍ବାଦବାହକରେ ପାଠକଙ୍କ ବ ବାଲେଶ୍ୱର ଜିଲ୍ଲାର ରେମଣା ଓ ଅରମଲା ପ୍ରଗନା ଏଲାକାରେ ଝିଙ୍କାପଲ ପଡ ପ୍ରାୟ ସାଷବାଷ ଜମିର ଧାନଗଛ ଡରଯାଇ ଅଛନ୍ତି ଏବଂ ଶାଗ ଅନେକ ନଷ୍ଟ କରି ଅଛନ୍ତି । ନୀଲଗିରି ଜିଲ୍ଲାର ଗୋ ଯାବାଡ଼ରେ ପ୍ରାୟ ଦୁଇକୋଶ ବ୍ୟାପି ବସିଥିଲେ ।

—§—

ଏଥିମଧ୍ୟରେ ମାନ୍ଦ୍ରାଜରୁ ଯେଉଁ ସମ୍ବାଦ ଆସିଅଛି ତହିଁରୁ ପ୍ରକାଶ ଯେ ଗଞ୍ଜାମ, ଗୋଦାବରୀ, କଡାପା ଓ କୁଡ଼ପ ଆଦକୁ ଏହି ସ୍ଥାନଗୁଡ଼ା ଛଡ଼ା ଅନ୍ୟ ସମସ୍ତ ଜିଲ୍ଲାର ଅବସ୍ଥା ଅନୁକୂଳ ଅଟଇ । ଗଞ୍ଜାମରେ ଏପର୍ଯ୍ୟନ୍ତ ପ୍ରାୟ ବୃଷ୍ଟି ହୋଇ ନାହିଁ । ଅନ୍ୟତ୍ର ବୃଷ୍ଟିର ଲକ୍ଷଣ ଦେଖା ଯାଇ ଅଛି ।

——o|o——

କଲିକତାର ଜ ୨ ଣ ବିଖ୍ୟାତ ଲୋକ ଏଥିମଧ୍ୟରେ ଗୁରୁ ପୀଡ଼ାରେ ଶଯ୍ୟାଗତ ହେବାରୁ ସେଠାର ସବଳାର ବିଷୟ ହୋଇଅଛି । ପୂଜନୀୟ ପଣ୍ଡିତ ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କର ଅବସ୍ଥା କଷ୍ଟକର ହୋଇଅଛି ଏବଂ ଡାକ୍ତର ମହେନ୍ଦ୍ରଲାଲସିଂହଙ୍କ ସ୍ୱାସ୍ଥ୍ୟର ଅଳ୍ପମାତ୍ର ଉନ୍ନତି ହୋଇ ନାହିଁ। ଏମାନଙ୍କ ଜୀବନ ଅମୂଲ୍ୟ ଅଟଇ ଏବଂ ଏମାନଙ୍କ ଦୀର୍ଘଜୀବନ ନିମନ୍ତେ ଆମ୍ଭେମାନେ ଏକାନ୍ତ ମନରେ ଈଶ୍ୱରଙ୍କଠାରେ ପ୍ରାର୍ଥନା କରୁଅଛୁଁ ।

---

ଏ ଜିଲ୍ଲାର ଜଣେ ସ୍କୁଲ ସବ ଇନସ୍ପେକ୍ଟର ମୃତ ପଣ୍ଡିତ ପ୍ରଭାକର ବିଦ୍ୟାରତ୍ନଙ୍କ ସଂକ୍ଷେପ ଜୀବନୀ ପ୍ରକାଶ କରି ସମ୍ବଲପୁରହିତୈଷିଣୀ ଆମ୍ଭମାନଙ୍କୁ କଇଫିୟତ ତଲବ କରଅଛନ୍ତି ଯେ ଆମ୍ଭେମାନେ ପଣ୍ଡିତଙ୍କୁ ଜାଣୁଥିବା ପ୍ରତ୍ୟକ୍ଷେ କାହିଁକି ତାହାଙ୍କର କଥା ନ ଲେଖିଲୁଁ ଏବଂ ତହିଁସଙ୍ଗେ କହଅଛନ୍ତି କି ତାହା ନ ଲେଖିବାର ବହୁ ଭିନ୍ନ କାରଣ ଥାଇପାରେ । କାରଣଟା 'ଲ୍ଲ' ବା 'ସୁଁ' ସ୍ପଷ୍ଟ ନ କହିଲେ ମଧ୍ୟ ବୁ ଗିବାର ସୂଚନ ହେଉଅଛି । ଅନ୍ତତଃ ତାହା ଜଣାଇ ଦେଇଥିଲେ ବାହାର ଭ୍ରମ ହୁଅନ୍ତା ନାହିଁ ଏବଂ ଆମ୍ଭେମାନେ ମଧ୍ୟ ଉତ୍ତର ଦେବାକୁ ସକ୍ଷମ ହୁଅନ୍ତୁ । ଏପରି ଲେଖିବା କେମନ୍ତ ରୀତ ପାଠକମାନେ ବିଚାର କରିବେ ।

---

ରାମପୁର ଷ୍ଟେଟର ସଭାପତି ଜେନରଲ ଅଜିମୁଦ୍ଦିନ କୌଣସି ଘାତକ ହାତରେ ମରି ପଡ଼ିବାରୁ ନବାବ ଅଫଦରଅଲି ତତ୍ପଦରେ ନିଯୁକ୍ତ ହୋଇ ଥିଲେ କିନ୍ତୁ ଅଳ୍ପଦିନ ହେଲା ଇଣ୍ଡିଆ ଗବର୍ଣ୍ଣମେଣ୍ଟ ନବାବ ସାହେବଙ୍କୁ ବିଦାୟ ଦେଇ ମେଜର ଭନସେଣ୍ଟଙ୍କୁ ତତ୍ପଦରେ ନିଯୁକ୍ତ କରି ଅଛନ୍ତି । ଏଥିରେ ରାମପୁରବାସିମାନେ ବଡ଼ବିରକ୍ତ ଅଛନ୍ତି । ଦେଶୀୟରାଜ୍ୟରେ ଲୋକଙ୍କ ଇଚ୍ଛା ବିରୁଦ୍ଧରେ ଇଂରାଜକର୍ମଚାରୀ ନିଯୁକ୍ତ କରିବା ଭଲ ବନ୍ଦୋବସ୍ତ ନୁହଇ । ଗବର୍ଣ୍ଣମେଣ୍ଟ ଦେଶୀୟଲୋକଙ୍କ ମଧ୍ୟରେ କାହାରିକୁ କି ଯୋଗ୍ୟ ଏବଂ ବିଶ୍ୱାସୀ ପାଇଲେ ନାହିଁ ? ଭରସା କରୁଁ ଏବନ୍ଦୋବସ୍ତ ଅଳ୍ପକାଳ ନିମିତ୍ତ ହୋଇଅଛି ?

---

ଷ୍ଟେଟ୍ସମାନରେ ପାଠକଙ୍କ ଯେ ସ୍ୱଶ୍ରୀ ମନ୍ଦିରପାଣ୍ଡି କମିଟି ବଙ୍ଗୀୟ ଗବର୍ଣ୍ଣମେଣ୍ଟଙ୍କୁ ଏକ ଆବେଦନ ପତ୍ର ପଠାଇ ତହିଁରେ ପ୍ରାର୍ଥନା କରି ଅଛନ୍ତି କି ପରିଷ୍କାର ଜଳ ଯୋଗାଇବା କଳଗାଡ଼ିର ନାଳମାନ ପ୍ରସ୍ତୁତ କରିବା ଏବଂ ଡିସ୍ପେନସରମାନଙ୍କରେ ଯାତ୍ରିଙ୍କ ରହିବା ନିକଟେ ଯେତେ ସ୍ଥାନ ଅଛି ତାହା ବଢ଼ାଇବା ଦ୍ୱାରା ପୁରୀର ବର୍ତ୍ତମାନ ଅସ୍ୱାସ୍ଥ୍ୟକର ଅବସ୍ଥା ଉପର-

Digitized by srujanika@gmail.com

ମାନଙ୍କରେ ବଳ ହୋଇ ପାରେ ତାହା ବିବେଚନା କରି ରିପୋର୍ଟ କରିବା କାରଣ ପୋଷ୍ଟିଏ କମିଶନ ଷ୍ଟାର୍ଥାରୁ ସହିତ ନିଯୁକ୍ତ ହେଉ । ପୁରୀ ମନ୍ଦିରର ସଂସ୍କାର ନିମିତ୍ତ ଅଳକାଲି ନାନାସ୍ଥାନରେ ଚାନ୍ଦା ସଂଗ୍ରହ କରିବାର କମିଟିମାନ ବସି ଅଛି । କେଉଁ କମିଟିରୁ ଏହି ଅବେଦନ ପତ୍ର ପ୍ରେରିତ ହୋଇଅଛି ବୁଝି ପାରିଲୁଁ ନାହିଁ ।

---

ମିଉନିସିପଲ ଆଇନର ଧା ୨୬୧ ସ୍ଥ ଏବଂ ଧା ୨୭୩ ସ୍ଥର ୨ ଓ ୩ ପ୍ରକରଣ କ୍ରମେ ମିଉନିସିପାଲିଟି ମଧ୍ୟରେ କାମ କରିବାକୁ ଇଚ୍ଛା କରି ମାନ୍ୟବର ଲେପ୍ଟେନାଣ୍ଟ କଲିକତା ଗେଜେଟରେ ବିଜ୍ଞାପନ ଦେଇ ଅଛନ୍ତି କି ଏକମାସ ମଧ୍ୟରେ ଏଥି ବିରୁଦ୍ଧରେ କୌଣସି ହେତୁ ପ୍ରଦର୍ଶିତ ନ ହେଲେ ଉକ୍ତ ଧାରାମାନ ଜାରି ହେବ । ଉକ୍ତ ଧା ୨୬୧ ସ୍ଥର ମର୍ମ ଏହି କି ମିଉନିସିପାଲିଟିର ଲିଖିତ ଅନୁମତିପତ୍ର ବିନା ମିଉନିସିପାଲିଟି ସୀମା-ମଧ୍ୟସ୍ଥିତ କୌଣସି ସ୍ଥାନରେ ଚର୍ବି ସିଝିବା, ପଶୁ ହତ୍ୟା କରିବା ଇଟା ଇତ୍ୟାଦି ପୋଡ଼ାଇବା, ଖୋଟ, ଚୁନ୍ଥା ଇତ୍ୟାଦି ଗଦା କରିବା, କେରୋସିନତେଲର ଗୋଦାମ ମାଂସର ଦୋକାନ ଏବଂ ଭଡ଼ାଘର ରଖି ପାରିବ ନାହିଁ । ଏଥିପାଇଁ ସେହି ଉଦ୍ୟମର୍ଯ୍ୟ ଲୋକେ ସର୍ବଦା ଲାଇସେନ୍ସ ବା ଅନୁମତିପତ୍ର ନେଇ ଥାନ୍ତି ମାତ୍ର ଭଡ଼ାଘର ପ୍ରଚଳିତ ପ୍ରଥା ତାହା ପ୍ରଚଳିତ ନ ଥିବାରୁ ଲୋକେ ଇଚ୍ଛାନୁସାରେ ଅନେକ ମୁସାଫର ଭଡ଼ାରେ ରଖି ଅପରିଷ୍କାର ଲୋକଙ୍କ ଦ୍ୱାରା ସାଧାରଣସ୍ୱାସ୍ଥ୍ୟରକ୍ଷାର ବ୍ୟାଘାତ କରୁଅଛନ୍ତି । ଏପ୍ରକାର ଭଡ଼ାଘରମାନ ମିଉନିସିପାଲିଟିର ଅଧିକାରରେ ଆସିବାର ଉଚିତ । ବୋଧ କରୁଁ ଏଥିରେ କାହାର ଆପତ୍ତି ହେବ ନାହିଁ ।

---

ସ୍ଥାନାନ୍ତରରେ ପ୍ରକାଶିତ ଇଂରାଜୀପତ୍ରରୁ ପାଠକମାନେ ଅବଗତ ହେବେ ଯେ ଗତମାସ ତା ୪ ରିଖ ଅପରାହ୍ନ କାଳରେ ମାନ୍ୟବର ଲେପ୍ଟେନାଣ୍ଟ କଲିକତା ପ୍ରେସିଡେନ୍ସି କଲେଜର ଏମ, ଏ, କ୍ଲାସର ଛାତ୍ର ଓ ଶିକ୍ଷକମାନଙ୍କୁ ଆମନ୍ତ୍ରଣ କରି ଗଙ୍ଗାନଦୀରେ [illegible] କରିଥିଲେ । ଆମନ୍ତ୍ରିତ ବ ୬୦ ଜଣ ଛାତ୍ରଙ୍କ ମଧ୍ୟରେ ଉଡ଼ିଶାର ବାବୁ ହରପ୍ରସାଦ ଦାସ ଏକଜଣ ଥିଲେ । ଶ୍ରୀଯୁକ୍ତ ଓଏବି ସାହେବ ଛାତ୍ରମାନଙ୍କୁ ମାନ୍ୟବର ଲେପ୍ଟେନାଣ୍ଟଙ୍କ ସମ୍ମୁଖରେ ପରିଚୟ କରାଇବା ସମୟରେ ଚତୁର୍ଥରେ ହରପ୍ରସାଦ ବାବୁଙ୍କୁ ଉପସ୍ଥିତ କରି କହିଲେ କି ଏ ବ୍ୟକ୍ତି ପ୍ରେସିଡେନ୍ସି କଲେଜର ପ୍ରଥମ ଓଡ଼ିଆ ଗ୍ରାଜୁଏଟ ଅଟନ୍ତି । (ଏହାପୂର୍ବେ ଚତୁର୍ଭୁଜ ବାବୁ ପ୍ରଭୃତି ଏଠାରେ ବି, ଏ ପାସ କରିଥିବା କଥା ସାହେବଙ୍କ ମନରେ ନ ଥିଲା) ଲେପ୍ଟେନାଣ୍ଟ ମହୋଦୟ ଏଥିରେ ବିଶେଷ ଆନନ୍ଦିତ ହୋଇ ତାହାଙ୍କର ଜାତି କୁଳ ଅବସ୍ଥା-ପ୍ରଭୃତି ଅନେକ କଥା ପଚାରିଲେ । ତହିଁ ଉତ୍ତାରୁ ଲାଟପତ୍ନୀଙ୍କ ନିକଟରେ ପରିଚିତ ହେବାରୁ ସେ ମଧ୍ୟ ବିଶେଷ ଆନନ୍ଦ ପ୍ରକାଶ କରି ଅନ୍ୟାନ୍ୟ କଥା ପ୍ରସଙ୍ଗରେ ଓଡ଼ିଆରେ ଜେନାନାସ ଅଛି କି ନାହିଁ ପଚାରିଲେ ଏବଂ ତାହା ନ ଥିବାର ଉତ୍ତର ପାଇ କହିଲେ କି ତୁମ୍ଭମାନଙ୍କର ଶିକ୍ଷିତ ଯୁବାମାନଙ୍କର ଏ ଅଭାବ ଦୂର କରିବା କର୍ତ୍ତବ୍ୟ ଅଟଇ । ଫଳତଃ ଲାଟ ମହୋଦୟ ଓଡ଼ିଆ ଛାତ୍ରଙ୍କ ପ୍ରତି ଯେପରି ମନୋଯୋଗ ପ୍ରଦାନ କରିଥିଲେ ତହିଁରୁ ଜଣାଯାଉଅଛି ଯେ ଓଡ଼ିଶାପ୍ରତି ତାହାଙ୍କର ଯଥେଷ୍ଟ ସୁଦୃଷ୍ଟି ଅଛି । ଏ ସମୟରେ ଓଡ଼ିଶାବାସିଙ୍କର ଅଗ୍ରସର ହୋଇ ଆପଣା-ଯୋଗ୍ୟତା ଦେଖାଇବା ଉଚିତ ତାହା ହେଲେ ସେମାନଙ୍କର ମନୋରଥ ଅବଶ୍ୟ ପୂର୍ଣ୍ଣ ହେବ ।

---

ଏଠା ରେଭେନ୍ସା କଲେଜିଏଟ ସ୍କୁଲର ହେଡ଼ମାଷ୍ଟର ବାବୁ ରାମଦାସ ଚକ୍ରବର୍ତ୍ତି ବଦଳି ହେବାର ସମ୍ବାଦ ପାଠକମାନଙ୍କୁ ଦେଇଅଛୁଁ । ସେ ଆଗାମୀ ବୁଧବାର ଏଠାରୁ ଯାତ୍ରା କରିବେ । ସେ ସରକାରଙ୍କଠାରେ ରହିବାକାରଣ ସ୍ୱୟଂ ପ୍ରାର୍ଥନା କରି ବଦଳି ହୋଇଅଛନ୍ତି କିନ୍ତୁ ତାହାଙ୍କୁ ଛାଡ଼ିବାକୁ ନଗରବାସିଙ୍କର ଇଚ୍ଛା ନ ଥିଲା ଏବଂ ବଦଳି ହେବାରେ ସମସ୍ତେ ଦୁଃଖୀ ଅଛନ୍ତି । ରାମଦାସ ବାବୁ ପୁରୀରେ ବ ୧୦ ବର୍ଷ ଏବଂ କଟକରେ ବ ୧୬ ବର୍ଷ ଏପରି ବ ୨୬ ବର୍ଷକାଳ ଓଡ଼ିଶାରେ ରହି କାର୍ଯ୍ୟତଃ ଜଣେ ଓଡ଼ିଆ ହୋଇଯାଇଥିଲେ ଆପଣାର ସାଧୁସ୍ୱଭାବ କାର୍ଯ୍ୟଦକ୍ଷତା ଏବଂ ସଦାଳାପଦ୍ୱାରା ସମସ୍ତଙ୍କର ପ୍ରୀତିପାତ୍ର ହୋଇଥିଲେ । ତାହାଙ୍କ ପାଖରେ ଯେଉଁମାନେ ପଢ଼ିଅଛନ୍ତି ତାହାଙ୍କର ଗୁଣ ଗାଉଅଛନ୍ତି ପ୍ରତି ବାର୍ଷିକପରୀକ୍ଷାର ଫଳ ତାହାଙ୍କ ଯୋଗ୍ୟତାର ସୁପରିଚୟ ପ୍ରଦାନ କରୁଅଛି । ଛାତ୍ରମାନେ ତାହାଙ୍କୁ ଅଭିନନ୍ଦନ ପତ୍ର ଦେବାକୁ ଚେଷ୍ଟା କରୁଥିଲେ ମାତ୍ର କର୍ତ୍ତୃପକ୍ଷଙ୍କ ଅନୁମତି ନ ପାଇବାରୁ ନିରସ୍ତ ହେଲେ । ଯାହା ହେଉ ଏଠା ଗ୍ରାଜୁଏଟ ସଭା ତାହାଙ୍କୁ ଅଭ୍ୟର୍ଥନା କରିବାର ଉଦ୍ଯୋଗ କରୁଅଛନ୍ତି ବଡ଼ ଆନନ୍ଦର ବିଷୟ ଅଟଇ ।

ରାମଦାସ ବାବୁ ଆପଣାର ଶିକ୍ଷାକାର୍ଯ୍ୟ ଛଡ଼ା ସାଧାରଣକାର୍ଯ୍ୟରେ ଯୋଗଦାନପୂର୍ବକ ଆମ୍ଭମାନଙ୍କର ବିଶେଷ କୃତଜ୍ଞତାଭାଜନ ହୋଇଅଛନ୍ତି । ଆତ୍ମଶାସନପ୍ରଣାଳୀ ପ୍ରଚଳିତ ହେବା ଆରମ୍ଭରେ ସେ ଏ ନଗରବାସିଙ୍କ ନିର୍ବାଚନମତେ ଜଣେ ମିଉନିସିପଲ କମିସନର ନିଯୁକ୍ତ ହୋଇ ଅନେକବର୍ଷକାଳ କାର୍ଯ୍ୟ କରିଥିଲେ ଏବଂ ଡିଷ୍ଟ୍ରିକ୍ଟ ବୋର୍ଡର ମେମ୍ବରସ୍ୱରୂପ ଅତଏବ ସାଧାରଣକାର୍ଯ୍ୟର ଅନେକ ସହାୟତା କରିଅଛନ୍ତି । ପୁରୀରେ ଥିବାସମୟରେ ସେଠା ସଂସ୍କୃତ ବିଦ୍ୟାଳୟର ସମ୍ପାଦକ ହୋଇ ତହିଁର ଅବସ୍ଥା ଉନ୍ନତି କରିଥିଲେ । ଏଠାରେ ରେଭେନ୍ସା ବାଳିକାବିଦ୍ୟାଳୟର ସମ୍ପାଦକ ହେବା ଦିନରୁ ସେ ଭାର କେମନ୍ତ ସୁନ୍ଦରରୂପେ ନିର୍ବାହ କରୁଅଛନ୍ତି ବିଦ୍ୟାଳୟର ବର୍ତ୍ତମାନ ଅବସ୍ଥା ତହିଁର ପରିଚୟ ଦେଉଅଛି । ଏ ବାଳିକାବିଦ୍ୟାଳୟ ଯେ ଓଡ଼ିଶାମଧ୍ୟରେ ଶ୍ରେଷ୍ଠ ହୋଇଅଛି ଏହା କେବଳ ତାହାଙ୍କର ଅପ୍ରତିହତ ଚେଷ୍ଟା ଯତ୍ନ ଓ ପରିଶ୍ରମର ଫଳ ଅଟଇ । ଏଥିପାଇଁ ଗତ ରବିବାର ବିଦ୍ୟାଳୟର କମିଟିର ମେମ୍ବରମାନେ ଏକ ସଭା କରି ତାହାଙ୍କର ଖଣ୍ଡିଏ ଚିତ୍ରପଟ ବିଦ୍ୟାଳୟରେ ରଖିବାର ସ୍ଥିର କରିଅଛନ୍ତି ଏଥିରେ ଯାହା ବ୍ୟୟ ହେବ ମେମ୍ବରମାନେ ଆପଣାମଧ୍ୟରେ ଚାନ୍ଦା କରି ଦେବେ । ଗୁଣିଲୋକର ଏପରି ସମ୍ମାନ ବଡ଼ ପ୍ରୀତିକର ଅଟଇ । ରାମଦାସ ବାବୁଙ୍କସଙ୍ଗେ ଓଡ଼ିଶାର ବିଚ୍ଛେଦ ଘଟିଲା ଏଥିପାଇଁ ଆମ୍ଭେମାନେ ଦୁଃଖିତ ଅଛୁଁ ଏବଂ ଏକାନ୍ତମନରେ ପ୍ରାର୍ଥନା କରୁଅଛୁଁ ଯେ ଈଶ୍ୱର ତାହାଙ୍କୁ ଦୀର୍ଘାୟୁ ଓ ଆରୋଗ୍ୟ କରି ଆନନ୍ଦପ୍ରଦାନ କରନ୍ତୁ ।

---

## ମଣିପୁର-ବିଚାର ।

ମଣିପୁରରେ ସାହେବମାନଙ୍କ ହତ୍ୟାକାଣ୍ଡରେ ଲିପ୍ତ ଥିବା ଅପରାଧରେ ଯେଉଁ ପଦସ୍ଥବାଲା ଏବଂ ଜଲ୍ଲାଦମାନଙ୍କ ଉପରେ ମୋକଦ୍ଦମା ଦାଏର ଥିଲା ମେଜରମାକ୍ସ ଓଏଲ ସାହେବଙ୍କ ବିଚାରରେ ସେମାନେ ଦୋଷୀ ସାବ୍ୟସ୍ତ ହେବାରୁ ପ୍ରାଣଦଣ୍ଡର ଆଦେଶ ହୋଇଅଛି । ବାସ୍ତବରେ ମଣିପୁର ଦୁର୍ଘଟଣା ସମ୍ବନ୍ଧରେ ଇଂରାଜ ଗଭର୍ଣ୍ଣମେଣ୍ଟଙ୍କ ବିଚାର ଅତି ଚମତ୍କାର ଅଟଇ । ରାଜାଠାରୁ ସାମାନ୍ୟ ଚାକର ପର୍ଯ୍ୟନ୍ତ ସମସ୍ତେ ସମାନ

Split by PDF Splitter
Digitized by srujanika@gmail.com

Split by PDF Splitter



ଦୋଷୀ ଓ ସମସ୍ତଙ୍କ ପ୍ରତି ଏକବନ୍ଦ୍ର ! ମୁନିବର ଆଦେଶ ପାଳନ କଲା ବୋଲି କ ସ୍ୱୁକରର ଦୋଷ ହେଲା । ଷ୍ଟେଟ୍ସମାନ ଯଥାର୍ଥ କହୁ ଅଛନ୍ତି କ ଅଦାଲତର ବିଗ୍ଭରକ୍ରମରେ ଯେବେ କୌଣସି ବ୍ୟକ୍ତି ଅନ୍ୟାୟରୂପେ ଫାଶୀ ପାଇବ ତେବେ ଫାଶୀ ଦେଇଥିବା ମେହନ୍ତର କି ତହିଁନିମିତ୍ତ ଦଣ୍ଡନୀୟ ହେବ ? କିନ୍ତୁ ବୋଧ ହୁଅଇ ଏଥିରେ ଚିଫ୍କମିଶନରଙ୍କର ଦୋଷ ନାହିଁ । କାରଣ ବିଲାତର ଏକ ତାରସମ୍ବାଦରୁ ପ୍ରକାଶ ଯେ ମହାମାନ୍ୟ ଗବର୍ଣ୍ଣର ଜେନେରଲ ବିଲାତର ସେକ୍ରେଟେରୀଙ୍କ ନିକଟକୁ ଲେଖି ଥିଲେ କି କୌଣସି ଦେଶୀୟ ରାଜାର ରାଜ୍ୟରେ କେହି ବ୍ରିଟିଶପ୍ରଜା ହତ୍ୟା ହେଲେ ଉକ୍ତ ସର୍କାରୀଙ୍କ ଅଦେଶ ପ୍ରତି ଦୃଷ୍ଟି ନ ରଖି ହତ୍ୟାକାରୀ ଏବଂ ତାହାର ସହାୟତା କରିବା ବ୍ୟକ୍ତିମାନଙ୍କୁ ପ୍ରାଣଦଣ୍ଡ ଦିଆଯିବ ଦେଶୀୟ ରାଜାମାନଙ୍କୁ ଏକଥା ଦୃଢ଼ରୂପେ ଜଣାଇ ଦେବାର ଅବଶ୍ୟକ ନଚେତ୍ ଭାରତବର୍ଷରେ ଇଂରାଜଙ୍କ ଶାସନ ସବଳ ରହିବ ନାହିଁ । ବିଲାତର ସେକ୍ରେଟେରୀ ଏଥିରେ ଐକ୍ୟ ହୋଇ ଅଛନ୍ତି । ସୁତରାଂ କ୍ୟୁଇଣ୍ଟନ ପ୍ରଭୃତିଙ୍କୁ ବଧ କରିବା ବ୍ୟାପାରରେ ଲିପ୍ତ ଥିବା ସମସ୍ତ ଲୋକଙ୍କର ଫାଶୀ ହେବା ପୂର୍ବରୁ ସ୍ଥିର ହୋଇଅଛି ଚିଫ୍କମିଶନରଙ୍କର ଅନ୍ୟ ମତ ଦଣ୍ଡ ଦେବାର ଅଧିକାର ନ ଥିଲା । ଭରସା ହୁଅଇ ଗବର୍ଣ୍ଣର ଜେନେରଲ ବୃତ୍ତାନ୍ତ ଅଦେଶ ଦେବାସମୟରେ ସ୍ୱୟଂ ସ୍ୱୀକାର କରିବେ ।

---

## ପୁରୀ ରଥଯାତ୍ରା ।

ଏଥର ରଥଯାତ୍ରା ବଡ ସୁଖରେ ନିର୍ବାହ ହେଲା । ଯାତ୍ରିଙ୍କର ସଂଖ୍ୟା ଊଣା ଏବଂ ନଦୀବଢ଼ି, ବୃଷ୍ଟି ଓ ରୋଗ ନ ଥିବାରୁ ଯେଉଁମାନେ ଆସିଥିଲେ ସେମାନଙ୍କର କୌଣସି କଷ୍ଟ ହୋଇ ନାହିଁ । ପ୍ରତ୍ୟେକଦିନର ବିବରଣ ନିମ୍ନେ ଲେଖାଗଲା । ଯଥା,

ଜୁଲାଇମାସ ତା ୬ ରିଖ ସୋମବାର ସନ୍ଧିଶେଷରେ ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଅନବସର ଶେଷ ହୋଇ ଛାଟ ଫିଟିଲା ।

ତା ୭ ରିଖ ମଙ୍ଗଳବାର ପ୍ରାତଃ ୬ଟା ସମୟରେ ଶ୍ରୀଯୁକ୍ତ ମେଜିଷ୍ଟ୍ରେଟ ସାହେବ ଡେପୁଟୀ ଅମଲା ଏବଂ ପୁଲିସ ଦଳବଳ ସହିତ ଅସି ସିଂହଦ୍ୱାରେ ଉପସ୍ଥିତ ହେଲେ । ଯାତ୍ରୀମାନେ ପ୍ରଭୁଙ୍କ ନବଯୌବନ ଦେଖିବା ସକାଶେ ଉପସ୍ଥିତ ହେବାରୁ ୬ଟାଠାରୁ ୯ଟା ପର୍ଯ୍ୟନ୍ତ ଦର୍ଶନର ସମୟ ଦିଆଗଲା । ପ୍ରାୟ ୧୦୦୦୦ ଯାତ୍ରୀ ଏହି ସମୟମଧ୍ୟରେ ନବପଦରେ ଦର୍ଶନକରି ଗୃହଗଲେ । ତହିଁଉତ୍ତାରୁ ପ୍ରଭୁଙ୍କର ମହାସ୍ନାନ ବଢ଼ି ନେତ୍ରୋତ୍ସବ ହେଲା ଏବଂ ଭୋଗ ସରି ଅଜ୍ଞାମାଳ ୬ଟା ସମୟରେ ରଥକୁ ବିଜେକଲେ ।

ଇଞ୍ଜିନିଅର ଥ୍ରେଇଁ ପୁଲିସ ସାହେବ ୩ଟା ସମୟରେ ରଥଟଣା ଅରମ୍ଭ କରି ୨ ରଥ ସିଂହଦ୍ୱାରକୁ ଅଣିଲେ , ଇଞ୍ଜିନିଅର ରଥଟଣା ଦେଖି ସାର୍ଟିଫିକେଟ ଦେଲେ ।

ତା ୮ ରିଖ ବୁଧବାର ଶ୍ରୀ ଗୁଣ୍ଡିଚାଯାତ୍ରା ଥିବାରୁ ପ୍ରଭାତ ୭ଟା ସମୟରେ ଆଉ ଗୋଟିଏ ରଥ ଆସି ସିଂହଦ୍ୱାରେ ଲାଗିଲା । ୧୦ଟା ସମୟରେ ରଥ ପ୍ରତିଷ୍ଠିତ ହୋଇ ଦୁଇପ୍ରହର ସମୟରେ ରଥ ପ୍ରତିଷ୍ଠା ହେଲା ଓ ଘଣ୍ଟମାଳ ବଜାଯାଇ ୪ଟା ସମୟରେ ପହଣ୍ଡି ବିଜେ ଅରମ୍ଭ ହେଲା । ପ୍ରଭୁମାନେ ଧାଡ଼ି ପହଣ୍ଡି ହୋଇ ବିଜେ କରୁ ୬ ରାତ୍ରି ୭ଟା ସମୟ ରଥରେ ଅରୋହଣ କଲେ । ଦର୍ଶକମାନେ ପଦ ହୋଇ ଯିବାରୁ ଦର୍ଶନର ଅସୁବିଧା ହେଲୁ ଦୁଃଖିତ ହୋଇଥିଲେ ମାତ୍ର ମହାପ୍ରଭୁଙ୍କର ନୀତ ଉତ୍ତମରୂପେ ହୋଇ ଯାଇ ଅଛି ।

ତା ୯ ରିଖ ଗୁରୁବାର ଦିନଠାରୁ ରଥଟଣା ଚାଲିବାର ଅରମ୍ଭ ହୋଇ ତା ୧୩ ରିଖ ସୋମବାର ଦିନ ସନ୍ଧ୍ୟା ସମୟ ସବୁରଥ ଗୁଣ୍ଡିଚାମଣ୍ଡପ ଘର ଦୁଆରେ ପହଞ୍ଚିଲା । ସେଦିନ ପହଣ୍ଡିବିଜେ ସକାଶେ ଅନେକଲୋକ ଜମା ହୋଇ ଥିଲେ । କୌଣସି ଅସୁବିଧା ହେତୁ ତାହା ହୋଇ ପାରିଲା ନାହିଁ ।

ତା ୧୪ ରିଖ ମଙ୍ଗଳବାର ପହଣ୍ଡି ବିଜେ ଦିନ ୨ଟା ସମୟରେ ଅରମ୍ଭ ହୋଇ ସନ୍ଧ୍ୟା ସମୟ ଶେଷ ହେଲା । ଏଦିନ ଅବାଳ ବନିତା ପ୍ରାୟ ୨୮ ହଜାର ଲୋକ ସୁବିଧାରେ ପହଣ୍ଡିବିଜେ ଦର୍ଶନ କରି ଆନନ୍ଦିତ ହୋଇ ଅଛନ୍ତି ।

ତା ୧୫ ରିଖ ବୁଧବାର ଦିନ ଗୁଣ୍ଡିଚାଘରେ ପ୍ରଭୁମାନେ ଭୋଗ ଖାଇ ରହିଲେ । ଏଦିନ ଗୋଟିଏ ଭୋଗ ହେବାରୁ ସହରର ପ୍ରାୟ ସମସ୍ତ ଲୋକ ଗୁଣ୍ଡିଚାଘରକୁ ପ୍ରବାସ କରିବାକୁ ଉତ୍ସୁକ ହୋଇ ଧାବିତ ହୋଇ ଥିଲେ ।

---

## ବକ୍ତୃତାର ଲଗାଣ ।

ଜୁନମାସ ଶେଷ ହୋଇ ଜୁଲାଇମାସର ଅଧେ କଟିଗଲା ଅଥବା ଦେଶୀୟ ହେଷାବରେ ଆଷାଢ଼ ଶ୍ରାବଣ ଉପସ୍ଥିତ ହେଲା ଅବଧି ଲଗାଣ ଝଡ଼ି ନ ହେବାରୁ ଗୃହସ୍ଥଆଡ଼େ ଲୋକେ ବ୍ୟସ୍ତ । ମାତ୍ର ଏ ନଗରରେ ଏହି ଜୁଲାଇମାସ ଅରମ୍ଭରୁ ଭୁଆଁଭୁଆଁ ବର୍ଷାର ଝଡ଼ି ହେବାରୁ ଦୈବର କୃପଣତାକୁ ନଗରବାସିମାନେ ମନରେ ଘେନି ନାହାନ୍ତି ବରଂ ବର୍ଷ ଝଡ଼ି ହୋଇଥିଲେ ବକ୍ତୃତା ଶୁଣିବାର ବ୍ୟାଘାତ ହୁଅନ୍ତା ବୋଲି ଏଥି ମଧ୍ୟରେ ତାହା ଲୋଡ଼ି ନାହାନ୍ତି । ଯେମନ୍ତ ଦେଶଝଡ଼ିରେ ଚେତେବେଳେ ଲୋକେ ପ୍ରତ ର ପରସ୍ପର ବାର ଲାଭକରି ଅନନ୍ଦିତ ହୁଅନ୍ତି ଓ ତେତେବେଳେ ପ୍ରବଳ ଚେଷ୍ଟାନରେ ଲଣ୍ଡଭଣ୍ଡ ହୁଅନ୍ତି ଏହି ବକ୍ତୃତା ଝଡ଼ିରେ ମଧ୍ୟ ଏକଦିନ ସେହିପରି ଘଟିଥିଲା । ଗତ ରବିବାର ପ୍ରିଣ୍ଟିଂକମ୍ପାନୀଙ୍କ କୋଠାରେ ଧର୍ମର ଆବଶ୍ୟକତା ବିଷୟରେ ଏବଂ ଗତ ଗୁରୁବାର ଲାଇବ୍ରେରୀ ଗରୁଡ଼ାରେ ଯିଶୁଖ୍ରୀଷ୍ଟଙ୍କ ବିଷୟରେ ଡାକ୍ତର ରାମଚନ୍ଦ୍ର ବସୁ ବକ୍ତୃତା ପ୍ରଦାନ କରିଥିଲେ । ଏହାଙ୍କର ବକ୍ତୃତାର ପରିଚୟ ଗତ ସପ୍ତାହରେ ଦେଇଅଛୁଁ ଓ ତହିଁରେ ଏଠା ଲୋକେ ଏମନ୍ତ ମୋହିତ ହୋଇଅଛନ୍ତି ଯେ ଉଭୟ ସଭାରେ ପୂର୍ବାପର ଅନେକ ଶ୍ରୋତା ହୋଇଥିଲେ ଏବଂ ବହୁ କରତାଳିଦ୍ୱାରା ଅନନ୍ଦ ପ୍ରକାଶ କରିଥିଲେ । ଗତ ମଙ୍ଗଳବାର ପ୍ରିଣ୍ଟିଂକମ୍ପାନୀଙ୍କ କୋଠାରେ ମୌଲବୀ ହାଜି ଅବ୍ଦୁର ରହମାନ ଧର୍ମ ବିଷୟରେ ବକ୍ତୃତା କରିଥିଲେ । ଏମହାଶୟ ଜଣେ ଇଂରାଜ । ଏହାଙ୍କ ନାମ ଜେମସ୍ ଉଇଲସନ୍ ଥିଲା । ଖ୍ରୀଷ୍ଟିୟାନଧର୍ମ ଛାଡ଼ି ମୁସଲମାନ ହେବାରୁ ଉପରଲିଖିତ ନାମ ଗ୍ରହଣ କରିଅଛନ୍ତି ଏବଂ କାମ୍ବ୍ରିଜ କଲେଜରେ ବି, ଏ ଉପାଧି ପାଇଥିବାର ପରିଚୟ ଦେଉଅଛନ୍ତି । ଧର୍ମସଙ୍ଗେ ସ୍ୱଦେଶର ପରିଚ୍ଛଦ ତ୍ୟାଗ କରି ମୁସଲମାନମାନଙ୍କ ପୋଷାକ ପିନ୍ଧିଅଛନ୍ତି । ଏହାଙ୍କ ବକ୍ତୃତା ଶୁଣିବାକୁ ଅନେକ ଭଦ୍ରଲୋକ ଆସିଥିଲେ ଏବଂ ସେ ମୁସଲମାନମାନଙ୍କର ଗୌରବସ୍ଥଳ ହେବାରୁ ତାହାଙ୍କ ସଙ୍ଗେ ଅନେକ ଅଶିକ୍ଷିତ ମୁସଲମାନ ମଧ୍ୟ ଜମା ହୋଇଥିଲେ । ଘର ଓ ବାରଣ୍ଡାରେ ସ୍ଥାନ ନ ହେବାରୁ ଅନେକ ଲୋକ ଦାଣ୍ଡରେ ଛିଡ଼ା ହୋଇ ରହିଲେ । ବକ୍ତୃତା ଅରମ୍ଭ ହେଲାରୁ ପଛ ଲୋକମାନେ ଶୁଣିବା ଓ ଭଲକରି ଦେଖିବା ଆଶାରେ ଅଗଲୋକଙ୍କ ଉପରେ ଲଦିହୋଇ ପଡ଼ିଲେ ଏବଂ ଥୋକେ ଚୌକିଉପରେ ଛିଡ଼ା ହେଲେ । ବାକ୍ୟସ୍ରୋତ ଢେଉପାଳିକଳରେ ଗୁଲ୍ଲିଲା ଏବଂ ଲୋକଙ୍କ ଭିଡ଼ ଓ ଗୋଳମାଳରେ ଘର

Digitized by srujanika@gmail.com

Split by PDF Splitter



ଆଙ୍ଗିପଡିବାର ଭୟ ହେଲା । ରାଜ୍ୟକୁ ତାହା ଘଷ୍ଟ ନାହିଁ କେବଳ ଖଣ୍ଡକେତେ ଚୌକି ଚୂର୍ଣ୍ଣୀଭୂତ ହେଲା ଏବଂ ଦରିଆଅନ ଧୂଳମାଟିରେ ଲୁଣ୍ଠିଗଲା । ଧର୍ମକଥା କହିବାକୁ ବସି କର୍ତ୍ତା ଇଂରାଜ ଖ୍ରୀଷ୍ଟିୟାନମାନଙ୍କର ବାଇବଲସହିତ ଅସ୍ତ୍ର ବ୍ୟବହାର ଓ ସଭ୍ୟତାର ନିନ୍ଦା କରିବାରେ ପ୍ରବୃତ୍ତ ହେଲେ ଓ ତହିଁରେ କେତେକ ଉତ୍ତ୍ୟକ୍ତ ହୋଇ ବାହାରିଗଲେ ଓ ଶେଷକୁ କେବଳ କୌତୁକ ଦେଖିବା ଲୋକମାନେ ରହିଲେ । ଆମ୍ଭେମାନେ ଏମନ୍ତ କହୁଁ ନାହୁଁ ଯେ ସେ ଇଂରାଜଙ୍କର ଯେସବୁ ନିନ୍ଦାକଲେ ତାହା ସମସ୍ତ ଅମୂଳକ ଅଟଇ । ଉକ୍ତ ମନ୍ଦ ସବୁଥିରେ ଅଛି । ମାତ୍ର ମୌଲବୀ ସାହେବ ଯେପରି ଭାବରେ ବକ୍ତୃତା କଲେ ତହିଁରେ ଯୋଗ୍ୟତା ଓ ସୁବୁଦ୍ଧିର ଉତ୍କୃଷ୍ଟ ପରିଚୟ ପ୍ରାପ୍ତ ହେଲା ନାହିଁ । ଏ ମହାଶୟ ପାର୍ଲିଏଣ୍ଟରେ କିଛି-ଦିନ ମାନ କରି ସେଠାରୁ କେତେକ ସମ୍ଭ୍ରାନ୍ତ ବ୍ୟକ୍ତିଙ୍କଠାରୁ ସାର୍ଟିଫିକେଟ ଅଣିଅଛନ୍ତି । ମାତ୍ର ୯୦ ରେ ତାହାଙ୍କର ପ୍ରଥମ ଉଦ୍ୟମ ସଫଳ ହେଲା ନାହିଁ । ଏଥିଉତ୍ତାରୁ ଯେବେ ସଫଳ ହେବେ ତେବେ ବଡ଼ ଅନନ୍ଦର ବିଷୟ ହେବ ।

---

## କେନ୍ଦୁଝରର ବିବରଣ ।

ଆଜି ସପ୍ତାହରେ କେନ୍ଦୁଝର ବନ୍ଦୋବସ୍ତ ବା- ମେଳର ଯେଉଁ ବିବରଣ ପ୍ରକାଶ କରଅଛୁଁ ତହିଁରୁ ପ୍ରକାଶ ଯେ ମହାରାଜାଙ୍କର ଅତ୍ୟାଚାରରେ ଭୂୟାଁମାନେ ପ୍ରପୀଡିତ ହୋଇ ମେଳ କରିବାକୁ ବାଧ୍ୟ ହୋଇଥିଲେ । ତହାଙ୍କର କୌଣସି ଅନିଷ୍ଟ କରିବା କିମ୍ବା ଆପଣାମାନଙ୍କର ଉଚ୍ଚ ଅଧ୍ୟାପ୍ରତିଷ୍ଠ କରିବା ମେଳିଆଙ୍କର ଉଦ୍ଦେଶ୍ୟ ନ ଥିଲା ଏବଂ ଯେବେ କ କୌଣସି ସ୍ଥଳେ ଲୁଟପାଟ ହେଲା ମାତ୍ର ତାହା ମେଳର ଗୋଟିଏ ଅଙ୍ଗ ନୁହଇ କେବଳ ଦୁଷ୍ଟଲୋକେ ସୁଯୋଗ ପାଇ ତହିଁରେ ପ୍ରବୃତ୍ତ ହୋଇଥିଲେ । ଏଥିପାଇ ଯେଉଁମାନେ ଲୁଟପାଟନିମନ୍ତେ ଦଣ୍ଡ ପାଇଅଛନ୍ତି ଏବଂ ଅଛି ଯେଉଁମାନଙ୍କପ୍ରତି ଉଆରଣ୍ଟ ହୋଇଅଛି ଓ ଧରାପଡି ବିଚାରରେ ଏହି ଅପରାଧରେ ଲିପ୍ତ ଥିବାହେତୁ ଦଣ୍ଡ ପାଇବେ ସେମାନଙ୍କଠାରେ କାହାରି ସହାନୁଭୂତି ନାହିଁ । ସେମାନେ ଯଥାର୍ଥରୂପେ ଦଣ୍ଡର ଯୋଗ୍ୟ । ମାତ୍ର ଧରଣୀଧର ଓ ତାହାସଙ୍ଗର ଅପରାଧିଙ୍କ କଥା ଭିନ୍ନପ୍ରକାରର ଅଟଇ । ମହାରାଜାଙ୍କର ଅତ୍ୟାଚାର ନିବାରଣ କରିବା ତାହାର ଏକମାତ୍ର ଉଦ୍ଦେଶ୍ୟ ଥିଲା ଏବଂ ସେ ଯେଉଁ ସବୁକାର୍ଯ୍ୟ କରିଅଛି କେବଳ ସେହିଉଦ୍ଦେଶ୍ୟ ସାଧନନିମନ୍ତେ କରିଅଛି । ସେ କାହାରିକୁ ହତ୍ୟା କରି ନାହିଁ କିମ୍ବା ଲୁଟପାଟକରିବା ବା ପୀଡ଼ା ଦେବାର ଆଦେଶ ଦେଇ ନାହିଁ । ଫକୀରମୋହନ ବାବୁଙ୍କୁ ଧରି ନେଇଥିବା ତାହାଙ୍କୁ ଅଯତ୍ନ କରି ନାହିଁ ଏବଂ ସରକାରୀ ପୁଲିସ ପହଞ୍ଚିବାରୁ ସ୍ୱେଚ୍ଛାପୂର୍ବକ ଉପସ୍ଥିତ ହୋଇ ଆତ୍ମସମର୍ପଣ କରିଅଛି ଏବଂ ସ୍ପଷ୍ଟ କହିଅଛି ଯେ ସାଧାରଣଙ୍କ ମଙ୍ଗଳ ନିମିତ୍ତ ସେ ଏପରି କରିଅଛି । ଏପରି ଦଣ୍ଡ ପାଇଲାଉତ୍ତାରୁ ମଧ୍ୟ ସେ କହୁଅଛି ଯେ "ମୋହୋର ସାତବର୍ଷ କାରାବାସ ହେଲା ସେଥିରେ ଦୁଃଖିତ ନାହିଁ ପ୍ରଜାମାନେ ଅତ୍ୟାଚାରରୁ ରକ୍ଷା ପାଇଲେ ଏଥିପାଇଁ ମୁଁ ବଡ଼ ଆନନ୍ଦିତ ଅଛି" । ଏପରିଲୋକ ଯେ ସାଧାରଣ ଉପକାରୀ ଏବଂ ହିତୈଷୀ ଏଥିରେ ସନ୍ଦେହ ନାହିଁ । ବାସ୍ତବରେ ଧରଣୀ ଜଣେ ଉଚ୍ଚ ପ୍ରକୃତିର ଲୋକ । କେବେ ଯେ ସେ ଆପଣାକୁ ଟୀକାଏତ ବୋଲାଇ ଯୁଦ୍ଧର ଆୟୋଜନରେ ମାତି କାର୍ଯ୍ୟପଥ ଭୁଲିଗଲା ଏହା ସାମାନ୍ୟ ଶିକ୍ଷିତ ଏବଂ ସଭ୍ୟସମାଜରୁ ଅନ୍ତରରେ ଥିବା ଲୋକପ୍ରତି ହତନ୍ତ ନୁହଇ । ତାହାର ମନସ ଶୁଦ୍ଧ ଥିଲା କେବଳ କାର୍ଯ୍ୟରେ ଟିକିଏ ଭ୍ରମ ହେଲା । ସେ ପୂର୍ବରୁ ଗଡ଼ଜାତ ସୁପରିଣ୍ଟେଣ୍ଡେଣ୍ଟ ଏବଂ ଗବର୍ଣ୍ଣମେଣ୍ଟଙ୍କ ନିକଟକୁ ଯେମନ୍ତ ଦରଖାସ୍ତ ପଠାଇ ପାଞ୍ଚମାସପର୍ଯ୍ୟନ୍ତ ଉତ୍ତର ନ ପାଇ ଯେମନ୍ତ ବ୍ୟସ୍ତ ହୋଇଥିଲା ଯେବେ ଥରେ ସୁପରିଣ୍ଟେଣ୍ଡେଣ୍ଟ ସାହେବଙ୍କ ନିକଟକୁ ଚାଲି ଆସିଥାନ୍ତା ଓ ତହିଁରେବି ମନସ୍କାମ ନ ହୋଇ ଫେରିଯାଇଥାନ୍ତା ତେବେ ସେଯେ ସବୁକାର୍ଯ୍ୟ କଲା ତହିଁପାଇଁ କେହି ତାହାକୁ ଦୋଷୀ କରନ୍ତେ ନାହିଁ । ଫଳତଃ ତାହାର ଦୋଷ ସାମାନ୍ୟ ଓ ତହିଁପାଇଁ ସାତବର୍ଷ ଦଣ୍ଡ ଅତି କଠିନ ହୋଇଅଛି । ମାତ୍ର ଆମ୍ଭେମାନେ ଶୁଣି ଆନନ୍ଦିତ ହେଲୁଁ ଯେ ଗଡ଼ଜାତ ସୁପରିଣ୍ଟେଣ୍ଡେଣ୍ଟ ଶ୍ରୀଯୁକ୍ତ ଟଏଲର ସାହେବ ତାହାପ୍ରତି କଠିନ ହେବାକୁ ଆଦୌ ମନସ୍ଥ କରି ନାହାନ୍ତି । ତାହାଙ୍କର ଇଚ୍ଛା ଯେ କେନ୍ଦୁଝରରେ ଶାନ୍ତିସ୍ଥାପନ ହେଲାଉତ୍ତାରୁ ତାହାଠାରୁ ଭବିଷ୍ୟତ ସୁଚରିତର ନିୟମ ଲେଖାଇ ନେଇ ତାହାକୁ କ୍ଷମା ଦେବା କାରଣ ଗବର୍ଣ୍ଣମେଣ୍ଟଙ୍କୁ ଅନୁରୋଧ କରିବେ । ସାହେବ ମହୋଦୟଙ୍କର ଏପ୍ରକାର ଦୟାପୂର୍ଣ୍ଣ ପ୍ରସ୍ତାବର ଅତ୍ୟନ୍ତ ପ୍ରଶଂସନୀୟ ଅଟଇ । ଏହା ହେଲେ ଗଡ଼ଜାତ ପ୍ରଜାମାନେ ହୃଦୟଙ୍ଗମ କରିବେ ଯେ କୌଣସି ବ୍ୟକ୍ତି ଅପରାଧ କଲେ ଦଣ୍ଡରୁ ବର୍ତ୍ତିପିବ ନାହିଁ ଅଥଚ କେହି ଅନର୍ଥକ କଠିନ ଦଣ୍ଡ ଭୋଗ କରିବ ନାହିଁ ।

ମହାରାଜାଙ୍କ ସମ୍ବନ୍ଧରେ ସାହେବ ମହୋଦୟ ବିଚାର କରିଅଛନ୍ତି ଯେ ଆପାତତଃ ସେ କେନ୍ଦୁଝରର ଶାସନଭାରରୁ ଅପସୃତ ହୋଇ କଟକରେ ରହିବେ । ମହାରାଜାଙ୍କର ଅତ୍ୟାଚାର ଏହି ଗଣ୍ଡଗୋଳର ମୂଳକାରଣ ଅଟଇ । ସେ ଉତ୍ତମରୂପେ ଶାସନକାର୍ଯ୍ୟ ନିର୍ବାହ କରି ପ୍ରଜାଙ୍କୁ ସୁଖସ୍ୱଚ୍ଛନ୍ଦରେ ରଖିଥିଲେ ଏପରି ଘଟି ନ ଥାନ୍ତା । ଯଦ୍ୟପି କ ଦେଶୀୟ ରାଜାଙ୍କ ଶାସନକାର୍ଯ୍ୟରେ ହସ୍ତକ୍ଷେପ କରିବା ଗବର୍ଣ୍ଣମେଣ୍ଟଙ୍କର ଇଚ୍ଛା ନୁହଇ ମାତ୍ର ତାହା ସେହିସ୍ଥଳେ ଖଣ୍ଟିବ ଯେଉଁଠାରେ ରାଜାଙ୍କର ସୁଶାସନ ପ୍ରକାଶ ପାଇବ ଯେ ରାଜା ପ୍ରଜାପୀଡ଼କ ହେବ ତାହା ହାତରେ ସରକାର କଦାଚ ରାଜ୍ୟଭାର ଛାଡ଼ିବେ ନାହିଁ । ମହାରାଜା ପ୍ରଜାମାନଙ୍କପ୍ରତି ଅତ୍ୟାଚାର କଲେ ଏବଂ ତହିଁପାଇଁ ସେମାନେ ମାତି ଉଠିବାରୁ ସେମାନଙ୍କୁ ସମ୍ଭାଳି ନ ନେଇ ଅଧିକ ଉତ୍ତେଜିତ କଲେ ଏବଂ ଶେଷରେ ଉପାୟଶୂନ୍ୟ ହୋଇ ପଳାଇଅସି ସରକାରଙ୍କର ଆଶ୍ରୟ ନେଲେ । ଏପରିଲୋକ ଅବଶ୍ୟ ଶାସନଭାର ବହିବାର ଅଯୋଗ୍ୟ ଓ ତାହାକୁ ତହିଁରୁ ରହିତ କରିବା ଅନ୍ୟାୟ ନୁହଇ । କେହି କହନ୍ତି କି ଅଶିଷ୍ଟାଣ୍ଟ ମାନେଜର ନନ୍ଦାନନ୍ଦଦାସ ସବୁ ଅନିଷ୍ଟର ମୂଳ ଏବଂ ପ୍ରଜାମାନଙ୍କର ତାହାଉପରେ ବିଶେଷ ଘୃଣା ଓ ରାଗ । ତାହାକୁ କାହାରି କରି ଦେଲେ ଅନିଷ୍ଟର ମୂଳ ଉତ୍ପାଟିତ ହେବ ମହାରାଜାଙ୍କ ପ୍ରତି ଏପରି କଠିନ ହେବାର ଆବଶ୍ୟକ କିସ ? ମାତ୍ର ଆମ୍ଭମାନଙ୍କ ବିବେଚନାରେ ଏଯୁକ୍ତି ଯଥେଷ୍ଟ ନୁହଇ । ଏଥିପୂର୍ବେ ବାବୁ ଜଗନ୍ମୋହନଦାସ ଯେ ବର୍ତ୍ତମାନ ନରସିଂହପୁରର ଷ୍ଟେଟ ମାନେଜର ଅଛନ୍ତି ମହାରାଜାଙ୍କର ପ୍ରଧାନ କର୍ମଚାରୀ ଥିଲେ । ଏ ବ୍ୟକ୍ତି ବଡ଼ ଶାନ୍ତ ସରଳ ଏବଂ ନ୍ୟାୟସଙ୍ଗତରୂପେ କାର୍ଯ୍ୟ ନିର୍ବାହ କରିବାରୁ ପ୍ରଜାବର୍ଗ ତାହାଙ୍କଠାରେ ଅତ୍ୟନ୍ତ ଅନୁରକ୍ତ ଥିଲେ । ଏହାଙ୍କୁ ମହାରାଜା ସହି ନ ପାରିବାରୁ ସେ ବିରକ୍ତ ହୋଇ ବିଦାୟ ହୋଇ ଆସିଲେ । ତହିଁଉତ୍ତାରୁ ବାବୁ ବ୍ରହ୍ମାନନ୍ଦ ଦାସ ଡେପୁଟି ଦିନରହି ବାହାରି ଆସିଲାରୁ ବାବୁ ନନ୍ଦାନନ୍ଦ ଦାସ ପ୍ରବେଶ ହେଲେ । ଏ ବ୍ୟକ୍ତି ଏଠା କଲେ-

Digitized by srujanika@gmail.com

ନୃସିଂହଦେବଙ୍କର ଜଣେ ଅମଲା ଥିଲେ ମାତ୍ର ଷ୍ଟାର୍ମ୍ପ ଗୋଲମାଲ ମକଦ୍ଦମାରେ ବରଖାସ୍ତ ହେଲା ଉତ୍ତାରୁ ମହାରାଜାଙ୍କ ସେକ୍ରେଟରୀ ନିଯୁକ୍ତ ହେଲେ । ତାହାଙ୍କ ବିରୁଦ୍ଧରେ ପୁନଃ ପୁନଃ ଗୁହାରି ଅଭିଯୋଗ ଗଡ଼ଜାତ ସୁପ୍ରିଣ୍ଟମାନେ ତାହାଙ୍କୁ ବାହାରକର ଦେବାସକାଶେ ମହାରାଜାଙ୍କୁ ଅନୁରୋଧ କରିଥିଲେ ହେବା କିଛି ଫଳ ଦେଖା ନାହିଁ । ଏ ସବୁ ବ୍ୟବହାରରୁ ସ୍ପଷ୍ଟ ଜଣା ଯାଉଅଛି ଯେ ମହାରାଜା ଜାଣିଶୁଣି ଆପଣା ଶ୍ରେୟ ନିମିତ୍ତ ତାହାଙ୍କୁ ରଖିଥିଲେ । ଅଥବା ସେପରି ହୋଇ ନ ଥିଲେ ଯେଉଁ ବ୍ୟକ୍ତି ଭଲ ଓ ମନ୍ଦ ଚିହ୍ନି ନ ପାରେ ଏବଂ ତଡ଼ାଇ ଦେଲେ ସୁଦ୍ଧା ଛାଡ଼ଇ ନାହିଁ ସେ ଯେ ଶାସନର ଅଯୋଗ୍ୟ ଏକଥା କିଏ ନ କହିବ ? ମହାରାଜା ନିଜ ଧନ ନିମନ୍ତେ କେବଳ ପ୍ରଜାଙ୍କ ହିତା-ପେକ୍ଷା ଆପଣାର ହିତ ଅଧିକ ଲୋଡ଼ିବାରୁ ଏ ବଣାକୁ ପ୍ରବର୍ତ୍ତିଲେ । ଯଥାର୍ଥ ବୁଦ୍ଧିମାନ୍ ଓ ଚତୁର ହୋଇଥିଲେ ସେ ଜାଣିପାରିଥାନ୍ତେ ଯେ ପ୍ରଜାଙ୍କ ମଙ୍ଗଳରେ ତାହାଙ୍କର ମଙ୍ଗଳ ଏବଂ ତଦନୁସାରେ କାର୍ଯ୍ୟ କରିଥାନ୍ତେ । ଭରସା କରୁଅଛୁ ନୂତନ କଟକରେ ରହି ପୂର୍ବର ଭ୍ରମ ସଂଶୋଧନ କରିବେ ଏବଂ ପୁନର୍ବାର ଶାସନ-ଭାର ପ୍ରାପ୍ତ ହୋଇ ସୁଖ୍ୟାତି ସହିତ ତାହା ନିର୍ବାହ କରି ପ୍ରଜାବର୍ଗ ଏବଂ ଗବର୍ଣ୍ମେଣ୍ଟଙ୍କର ପ୍ରୀତିଭାଜନ ହେବେ ।

ଏକଥା ମଧ୍ୟ କହିବାର ଆବଶ୍ୟକ ଯେ ଗଡ଼ଜାତ ସୁପ୍ରିଣ୍ଟ ଅଫିସର ଶୈଥିଲ୍ୟ ଏହି ଦୁର୍ଗୋଳ ନିମିତ୍ତ କେତେକ ପରିମାଣରେ ଦାୟୀ ଅଟଇ । ପୂର୍ବେ ଗଡ଼ଜାତପ୍ରତି ଏ ଅଫିସର ଯେମନ୍ତ ଦୃଷ୍ଟି ଥିଲା ତାହା କ୍ରମଶଃ ଊଣା ହୋଇ ଆସି ଗଡ଼ଜାତ ରାଜାଙ୍କୁ ଅଧିକ ସ୍ୱାଧୀନତା ଦିଆଗଲା ଏବଂ ଶେଷରୁ ଏମନ୍ତ ହୋଇ ଗଲା ଯେ ବାର୍ଷିକ ପତ୍ରରେ ପ୍ରତ୍ୟେକ ଗଡ଼ଜାତ ଦେଖିବାର ଯେଉଁ ନିୟମ ଥିଲା ତାହା ମଧ୍ୟ ସ୍ଥିର ରହିଲା ନାହିଁ । କେଉଁଝରକଥାରୁ ପ୍ରାୟ ବର୍ଷେ ହେବ ଗଡ଼ଜାତସୁପ୍ରିଣ୍ଟ ଜମା ତାହାଙ୍କ ଅଣିଷ୍ଟ ଯାଇ ନାହାନ୍ତି । ସୁତରାଂ ରାଜାମାନେ ଆପଣା ଏଲକାର ଶାସନକାର୍ଯ୍ୟ କୁତ୍ସିତରୂପେ ନିର୍ବାହ କରୁଅଛନ୍ତି କି ନା ଏବଂ ପ୍ରଜାମାନେ ସନ୍ତୁଷ୍ଟ ଅଛନ୍ତି କି ନା ତାହା ଜାଣି-ବାର ଉପାୟ ରହିଲା ନାହିଁ ସେହିମତ ଗସ୍ତ ହୋଇଥିଲେ ଯଥାସମୟରେ ଅନ୍ୟାୟ ଶାସନ ରହିତ ହୋଇଥାନ୍ତା । ଯାହା ହେଉ ଶ୍ରୀଯୁକ୍ତ ଟୁଏନର ସାହେବଙ୍କ ଅମଲରେ ଏ ତ୍ରୁଟି ରହିବ ନାହିଁ ଏବଂ ରାଜାମାନେ ଏଣିକି ସାବଧାନ ହୋଇ କାର୍ଯ୍ୟ ନ କଲେ ବିପଦରେ ପଡ଼ି-ବାର ସମ୍ଭାବନା ।

ପରଶେଷରେ ବଡ଼ ଆନନ୍ଦର ବିଷୟ ଯେ ବାବୁ ଫକୀରମୋହନ ସେନାପତିଙ୍କର ଏ ଗଣ୍ଡ-ଗୋଳରେ କୌଣସି ତ୍ରୁଟି ପ୍ରକାଶ ନ ପାଇ ସେ ଆପଣା କାର୍ଯ୍ୟ ଉତ୍ତମରୂପେ ନିର୍ବାହ କରି ପ୍ରଜାଙ୍କର ସନ୍ତୋଷଭାଜନ ହୋଇଥିବାର ସ୍ପଷ୍ଟ ପ୍ରମାଣ ହୋଇଅଛି । କାରଣ ମେଳିଆମାନେ ମଧ୍ୟ ତାହାଙ୍କୁ ମାନ୍ୟ କରିଥିଲେ । ଏଥି-ପାଇଁ ସେ ଆପଣା କାର୍ଯ୍ୟରେ ରହିବାର ସ୍ଥିର ହୋଇଅଛି । ଆମ୍ଭେମାନେ ଆଶା କରୁଁ ଯେ ତାହାଙ୍କର ଉନ୍ନତି ହେବ ।

---

# ସାପ୍ତାହିକ ସମ୍ବାଦ ।

ଏ ସପ୍ତାହରେ ଗତ ମଙ୍ଗଳବାର ଏକଦଶା ଜଳବୃଷ୍ଟି ହୋଇଥିଲା । ଅବଶ୍ୟ ଲୋକମାନେ ସନ୍ତୋଷ ଜନ୍ମ ନାହିଁ । ବର୍ଷା ଊଣା ହେତୁ ବେପାରୀମାନେ ଧାନ ଚାଉଳର ମୂଲ ବୃଦ୍ଧି କରୁଅଛନ୍ତି । ମାତ୍ର ମୋଫସଲରେ ଅଦ୍ୟାପି କ୍ଷେତକୁ ଜଳ ଥିଲା ନାହିଁ ।

ଏପର୍ଯ୍ୟନ୍ତ କାଠଯୋଡ଼ୀ ଓ ମହାନଦୀମାନଙ୍କ ସାମାନ୍ୟ ବୃଦ୍ଧି ହୋଇଅଛି । କୂଅଶିଅରୁ ଜଳ ଯାଇ ନାହିଁ ।

ସାମାନ୍ୟ ପରନ୍ତୁ ଓ ଜ୍ୱର ଛଡ଼ା ଏ ନଗରରେ ବର୍ତ୍ତମାନ କୌଣସି ପୀଡ଼ାର ପ୍ରାଦୁର୍ଭାବ ନାହିଁ ।

ବାବୁ ମଧୁସୂଦନ ଦାସ ଏଠା କଲେଜର ଅନରେରି ପଣ୍ଡିତ ନ୍ୟାୟବତୀବାବୁ କଲେଜର ପ୍ରିନ୍ସିପାଲ ପ୍ରଥମେ ବାବୁ ଶ୍ରୀ ରାମଚନ୍ଦ୍ର ବସୁଙ୍କୁ ଉକ୍ତକାର୍ଯ୍ୟ ଦେବାକାରଣ ଡାଇରେକ୍ଟରଙ୍କୁ ଅନୁରୋଧ କରିଥିଲେ । ତହିଁ ଉତ୍ତାରୁ ବାବୁ ଯୋଗେଶଚନ୍ଦ୍ର ପ୍ରାର୍ଥନା କରିବାରୁ ତାହାଙ୍କ ପାଇଁ ଡାଇରେକ୍ଟର ଅନୁରୋଧ କରିଅଛନ୍ତି । କାହାର କପାଳ ଫିଟିବ ଦେଖାଯିବ ।

ଏଠା ସ୍କୁଲ ଇନ୍ସପେକ୍ଟର ଶ୍ରୀ ଚନ୍ଦ୍ରମୋହନ ଅଧ୍ୟକ୍ଷ ହୋଇ ଥିବା ଶ୍ରୀମତୀ ଦାଦାବାଇଙ୍କ ବସୁ ଶ୍ରୀଯୁକ୍ତ ଜଜ ସାହେବଙ୍କ କୋଠିରେ କିଛି ଦିନ ଥିଲେ । ବର୍ତ୍ତମାନ ସେହି ଚିକିତ୍ସାଳ-ୟରେ ଅବସ୍ଥିତି କରୁଅଛନ୍ତି । ଦେଶୀୟ ଭଦ୍ରମହିଳାମାନେ ଦେଖିବା ନିମିତ୍ତ ଯେତେ ତାହାଙ୍କୁ ଲୋଡ଼ିଲେ ସେ ଅତିଥି ପ୍ରସ୍ତୁତ ଅଛନ୍ତି ।

ପୋଲିସ ସବ୍ ଇନସ୍ପେକ୍ଟର ବାବୁ କାଶୀନାଥ ଦାସ ବାନର୍ଜୀ ବାଲେଶ୍ୱରର ପୋଲିସ ଇନସ୍ପେକ୍ଟର କାର୍ଯ୍ୟରେ ଏକମାସ ନିମନ୍ତେ ନିଯୁକ୍ତ ହୋଇଅଛନ୍ତି ।

ସହକାରୀ ସମ୍ପାଦକ ଅଭାବ ପାସ ହେଲା କଥାରେ ଓଡ଼ିଶାରେ କୌଣସି ଆନ୍ଦୋଳନ ହୋଇଥିଲା କି ନାହିଁ ଏବଂ ଓଡ଼ିଶା-ବାସୀମାନେ ତତ୍ତ ଆନ୍ଦୋଳନରେ ଅଂଶଭୁକ୍ତ କି ନା, ଏ ବିଷୟ ଆମ୍ଭମାନଙ୍କର ଶ୍ରୀଯୁକ୍ତ ଷ୍ଟେଟସ୍ ସାହେବ ଜଣେ ଓଡ଼ିଆ ଭଦ୍ରଲୋକଙ୍କୁ ଜିଜ୍ଞାସା କରିଥିଲେ, ପଚାରିଥିଲେ । ଭଦ୍ରଲୋକଟି ଯଥାର୍ଥ ଉତ୍ତର ଦେବାରୁ ସାହେବ ମହୋଦୟ ଅତ୍ୟନ୍ତ ସନ୍ତୋଷ ପ୍ରକାଶ କରିଥିଲେ ।

## କଲିକତା-ଗେଜେଟ ।

ସିଂହଭୂମର ଡେପୁଟି କାଲେକ୍ଟର ଜନୈକ ମାଜିଷ୍ଟ୍ରେଟ ଓ ଡେପୁଟୀ କଲେକ୍ଟର ବାବୁ ଗୋପେନ୍ଦ୍ରକୃଷ୍ଣ ଦେବ ନଦୀଆର ଜିଲ୍ଲାର ଓ ସେସନ୍ ଜଜ ଓ ଯେହାନାବାଦର ଅଫିସିଏଟିଂ ଜଏଣ୍ଟ ମାଜିଷ୍ଟ୍ରେଟ ଓ ଡେପୁଟୀ କଲେକ୍ଟର ମିଃ ହେଦାଇତାଥ ସମ୍ବଲପୁରର ଅଡିସନାଲ ସେସନ୍ ଜଜ ପଦରେ କିଛି-କାଳ ନିମନ୍ତେ ନିଯୁକ୍ତ ହେଲେ ।

ବାବୁ ରଜନୀପ ଘୋଷ ଡେପୁଟୀ କଲେକ୍ଟର ପଦରେ ନିଯୁକ୍ତ ହେଲେ ଗୌଲପାଡ଼ାର ବାବୁ ମିଃ ଟି ଏଲ ଗଭରଫ୍ରି ଓ ବାବୁ ନୀଳାମ୍ବର ଦାସ ଏସ୍ ପ୍ରଭୃତି ସବ ଡେପୁଟି କଲେକ୍ଟର ପଦରୁ ଉନ୍ନତ ପ୍ରାପ୍ତ ହେଲେ ।

ବା ଲକ୍ଷ୍ମୀନାରାୟଣ ଅଃ ଓଷ୍ଟ୍ରଲିପ୍ରଭ ବସୁ ସାହେବ କ୍ଷିତଚନ୍ଦ୍ର ଚୌଧୁରୀ ମହାଶୟ ବାବୁଙ୍କୁ ୫ ମାସ ଛୁଟି ହେଲେ ।

---

କଲିକତା ଶ୍ୟାମବଜାରରେ ଦଙ୍ଗା ହଙ୍ଗାମା କରିବା ଉପଲକ୍ଷରେ ଯେଉଁ ଶୃଙ୍ଖଳା ଲୋକଙ୍କର ବିଚାର ହେଉଥିଲା ସେମାନେ ଦୋଷ ମୁକ୍ତ ହୋଇ ଅଛନ୍ତି । ଏମାନଙ୍କ ସଫାଇ ନିମନ୍ତେ ୫ ୬୦୦୦ ଟଙ୍କା ମୁସଲମାନମାନେ ଚାନ୍ଦାଦ୍ୱାରା ସଂଗ୍ରହ କରିଅଛନ୍ତି ।

ସଖୁର ସିମଲାରେ ଗୋଟିଏ ସଭା ହୋଇଥିଲା । ମହା-ମାନ୍ୟ ଗବର୍ଣ୍ଣର ଜେନେରାଲ ସେଠାରେ ଯେଉଁ ବକ୍ତୃତା ପ୍ରଦାନ କରିଥିଲେ ତହିଁରେ ଅନ୍ୟାନ୍ୟ ବିଷୟ ମଧ୍ୟରେ କହିଲେ ଯେ ସେ ଶୀଘ୍ର କାର୍ଯ୍ୟ ତ୍ୟାଗ କରି ଯିବାର ସେହି ନିମନ୍ତେ ଉଠିବା ତାହା ସେ କହି ଜଣନ୍ତି ନାହିଁ ।

କଲିକତା ମେଡ଼ିକାଲ କଲେଜର ପୁରସ୍କାର ବିତରଣ-ସଭାରେ ସେଠାର ପ୍ରିନ୍ସିପାଲ ମହାଶୟ ଜଣାଇଲେ କେତେକ ହିନ୍ଦୁ ଭଦ୍ରବ୍ୟକ୍ତି ପ୍ରାୟ ଏକଲକ୍ଷ ଟଙ୍କା ଶୁଦ୍ଧା ସମ୍ପ୍ରଦାନ ବଲେଜ ହସପିଟାଲର ବାହାର ରୋଗୀମାନଙ୍କ ଗୃହ ନିର୍ମାଣାର୍ଥେ ଦେବାର ସ୍ଥିର କରିଅଛନ୍ତି । ଅଳ୍ପଦିନରେ ତହିଁର ବିଶେଷ ବିବରଣ ପ୍ରକାଶ ହେବ । ଏ ଗୋଟିଏ ମହତ କାର୍ଯ୍ୟ ।

ଭୂତପୂର୍ବ ଲେଜ ଜର୍ମାନ ସମ୍ରାଟ ଗୁଇଲିୟମ ପାଣ୍ଡୁତ ଥିବା ନିର୍ବାଚନ କରିଥିବା ଅପରାଧରେ ଲୁଇସନ ଉପଦ ଅବା ଭଦ୍ରର ମାର୍କ ଜରିମାନା ଦେବାର ଶାସ୍ତି ପ୍ରାପ୍ତ ହୋଇଅଛନ୍ତି ।

ପାଟନାକଲେଜର ଅନରେ ଅଧ୍ୟାପକ କାର୍ଯ୍ୟରେ ଜଣେ ବଙ୍ଗଦେଶୀ ଓକିଲ ବାବୁ ଅଦ୍ୱୈତ ଘୋଷ ପଠନବର୍ଣ୍ଣ ହେଲା ନିଯୁକ୍ତ ଥିଲେ ବର୍ତ୍ତମାନ ତାଙ୍କ ସ୍ଥାନରେ ଜଣେ ନୂତନ ବିହାରୀ ଓକିଲ ନିଯୁକ୍ତ ହୋଇଥିବାର ବଙ୍ଗବାସୀରୁ ଅବଗତ ହେଲୁଁ ।

ବିହାରପ୍ରଦେଶରେ ବଡ଼ାଇଦେବଙ୍କ ଉତ୍ସାହ ପ୍ରଦାନ କରିବା ଉଚିତ । କାରଣ ଏହାଦ୍ୱାରା ଏକଜଣଙ୍କୁ ଅଧିକାର ଦିଆଯିବା ନିତାନ୍ତ ଅନ୍ୟାୟ ଅଟଇ ।

ବରେଲିଠାରେ ଭୟାନକ ହତ୍ୟାକାଣ୍ଡ ହୋଇଅଛି । ଜଣେ ପୁରୁଷ ତାହାର ସ୍ତ୍ରୀ ଓ ଦୁଇଗୋଟି କନ୍ୟାଙ୍କୁ ହତ୍ୟା କରିଅଛି ଓ ଆତ୍ମହତ୍ୟା କରିବାର ଚେଷ୍ଟା କରିଥିଲା । ଏହି ବ୍ୟକ୍ତି ଉନ୍ମାଦ ହୋଇ ଅନ୍ଧକଷ୍ଟ ଭୋଗକରି ବିଶେଷ ବାଧ୍ୟ ହୋଇ ଏହି ଭୟାନକକାଣ୍ଡ କଲା । ତଥାପି କର୍ତ୍ତୃପକ୍ଷମାନେ କହୁଅଛନ୍ତି କି ଭାରତୀୟ ପ୍ରଜାମାନେ ବଡ଼ ସୁଖରେ ଅଛନ୍ତି ।

## ଯାଜପୁର-ସମ୍ବାଦ ।

ଗତ ରବିବାର ଦିନ ଏ ଅଞ୍ଚଳରୁ ଉତ୍ତମ ଜଳ ବୃଷ୍ଟି କରି ଅଛନ୍ତି । ଏ ବୃଷ୍ଟି କୃଷି ପକ୍ଷେ ମହୋପକାରୀ ଏବଂ ଲୋକମାନଙ୍କୁ ପୁନର୍ଜୀବିତ କରିଅଛି ।

Split by PDF Splitter
Digitized by srujanika@gmail.com

Split by PDF Splitter



ଅସ୍ମାନଙ୍କର ନୂତନ ହେଡମାଷ୍ଟର ବାବୁ ଭଗବଚ୍ଚନ୍ଦ୍ର ଦାସ ବି, ଏ, ଶୀଘ୍ର ଉପସ୍ଥିତ ହେବେ । ଏହାଙ୍କ ଉପରେ ଶଙ୍କା ।

ବାବୁ ଜଗମୋହନଚରଣ ସାମନ୍ତରାୟଙ୍କ ମୃତ୍ୟୁରେ ଏଠା କଲେକ୍ଟରୀ କଚେରୀରେ ନାଜରପଦ ଶୂନ୍ୟ ରହିଅଛି । ବାବୁ ମହାଶୟ ଜଣେ ସଦାଚାରୀ ଲୋକ ଥିଲେ । ଏହାଙ୍କ ମୃତ୍ୟୁରେ ଏଠାକାର ଅନେକ ଲୋକ ଦୁଃଖିତ ଅଛନ୍ତି ।

ମୁନସିଫ ଜଣାଇଥିଲା ନାମରେ ଉତ୍କୋଚ ଗ୍ରହଣ କର ଥିବାର ଯେ ନାଲିସ ହୋଇଥିଲା ସେ ଅବଧି ନିଷ୍ପତ୍ତି ହୋଇ ନାହିଁ । ମୁନସିଫ ଅପଣାର ପକ୍ଷ ସମର୍ଥନ କରିବା ନିମନ୍ତେ ଉତ୍କଳ ବାବୁ ହରବଲ୍ଲଭ ବସୁଙ୍କୁ କଟକରୁ ଅଣାଇ ଥିଲେ । ବିଗ୍ରହ ଅନୁଦାସ ଅନେକୋପାୟ ହୋଇ କଟକରୁ ଜଣେ ମୁକ୍ତାର ଅଣାଇ ଅଛି । ଉତ୍କଳକୁ ଫଇସଲା ହେଲା ନାହିଁ । ସୁନ୍ଦର ଅଧ୍ୟାପକଙ୍କ ରକ୍ଷା ପାଇବା ନିମନ୍ତେ ଦରଖାସ୍ତ ଦେଇ ବର୍ତ୍ତମାନ ନଦୀହତକରେ ରହିଅଛି ।

ଜମିଦାର ବାବୁ ବ୍ରଜସୁନ୍ଦରଦାସଙ୍କର ମହାପାତ୍ରଙ୍କ ଜଜ ସାହେବ ଉଚ୍ଚ ଅଦାଲତର ହୁକୁମ ଅପିଲ କରିବା ନିମନ୍ତେ ଉଭୟ ଜଣ ଥିବାରୁ ମାହାପାତ୍ର ଓ ନାବାଲଗ କଟକ ଗ୍ରାମକୁ ଯାଇ ଅଛନ୍ତି ।

### ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

TO THE EDITOR OF THE UTKAL DIPIKA

SIR,

Some of your readers may have noticed it in newspapers that a committee called the Youngmen's Improvement Society has been formed here with a view to furnish the students of the city with pure and reasonable amusements, and thereby improve their morality. The Vice-Chancellor of the University has enlisted himself as a member and several other leading gentlemen of the metropolis seem to take a hearty interest in the undertaking. These circumstances encourage the hope that the project, if patiently and perseveringly carried on, will, no doubt, be attended with success, and prove a blessing to society.

Something more in connection with the above which I am going to tell you, will be read by every patriotic heart of Orissa with considerable pride and gratification. The Lieutenant Governor in order to take the initiative in the matter invited through gracious condescension the students of the M. A. class of the Presidency College to a picnic party held on board the *S. S. Buckland* launching on the Ganges yesterday from 4 to 7 P. M. Among the sixty students that attended the river-party was a genuine Uriya namely Babu Abhoy Prasad Das who, having passed the B. A. Examination from the Presidency College, has now joined the M. A. class. He was introduced, *third*, to his Honour by Mr. Webb as "the first Uriya graduate of the Presidency College".* On this, his Honour seemed to take special interest in him and enquired of his parentage and social position and some other things. He was next introduced by Mr. Stack to Lady Eliot who warmly greeted him as "the Pioneer" and expressed her satisfaction at the fact that now the rising tide is with the Uryas. Babu Bankim Chandra Chatterjee the immortal novelist of Bengal was present there. Her Ladyship, while speaking of Bengalee novels, enquired whether there were good and good many novels in Urya, and the answer given by the Uriya gentleman being in the negative, desired that educated Urya gentlemen should write good novels in their vernacular and remove the want. Will our countrymen offer their grateful thanks to his honour for the warm interest he seems to evince in the cause of the poor province under his laudable administration and the educated gentlemen of Orissa fulfil her Ladyship's desire?

Calcutta }
July 5th 1891 } ARGUS

* To speak more correctly Babu Chaturbhuj Patnaik is the first Urya graduate of the Presidency College but we can vindicate Mr. Webb's words on the consideration that Mr. Patnaik is a graduate of the antique Presidency College.

### ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ କ୍ଷେତ୍ରମୋହନ ମିଶ୍ର | କଟକ | ଟ ୨୯ |
| ମନସି ମୋଗଲ ଅଲୀ | | ଟ ୨୯ |
| ବାବୁ ଜଗନ୍ନାଥ ଘୋଷ | କେନ୍ଦ୍ରାପଡା | ଟ ୩୯ |
| " ଗୋବିନ୍ଦଚନ୍ଦ୍ର ଘୋଷ | କଟକ | ଟ ୩୯ |
| ରଜା ଚନ୍ଦ୍ର ଚନ୍ଦୋର | | ଟ ୩୯ |
| ବାବୁ ରାଧାବିନୋଦ ଘୋଷ | କଟକ | ଟ ୨୯ |
| " ଜଗନ୍ନାଥ ସେଠ | " | ଟ ୨୯ |
| " ରଘୁନାଥ ଦାସ | " | ଟ ୨୯ |
| " ଦୁର୍ଗାପ୍ରସାଦ ଦତ୍ତ ଗୋପ | | ଟ ୩୯ |


## ବିଜ୍ଞାପନ ।

ଶବ୍ଦମାଳାର ଅର୍ଥ ।

ବାବୁ ମଧୁସୂଦନରାଓ କୃତ ଶବ୍ଦମାଳାର ଅର୍ଥପୁସ୍ତକ ମୋଟା ଏବଂ ମୂଲ୍ୟବାନ୍ କାଗଜରେ ଶ୍ରୀଯାଦୋଗ କଟକପ୍ରିଣ୍ଟିଂ କମ୍ପାନୀଙ୍କର ଏବଂ ବାଲେଶ୍ୱର ଦେବ ପ୍ରେସର ଓ ବାମଣ୍ଡା ସ୍ୱତନ୍ତ୍ର ପ୍ରେସର ମେନେଜରମାନଙ୍କ ନିକଟରେ ଦୁଇ ପଇସା ମୂଲ୍ୟରେ ବିକ୍ରୟ ହେଉଅଛି । ଦୁଇପଇସା ପୋଷ୍ଟେଜଷ୍ଟାମ୍ପରେ ଖ ୧୬ ଖ୍ର ବହି ଡାକରେ ଯାଇ ପାରେ ।


## NOTICE.

A tutor is required for the minor Raja of Dhenkanal salary Rs. 100 a month with free quarters (at Dhenkanal). Applications with copies of testimonials will be received by undersigned up to the 25th instant. A knowledge of English and Uriya is essential.

Office of Supdt. Tributary Mehals Cuttack, the 15th July 1891. } Sd. G. TOYNBEE *Superintendent Tributary Mehals*


Watches! Clocks! Time pieces!
Repaired by an efficient workman the premises of the Cuttack Printing Company. Charge moderate.

## ଘଡିମରାମତି ।

ନାନାପ୍ରକାର ଷ୍ଟ୍ରେଟ ଘଡି ସୁନ୍ଦରଘଡି ଉତ୍ତମରୂପେ ମରାମତ ହେବା ଓ ଯଥା ସମୟରେ ପାଇବାର ଭଲ ବନ୍ଦୋବସ୍ତ ଏ ନଗରରେ ନ ଥିବାରୁ ଅମ୍ଭେ ଘଡି ମରାମତର କାର୍ଯ୍ୟାରମ୍ଭ କରିଅଛୁଁ । ଯାହାଙ୍କର ଦରକାର ହେବ ଛାପାଖାନାଠାରେ ତତ୍ତ୍ୱ କଲେ ସମସ୍ତ ଜାଣି ପାରିବେ ।

ଘଡିର ଅବସ୍ଥା ଅନୁଯାୟୀ ୬ମାସଠାରୁ ୧ବର୍ଷ ପର୍ଯ୍ୟନ୍ତ ଗେରେଣ୍ଟି ଦିଆଯିବ ଅର୍ଥାତ୍ ମରାମତ ଦୋଷରୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଘଡି ଖରାପ ହେଲେ ପୁନର୍ବାର ଦୁରସ୍ତ କରିଦିଆଯିବ ।


Digitized by srujanika@gmail.com

## ଗିଲ୍‌ଟି

ଗଡ଼ିର ଚେଇନ ଚେଚ, ମୁଦ, ସୁଲ୍ଟସ୍‌ନ୍ଦନଟେନ୍ଟର ଓ ଇନସେକ୍ଟରଙ୍କର କମର ଦେବାଲ ଓଗେର ସାଜ, (ତମ୍ବାର ଓ ପିତ୍ତଳର ନାନାବିଧ ଅଲଙ୍କାରାଦ ରୂପା ଅବା ସୁନାରେ; ରୂପାର ମୁଦ ଓଗେର ଅଲଙ୍କାର ସୁନାରେ) ଗିଲ୍‌ଟି କର ଦଆଯିବ ।

କଟକ
୧୮୯୧।୧।୮ } ଶ୍ରୀ ଗୌରଚନ୍ଦ୍ର ଦଷ୍ଟ

## ମେହରୋଗ ।

ସମ୍ପ୍ରଜ୍ଞାନଷ୍ଟେ ସମସ୍ତ ଜ୍ୱାଳା ଯନ୍ତ୍ରଣାର ନିବୃତ୍ତି ହେବ । ଦୁରନ୍ତ ପ୍ରମେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରଅଛି ସେମାନଙ୍କର ତଳାର୍ଦ୍ଧ ଗୋଣଚକ୍ରତାର ଲୁପ୍ତ ନୁହେ ସାମାନ୍ୟ ଅର୍ଥବ୍ୟୟଂ ସଜାଣେ ଜୀବନର ମାୟା ପରିତ୍ୟାଗ କରନ୍ତୁ ନାହିଁ ।

ଏହି ଔଷଧ ଯଥାବିଧରେ ଏକସପ୍ତାହ ସେବା କଲେ ନୂତନ ରୋଗ ଏବଂ ତିନ ସୂତ୍ର ସପ୍ତାହରେ ପୁରାତନରୋଗ ଅବଶ୍ୟ ଆରୋଗ୍ୟ ହେବ। ଯେଉଁମାନେ ଆରୋଗ୍ୟ ନ ହେବେ ନଷ୍ଟପ୍ରାୟ ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗ କୋଠ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ଜାଣର ବନ୍ଧୁଗଣରେ ପଡଣନ ନ ହେଲେ ଆଉ ଯିବ ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କର ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅଳ୍ପଦିନରେ ପୁସ୍ତକାକାରେ ପ୍ରକାଶିତ ହେବ କଲିକତା ଅଟେଡକୋଲ ନଂ ମର ଦକାନରେ ସି, କେ, ସେନ କମ୍ପାନଙ୍କଠାରେ ଏବଂ କଟକ ବଜାରସ୍ଥ ପ୍ରିଣ୍ଟିଂକମ୍ପାନଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଶିଶି ଟ ୨।୦ ଟା । ପ୍ୟାକିଂ ଓ ଡାକଖର୍ଚ୍ଚା ପୃଥକ୍

## କଟକଭଣ୍ଡାର ।



ସହର ଓ ମଫସଲବାସିମାନଙ୍କ ସୁବିଧାର୍ଥ ଅଳଲୁ ପ୍ରାୟ ପାଞ୍ଚବର୍ଷ ହେବ ସ୍ଥାପିତ ହୋଇ ସୁବନ୍ଦୋବସ୍ତ ସହିତ କାର୍ଯ୍ୟ ଚଳୁଅଛି । ଏଥିରେ ନାନାବିଧ ଡାକ୍ତରୀ ଓ କବିରାଜୀ ଔଷଧ ବିକ୍ରୟ ହୁଅଇ । ଏହାଛଡ଼ା ଅନ୍ୟ ଯାହାର ଯେଉଁଦ୍ରବ୍ୟ ପ୍ରୟୋଜନ ହୁଏ ଲେଖିଲେ ଅତିସତ୍ୱର ଓ ବିଶେଷ ସାବଧାନତା ସହିତ ପଠାଇ ଦିଆଯାଏ । ମାଦକ ଦ୍ରବ୍ୟ ଛଡ଼ା ଅନ୍ୟାନ୍ୟ ସମୁଦାୟ ଦ୍ରବ୍ୟ ବିକ୍ରୟ ଓ ସରବରାହ କରୁଁ । ଯେଉଁ ଦ୍ରବ୍ୟମାନ ଅନ୍ୟସ୍ଥାନରୁ କ୍ରୟ କର ପଠାଇବାକୁ ହୁଏ ତହିଁର ଉଚିତ ବଜାର ଦର ଉପରେ କଣି ପଠାଇବାର ପରିଶ୍ରମନିମନ୍ତେ ଶତକଡ଼ା ଟ ୨। ହିସାବରେ କମିଶନ ଗ୍ରାହକମାନଙ୍କଠାରୁ ନିଆଯାଏ । କେବଳ ପ୍ୟାକିଂ ଓ ଡାକଖର୍ଚ୍ଚା ପଠାଇଲେ ଔଷଧ ଓ ଦ୍ରବ୍ୟାଦ ଭାଲ୍ୟୁପେଇବଲ ଡାକରେ ମଧ୍ୟ ପଠାଯାଇ ପାରେ । ବେରଂ ବା ଇନସଫିସିଏନ୍ଟ ପତ୍ର ଗୃହୀତ ହୁଏ ନାହିଁ ଏବଂ ରିପ୍ଲାଇକାର୍ଡ ବା ଡୁଇପଇସିଆ ଟିକଟ ଖଣ୍ଡେ ନ ପଠାଇଲେ ପତ୍ରର ଉତ୍ତର ଦିଆଯାଏ ନାହିଁ ।

ମଫସଲବାସୀ ଅନେକ ଅନେକ ରଜା ଜମିଦାର ଓ ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କଠାରୁ ସର୍ବଦା ରୋଗର ଚିକିତ୍ସା ଓ ଔଷଧ ପ୍ରେରଣ ନିମନ୍ତେବାରମ୍ବାର ପତ୍ରାଦ ପାଇଥାଉଁ । ଅତଏବ ସେମାନଙ୍କ ଓ ସର୍ବସାଧାରଣଙ୍କ ସୁବିଧାର୍ଥ ଜଣାଉଅଛୁଁ କି ଯେଉଁମାନେ ଅମ୍ଭଦ୍ୱାରା ଅତଃପର ଚିକିତ୍ସିତ ହେବାକୁ

ଇଚ୍ଛା କରନ୍ତି ସେମାନେ ପୀଡ଼ାର ଅବସ୍ଥା ଓ ପ୍ରକୃତିର କାରଣ, ବ୍ୟାଧି ନୂତନ କି ନା, ରୋଗୀ ପୁରୁଷ କି ସ୍ତ୍ରୀ, ରୋଗର ପୂର୍ବ ଓ ବର୍ତ୍ତମାନ ଅବସ୍ଥା, ବୟଃକ୍ରମ, ଆହାର, କୋଷ୍ଠଶୁଦ୍ଧି, ଧାତୁ ପ୍ରକୃତି ଇତ୍ୟାଦ ରୋଗର ବୃତ୍ତାନ୍ତ ଲେଖି ପଠାଇଲେ ତାହାର ଯଥାଯୋଗ୍ୟ ଔଷଧ ପଠାଇବୁଁ । ଟଙ୍କା, କଉଡ଼ି ବା ପତ୍ରାଦ ନିମ୍ନ ଠିକଣାରେ ଅମ୍ଭଠାକୁ ପଠାଇବାକୁ ହେବ ।

କଟକ    ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ ।

## ନୂତନ ପୁସ୍ତକ ।

**A KEY TO NEW ROYAL READERS NO. IV MINOR COURSE.**

ଜୁଲାଇମାସର ମଧ୍ୟରେ ଗ୍ରାହକ ହେଲେ ମୂଲ୍ୟ ଟ ୦ ୵୳ ନଭୁବା ପରେ ମୂଲ୍ୟ ବୃଦ୍ଧି ହେବ ।

Ditto An Abridged Edition ୫ ୵

ପ୍ରାକୃତିକ ଭୂଗୋଳର ପ୍ରଶ୍ନୋତ୍ତର ଟ ୦ ।,
ସ୍ୱାସ୍ଥ୍ୟସାଧନର ପ୍ରଶ୍ନୋତ୍ତର ଟ ୦୵ , ପାଷ୍ଟବୁକର ମାନେ ବହି (ସ୍ୱଳ୍ପ ଓ ପରିଶୁଦ୍ଧ) ଟ ୦୵
ଧ୍ରୁବ ଚରିତ    ଟ ୦ ୵

କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ଏବଂ ବାବୁ ରାମପ୍ରସନ୍ନ ମୁଖୋପାଧ୍ୟାୟଙ୍କ ପୁସ୍ତକ ଦୋକାନରେ ପ୍ରାପ୍ତବ୍ୟ । ପତ୍ରରେ "ଲଳିତମୋହନଙ୍କ ପ୍ରଣୀତ" ବୋଲି ଲେଖିବ । ନହୁବା ଅନ୍ୟ ଗ୍ରନ୍ଥକାରଙ୍କ ପୁସ୍ତକ ଏହା ବଦଳରେ ପାଇବାର ସମ୍ଭାବନା ।

ସାମ୍ୟବାଦୀ ଇନଷ୍ଟିଟ୍ୟୁଶନ । କଟକ । } ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ ।

### ପ୍ରୟୋଜନୀୟଔଷଧ ।

ଚମ୍ପୁକଣିତ ପ୍ରୟୋଜନୀୟ ଓ ଉପକାରୀ ପରୀକ୍ଷିତ ଔଷଧମାନ ଅଳ୍ପ ନିକଟରେ ନିଃସ୍ୱାର୍ଥ ପ୍ରସ୍ତୁତ ଅଛି ।

୧ । ପାରିଜାତ ତେଲ—ବହୁ ଦିବସରୁ କେଶତଲୁ ଅନେକଗୁଣ ଏହି ଔଷଧ ପ୍ରସ୍ତୁତ ହୋଇଅଛି । ଏହା ବ୍ୟବହାର କଲେ, କେଶସ୍ଥୂଳତା, କେଶର ଅକାଳପକ୍ୱତା, ଅକାଳପତନ, ଏବଂ ଶିରଃପୀଡ଼ା, ଶୀତୋଷ୍ଣ ଇତ୍ୟାଦ ନିବାରିତ, ମସ୍ତକର କଣ୍ଡୁ ଓ ଶୀତଳଜନକ ହୋଇ ଦେହ ଓ ମସ୍ତିଷ୍କ ସୁଶୀତଳ, କେଶ ବର୍ଦ୍ଧିତ, ଯୋଗସୂତ୍ର ଓ ସୁବାସିତ ହୁଏ । ପ୍ରତି ଶିଶିର ମୂଲ୍ୟ ଚାରିଅଣା ମାତ୍ର ।

୨ । ଦଦ୍ରୁ କୁଠାଶନ—ଦାଦ କୁଠାପାଣ ଏବଂ କଣ୍ଡୁ ପ୍ରୟୋଗ କାଲେ ଜ୍ୱାଳା ଯନ୍ତ୍ରଣା କିଛିମାତ୍ର ଜଣା ଯାଏ ନାହିଁ । ମାତ୍ର ଏହା ଦଦ୍ରୁକଣ୍ଡୁ ପରରେ ତୁରନ୍ତ ତୁଲ୍ୟ କାର୍ଯ୍ୟ କରେ ଏବଂ ତାହାକୁ ଏକାବେଳକେ ନଷ୍ଟ କରେ, ତହିଁରେ ଆଉ ସନ୍ଦେହ ନାହିଁ । ଏହା ବ୍ୟବହାର କର ୨୫ ବର୍ଷର ଦଦ୍ରୁ ରୋଗ ଆରୋଗ୍ୟ ହୋଇଅଛି, ପ୍ରତି କୌଟାର ମୂଲ୍ୟ ଦୁଇ ଅଣା ମାତ୍ର ।

୩ । ଶୂଳହରଦ୍ରାବଣୀ—ଏହା ଯଥାବିଧି ସେବନ କଲେ

ଓ ପ୍ରାଚୀନ ଓ ନୂତନ ସବୁ ପ୍ରକାର ଅଜୀର୍ଣ୍ଣ, ପିତ୍ତଶୂଳ, ବସ୍ତି ଶୂଳ ( ଅମାବାତ ), କାମଳାଦି ଅତି ସନ୍ତର୍ପଣାତ୍ମକ- ଲକ୍ଷଣଯୁକ୍ତ ଉପଦ୍ରବ ଦୂର ହୁଏ । ଏକପକ୍ଷ କାଳ ସେବନସ୍ୟ ଔଷଧର ମୂଲ୍ୟ ଦୁଇ ଟଙ୍କା ଆଠ ଅଣା ।

୪ । କୋଷ୍ଠଶୋଧକ ବଟିକା—କୋଷ୍ଠବଦ୍ଧ ସର୍ବପ୍ରକାର ରୋଗର ଉତ୍ପତ୍ତି ଓ ବୃଦ୍ଧିର ପ୍ରଧାନ କାରଣ ଅଟେ । କୋଷ୍ଠ- ଶୁଦ୍ଧି ନ ହେଲେ କୌଣସି ରୋଗ ଆରୋଗ୍ୟ ହେବା କୌଣସି ଔଷଧ ମଧ୍ୟ କାର୍ଯ୍ୟକାରକ ହୁଏ ନାହିଁ । ଏହି ଔଷଧ ବ୍ୟବ- ହାର କଲେ ବ ପ୍ରାଚୀନ ଓ ନୂତନ ସର୍ବପ୍ରକାର କୋଷ୍ଠବଦ୍ଧ ଏବଂ କୋଷ୍ଠବଦ୍ଧଜନିତ ଅନ୍ୟାନ୍ୟ ପୀଡ଼ା ଯଥା, କୋଷ୍ଠାଶ୍ରିତ ବାୟୁ, ଜ୍ୱର, ଅର୍ଶ, ଅଜୀର୍ଣ୍ଣ, ଶୋଥ, ଉଦରୀ, ଯକୃତ, ପାଣ୍ଡୁ, ଓ ପକ୍ଷାଘାତ ଶିରଃପୀଡ଼ା ଓ ମୂର୍ଚ୍ଛାଦି ନିବାରିତ ହୁଏ ।

ଏହି ବଟିକା ମୃଦୁଭେଦକ । ସର୍ବପ୍ରକାର ରୋଗରେ ଏମନ୍ତ କି ଅନ୍ୟାନ୍ୟ ଔଷଧ ବ୍ୟବହାରର ସଙ୍ଗେ ମଧ୍ୟ ଏହା ବ୍ୟବହାରର ଉପଯୁକ୍ତ ଅଟେ । ଯୁବା, ଅସୁସ୍ଥ, ବାଳକ, ବୃଦ୍ଧ, ସ୍ତ୍ରୀ ଓ ପୁରୁଷ ସମସ୍ତେ ଏହା ସେବନ କରି ପାରନ୍ତି । ଦଶ ଦିନ କାଳ ସେବନସ୍ୟ, ଔଷଧର ମୂଲ୍ୟ ଏକ ଟଙ୍କା ।

୫ । ଜ୍ୱରାନ୍ତକ ବଟିକା—ଏହା ସେବନ କଲେ ମ୍ୟା- ଲେରିଆ ବା ଦୂଷିତ ଜଳବାୟୁଜନିତ ଜ୍ୱର, ସର୍ବ ପ୍ରକାର ପାଳିଜ୍ୱର, ସୂତିଜ୍ୱର, କମ୍ପ ଓ ଏକ ଜ୍ୱର, ପ୍ଲୀହା ଯକୃତ, ଅଜୀର୍ଣ୍ଣ, ଅରୁଚି, ଶୀର୍ଣ୍ଣତା, ରକ୍ତହୀନତା, ଅପରିଷ୍କାର କୋଷ୍ଠ, ଶାରୀରିକ ଓ ମାନସିକ ଦୁର୍ବଳତା ଇତ୍ୟାଦି ନିବାରିତ ହୁଏ ଏବଂ ଦେହ, ପରିପୁଷ୍ଟ ହୋଇ ବଳ ସଞ୍ଚାରିତ ହୁଏ । ଏକ ପକ୍ଷକାଳ ସେବନସ୍ୟ, ଔଷଧର ମୂଲ୍ୟ ଦୁଇ ଟଙ୍କା ଆଠ ଅଣା ।

୬ । ଶୋଣିତଶୋଧକ ( ସାଲସା )—ଶୋଣିତ ମାନବ- ଦେହର ପ୍ରଧାନ ଉପାଦାନ ଅଟେ । ଏହା ପରିଶୁଦ୍ଧ ଥିଲେ କୌ- ଣସି ପ୍ରକାର ବ୍ୟାଧିର ଉତ୍ପତ୍ତି ହୋଇପାରେ ନାହିଁ । କିନ୍ତୁ ଏହି ଶୋଣିତ ସାମାନ୍ୟ ମାତ୍ର ଦୂଷିତ ହେଲେ ତହିଁରୁ କ୍ରମେ କ୍ରମେ ଶରୀରର ଚାରିଆଡ଼େ ରକ୍ତ ଦୂଷିତ ହୋଇ ନାନା ପ୍ରକାର ବିଷମ ବ୍ୟାଧିର ଉତ୍ପତ୍ତି ହୁଏ । ଅପରିମିତ ଆହାର, ବିହାର ଅତି- ରିକ୍ତ ଶାରୀରିକ ଓ ମାନସିକ ପରିଶ୍ରମ, ଦୂଷିତ ଜଳବାୟୁ ପାରଦାଦି ଧାତୁଦୋଷ, ପ୍ରମେହ, ଉପଦଂଶ ଇତ୍ୟାଦି ହେତୁ ଶରୀରର ରକ୍ତ ଦୂଷିତ ହୋଇ ଉଠେ ଏବଂ ନାନାପ୍ରକାର ଖତ, କଣ୍ଡୁ, ଖାଜୁ, ବଣ, ଗଣ୍ଡମାଳା, ଦଦ୍ରୁ ଓ ବାଳିକା ରୋଗ ଶାରୀରିକ ଓ ମାନସିକ ଅବସନ୍ନତା ଇତ୍ୟାଦି ରୋଗ ଓ ଉପସର୍ଗ ଜାତ ହୋଇ ମନୁଷ୍ୟକୁ ଅକର୍ମଣ୍ୟ କରି ଦିଏ । ଏହି ସୁଧା ବ୍ୟବହାର କଲେ ଉକ୍ତ ସମସ୍ତ ଉପ- ସର୍ଗ ଦୂରୀଭୂତ ହୋଇ ଶରୀର ନବଜୀବନ ପ୍ରାପ୍ତ ଓ ଶୋଣିତଯୁକ୍ତ ହୁଏ । ଗ୍ରୀଷ୍ମଋତୁରେ ମଧ୍ୟ ଦଗ୍ଧାଙ୍ଗ- ଜନଙ୍କୁ ଏହା ଉପଯୋଗୀ । ନାନାପ୍ରକାର ଚର୍ମରୋଗ, ନାଳୀ ଘାଆ ଓ ଖଣ୍ଡିତ ଏହା ସେବନରେ ଆରୋଗ୍ୟ ହୁଏ । ତିନି ସପ୍ତାହ ସେବନସ୍ୟ ଔଷଧର ମୂଲ୍ୟ ଦୁଇଟଙ୍କା ଆଠଅଣା ।

କାଳୁବଜାର, କଟକ ଔଷଧାଳୟ । } ଡାକ୍ତର । ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ । V. L. M. S.

## ବାଲିଯାତ୍ରା ।

ଉପଲକ୍ଷିତ ଯାତ୍ରା ଦିନରେ ଏକଲ କଟକ ଚୌଧୁରୀ ବଜାର ବାବୁ ଗୌରୀଶଙ୍କର ରାୟଙ୍କ ବସା ନିକଟ ବାବୁ ଅର୍ଜ୍ଜୁନ ଦାସଙ୍କ ଦୋକାନରେ ନିମ୍ନଲିଖିତ ଜିନିଷ ଅଛି ଯଥା—

| | | | |
|---|---|---|---|
| ୧୬ ପଣ୍ଡ | ମାଲ | ଟ ୧୬ ଟ ୨୩୬ | ୬୧୬ ଟ ୦୬୧ |
| ୧୪ ପଣ୍ଡ | „ | „ ଟ ୨୨ | „ ଟ ୦ ୧୦ |
| ୧୨ ପଣ୍ଡ | „ | „ ଟ ୨୧ | „ ଟ ୦ ୮ |
| ୨୨ ପଣ୍ଡ | ଭଲପଣ୍ଡସ୍ୱେପ୍ „ | ଟ ୩। | „ ଟ ୦ ୬/୭ |

ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟଙ୍କର ଚୌଧୁରୀବଜାର ବସା ନିକଟସ୍ଥ ଆମ୍ଭମାନଙ୍କ ଦୋକାନରେ ଚଉକୋଣା ଓ କଳଙ୍କି ଓ ରେଶମୀ ଓ ଗେର ଲୁଗା ଓ ଷ୍ଟେସନରୀ ଓ ନାନା ଜାତି ଉତ୍ତମ ଉତ୍ତମ ଜିନିଷ କେଉ ଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି । ଉପସ୍ଥିତ ଅଳ୍ପ କେତେକ ଫେସନ ଜିନିଷ ଯାତ୍ରା ସକାଶେ ପ୍ରସ୍ତୁତ ଅଛି ତାହା ନିମ୍ନ ଭାଗରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେ- ଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇ- ପାରିବେ । ଏତଦ୍ଭିନ୍ନ ଆମ୍ଭେମାନେ ବଲେର ଖେଳ ସକାଶେ ଦୋକାନରେ ପ୍ରସ୍ତୁତ କରିଅଛୁଁ । କେହି ଖରିଦ କରିବାକୁ ଇଚ୍ଛିଲେ ତାଙ୍କୁ ଦିଆଯିବ । ଯେଉଁ ଲୋକ ଖେଳିବା ସକାଶେ ଦେବା ଏବଂ ଆପଣା ମଫସଲ ସକାଶେ ବଲା କିଣିବାକୁ ଚାହିଁବେ ଏକ ସେଟକୁ ଫି ବଲ ଟ୦୬/୭ ହିସାବରେ ଦିଆ ଯିବ । ମାତ୍ର ତାହାର ଖର୍ଚ୍ଚ ସେମାନଙ୍କର ଭାର ଉପରେ ଥିବ । ଏହି ବେଳେ ଖେଳର ପୂର୍ବ ମୂଲ୍ୟ ଚାଲୁ ହେବାକୁ ହେବ ।

### ଉପହାର ।

ଉତ୍ତମ ସେଣ୍ଟ ଶୀ
ଡବଲ ଷ୍ଟକ ରେଲେ
ଖେଳା ।
କଲେକସନ
ଉତ୍ତୋଲିକ ବେଲ ବାକ୍ସ
ଗୋଲ ବାକ୍ସ ଓ ଗୋଲ
ଷ୍ଟକ ।
ଦୁଇଂ ଆର୍ଥାତ୍ କାଗଜ
କିପିବା କାଗଜ ସେଟ୍
ବିଲ ଓ କଲମ ।
ପେନସିଲ ବାକ୍ସ ଏକ ।
ନାନା ପ୍ରକାରର ଚଟି
ଜୋତା ଓ ଗୋପାଳୀ
ଚେନ ଲଣ୍ଠ
ଚିତ୍ର ଛବି ।
ଜଗତ ଫାନୁସ ।
ବାକ୍ସର ଆଲୋକ ଅର୍ଥରେ
କିପା ସହାୟକ ହୁଏ ।
ଶ୍ଳୋକ ଲେଖ—ଅର୍ଥାତ୍
ସୁନ୍ଦରୀ ଚିତ୍ର ।
ଅଲେ ଛୁରୀ ।
ଔଷଧର ବହି କୁରା ।

ବର୍ଷର ଅର୍ଦ୍ଧ ।
କୋରେଷ୍ଟାରର ।?
ଜାତ ବିଶ୍ୱାସ ଓ
ବଡ ଭଲିଆ ଓ ସବା
ଲଣ୍ଠି
ଉଦର୍ଦ୍ଧ ଦୁଇଫସଲ୍କିଆ
ଏବଂସ ଜୁସ
କେଲିକର ଚଉବୋଡ ଛାପ
କେସରିଆ ଅଖେ
ଏ, ଲୋବନ ସ୍ୱଚ୍ଛେତ
ଜାମିଜ ଓ ବ୍ରୁଶ
ବଗସ ଖବରୋଷ
ଏକନ ବାଲସ ।
ଅଷ୍ଟନୋଲ ପେନ୍ସିଲ
ଧାତୁ ଏ ହେନସିଲରେ
ଲେଖି ବସସ ସେଶ
ଛବି ହଜାର ସେଲୁ
ପେନ୍ସିଲ ଲେଖା ଯ
ଖରେ ଲେଖ ଉପାଦ
ଦେଲେ ତହୁ ଯ ଜଡ
ଉ ଲେଖେ ।

ସୋରଭୂଜର ଓ ପତରର
ଜେଷ୍ଟର ନେଜ ଓ ଭଲ
ଭଲ ଘରେ
ଟ୍ରାଞ୍ଜ ଭାଲ ପଥାକୁ
ଲେଖିବାକେଲେ ସର
ଓ ଏଷିଲେ କରା
ଥିବ ।
ଅଲଙ୍କା ଚଲ୍ଲା
୧୨ × ୧୦ ଇଞ୍ଚ
୧୪ × ୧୨ ଇଞ୍ଚ
୧୬ × ୧୪ „
ମୋଜା ଓ ମୋଜାକଟ
ଲିଲନ ଏଥ ଚଳଲାଜ
ଚଉକା,ସାଙ୍ଗ କଭ ଓ
ସ୍ୱଚ୍ଛା
ଭେମେଣ୍ଟଲେଉ ।,

ଏଣେ ଓ ସାଇକେଲୋଡ
ଣ୍ଡା
ଚଣ୍ଡିଜ ଚେଲେଳ ବଡ
ଛାତ୍ରକାଳ ହାଡ
ମନାଗାମା
ଲେଡ ଟ୍ରୁ ଟେଷ୍ଟିଙ୍ଗ
ଚଟାକସା ଶାଳୀ ଓ ଲୋକ
ଓ ଭକ
ସିଲ୍ପକାଗଜ ଓ ପିଜେ
ପାଡ ଗାଳୋଡ ଓ
ଖାଲି ।
ଟ୍ରିଙ୍ଗ କାଠ
ଏଣ୍ଟେଲୋପ ଅର୍ଥାତ୍ ଖାମ
ଛୁଚ ଛପାଇ ଅଛି
ଚିଷ୍ଠିର ଜଟା ବନରେ
ଚଳବାକୁ ହୁଏ ।

## ଇସ୍ତାହାର ।

ଏ ଜାଗାକୁ କେଉଁଣସି ଖାଇବେ ଭର୍ତ୍ତି ଇଅଁ ରେ ଉତ୍କଳାଉ ଟୋଠାପ୍ଲଟର ସାହେବଙ୍କ ବେଲେ ପାଣିଗଲା କଛ ହେବ ଘଲର ମହିଁଷ ଅଲେ କେଟିବେଳେ ନଷ୍ଟହୁଅ ହେବ ଓ ହୁଲ ଖରଚ ନାହିଁ ।

କଟିଲ ତମଡ଼ା ଓ ସାଜରେ ଲଷୁଥବାର ଜାଗ ମଧ୍ୟ ଅଛି ।

ଅଲଡକଶ୍ରିଦ୍ଧ ଜ ତିଲକ୍ଷ୍ମୀଣି

---

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଖର୍ଚ୍ଚା ନିମ୍ନଲିଖିତ ରୂପେ ସ୍ଥିର ହୋଇଅଛି ଯଥା ।—

ପ୍ରଥମଥର ସକାଶେ
ଏକପଙ୍କ୍ତି ଟ ୦୬/
ଅର୍ଦ୍ଧସ୍ତମ୍ଭ ଟ ୪୧
ଏକ ସ୍ତମ୍ଭ ଟ ୭୧

ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେ ତହିଁର ଖର୍ଚ୍ଚା ଟ ୦୬ ରୁ ଉଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚା ପ୍ରଥମ- ଥରର ଅର୍ଦ୍ଧେକ ଓ ଦ୍ୱିଗୁଣ ଯଥାକ୍ରମେ ହେବ ।

ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନଦାତାଙ୍କୁ ଅଗ୍ରିମ ଦେବାକୁ ହେବ ।

---

ଏହି ଉତ୍କଳଦୀପିକା କଟକ ... ପ୍ରିଣ୍ଟିଂକମ୍ପାନୀ, ଯନ୍ତ୍ରାଳୟରେ ... ଦ୍ୱାରା ମୁଦ୍ରିତ ହେଲା

Split by PDF Splitter
Digitized by srujanika@gmail.com

Split by PDF Splitter

# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

ଭା ୨୬ ଶ | ୫ ୩୦ ସଂଖ୍ୟା } ତା ୨୪ ଶେ ମାହେ ଜୁଲାଇ ସନ ୧୮୯୧ ଇଂରାଜୀ । ମୂ । ଶ୍ରାବଣ ଶୁ ୧୧ ଦି ୪୨ ୧୨୯୮ ସାଲ ଶନିବାର { ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩ | ପଶ୍ଚାଦ୍ଦେୟ ଟ ୩୲

## ଭାରତବର୍ଷୀୟ ଦଣ୍ଡବିଧି ।

ଅର୍ଥାତ୍ ସନ ୧୮୬୦ ସାଲର ୪୫ ଆଇନ କ୍ରମାଗତ ସନ ୧୮୯୦ ସାଲର ଅଗଷ୍ଟ ମାସ ତା ୧ ରିଖପର୍ଯ୍ୟନ୍ତ ଯେସମସ୍ତ ଆଇନଦ୍ୱାରା ସଂଶୋଧନ ହୋଇଅଛି ତାହାସବୁ ମିଶି ଏକଖଣ୍ଡ ଓଡ଼ିଆଭାଷାରେ ଛପା ହୋଇ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି । ମୂଲ୍ୟ ଏକଖଣ୍ଡକୁ ଟ ୧। ଓ, ଡାକଖର୍ଚ୍ଚା ଟ ୦/୬ ଅଳ୍ପସଂଖ୍ୟା ଛପା ହୋଇଅଛି । ଯାହାଙ୍କର ପ୍ରୟୋଜନ ଶୀଘ୍ର କ୍ରୟ କରିବେ ।

---

ଶ୍ରାବଣ ମାସର ଏକଭାଗ ଗତ ହେଲା ଏପର୍ଯ୍ୟନ୍ତ ପ୍ରଚୁରବୃଷ୍ଟି ନ ହେବାରୁ ବଡ଼ ଭାବନା ପଡ଼ିଯାଇଅଛି ଓ ଦୁର୍ଭିକ୍ଷର ଆଶଙ୍କା ଲୋକଙ୍କୁ ଅସ୍ଥିର କରୁଅଛି । ଦଳେ ସାମାନ୍ୟ ବୃଷ୍ଟିହେତୁ ମୋଫସଲରେ ଏପର୍ଯ୍ୟନ୍ତ ଧାନଗଛମାନ ଏକପ୍ରକାର ବଞ୍ଚି ରହିଅଛି ମାତ୍ର ଅନେକସ୍ଥଳରେ ବେଉଷଣ ହୋଇପାରୁ ନାହିଁ ଏବଂ ଜଳ ବିନା ଗଛ ବଢ଼ିବାର ବ୍ୟାଘାତ ହେଉଅଛି । ଈଶ୍ୱର ଶୀଘ୍ର ଏ ସଙ୍କଟରୁ ପାର କରନ୍ତୁ ସମସ୍ତେ ଏହି ପ୍ରାର୍ଥନା କରୁଅଛନ୍ତି । ଜଳବୃଷ୍ଟି ଏପର୍ଯ୍ୟନ୍ତ ନାମମାତ୍ର ହୋଇଥିବାରୁ ଉପରମୁଣ୍ଡରେ ସୁଦ୍ଧା ଭଲ ବର୍ଷା ନ ହେବାର ଜଣାଯାଉଅଛି ।

---

କଥିତ ହୁଅଇ ଯେ ବଙ୍ଗଳାର ଲେଫ୍ଟେନାଣ୍ଟ ଜିଲ୍ଲାସ୍କୁଲମାନ ସରକାରଙ୍କ ସାକ୍ଷାତ୍ ଅଧିକାରରୁ ଅନ୍ତର କରି ମିଉନିସିପାଲିଟୀ ଅଧୀନରେ ରଖିବାର କଳ୍ପନା କରି ଅଛନ୍ତି । ଅବଶ୍ୟ ସରକାରୀ ବ୍ୟୟ ଊଣା କରିବା ଏଥିର ଉଦ୍ଦେଶ୍ୟ ଅଟଇ ମାତ୍ର ଏହା ହେଲେ ଉଚ୍ଚ ଶିକ୍ଷା ପ୍ରତି ବ୍ୟାଘାତ ହେବ ସନ୍ଦେହ ନାହିଁ । ମିଉନିସିପାଲିଟୀର ଅର୍ଥବଳ ଏପରି ନୁହଇ ଯେ ସରକାର ପରି ଉଚ୍ଚବେତନରେ ଯୋଗ୍ୟ ଶିକ୍ଷକ ନିଯୁକ୍ତ କରି ଶିକ୍ଷାର ଉନ୍ନତି କରିବେ ସୁତରାଂ ଭଲ ଶିକ୍ଷକ ବିନା ଶିକ୍ଷାର ହାନି ହେବ । ସରକାର ଯେବେ ନିର୍ଦ୍ଦିଷ୍ଟ ଖର୍ଚ୍ଚା ସହିତ ଜିଲ୍ଲାସ୍କୁଲମାନଙ୍କର ଭାର ମିଉନିସିପାଲିଟୀଙ୍କି ଦିଅନ୍ତି ତାହା ହେଲେ କିଛି ଆପତ୍ତି ହେବ ନାହିଁ ।

---

ସଞ୍ଜୀବନୀ ଲେଖିଅଛନ୍ତି ଜଣେ ଇଂରାଜ ମହିଳା ଆମେରିକା ଅନ୍ତର୍ଗତ କଲରେଡୋ ପ୍ରଦେଶ ଭ୍ରମଣ କରିବାକୁ ଯାଇଥିଲେ । ଉକ୍ତ ପ୍ରଦେଶଟି ବଡ଼ ସୁନ୍ଦର ଦେଖି ସେ ବନେ ବୁଲି ପ୍ରକୃତିର ଶୋଭା ଦର୍ଶନ କରୁଥିଲେ । ଏକଦିନ ଏକ ବନମଧ୍ୟରେ ଏକାକୀ ବସି ସ୍ୱଭାବର ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇଅଛନ୍ତି ଏମନ୍ତ ସମୟରେ ପଲପଲ ବଣୁଆ ଗୋରୁ ଶୃଙ୍ଗ ହଲାଇ ଭୀଷଣ ଗର୍ଜନ ଓ ମୁହଁରୁ ଫେଣ ବାହାର କରିବାର ଦେଖି ବଡ଼ ଭୀତ ହେଲେ । ଅନ୍ୟଉପାୟ ନ ଦେଖି ସେ କଣ୍ଠସ୍ୱରରେ ସଙ୍ଗୀତ ଆରମ୍ଭ କଲେ ମୁହୂର୍ତ୍ତମଧ୍ୟରେ ସହସ୍ର ଗୋରୁ ମନ୍ତ୍ରମୁଗ୍ଧ ହେଲା ପରି ସ୍ଥିର ହୋଇ ରହିଲେ ଏବଂ ସେ ପଲମଧ୍ୟରେ ପଶି ଚାଲିଆସିଲେ । ସଙ୍ଗୀତର କେମନ୍ତ ମୋହିନୀଶକ୍ତି ।

---

ମହାମାନ୍ୟ ମହାରାଜା ହୋଲକାର ଆପଣା ରାଜଧାନୀ ଇନ୍ଦୋର ନଗରରେ ଗୋଟିଏ କଲେଜ ସ୍ଥାପନ କରିଅଛନ୍ତି । ଏଥିରେ ବି, ଏ, ପରୀକ୍ଷା ପର୍ଯ୍ୟନ୍ତ ପଢ଼ାହେବ । ସମସ୍ତ ଶ୍ରେଣୀର ଲୋକ ଏଥିରେ ପଢ଼ିପାରିବେ ଓ ସେମାନଙ୍କଠାରୁ କିଛି ବେତନ ନିଆଯିବ ନାହିଁ । ଏ କଲେଜର ପ୍ରିନ୍‌ସିପାଲ ଅର୍ଥାତ୍ ଅଧ୍ୟକ୍ଷ ପଦ ନିମିତ୍ତ ଜଣେ ଇଂରାଜ ବିଲାତରୁ ଆସିଅଛନ୍ତି । ସାହିତ୍ୟ, ଇତିହାସ, ଅର୍ଥଶାସ୍ତ୍ର, ନ୍ୟାୟ, ଦର୍ଶନ, ଅଙ୍କ, ସଂସ୍କୃତ ଏବଂ ପାର୍ସିର ଅଧ୍ୟାପକମାନେ ନିଯୁକ୍ତ ହେବେ । ସକଳବ୍ୟୟ ଆପେ ବହନ କରି ଉଚ୍ଚବିଦ୍ୟାଳୟ ବସାଇବା ମହାରାଜାଙ୍କର ଯୋଗ୍ୟକାର୍ଯ୍ୟ ଅଟଇ ଏବଂ ଦେଶୀୟରାଜ୍ୟରେ ଉଚ୍ଚଶିକ୍ଷାର ଏପରି ଉଦ୍ୟମ ବିଶେଷ ପ୍ରଶଂସନୀୟ ଅଟେ ।

---

କଲିକତାବାସୀ ବାବୁ ରାମମୋହନ ମଲ୍ଲିକ ପ୍ରାୟ ଦ ୩୦ ବର୍ଷ ହେଲା ଦ ୩୨ ହଜାର ଟଙ୍କା

Digitized by srujanika@gmail.com

ବ୍ୟୟ କରି ପୁରୀର ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ସ୍ନେହଘର ନିର୍ମାଣ କରି ଦେଇଥିଲେ । ବର୍ତ୍ତମାନ ସେ ସ୍ୱର୍ଗରେ ଅଛନ୍ତି । ତାହାଙ୍କର ପୁତ୍ରଦ୍ୱୟ ବାବୁ ପ୍ରେମନାଥ ମଲ୍ଲିକ ଏବଂ ଭୋଳାନାଥ ମଲ୍ଲିକ ଶୁଣି ବଡ଼ଦେଉଳର ଜୀର୍ଣ୍ଣସଂସ୍କାର ଆବଶ୍ୟକ ହୋଇ ଥିବାର ଅବଗତ ହୋଇ ମନ୍ଦିରର ଏହିଅଂଶ ମରାମତ କରିବାକୁ ପ୍ରସ୍ତୁତ ହୋଇ ଅଛନ୍ତି ଏବଂ ତହିଁପାଇଁ ଅଠଲକ୍ଷ ଟଙ୍କା ଉତ୍ସର୍ଗ କରି ଅଛନ୍ତି । ଏମାନେ ଯଥାର୍ଥ ସତ୍‌ପୁତ୍ର ଏବଂ ଏମାନଙ୍କର ଦାନ ଅତି ପ୍ରଶଂସନୀୟ । ଏପରି ବଦାନ୍ୟ ବଡ଼ଲୋକ ଦଶ ପନର ବାହାରିଲେ ମନ୍ଦିର ସଂସ୍କାର ସକାଶେ ଚିନ୍ତା କରିବାକୁ ହେବ ନାହିଁ । ଏ ମହାଶୟମାନେ ହିନ୍ଦୁସମାଜର ଗୌରବ ଅଟନ୍ତି ।

---

ଖଣ୍ଡପଡ଼ାରେ ଗୋଟାଏ ଗୋଳମାଳ ଉପସ୍ଥିତ ହୋଇଅଛି । କଥିତ ହୁଅଇ ଯେ କେତେଜଣ ପଲ୍‌ଟଣୀୟା ସାହେବ କଲିକତା ଯିବାପାଇଁ ନୌକାଯୋଗେ ସମ୍ବଲପୁରରୁ ବାହାରି ବାଟରେ ସିକାର ଖେଳି ୨ ଖଣ୍ଡପଡ଼ାରେ ପହୁଞ୍ଚିଲେ । ସେଠାରେ ଛପଟ ଗୋଳି ବାଜିଗଲା । କପାଳକୁ ଲାଗି ଏ ଦୁର୍ଘଟନା ହେବାରୁ ତାହାର ପ୍ରାଣପ୍ରତି ଆଶ୍ୱ ଅସି ନାହିଁ । ମାତ୍ର ସାହେବମାନଙ୍କ ବନ୍ଧୁକ ଓ ଦ୍ରବ୍ୟାଦି ସେଠା ଲୋକମାନେ ଲୁଟି ନେଲେ ଓ ସାହେବମାନେ ନିରୁପାୟ ହୋଇ କଟକବାଟେ କଲିକତାକୁ ଯାଇ ସେଠାରେ ଗବର୍ଣ୍ଣମେଣ୍ଟଙ୍କଠାରେ ସବୁ ଜଣାଇବାରୁ ଅନୁସନ୍ଧାନନିମନ୍ତେ ଆଦେଶ ଅଇଲା । ବାବୁ ନନ୍ଦକିଶୋର ଦାସ ରାଏବାହାଦୁର ଅତିରିକ୍ତ ଡେପୁଟିକମିଶନରଙ୍କପ୍ରତି ଅନୁସନ୍ଧାନର ଭାର ଅର୍ପିତ ହୋଇଅଛି ଓ ଶୁଣିବାରେ କେତେକ ଦ୍ରବ୍ୟ ଲୋକଙ୍କଠାରୁ ପୁଲିସ ପ୍ରାପ୍ତ ହୋଇଅଛନ୍ତି । ପ୍ରକୃତ କଥା ନିକଟରେ ଜଣାପଡ଼ିବ ।

---

ପୁରୀର ସ୍ୱାସ୍ଥ୍ୟବିଷୟ ଅନୁସନ୍ଧାନ କରିବା କାରଣ ଗବର୍ଣ୍ଣମେଣ୍ଟଙ୍କ ଠାରେ କେଉଁ କମିଟୀ ପ୍ରାର୍ଥନା କରିଅଛି ତାହା ଠିକ ଜାଣି ନ ପାରିବାରୁ ଗତ ସପ୍ତାହରେ ଆମ୍ଭେମାନେ ଲେଖିଥିଲୁଁ । ବର୍ତ୍ତମାନ ହିନ୍ଦୁପେଟ୍ରିଅଟରେ ଉକ୍ତ ଆବେଦନପତ୍ରର ପ୍ରତିଲିପି ଦେଖିବାରୁ ଜଣାଗଲା ଯେ କଲିକତାରେ ପୁରୀମନ୍ଦିର ସଂସ୍କାରପାଇଁନିମନ୍ତେ ଯେଉଁ କମିଟୀ ବସିଅଛି ସେହି କମିଟୀର ସମ୍ପାଦକମାନେ ଅର୍ଥାତ୍ ବାବୁ ନନ୍ଦକୁମାର ସର୍ବାଧିକାରୀ ଏବଂ ବାବୁ ମଧୁସୂଦନ ଦତ୍ତ ଏହି ଦସ୍ତଖତ ଯୋଗେ ଅଛନ୍ତି । ସେହି ଦରଖାସ୍ତ ଲିଖିତ ଉକ୍ତ କମିଟୀ ପ୍ରାର୍ଥନାମଧ୍ୟରୁ ଏଥିମଧ୍ୟରେ ଜଳନିକାଶି ନାଳସମ୍ପର୍କରେ ଗୋଟିଏ ପ୍ରସ୍ତାବ ବଙ୍ଗୀୟଗବର୍ଣ୍ଣମେଣ୍ଟ ମଞ୍ଜୁର କରିଥିବାରୁ ବର୍ତ୍ତମାନ ଅନ୍ୟ କିଛି କରିବାର ନାହିଁ । ପାନୀୟଜଳ ଯୋଗାଇବା ବିଷୟରେ ଶ୍ରୀଯୁକ୍ତ ମେକେଞ୍ଜି ସାହେବଙ୍କ ପ୍ରସ୍ତାବ ଗବର୍ଣ୍ଣମେଣ୍ଟଙ୍କ ବିବେଚନାଧୀନରେ ଅଛି । କସାଘରସମ୍ବନ୍ଧରେ ଏହି ଦରଖାସ୍ତରେ ବିଶେଷ କିଛି କଥା ନାହିଁ । ଏପରି ଅବସ୍ଥାରେ ଏ ଦରଖାସ୍ତରେ ବିଶେଷ କିଛି ଫଳ ହେବାର ଆଶା ହେଉ ନାହିଁ ।

---

ବଙ୍ଗବାସୀ ସମ୍ପାଦକ ନାମରେ ବାବୁ ଦ୍ୱାରକାନାଥ ଗାଙ୍ଗୁଲି କଲିକତାର ପୁଲିସଅଦାଲତରେ ଯେଉଁ ମାନହାନିର ନାଲିସ କରି ଥିଲେ ତାହା ନିଷ୍ପତ୍ତି ହୋଇଅଛି । ଏ ମୋକଦ୍ଦମାରେ ଆସାମୀ ଜ ୪ ଣ ହୋଇ ଥିଲେ ସେମାନେ ଦୋଷୀ ସାବ୍ୟସ୍ତ ହେବାରୁ ବଙ୍ଗବାସୀର ସ୍ୱତ୍ୱାଧିକାରୀ ବାବୁ ମହେଶଚନ୍ଦ୍ର ପାଲର ମା ୬ ସ ଅଶ୍ରମ କାରାବାସ ଓ ଟ ୧୦୦୦ଙ୍କା ଜରିମାନା, ପ୍ରକାଶକର ତିନମାସ ଅଶ୍ରମ କାରାବାସ ଏବଂ ମୁଦ୍ରାକରର ଟ ୨୦୦ଙ୍କା ଅର୍ଥଦଣ୍ଡ ହୋଇଅଛି । ବାବୁ ଦ୍ୱାରକାନାଥ ଗାଙ୍ଗୁଲି ଡାକ୍ତର କାଦମ୍ବିନୀ ବସୁର ସ୍ୱାମୀ ଅଟନ୍ତି । ଉକ୍ତ ପତ୍ରିକାର ଯେଉଁ ପ୍ରବନ୍ଧ ଯୋଗେ ମୋକଦ୍ଦମା ଉପସ୍ଥିତ ହୋଇ ଥିଲା ତହିଁର ଭାବ ଏହିପରି ଥିଲା କି ଗାଙ୍ଗୁଲି ବାବୁ ଆପଣା ସ୍ତ୍ରୀର ଗୋଲାମ ଓ ସେ ସ୍ତ୍ରୀ ନିତାନ୍ତ ଦୁଷ୍ଟରିତ୍ରା ଅଥଚ ଗାଙ୍ଗୁଲି ବାବୁ କିମ୍ବା କାଦମ୍ବିନୀ ଦାସିଙ୍କ ନାମ ସେ ପ୍ରବନ୍ଧରେ ଲେଖା ନ ଥିଲା । ଯାହା ହେଉ ବଙ୍ଗବାସୀ ପ୍ରଥମରୁ କ୍ଷମା ପ୍ରାର୍ଥନା କରି ଥିବା ପ୍ରତ୍ୟକ୍ଷେ ଏ ଦଣ୍ଡଟା କିଛି ଅଧିକ ହୋଇଅଛି । କେବଳ ଅର୍ଥଦଣ୍ଡରେ କି ଆଇନର ମର୍ଯ୍ୟାଦା ରକ୍ଷା ହୁଅନ୍ତା ନାହିଁ ?

---

ପୁରୀର ଶ୍ରୀ ଜଗନ୍ନାଥ ଜିଉଙ୍କ ମନ୍ଦିର ସଂସ୍କାର ନିମିତ୍ତ ଚାନ୍ଦା ସଂଗ୍ରହାର୍ଥେ କଟକରେ ଯେଉଁ କମିଟୀ ବସିଅଛି ତହିଁର ଜଣେ ସମ୍ପାଦକ ଓ କୋଷାଧ୍ୟକ୍ଷ ବାବୁ ଦୁର୍ଗାବଲ୍ଲଭ ବସୁଙ୍କର ସ୍ୱାକ୍ଷରିତ ବିଜ୍ଞାପନ ଗତସପ୍ତାହର ବଙ୍ଗବାସୀରେ ଦେଖିଲୁଁ ଉକ୍ତ ବିଜ୍ଞାପନର ତାରିଖ ତା ୧୦ ଇଣ ଜୁଲାଇ ସନ ୧୮୯୧ ଅଟଇ । ତହିଁରେ ଲେଖାଅଛି କି ଏଥିପୂର୍ବେ ପ୍ରକାଶିତ ହେବାର ସମଷ୍ଟି ଟ ୧୨୭୯୮ ୫୷୧୦ ହୋଇଥିଲା । ସମ୍ପ୍ରତି ଯଶୋରର ମୁକ୍ତାରଖାନାର ଚାନ୍ଦା ଟ ୬୯୮, ଛତ୍ରା ଜାଲିଆନବାସୀ ପାଣ୍ଡେ ରାମସ୍ମରଣ ଲାଲଙ୍କ ପ୍ରେରିତ ଟ ୧୬୷ ଏବଂ କେନ୍ଦ୍ରାପଡ଼ାଶାଖା କମିଟୀର ଉଦ୍ୟମରେ ସ୍ୱାକ୍ଷରିତ ଚାନ୍ଦା ଟ ୨୪୦୷ ଯୋଗହେବାରୁ ଉକ୍ତ ତାରିଖପର୍ଯ୍ୟନ୍ତ ମୋଟ ଟ ୧୫୪୭୭୷୧୦ ଚାନ୍ଦା ହୋଇଥିଲା । ଏଥିରୁ ପାଠକମାନେ ଦେଖିବେ ଯେ ଏ ନଗରର କମିଟୀ ଚାନ୍ଦାସଂଗ୍ରହ ବିଷୟରେ ଯତ୍ନବାନ୍ ଅଛନ୍ତି । ମାତ୍ର ବଙ୍ଗବାସୀ ହିନ୍ଦୁର ସମ୍ବାଦପତ୍ର ବୋଲି ଗର୍ବିତ ହୋଇ ଥିବା ପ୍ରତ୍ୟକ୍ଷେ ପୁରୀମନ୍ଦିରର ଚାନ୍ଦାସଂଗ୍ରହବାର୍ତ୍ତାକୁ ସମ୍ବାଦକୀୟ ସ୍ତମ୍ଭମଧ୍ୟରେ ନ ଦେଇ ବିଜ୍ଞାପନପୃଷ୍ଠାର ଏକ କୋଣରେ ପକାଇ ଦେଇଥିବାରୁ ବୋଧ ହୁଅଇ ଅନେକଙ୍କର ଦୃଷ୍ଟିପଥରେ ଆସିନାହିଁ ଏବଂ ସେହିହେତୁ ଚାନ୍ଦାସଂଗ୍ରହ ହେଉଅଛି ବୋଲି ଅନେକଙ୍କୁ ଜଣା ନାହିଁ । ଆମ୍ଭେମାନେ ଏ ସପ୍ତାହରେ ବାବୁ ଦୁର୍ଗାବଲ୍ଲଭ ବସୁଙ୍କଠାରୁ ଏକ ତାଲିକା ପାଇଅଛୁଁ । ଆଗାମୀ ସପ୍ତାହରେ ପ୍ରକାଶ କରିବୁଁ । ଏପର୍ଯ୍ୟନ୍ତ ମୋଟ ଟ ୧୮୬୦୨୷୧ ହୋଇଅଛି ।

---

ଗତ ମାସ ତା ୧୭ ରଖ ବାହୁଡ଼ା ଏକାଦଶୀ ଶୁକ୍ରବାର ଦିନ । ର । ଖୋରଧା । ବାଣ୍ଡିମାଳକଷ୍ଟା ସବଡିଭିଜନର ହାଟରୁ କପିଳେଶ୍ୱର ନିବାସୀ ଗେନ ନିଧି ସାହୁ ଓ ତାହାର ଭାଇ ଏବଂ ଗୃହସ୍ଥ ବିକାଳଣା ସାହୁ (ଯୂତା ବେପାର କରନ୍ତି) ସଡ଼କ ହୁଲପଡ଼ି ଭିତରେ ଲେଉଟି ଘରକୁ ଗଲାବେଳକୁ ସେହି ନିକଟ ବାହାଦଲପୁର ଗସ୍ତିରକୋଳରେ କେତେକ ବ୍ୟକ୍ତି ବାଟ ଅଟକାଇ (ଚିହ୍ନା ନ ପଡ଼ିବା ହେତୁ) ଏକ ୨ ଠେଙ୍ଗା ଘେନି ଅସି ପହୁଞ୍ଚ ଅଙ୍ଗରେ ସାଜିଲାକ ଏକଠେଙ୍ଗା ଦିଅନ୍ତେ ତାହା କାନମୂଳରେ ବାଜି ବାଳକୁ ନେଇ ଛିଡ଼ପଡ଼ିଲା ସେହିମାତ୍ରକେ ସେ ଆପଣାଠାରେ ଥିବା ଗଣ୍ଠିର ଫୋପାଡ଼ି ଦେଇ ପଳାଇବାରୁ ପଛରୁ ଆକ୍ରମଣ କରି ଏକଠେଙ୍ଗା ଦିଅନ୍ତେ ସେ ଗଡ଼ିପଡ଼ିଲା । ପଛେ ମାଳିକ ନିଧିସାହୁ ଅସି ପହଞ୍ଚନ୍ତେ ତାକୁ ଏପରି ସମ୍ଭାବିନା କଲେ ଯେ ସେ ଅଜ୍ଞାନ ହୋଇ ପଡ଼ିଗଲା । ତାହାଠାରୁ ସୋହରିଅମାଳ ରେଳସ୍ତମ୍ଭ ଅଳଙ୍କାର ଏବଂ ନକାଢ଼ିକଉଡ଼ି-

Split by PDF Splitter
Digitized by srujanika@gmail.com

Split by PDF Splitter



ଭୁଜୁଲା କାଢ଼ି ନେଇ ଛାତ୍ରୁ ପଙ୍କରେ ଦରପୋଡା କରି ପକାଇ ଦେଇ ଚାଲିଗଲେ । କେତେକବେଳ ପରେ ତାହାର ଚେତନ ହେବାରୁ କିମ୍ବକଷ୍ଟରେ ଆସି ସେ ଘରଠାରେ ପହୁଞ୍ଚିଲା । ଆଜଯାଏ ହୁଇଗ୍ଲି ଶଯ୍ୟାଗତ । ଡକାଇତଙ୍କ ମଧ୍ୟରୁ କେତେକ ବ୍ୟକ୍ତି ଧରା ପଡ଼ିଥିବାର ଶୁଣା ଯାଏ ।

ଏହିପରି ସମ୍ପ୍ରତିସମୟରେ ଉତ୍ପାତ ସେହି ଖଣ୍ଡରେ ଘଟୁଅଛି । କେତେକଦିନ ପୂର୍ବେ ବାହାଦଲପୁର ଶିବସାହୁ ତେଳ ଘରେ ପଶି ଗୃହସ୍ୱାମିଙ୍କ ବାକ୍ସଟା ସବୁ ନେଇଯାଇଥିଲେ ଆଉ କେତେକ ସ୍ଥାନରେ ମଧ୍ୟ ଘଟିଥିଲା । ପୁଲିସ ଜାଗ୍ରତ ନ ହେଲେ ଏପରି ଅତ୍ୟାଚାର ନିବର୍ତ୍ତିବ ନାହିଁ ।

---

ଯାଜପୁରର ଜଣେ ସମ୍ବାଦଦାତା ଲେଖିଅଛନ୍ତି ଯେ ସରକାରବାହାଦୁର ଜଗନ୍ନାଥସଡ଼କସ୍ଥିତ ଚଟିଘରମାନଙ୍କରେ ଲଜିଂହାଉସ ଆକ୍ଟ ଅର୍ଥାତ୍ ବସାଘରଆଇନ ଜାରି କରିବାରୁ ଯାତ୍ରିମାନଙ୍କର ଭାରି କଷ୍ଟ ହୋଇଅଛି । ମୁନ୍ଦମାନେ ଯାତ୍ରିଙ୍କୁ ଘର ନ ଦେବାରୁ ସେମାନେ ସଡ଼କ ଉପରେ ଦିନରେ ସୂର୍ଯ୍ୟ କିରଣ ଓ ରାତ୍ରରେ ଜାକର ଭୋଗ କରୁଅଛନ୍ତି । ଏଥିରେ ସେମାନଙ୍କର ସ୍ୱାସ୍ଥ୍ୟଭଙ୍ଗ ହୋଇ ପୀଡ଼ାର ପ୍ରାଦୁର୍ଭାବ ହେବ ଏବଂ ସେତେବେଳେ ଯେତେ ଡାକ୍ତର ପଠାଇଲେ ମଧ୍ୟ ଉପକାର ହେବ ନାହିଁ । ସରକାର ଏବଂ ମୁନ୍ଦମାନଙ୍କର ବିବାଦରେ ଯାତ୍ରିଙ୍କର ଏ ଦୁର୍ଦ୍ଦଶା ଘଟିଅଛି ଏବଂ ଏ ବିଷୟ ଅଦ୍ୟାପି କୌଣସି ସମ୍ବାଦପତ୍ରରେ ବାହାର ନ ଥିବାରୁ ପତ୍ରପ୍ରେରକ ଆଶ୍ଚର୍ଯ୍ୟ ହୋଇଅଛନ୍ତି । ଅବଶ୍ୟ ଆଶ୍ଚର୍ଯ୍ୟ ହେବାର କଥା କିନ୍ତୁ ତହିଁ ସଙ୍ଗେ ଓଡ଼ିଶା ସମ୍ବାଦପତ୍ରର ଅବସ୍ଥା ପ୍ରତି ଟିକିଏ ଦୃଷ୍ଟି ରଖିବାର ଆବଶ୍ୟକ । ଓଡ଼ିଶାର କୌଣସି ସମ୍ବାଦପତ୍ରର ଏପରି ଅର୍ଥବଳ ନାହିଁ ଯେ ଉପଯୁକ୍ତ ପୁରସ୍କାର ପ୍ରଦାନ ପୂର୍ବକ ଯୋଗ୍ୟ ଲୋକ ନିଯୁକ୍ତ କରି ନାନାସ୍ଥାନର ସମ୍ବାଦମାନ ସଂଗ୍ରହ କରି ପାଠକମାନଙ୍କୁ ଉପହାର ଦେବେ । ଏପର୍ଯ୍ୟନ୍ତ ଯେଉଁମାନେ ସ୍ୱଦେଶାନୁରାଗର ବଶବର୍ତ୍ତୀ ହୋଇ ନିଃସ୍ୱାର୍ଥଭାବରେ କୌଣସି ସାଧାରଣ ଅନୁଷ୍ଠାନ କାରଣ କିମ୍ବା ସାଧାରଣ ହିତୋଦ୍ଦେଶ ନିମନ୍ତେ ଶ୍ରମ ସ୍ୱୀକାର, ଲେଖନୀ ଧାରଣ କରି ଏବଂ ଡାକମାସୁଲ ହାତରୁ ଖର୍ଚ୍ଚ କରୁଅଛନ୍ତି କେବଳ ସେହିମାନଙ୍କ ସାହାଯ୍ୟ ଉପରେ ସମ୍ବାଦପତ୍ରମାନ ନିର୍ଭର କରୁ ଅଛି । ଏପରି ଲୋକଙ୍କ ସଂଖ୍ୟା ଓଡ଼ିଶାରେ ଅତ୍ୟନ୍ତ ଊଣା ଏବଂ ତହିଁ ମଧ୍ୟରୁ ସୁଦ୍ଧା କେହି୨ ଏକ୨ ସମୟରେ ପ୍ରୟୋଜନୀୟ ସମସ୍ତ କଥା ନ ଲେଖିବାରୁ ତାହା ପ୍ରକାଶ କରିବାର ସୁବିଧା ହୁଅଇ ନାହିଁ । ଉପସ୍ଥିତ ସ୍ଥଳରେ କି କାରଣରୁ ସରକାର ଓ ମୁନ୍ଦଙ୍କର ବିବାଦ ହୋଇଅଛି ଅଥବା ଯାତ୍ରିମାନଙ୍କୁ ମୁନ୍ଦମାନେ ରଖୁ ନାହାନ୍ତି ଏବଂ ଆଇନର କେଉଁ ନିୟମମାନ ଅତ୍ୟନ୍ତ ଅନିଷ୍ଟକର ହୋଇଅଛି ପତ୍ରପ୍ରେରକ ତାହାସବୁ କିଛି ନ ଲେଖି କେବଳ ଯାତ୍ରିଙ୍କର କଷ୍ଟ ହେଉ ଥିବାର କହି ଅଛନ୍ତି । କିନ୍ତୁ ପୀଡ଼ାର କାରଣ ନ ଜାଣିଲେ ଔଷଧର ବ୍ୟବସ୍ଥା କରିବା ଅସମ୍ଭବ ଓ ଅନୁମାନିକ ପ୍ରୟୋଗରେ ଫଳର ପ୍ରତ୍ୟାଶା ନାହିଁ । ପତ୍ରପ୍ରେରକଙ୍କ ତ୍ରୁଟି ଦେଖାଇବା ଅଭିପ୍ରାୟରେ ଆମ୍ଭେମାନେ ଏକଥା ଲେଖି ନାହୁଁ ପ୍ରକୃତରେ ଶ୍ରଦ୍ଧାରେ ଯେ ଯେତେ ସାହାଯ୍ୟ କରୁ ଅଛନ୍ତି ତହିଁ ପାଇଁ ଆମ୍ଭେମାନେ ଅତ୍ୟନ୍ତ କୃତଜ୍ଞ ଅଟୁଁ କେବଳ ଆମ୍ଭମାନଙ୍କର ତ୍ରୁଟିର ହେତୁ ଦର୍ଶାଇବା ଆମ୍ଭମାନଙ୍କର ଅଭିପ୍ରାୟ ଅଟଇ ।

---

## ମାନ୍ଦ୍ରାଜ-ଓଡ଼ିୟା ଶିକ୍ଷାସମାଜ ।

ଉପର ଲିଖିତ ନାମରେ ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ପାରଲାଖେମଣ୍ଡିରେ ଗୋଟିଏ ସମାଜ ସ୍ଥାପିତ ହୋଇ ଅଛି ଏବଂ ତହିଁର ପ୍ରଥମ ଅଧିବେଶନର ବିବରଣ ଆମ୍ଭେ ପ୍ରାପ୍ତ ହୋଇଥିବାରୁ ତହିଁର ସାରମର୍ମ ଏଠାରେ ପ୍ରକାଶ କଲୁଁ ।

ଏହି ଅଧିବେଶନ ଗତ ମଇ ମାସ ତା ୨୨ରିଖରେ ଶ୍ରୀମାନ୍ ଜଗନ୍ନାଥସ୍ୱାମିଙ୍କ ମନ୍ଦିରରେ ହୋଇଥିଲା ଏବଂ ସ୍ଥାନୀୟ ଉତ୍କଳ ଓ ତେଲିଙ୍ଗି ଭଦ୍ରଲୋକମାନେ ଉପସ୍ଥିତ ଥିଲେ । ମାନ୍ଦ୍ରାଜପ୍ରଦେଶବାସୀ ଓଡ଼ିୟାଙ୍କ ଶିକ୍ଷାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ଥିବାରୁ ତହିଁର ପ୍ରତୀକାର ଉପାୟ ସ୍ଥିର କରିବା ଏ ସଭାର ଉଦ୍ଦେଶ୍ୟ ଥିଲା । ଶ୍ରୀଯୁକ୍ତ ବ, କେ, ଦ୍ୱୈପାୟନ ରାଓ କ ସେ କେନାରସମାଜ ଭୁକ୍ତ ହେଲେ ହେଁ ଉତ୍କଳୀୟଙ୍କର ଜଣେ ହିତାକାଙ୍କ୍ଷୀ ଅଟନ୍ତି । ଏ ସଭାର ସଭାପତି ପଦରେ ବରିତ ହୋଇ କାର୍ଯ୍ୟାରମ୍ଭ କଲେ ଏବଂ ମାନ୍ଦ୍ରାଜ ପ୍ରଦେଶସ୍ଥ ଉତ୍କଳୀୟଙ୍କର ଶିକ୍ଷାର ଶୋଚନୀୟ ଅବସ୍ଥା ବିଶଦରୂପେ ବୁଝାଇ ଦେଲେ । ତହିଁ ଉତ୍ତାରୁ ବାବୁ ଅପନାପଣ୍ଡା ଓ ବାବୁ ନରସିଂହ ନାୟକ ଏହି ବିଷୟରେ ଉତ୍ତମ ବକ୍ତୃତାମାନ ପ୍ରଦାନ କଲାରୁ ନିମ୍ନଲିଖିତ ବିଷୟମାନ ଧାର୍ଯ୍ୟ ହେଲା । ଯଥା;

୧ । ମାନ୍ଦ୍ରାଜ-ଓଡ଼ିୟା ଶିକ୍ଷାସମାଜ ନାମରେ ଗୋଟିଏ ସଭା ସ୍ଥାପିତ ହେବ ଏବଂ ଅପାତତଃ ବାବୁ ରାଧାଚରଣ ଅଧିକାରୀ ବାବୁ ଗୌରଚନ୍ଦ୍ର ପାଣ୍ଡି ବାବୁ ଶ୍ୟାମସୁନ୍ଦର ରାଜଗୁରୁ ବାବୁ ଅପନା ପଣ୍ଡା ବାବୁ ନୀଳମଣି ପରିଛା ବାବୁ ନରସିଂହନାୟକ ବାବୁ ଗଦାଧରପାଣ୍ଡ ଶ୍ରୀଯୁକ୍ତ ନରସିମ ଲୁ ନାଏଡୁଗାରୁ ଶ୍ରୀଯୁକ୍ତ କେ ଗୋକନରାଓ ନାଏଡୁ ଗାରୁ ଏବଂ ଶ୍ରୀଯୁକ୍ତ ବ କେ, ଦ୍ୱୈପାୟନ ରାଓ ଏଥିର ସଭ୍ୟ ହେବେ ।

୨ । ଓଡ଼ିୟାପିଲାଙ୍କର ସ୍କୁଲରେ ପଢ଼ିବାର ବ୍ୟୟ ନିର୍ବାହାର୍ଥ ଅର୍ଥ ସଂଗୃହୀତ ହେବ ଏବଂ ତହିଁର ନାମ " ମାନ୍ଦ୍ରାଜ-ଓଡ଼ିୟାଶିକ୍ଷା ଫଣ୍ଡ " ରଖା ଯିବ ।

୩ । ଗଞ୍ଜାମଜିଲ୍ଲାର ବରହମପୁର ନଗରରେ ସନ ୧୮୯୨ ସାଲ ଜାନୁଏରୀ ବା ମଇମାସରେ ଓଡ଼ିୟାଶିକ୍ଷାସମିତିର ପ୍ରଥମ ଅଧିବେଶନ ହେବ ଏବଂ ଏଥି ମଧ୍ୟରେ ଯେ କିଛି ଅର୍ଥ ସଂଗୃହୀତ ହୋଇଥିବ ସେହି ସମିତିରୁ ପ୍ରଦତ୍ତ ହେବ ।

ଏଥି ଉତ୍ତାରୁ ଗତ ମଇ ମାସ ତା ୨୬ ରିଖରେ ଏ ସଭାର ଏକ ଅଧିବେଶନ ହୋଇ ସଭାର ନିୟମାବଳୀ ସ୍ଥିର ହେଲା ଏବଂ ଶ୍ରୀଯୁକ୍ତ ବ, କେ, ଦ୍ୱୈପାୟନ ରାଓ ସମ୍ପାଦକ ପଦରେ ମନୋନୀତ ହେଲେ । ଏ ସଭା ମାସରେ ଥରେଲେଖାଏଁ ବସିବାର ନିୟମ ହୋଇଅଛି ।

ସଭାର ଉଦ୍ଦେଶ୍ୟ ମହତ୍ ଏବଂ ସେବା ଓ ଦାନ ପ୍ରଭୃତି ଦ୍ୱାରା ଅର୍ଥ ସଂଗ୍ରହ କରି ଦରିଦ୍ର ଓଡ଼ିୟାପିଲାଙ୍କୁ ସ୍କୁଲରେ ପଢ଼ିବା ବିଷୟରେ ସାହାଯ୍ୟ କରିବାର କଳ୍ପନାଟି କାର୍ଯ୍ୟକର ଓ ଉତ୍ତମ ଅଟଇ । ବାସ୍ତବରେ ଦକ୍ଷିଣ ପ୍ରଦେଶର ଓଡ଼ିୟାମାନେ ନିତାନ୍ତ ଗରିବ ଓ ନିଃସାହାଯ୍ୟରେ ସେମାନଙ୍କର ଉନ୍ନତି ହେବା ଏକପ୍ରକାର ଅସମ୍ଭବ ଅଟଇ । ଆମ୍ଭେମାନେ ଆଶା କରୁଁ ଯେ ଏ ସଭା ଦୀର୍ଘକାଳ ସ୍ଥାୟୀ ହୋଇ ଏହି ହିତକରବ୍ରତ ପାଳନରେ ଯଥୋଚିତ ଚେଷ୍ଟା ଓ ଅଧ୍ୟବସାୟ ପ୍ରଦର୍ଶନ କରିବେ ।

---

## ବଦାନ୍ୟଶ୍ରେଣୀ ।

ଏଠାରେ ବଳଙ୍ଗା କଲେଜିଏଟ ସ୍କୁଲର ଭୂତପୂର୍ବ ପ୍ରଧାନ ଶିକ୍ଷକ ବାବୁ ରାମଦାସ ଚକ୍ରବର୍ତ୍ତିଙ୍କ ବଦଳରେ ଏଠା ଲୋକଙ୍କ ସ୍ନେହର ଶ୍ରୀବ

Digitized by srujanika@gmail.com

Split by PDF Splitter



ହୋଇଅଛି ତାହା ଗତ ସପ୍ତାହରେ ପାଠକମାନଙ୍କୁ ଜଣାଇ ଅଛୁଁ । ଅନୁମତି ନ ପାଇବାରୁ ଛାତ୍ରମାନେ ତାହାଙ୍କୁ ଅଭିନନ୍ଦନ ପତ୍ର ପ୍ରଦାନ ପୂର୍ବକ କୃତଜ୍ଞତା ଜଣାଇ ପାରିଲେ ନାହିଁ ଏବଂ ଗ୍ରାଡୁଏଟ ସଭା ଗତ ଶନିବାର ସନ୍ଧ୍ୟାସମୟରେ ତାହାଙ୍କ ଭେଟିବା ନିମନ୍ତେ ସମସ୍ତ ଆୟୋଜନ କରି ତାହାଙ୍କ ପୀଡ଼ାହେତୁ ବିଫଳ କାମ ହେଲେ । ଏଣେ ତାହାଙ୍କ ପ୍ରୀତିଭାଜନ ବନ୍ଧୁମାନେ ମନ ଫିଟାଇ ଆପଣାର ସ୍ନେହ ଓ ସମାଦର ଦେଖାଇବା ବିନା ତାହାଙ୍କୁ ଛାଡ଼ି ଦେବାକୁ ସମ୍ମତ ହେଲେ ନାହିଁ । ଏଥି ପାଇଁ ତାହାଙ୍କର ବର୍ତ୍ତମାନ ଓ ପୂର୍ବ ଛାତ୍ରରୂପ ବନ୍ଧୁ ଏବଂ ନଗରବାସୀ ଅପର ବନ୍ଧୁମାନେ ଏକତ୍ରିତ ହୋଇ ଗୋଟିଏ ବିଦାୟଭୋଜ ଦେବାକୁ ସ୍ଥିର କଲେ ଏବଂ ତାହା ଗତ ମଙ୍ଗଳବାର ସନ୍ଧ୍ୟାରେ ବାଲୁବଜାରସ୍ଥ ମିରଜାଫର ଅଲି ନାମକ କୋଠାରେ ହୋଇ ଥିଲା । ବାବୁ ଜଗମୋହନ ରାୟ ଆୟୋଜନର ଭାର ଗ୍ରହଣ କରି ଦେଶୀପ୍ରଣାଳୀରେ ପୁରି ମିଠାଇ ଇତ୍ୟାଦି ସାମଗ୍ରୀମାନ ପ୍ରସ୍ତୁତ କରାଇଲେ ଏବଂ ସନ୍ଧ୍ୟାଉତ୍ତାରୁ ବନ୍ଧୁମାନେ ଏକତ୍ରିତ ହୋଇ ଆପଣାମଧ୍ୟରେ ଗୀତବାଦ୍ୟ ଇତ୍ୟାଦି ଆମୋଦପ୍ରମୋଦରେ ମଗ୍ନ ହେଲେ । ରାମଦାସ ବାବୁ ଆସିବେ ଆସିବେ ବୋଲି ସମସ୍ତେ ଚାହିଁ ବସି ଥିଲେ ଏଥିମଧ୍ୟରେ ସ୍ପଷ୍ଟ ହେଲା ଯେ କଲେଜର ପ୍ରିନସିପଲ ତାହାଙ୍କୁ ନିଷେଧ କରିବାରୁ ସେ ଏଭୋଜରେ ଯୋଗ ଦେବେ ନାହିଁ କାରଣ ସରକାରୀ କର୍ମଚାରୀଙ୍କ ପ୍ରତି ଆଦେଶ ଅଛି ଯେ ସେମାନେ ସର୍ବସାଧାରଣଙ୍କ ଠାରୁ କୌଣସି ସମାଦର ଗ୍ରହଣ କରିବେ ନାହିଁ । ଏଥିରେ ହର୍ଷବିଷାଦ ହେଲା ଏବଂ ସମସ୍ତେ ଏହି ଆନ୍ଦୋଳନରେ ରହିଲେ ରାତ୍ରି ଦଶଘଣ୍ଟା ବାଜି ଯିବାରୁ ଅଳ୍ପବୟସ୍କ ଛାତ୍ରମାନଙ୍କୁ ଭୋଜନରେ ବସାଇ ଦିଆଗଲା । ଏମନ୍ତ ସମୟରେ ବାବୁ ମଧୁସୂଦନ ଦାସ ରାମଦାସ ବାବୁଙ୍କ ସଙ୍ଗେ ସେଠି ଉପସ୍ଥିତ ହେବାରୁ ହତାଶମନ ପୁନର୍ଜୀବିତ ହେଲା ଓ ପିଲାଠାରୁ ବୃଦ୍ଧପର୍ଯ୍ୟନ୍ତ ପ୍ରାୟ ଶହେ ଲୋକ କରତାଳି ପ୍ରଦାନ ପୂର୍ବକ ଉଚ୍ଚସ୍ୱରରେ ପୁନଃ ପୁନଃ ଆନନ୍ଦଧ୍ୱନି ଉଠାଇ ଗଗନ ଫଟାଇ ଦେଲେ । ଏକାଳର ଆନନ୍ଦଲହରୀ ଯେ ଦେଖି ଅଛି ସେ ଜୀବ ଥିବା ଯାଏ ପାସୋରିବ ନାହିଁ । ବନ୍ଧୁମିଳନର ଏମନ୍ତ ମନୋହର ଛବି ଆମ୍ଭେମାନେ ଆଉ କେବେ ଦେଖି ନାହୁଁ । ରାମଦାସ ବାବୁ ସମସ୍ତଙ୍କୁ ସାକ୍ଷାତ ଦେଇ ପାଞ୍ଚ ମିନିଟ ମଧ୍ୟରେ ବାହାରି ଗଲେ ଓ ତହିଁ ଉତ୍ତାରୁ ଅନ୍ୟ ସମସ୍ତେ ଭୋଜନ ସମାପନ କରି ଏଦିନର କାର୍ଯ୍ୟ ସମାପ୍ତ କଲେ ।

କଲେଜର ପ୍ରିନସିପଲଙ୍କର ବ୍ୟବହାରରେ ସମସ୍ତେ ଅତ୍ୟନ୍ତ ଦୁଃଖିତ ହୋଇ ଅଛନ୍ତି । ବନ୍ଧୁମାନଙ୍କର ବିଦାୟଭୋଜ ଗ୍ରହଣ କରିବା କୌଣସି ସରକାରୀକର୍ମଚାରୀ ପ୍ରତି ନିଷେଧ ନାହିଁ । ତାହାଙ୍କୁ ଏଥିର ସମ୍ବାଦ ପୂର୍ବରୁ ଛାତ୍ରମାନେ ଦେଇଥିଲେ ଏବଂ ସେ ସୁବିବେଚନାପୂର୍ବକ ତହିଁରେ ସମ୍ମତି ଦେଖାଇ ପିଲାମାନଙ୍କୁ ତୁଷ୍ଟ କରି ଥିଲେ । ବାସ୍ତବରେ ଏମନ୍ତ ପ୍ରୀତିକର କାର୍ଯ୍ୟରେ ପିଲାମାନଙ୍କୁ ଉତ୍ସାହ ଦେବା ନୀତିଶିକ୍ଷାର ଅଙ୍ଗ ଅଟଇ । ଶେଷକୁ କାହିଁକି ଅନ୍ୟମତ ବୁଝିଲେ କିଛି ବୁଝା ଯାଉ ନାହିଁ । ଏପରି ବିଘ୍ନ ଘଟି ନ ଥିଲେ ରାମଦାସ ବାବୁ ପ୍ରଫୁଲ୍ଲ ଚିତ୍ତରେ ଆମୋଦପ୍ରମୋଦରେ ଯୋଗଦାନପୂର୍ବକ ସମସ୍ତଙ୍କୁ ଆପ୍ୟାୟିତ କରି ଥାନ୍ତେ । ରାମଦାସ ବାବୁ ତହିଁ ଆର ଦିନ ବେଳ ଘ ୧୦ ଟା ବେଳେ ଜାହାଜରେ ଚାନ୍ଦବାଲି ବାଟେ କଲିକତାକୁ ଯାତ୍ରା କଲେ ଏବଂ ତାହାଙ୍କୁ ବିଦାୟ ଦେବା କାରଣ ଅନେକାନେକ ଯୋବ୍ରାଘାଟରେ ଏକତ୍ରିତ ହୋଇଥିଲେ ।

——○†○——

ବକ୍ତୃତାର ଲଗାଣ ।

ଏଥିର ବିବରଣ ଗତସପ୍ତାହରେ ପାଠକମାନଙ୍କୁ ଜଣାଇଅଛୁଁ । ବୃଷ୍ଟି ଲଗାଣ ସପ୍ତାହର ଏକସପ୍ତାହରୁ ଅଧିକ କାଳ ସ୍ଥାୟୀହୁଏନା ବୋଲି ଏ ଲଗାଣ ଗତସପ୍ତାହରେ ଶେଷ ହୋଇଥିବାର ପାଠକବର୍ଗ ମନେ କରିଥିବେ ମାତ୍ର ତାହା ହୋଇ ନାହିଁ । ବକ୍ତୃତାଲଗାଣ ବର୍ଷା ଲଗାଣକୁ ଜିଣି ଯାଇ ତିନିସପ୍ତାହ କାଳ ଲାଗିରହି ଏସପ୍ତାହରେ ଶେଷ ହେଲା । ଗତସପ୍ତାହରେ ଥରେ ଯେ ବକ୍ତୃତାର ଝଡ଼ ତୋଫାନ ହୋଇ ଶ୍ରୋତାମାନଙ୍କୁ ବ୍ୟସ୍ତ କରିଥିଲା ଏ ସପ୍ତାହରେ ଆଉ ସେପରି ନ ହୋଇ ଶାନ୍ତଭାବରେ ଚଳି ବଡ଼ ସୁଖପ୍ରଦ ହୋଇଥିଲା ଓ ଧାରାଶ୍ରାବଣରେ ସନ୍ତୋଷବର୍ଦ୍ଧକ ଜଳଧାରାର ଅଭାବକୁ ଚିତ୍ତୋତ୍କର୍ଷସାଧକ ବାକ୍ୟଧାରା ଭୁଲାଇ ଦେଇଥିଲା ।

ଏ ସପ୍ତାହରେ ଦୁଇଗୋଟି ବକ୍ତୃତା ହୋଇଥିଲା । ପ୍ରଥମଟି ଏଠାର ବିଖ୍ୟାତ ଉକିଲ ବାବୁ ମଧୁସୂଦନ ଦାସ ଗତ ରବିବାର ଛାପାଖାନାରେ ମାନ୍ୟମାନ୍ ରାମଚନ୍ଦ୍ର ବସୁଙ୍କ ସଭାପତିତ୍ୱରେ ଓ ୨ୟଟି ସେହି ବିଖ୍ୟାତ ରାମଚନ୍ଦ୍ର ବସୁ ଗତ ମଙ୍ଗଳବାର ଗିର୍ଜାଗୃହରେ ଶ୍ରୀଯୁକ୍ତ ପାଦ୍ରି ବେଲ ସାହେବଙ୍କ ସଭାପତିତ୍ୱରେ ପ୍ରଦାନ କରିଥିଲେ । ଧର୍ମର ଆବଶ୍ୟକତା ପ୍ରଭୃତି ମାର୍ଗ ପ୍ରଥମ ବକ୍ତୃତାର ଆଲୋଚ୍ୟ ବିଷୟ ଥିଲା । ତହିଁପୂର୍ବେ ରାମଚନ୍ଦ୍ର ବାବୁ ଧର୍ମର ଆବଶ୍ୟକତା ବିଷୟରେ ଯେଉଁ ବକ୍ତୃତା କରିଥିଲେ ନାସ୍ତିକମାନଙ୍କ ଆପତ୍ତିର ବିଚାର ନ କରି ଈଶ୍ୱରଙ୍କର ଅସ୍ତିତ୍ୱ ବିନା ପ୍ରମାଣରେ ସ୍ୱୀକାର ପୂର୍ବକ ଧର୍ମାଚରଣର ଉପଦେଶ ଦେଇଥିବାରୁ ଏକଦେଶଦର୍ଶିତାର ଲକ୍ଷିତ ହୋଇଥିଲା ମଧୁବାବୁ ସେହି ଅଭାବ ମେଣ୍ଟାଇବାର ଚେଷ୍ଟା କରିଥିଲେ । ତାଙ୍କର ବକ୍ତୃତା ଯେପରି ସୁଦୀର୍ଘ ସେହିପରି ସୁନ୍ଦର ଓ ପ୍ରୀତିକର ହୋଇଥିଲା । ତାହା ଶ୍ରୋତାଙ୍କ ଚିତ୍ତକୁ ଏପରି ଆକର୍ଷଣ କରିଥିଲା ଯେ ସେମାନେ କେବଳ ପୁନଃ ପୁନଃ କରତାଳିଦ୍ୱାରା ଆନନ୍ଦପ୍ରକାଶ କରିଥିଲେ ଏମନ୍ତ ନୁହେ ବକ୍ତାମହୋଦୟ ଏକଘଣ୍ଟାରୁ ଊର୍ଦ୍ଧ୍ୱ କାଳ କହିବା ଉତ୍ତାରେ ଅବସାଦିତ ହୃଦୟରେ ସଂକ୍ଷେପରେ ସାରିବାକୁ ଚାହିଁବାରୁ "ଆଉ କହନ୍ତୁ" ଶୋଭାମଣ୍ଡଳରେ ପୁନଃ ପୁନଃ ଉଚ୍ଚାରିତ ହୋଇଥିଲା । ବାସ୍ତବରେ ଏବକ୍ତୃତାଟି ବଡ଼ ସରସ ହୋଇଥିଲା ସ୍ଥାନାଭାବ ହେତୁ ତହିଁର କେବଳ ସଂକ୍ଷେପ ଆଲୋଚନା ନିମ୍ନେ କରୁଅଛୁଁ । ଯଥା,

ବକ୍ତା ମହାଶୟ ପ୍ରଥମେ କହିଲେ କି ଭାରତବର୍ଷରେ ବିଶେଷତଃରେ ଉତ୍କଳ ପ୍ରଦେଶରେ ଧର୍ମର ଚର୍ଚ୍ଚା ସର୍ବଦା ହେଉଥିବା ବିଶେଷ ଦେଖାଯାଏ ଓ ସ୍ୱୟଂ ଜଗନ୍ନାଥଙ୍କ ସେବାର ଆଡ଼ମ୍ବର ଓ ଯାତ୍ରିସଂଖ୍ୟାରୁ ତାହା ପ୍ରତ୍ୟକ୍ଷ ହେଉଥିବା ସ୍ଥଳେ ଏଠା ଧର୍ମର ଆବଶ୍ୟକତା ବର୍ଣ୍ଣନା କରିବା ଏକପ୍ରକାର ଆଶ୍ଚର୍ଯ୍ୟର ବିଷୟ । କିନ୍ତୁ ବର୍ତ୍ତମାନର ଶିକ୍ଷିତ ଯୁବକଦଳ ଧର୍ମାଗ୍ରହଦୃଷ୍ଟିରେ ଏ ବିଷୟର ଆବଶ୍ୟକ ହୋଇ ପଡ଼ିଅଛି । କଲେଜମାନଙ୍କରେ ଯେ ଉଚ୍ଚଶିକ୍ଷା ଅବା ବିଜ୍ଞାନଶିକ୍ଷା ଦିଆ ଯାଉଅଛି ତାହାସବୁ କେବଳ ବହିର୍ଜଗତରେ ଆବଦ୍ଧ, ଛାତ୍ରମାନଙ୍କର ଜ୍ଞାନ କେବଳ ବହିର୍ଜଗତବିଷୟରେ ହେଉଅଛି ଅନ୍ତର୍ଜଗତ ଅର୍ଥାତ ମନୋବିଜ୍ଞାନର ଶିକ୍ଷା ପ୍ରାୟ ନାହିଁ ଏପରିସ୍ଥଳେ ଶିକ୍ଷିତ ଯୁବକମାନଙ୍କର ଧର୍ମରେ ମତି ଓ ଶ୍ରଦ୍ଧା ନ ହେବା ବିଚିତ୍ର ନୁହଇ ଓ ସେମାନଙ୍କୁ ସେଥିପାଇଁ ଦୋଷୀ କରାଯାଇ ନ ପାରେ ।

ତଦନନ୍ତର ବକ୍ତାମହୋଦୟ କହିଲେ କି ଶରୀରମଧ୍ୟରେ ଆତ୍ମା ଥିବାର ଅନେକ ପ୍ରମାଣ ଅଛି ଓ ମଧ୍ୟ ବିଜ୍ଞାନଶାସ୍ତ୍ର ତ ଯହିଁର ଶିକ୍ଷା ଓ

Digitized by srujanika@gmail.com

ଟେକ ଆଜକାଲି ବିସ୍ତର ପରିମାଣରେ ଚଳୁଅଛି ଆତ୍ମାର ଅସ୍ତିତ୍ୱକୁ ଅପ୍ରମାଣ କରିପାରୁ ନାହିଁ । ଏହା ସେ ଅତି ସୁନ୍ଦରରୂପେ ଓ ସାଧାରଣବୋଧଗମ୍ୟମତେ ଦର୍ଶାଇ ଦେଲେ । ବୈଜ୍ଞାନିକମାନେ କହନ୍ତି କି ଶରୀର ପରମାଣୁପୁଞ୍ଜରେ ନିର୍ମିତ ସେଥିରେ ଆଉ କିଛି ପଦାର୍ଥ ଅବା ଆତ୍ମା ଦେଖା ନ ଯାଏ ଏପରି କହିବା ଯେମନ୍ତ କୌଣସି ପୁସ୍ତକର ଭିତ ଛାଡି ଦେଇ କେବଳ ତାହା କାଗଜକାଳିର ସମଷ୍ଟି କହିବା ଯେମନ୍ତ ଅଟେ । କୌଣସି ଗ୍ରନ୍ଥକାର ଦୀର୍ଘକାଳ ପରିଶ୍ରମ କରି ଉତ୍କୃଷ୍ଟ ବିଷୟରେ ଗୋଟିକାର ପୁସ୍ତକଟିଏ ସ୍ୱହସ୍ତେ ଲେଖିଥିଲେ । କେହିଜଣେ ତାହା ନଷ୍ଟ କରିଦେବାରୁ ଗ୍ରନ୍ଥକାର ତାହାଉପରେ ଅନେକ କ୍ଷତିପୂରଣ ଦାବି କଲେ । ନଷ୍ଟକାରୀ କହିଲା ଏ ପୁସ୍ତକରେ ଯେତେ କାଗଜ କାଳି ଲାଗିଥିଲା ତହିଁର ମୂଲ୍ୟ ଯାହା ହେବ ତେତିକ ନେଇପାର ସେଥିରେ ଅଧିକ କଣ ଥିଲା ଯେ ଏତେଟଙ୍କା ଦାବି କରୁଅଛ । ବୈଜ୍ଞାନିକମାନେ ଏଥିରେ ବୋଧହେବେ କି ? ଯେବେ ପୁସ୍ତକମଧ୍ୟରେ କାଗଜ ଓ କାଳି ଛଡ଼ା ଆଉ କିଛି ମହତ ପଦାର୍ଥ ଅଛି ତେବେ ଶରୀରମଧ୍ୟରେ ମଧ୍ୟ ପରମାଣୁ ଛଡ଼ା ଅତଏବ ମହାନ୍ ପଦାର୍ଥ ନାହିଁ ବୋଲି କିପରି ପ୍ରତିପନ୍ନ ହେଲା ?

ବକ୍ତା ଯେପରି ସାଧାରଣ ବୋଧଗମ୍ୟମତେ ଆତ୍ମାର ଅସ୍ତିତ୍ୱ ସପ୍ରମାଣ କଲେ ଠିକ ସେହିପ୍ରକାରରେ ପରମାତ୍ମା ଅବା ପରମେଶ୍ୱରଙ୍କର ଅସ୍ତିତ୍ୱ ସପ୍ରମାଣ କଲେ । ସେ କହିଲେ ପ୍ରଚଳିତ ସକଳଧର୍ମଶାସ୍ତ୍ର ଈଶ୍ୱରଙ୍କର ଅସ୍ତିତ୍ୱ ମାନନ୍ତି କେବଳ ତାଙ୍କର ସ୍ୱରୂପ ଆରାଧନା ପ୍ରଣାଳୀ ଇତ୍ୟାଦି କେତେକ ସାମାନ୍ୟ ବିଷୟରେ ମତଭେଦ ଦେଖାଯାଏ । ଶାସ୍ତ୍ରର ବିଚାର ଛଡ଼ିଦେଇ ମନୁଷ୍ୟର ଦୈନିକକାର୍ଯ୍ୟ ଓ ବ୍ୟବହାର ଇତ୍ୟାଦିଦ୍ୱାରା ଈଶ୍ୱରଙ୍କର ଅସ୍ତିତ୍ୱ ସପ୍ରମାଣ ହେଉଅଛି । ଜୀବ ସ୍ୱଭାବତଃ ଆପଣାଅପେକ୍ଷା ଅଧିକ ଅବା ସର୍ବଶ୍ରେଷ୍ଠ ଶକ୍ତିର ସାହାଯ୍ୟ ନେଉଛି ଓ ସେହି ସାହାଯ୍ୟ ବିନା ଦିନେ କି ମୁହୂର୍ତ୍ତେ ଚଳି ନ ପାରେ । ଦୃଷ୍ଟାନ୍ତସ୍ୱରୂପ କହିଲେ ପିଲା ଜନ୍ମିଲେ ଠାରୁ ତାହାର ପିତାମାତା ଭୂତର ଭୟ ଦେଖାନ୍ତି । ବାସ୍ତବରେ ଭୂତପ୍ରେତ କିଛି ନାହିଁ ତାହା କେବଳ କାଳ୍ପନିକ ବ୍ୟାପାର । କିନ୍ତୁ ପିତାମାତା କହିଲେଅ ପିଲାଙ୍କୁ ଆସ୍ୱସ୍ତ କରିବାରେ ଆପଣାକୁ ଅପାରଗ ମଣି ଭୂତପ୍ରେତର ସାହାଯ୍ୟ ନେଉନ୍ତି ଓ ପିଲାମାନେ ତହିଁରେ ବୋଧ ହୁଏ, ପ୍ରତ୍ୟକ୍ଷ ପିତାମାତାଙ୍କ କଥାରେ ଭୁଲେ ନା ଯନ୍ତୁ ତାଙ୍କଅପେକ୍ଷା ଅଧିକ କ୍ଷମତାପନ୍ନ ଶକ୍ତିର କଥା ଶୁଣେ ତାହା ଅପ୍ରତ୍ୟକ୍ଷ ଓ ଅପ୍ରକୃତ ହେଲେ ହେଁ ତହିଁରେ ଶାନ୍ତ ହୋଇ ପଡ଼େ । ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ ସାମାନ୍ୟକାର୍ଯ୍ୟରେ ସୁଦ୍ଧା ମନୁଷ୍ୟ ଆପଣା କ୍ଷମତାଅପେକ୍ଷା ଅଧିକ କ୍ଷମତାର ଆଶ୍ରୟ ନିଏ ଓ ତାହାବିନା ଚଳି ନ ପାରେ ।

ଅତଏବ ମନୁଷ୍ୟର ସର୍ବାଶ୍ରୟ କର୍ତ୍ତା ପରମାତ୍ମା ଅଟନ୍ତି । ତାଙ୍କର ରକ୍ଷାବେକ୍ଷଣ ସାହାଯ୍ୟରେ ମନୁଷ୍ୟ ସର୍ବଦା ଚଳୁଅଛି । ତାଙ୍କର ସାହାଯ୍ୟ ବିନା ଏକମୁହୂର୍ତ୍ତ ଚଳି ନ ପାରେ କମ୍ପା ଟେକି ନ ପାରେ । ସେ ପ୍ରାଣିମାନଙ୍କର ରକ୍ଷାକର୍ତ୍ତା ପାଳନକର୍ତ୍ତା ଓ ସର୍ବସୁଖଦାତା । ତାଙ୍କର ନିୟମ ପ୍ରତିପାଳନ କରି ଧର୍ମାଚରଣ କରିବା ମନୁଷ୍ୟର କର୍ତ୍ତବ୍ୟ ଓ ନିତାନ୍ତ ଆବଶ୍ୟକ । ତାଙ୍କଉପରେ ନିର୍ଭର କରି ଓ ତାଙ୍କୁ ଆତ୍ମସମର୍ପଣ କରି ମନୁଷ୍ୟ ଚଳିଲେ ତାହାର ଆତ୍ମା ନିତ୍ୟ ସୁଖଶାନ୍ତି ଭୋଗକରି ପରମସୁଖୀ ହେବ ।

ଏତଦନନ୍ତର ସଭାପତି ମହୋଦୟ ବକ୍ତାର ବିଶେଷ ପ୍ରଶଂସା କରି ଓ ତହିଁର ପୋଷକତାରେ ଦୁଇଚାରିକଥା କହି ସଭାଭଙ୍ଗ କଲେ ।

ଉପଯୁକ୍ତ ବକ୍ତୃତା କ ଯାହା ପାଦ୍ରୀ ରାମଚନ୍ଦ୍ର ବସୁ ଗତ ମଙ୍ଗଳବାର ପ୍ରଦାନ କରିଥିଲେ ତହିଁରେ ମନୁଷ୍ୟର କଥିତ ବୈଜ୍ଞାନିକ ଭାବ ଓ ଧର୍ମଭାବର ବିଚାର ହୋଇଥିଲା । ଏଥିର ସାରମର୍ମ ଏହି କି ପ୍ରକୃତ ବିଜ୍ଞାନଧର୍ମର ଉନ୍ନତିସାଧକ ଓ ସଙ୍ଗିବିନା ବିରୋଧୀ ନୁହଇ, ଯାହା ଯଥାର୍ଥ ବିଜ୍ଞାନ ନୁହେ ଅଥବା ଯେଉଁ ବୈଜ୍ଞାନିକ କଥା ଏପର୍ଯ୍ୟନ୍ତ କେବଳ ଅନୁମାନ ଉପରେ ନିର୍ଭର କରଇ ଓ ସତ୍ୟବୋଲି ପ୍ରମାଣିତ ହୋଇ ନାହିଁ ତହିଁରେ ଯେଉଁମାନେ ଅନ୍ଧ ହୋଇଅଛନ୍ତି ସେହିମାନେ ଧର୍ମର ଅନାସ୍ଥା କରୁଅଛନ୍ତି । ଏପରି ଲୋକମାନେ ଯେବେ ଆପଣାର ବିଦ୍ୱାନ ଜ୍ଞାନପ୍ରତି ଦୃଷ୍ଟି କରିବେ ତେବେ ସେମାନଙ୍କର ଭ୍ରମ ଭାଙ୍ଗିଯିବ । ସ୍ୱଭାବରେ ସେମାନେ ବିଚାର କଲେ ଦେଖିବେ ଯେ ବିଜ୍ଞାନ ମନୁଷ୍ୟକୁ ଲଘୁତା ଓ ବୈଷମ୍ୟଦଶାରୁ ଉଦ୍ଧାର ଅଣୁଅଛି ଏବଂ ଧର୍ମ ମନୁଷ୍ୟକୁ ଉନ୍ନତି ଏବଂ ଆନନ୍ଦଧାମକୁ ନେଇ ନେଉଅଛି । ବିଜ୍ଞାନ କହୁଅଛି ମନୁଷ୍ୟ ଧୂଳିକଣାରୁ ସୃଷ୍ଟ ହୋଇ ଅଛି ସେଥିରେ ଧୂଳିସଙ୍ଗରେ ମିଶିଯିବ ଅଭିବକ୍ତ ରହିବ ନାହିଁ । ଧର୍ମ କହୁଅଛି ଶରୀର ଧୂଳିସଙ୍ଗେ ମିଶିଯିବ ସତ୍ୟ କିନ୍ତୁ ଏହିମଧ୍ୟରେ ଯେଉଁ ଆତ୍ମା ଅଛି ତାହା ଅମର ଓ ଈଶ୍ୱରଙ୍କ ଅନୁରୂପ ଅର୍ଥାତ୍ ଈଶ୍ୱରଙ୍କଠାରେ ଯେତେଗୁଣ ଅଛି ସେ ସମସ୍ତ ଅତି ସାମାନ୍ୟ ପରିମାଣରେ ଏହି ଆତ୍ମାରେ ଅଛି । ସାଧନଦ୍ୱାରା ତାହା ଯେତେ ବଢ଼ାଇବ ତେତେ ଈଶ୍ୱରଙ୍କ ସମୀପସ୍ଥ ହେଉଥିବ ଏବଂ ଉନ୍ନତଉପରେ ଉନ୍ନତି ଓ ଆନନ୍ଦଉପରେ ଆନନ୍ଦଲାଭ କରୁଥିବ । ବକ୍ତୃତା ଶେଷ ହେଲାରୁ ସଭାପତି ମହାଶୟ ବକ୍ତାଙ୍କୁ ପ୍ରଶଂସା କରି ଧନ୍ୟବାଦ ଦେଲେ ଓ ଶ୍ରୋତାମଣ୍ଡଳୀ ତାହାସବୁ ଅନୁମୋଦନ କରିବାର କରତାଳଦ୍ୱାରା ପ୍ରକାଶ କଲାରୁ ସଭା ଭଙ୍ଗହେଲା ।

ସେଠାରେ ଗଡ଼ଜାତର ମୋକଦ୍ଦମା ବିଚାର କରିବେ ।

ଅଃ ସୁପରିଣ୍ଟେଣ୍ଡେଣ୍ଟ ବାବୁ ନନ୍ଦକିଶୋରଦାସ ଗଡ଼ଜାତ ଇସ୍ତଫା ଦେଇ ଏକଟକରେ ପେନ ଅଭିଳାଷ କଥା ଥିଲା ।

ଅସ୍ମାନଙ୍କ କଲେକ୍ଟର ସାହେବଙ୍କର ବାର୍ଷିକ ଗସ୍ତ ଆରମ୍ଭ ହୋଇଅଛି । ସେ ଏମାସ ତା ୨୧ ଦିନରେ ଉମଙ୍ଗଡା ଓ ବାଲିଅଣ୍ଟାଳ ଗସ୍ତରେ ଗଲେ ତା ୩୧ ରିଖରେ ଫେରିବେ ଓ ପୁଣି ଏକଦିନ ଏଠାରେ ରହି ଦୁଇଙ୍ଗ ଅଞ୍ଚଳକୁ ଯିବେ । ସେ ଗସ୍ତ ପ୍ରାୟ ପକ୍ଷେକାଳ ଲାଗିବ । ସାହେବ ମହୋଦୟ ସଙ୍ଗରେ କେବଳ ଜଣେ ମୋହରର ନେଇଅଛନ୍ତି । ଏହା ବଡ଼ ସୁବିଧାର କାର୍ଯ୍ୟ । ଏଥିସଙ୍ଗେ ପୂର୍ବ କଲେକ୍ଟର ରମଣ ସାହେବଙ୍କ ଗସ୍ତର ଆଡ଼ମ୍ବର ତୁଳନା କଲେ ସ୍ୱର୍ଗମର୍ତ୍ତ୍ୟର ଅନ୍ତର ।

## ଜନକତା–ଗଜେଟ !

ବାଲେଶ୍ୱର ପୁଲିସର ଡଃ ସୁପରିଣ୍ଟେଣ୍ଡେଣ୍ଟ ମିଃ ଥମ୍ସ, ଏଫ୍, ସାଇସ୍ ଗଭର୍ଣ୍ଣମେଣ୍ଟ ରେଇଲଓ୍ୱେ ପୁଲିସର ଅଃ ଇନ୍ସପେକ୍ଟର କେଳରଇପଦରେ ନିଯୁକ୍ତ ହେବାରୁ ତାଙ୍କ ସ୍ଥାନରେ ମେଦିନୀପୁରର ଅଃ ସୁପରିଣ୍ଟେଣ୍ଡେଣ୍ଟ ବାବୁ ଗିରିଶଚନ୍ଦ୍ର ଦାସ ନିଯୁକ୍ତ ହୋଇଅଛନ୍ତି ।

ଚତୁର୍ଥଶ୍ରେଣୀର ଡେପୁଟିକଲେକ୍ଟର ବାବୁ କେଦାରନାଥ ମଜୁମଦାର ବାବୁ ଶ୍ୟାମାଚରଣ ଚକ୍ରବର୍ତ୍ତୀଙ୍କ ଅନୁପସ୍ଥିତ ସମୟରେ ଅନୁଗୁଳକଲ୍ୟାଣର ସବ ଅଃ ଇନ୍ସପେକ୍ଟରସ୍ୱରୂପ ନିଯୁକ୍ତ ହୋଇଅଛନ୍ତି ।

ତ୍ରିହୁଣୀ ବୈତରଣୀବନ୍ଦରର ଅଃ ଇଞ୍ଜିନିୟର ଦସ୍ତଖତ ହେବ ଅନ୍ନଦାପ୍ରସାଦ ସରକାର ଜୁଲାଇ ତା ୧ ଦିନଠାରୁ ଅଣୁଅପଦା ସାନିସ୍କୃତବନ୍ଦରକୁ ବଦଳି ହୋଇଅଛନ୍ତି ।

---

ରୁଷିଆ ସମ୍ବାଦପତ୍ରରେ ପ୍ରକାଶିତ ହୋଇଅଛି ଯେ ସୁଏଜପୀସ୍ ଭାରତବର୍ଷ ରୁଷିଆ ବନ୍ଦରରେ ଏକତ୍ର ସନ୍ନିହିତ ହେଲେ ରୁଷିଆ ଭାରତରେ ଇଂଲଣ୍ଡର ଅଧିକାରକୁ ସମୂଳେ ଧ୍ୱଂସ କରିବେ ଏବଂ ଭାରତରେ ବିଦ୍ରୋହ ଉପସ୍ଥିତ ହେଲେ ତଦ୍ୱାରା ଇଂରାଜ ଅଧିକାର ନଷ୍ଟ ହେବା କ ହେବା ରୁଷିଆ-

Split by PDF Splitter



ପ୍ରତି ନିର୍ଭର ହେବ ।—ଦେଶୀ ଔଷଧଠାରୁ ବାମ୍ପ୍ରକା- ଶର ଏବଂ ଅସ୍ମାନଙ୍କ ଜଣା ଯାଉଅଛି ।

ବୃଷ୍ଟି ଅଭାବରେ ମାନ୍ଦ୍ରାଜ ଅଞ୍ଚଳରେ ଶସ୍ୟର ଭଲ ଅବସ୍ଥା ହେଉଅଛି ବୋଲି ସମ୍ବାଦ ମିଳଇ । ବର୍ତ୍ତମାନଠାରେ ୨୦୦୦ ଜଣ ଲୋକ ପାଠକଙ୍କ କାର୍ଯ୍ୟରେ ଲାଗି ଅଛନ୍ତି । ଉତ୍ତରଅର୍କଟ- ଠାରେ ୨୦୦୦, ଶମ୍ଭାବେଲ୍ଲିଠାରେ ୮୦୦ ଏବଂ କୋଇମ୍ବା- ଟୁରଠାରେ ୨୦୦୦ ବୃତ୍ତ ଏହାପରେ କାର୍ଯ୍ୟଦ୍ୱାରା ଜୀବିକା ନିର୍ବାହ କରୁଅଛନ୍ତି ।

କଣ୍ଠସ୍ଥ ବସ୍ତବରେ ଏକ ପାର୍ଲିଆମେଣ୍ଟରେ ରକ୍ଷଣଶୀଳ ସମ୍ପ୍ରଦାୟଙ୍କ ପ୍ରଭାବ ଆଗାମୀବର୍ଷ ଶେଷ ହେବ । ମନ୍ତ୍ରିବର ଗ୍ଲାଡଷ୍ଟୋନ ମହୋଦୟ ଅବସର ଗ୍ରହଣ କରିବେ ଏବଂ ସର ଉଇଲିୟମ ହାରକୋର୍ଟ ଉଦାରନୀତିସମ୍ପ୍ରଦାୟର ନେତା ହୋଇ କର୍ତ୍ତୃତ୍ୱ କରିବେ ।

ଅନ୍ଧଦେଶରେ କୌଣସି ବୃହତ ସର୍ପ ଗୋଟିଏ ପୁଚ୍ଛରେ ଲୁଚି ରହିଥିଲା । ଲୋକେ ତାହାକୁ ଦେଖି ବଧକଲେ ସାପଟା ଲମ୍ବ ହା ୧୧ ଚ ଓ ବେଢ଼ ହା ୪ ଚ ।

ଶାଲିବସ୍ତୀରେ ରେଲବାଟ ନିର୍ମାଣ ହେବାର ସ୍ଥିର ହୋଇଅଛି । ଶୀଘ୍ର କାର୍ଯ୍ୟାରମ୍ଭ ହେବ । ଏହି ରେଲବାଟ ଉତ୍ତରପଶ୍ଚିମ ରେଲୱେ ଠାରୁ ସୀମାପର୍ଯ୍ୟନ୍ତ ଓ ଅଲ୍‌ମୋ- ଡ଼ାର ନାଗାଭାଗ ପର୍ଯ୍ୟନ୍ତ ଯିବ । ଏଥିରେ ୨୫ ଲକ୍ଷ ଟଙ୍କା ବ୍ୟୟ ହେବାର ଅନୁମାନ ହୋଇଅଛି ।

କଲିକତାରେ ଏବେହେଁ ବର୍ଷା ହେଉଅଛି । ତାହା ଛାଡ଼ିବାକୁ ଯୋଗାଡ଼ ଦେଖାଯାଉ ନାହିଁ । ପୂର୍ବ ଅଞ୍ଚଳରେ ଭଲ । ଏ ବର୍ଷା ଶୀଘ୍ର କରିବାକୁ ଅଧିକାର କଥା ଅଛି । ସ୍ୱାସ୍ଥ୍ୟ କେବଳ ?

ସିମଲାରେ ଏଥର ବର୍ଷା ଅଧିକ ହୋଇଅଛି । ମହା- ମାନ୍ୟ ଗବର୍ଣ୍ଣର ଜେନେରଲଙ୍କ ସହିତ ନଗରର ପ୍ରାୟ ଅଧି- କାଂଶ ଅଧିବାସୀ । ସିମଲା ଛାଡ଼ିବାକୁ ଏଣିକି ଇଚ୍ଛା- ଶୀଳ ।

ବଙ୍ଗଳାପ୍ରଦେଶ ରଣପୁରସ୍ଥ ନଦୀପୁରଠାରୁ ପ୍ରାଣ ନେଇ ପଳାଇ ଅସିବା ସମୟରେ ଡାକ୍ତର ସାବିତ୍ରୀ ରାୟପୁର ସର୍ଦ୍ଦାର ଅଧିକାରରୁ ଗବର୍ଣ୍ଣମେଣ୍ଟ ୪୬୪ ଟଙ୍କା ଷଷ୍ଠପୂରଣ ଦେଉ ଅଛନ୍ତି ।

ଗୋଟିଏ ପକ୍ଷର ସାଡ ଖାଇଥିଲା । ସେହି ପକ୍ଷ ଖାଇ ୧ ଜଣ ଲୋକ କ୍ରିଗାନଗରଠାରେ ମରି ଯାଇଥିବାର ସମ୍ବାଦ ମିଳଇ ।

ତମ୍ବୁ ଦେଶୀମାନଙ୍କର ପ୍ରାୟ ଭଲ ହୁଏ ନାହିଁ । ଜଣେ ଡାକ୍ତର କହୁଅଛନ୍ତି, ସହରରେ ଅବ ହାଜ ଜଲସାର ଗଣ୍ଡ ତାମ୍ବୁ ଓଦାବର ତାହାକୁ ଅନ ଗଣ୍ଡ ଛିଣ୍ଡାବାରେ ସୁତ୍ରାଲି ପେଷରପରେ ବାନ୍ଧଦେଇ ଛୋଇଲେ ଉତ୍ତମ ଚିକିତ୍ସା ହୁଅଇ ।

ଇଉରୋପରେ ପ୍ରତିବର୍ଷ ପ୍ରାୟ ୭୦ ହଜାର ଲୋକ ଅଙ୍ଗ ହତ୍ୟା କରନ୍ତି । ସେଥିମଧ୍ୟରୁ ୨ ହଜାର ଜାରଜ ବାଳକ, ଜର୍ମାନି, ଫ୍ରାନ୍ସ ଓ ଇଂଲଣ୍ଡରେ ଅଧିକ ଅମ୍ବଦହତ୍ୟା ହୋଇ ଥାଏ ।—ଏହି ଶନ୍ଦେଶ ସର୍ବଦାରେ ଅପ୍ରଗଣ୍ୟ ।

କୌଣସି ପୈତ୍ରିକକ୍ଷେତ୍ର ସବ୍‌ବ୍ଲାନଠାରେ ସ୍ଥାପିତ ହୋଇ ଥାଏ, ଉତ୍କଳଦୀପିକାରେ ଏହା ବର୍ଣ୍ଣିତ ଅଛି । ଏପ୍ରତି

ଉପଯୋଗିତା ଲେଟେଣ୍ଟ କରନ୍ତି ବ ପିତାମାତାଙ୍କର ପାଦ- ପଦ୍ମ ପର୍ଯ୍ୟନ୍ତ ସ୍ଥାନାନ୍ତର । ତନ୍ମଧ୍ୟରେ ଏକଥା କେହି ପୂର୍ବରୁ ବୁଝି ଅଛନ୍ତି ।

ଗ୍ରାମ୍ୟଳ ନଗରଠାରେ ଗୋଟିଏ କଲେକ୍ଟରୀ ସ୍ଥାପିତ ହେବ । ତାହା ଅଉ ବନ୍ଦ ହେବ ନାହିଁ । ଅବଶ୍ୟ ଏକ- ଥିବା ମନୁଷ୍ୟ ସେଥିରେ ଲୁଚ ଦେବ ନାହିଁ କେବଳ ପୂର୍ବ- ଦେବବାଗ ଉକ୍ତ କାର୍ଯ୍ୟ ସମ୍ପନ୍ନ ହେବ । ପୂର୍ବର ବଳଶ ଅଧିକରଣ ନିମନ୍ତେ ପଢ଼ିବାର ନ ହେଲେ କୃଷ୍ଣ ସନ୍ଧର ବଳ ନ କିଣିଲେ, ଏହି ସନ୍ଧ ଅବଶ୍ୟକ ପର୍ଯ୍ୟନ୍ତ ରହିଯିବ । କଳିଯୁଗର ମହିମା ଅପାର !

ଅଫ୍ରିକା ଓ ଇଟାଲୀରେ ହେଲିକା ବେହାଗିତ ଓ ଜନ୍ତୁ କରିବା ନିମନ୍ତେ ସେଠାରେ ଶୃଙ୍ଗଶାଳିକ ଷଣ୍ଢ ଓ ମେଷମାନଙ୍କ ପଡ଼ିଅଛି ସନ୍ଦେହ ଉତ୍ପନ୍ନ ଓ ପ୍ରାତଃ- କାଳରେ ହିଂସା ବର୍ଜିତ ହେବା ଓ ପଳାୟନ କରିବାର ଦୃଶ୍ୟ ହୁଏ । ଏଥିରେ ଫସଲ ରକ୍ଷା ହେବ କି ? ସେଠାରୁ ନଶା ମାନବା ଉପାୟମାତ୍ର ବୋଧ ହେଉଅଛି ।

ଗତ ଶନିବାର ପ୍ରାତଃକାଳରେ କଲିକତାରେ ଭୂମିକମ୍ପ ହୋଇଥିଲା । ଏଥର ଭୂମିକମ୍ପର ସମ୍ବାଦ ସ୍ଥାନାନ୍ତରରୁ ଆସୁଅଛି ।

ଅମେରିକାଠାରେ ଅପରାଧୀର ପ୍ରାଣଦଣ୍ଡ ବିଦ୍ୟୁତ ଦ୍ୱାରା ହୋଇ ଏଣିକି ତାଡ଼ିତପ୍ରବାହଦ୍ୱାରା ନିର୍ବାହ ହେଉଅଛି । ଗତମାସ ତା ୭ ଦିନରେ ଚ ୪ ଜଣର ପ୍ରାଣଦଣ୍ଡ ଏହି ନିୟମରେ ହୋଇଥିଲା ।

ସିଂହଳଦ୍ୱୀପର କଣ୍ଡିର ଦୃଢ଼ଧର୍ମୀ ଲୋକ ଏବଂ ବହୁ ରାଜ- ପ୍ରାସାଦ ଅଧିକାଂଶ ବୃଦ୍ଧ ହୋଇ ଥିବାର ଜଣାଯାଇ ହୋଇ ଅଛି ।

ମାନ୍ଦ୍ରାଜ ହାଇକୋର୍ଟର ପ୍ରଧାନ ବିଚାରପତି ସର, ଅର୍ଥର କଲିନ୍ସ ମହୋଦୟଙ୍କ ଅନୁପସ୍ଥିତିରେ ସେଠା ଜଜ ମାନଙ୍କର ମୁଖ୍ୟସ୍ଥାନୀ ଅପର ଏକଟି ନିଯୁକ୍ତ ହୋଇ ଅଛନ୍ତି । ଏ ନିଯୁକ୍ତିରେ ଦେଶୀୟ ବ୍ୟକ୍ତିମାନ ଲୋକେ ସନ୍ତୁଷ୍ଟ ଅଛନ୍ତି ।

ନେପାଳଠାରେ ଶସ୍ୟ ଦୁର୍ମୂଲ୍ୟ ହୋଇ ଥିବାର ସମ୍ବାଦ ମିଳଇ । ସେଠାରେ ମଧ୍ୟବିଧ ଗୁହଳ ଟଙ୍କାରେ ସେ ୮ ର ଏବଂ ମଧ୍ୟବିଧ ମକ୍‌କା ଟଙ୍କାରେ ସେ ୭ ର ହିସାବ ମିଳୁଅଛି ।

ଜଣେ ଠିକା ଗାଡ଼ିବାଲାକାରରେ ମିଥ୍ୟା ମୋକଦ୍ଦମା କରିଥିବା ଅପରାଧରେ ଜଣେ ପୁଲିସ କନେଷ୍ଟବଲ ଅଭି- ଯୁକ୍ତ ହୋଇ ଥିବାରୁ ପୋଲିସର ସୁପର ଦଣ୍ଡ ଦେଇଅଛନ୍ତି । କନେଷ୍ଟବଲ ବସ୍ତ୍ରର ଗାଡ଼ିବାଲାଠାରୁ କିଛି ଟଙ୍କା ଅନ୍ୟାୟରେ କରିବାର ଇଚ୍ଛା କରିଲେ ଏବ ମାତ୍ର ଗାଡ଼ିବାଲା ନ ଦେବାରୁ ତାହା ନାମରେ ମିଥ୍ୟା ମୋକଦ୍ଦମା ଉଠାଇବାରୁ ସେ ଅପେ ଦଣ୍ଡରେ ପଡ଼ୁଅଛି ।—ଏହି କେବେ ମହାତ୍ମା ପୁଲିସରେ ଅଛନ୍ତି !

ଢାକାରେ ଗୋଟିଏ ବଡ଼ ବୈଷ୍ଣବଙ୍କର ମୋକଦ୍ଦମା ଉପସ୍ଥିତ ହୋଇଥିବାର ସମ୍ବାଦ ମିଳଇ । ନାରାୟଣଗଞ୍ଜଠାରେ ଜଣେ ମୁସଲମାନ ସ୍ତ୍ରୀଲୋକ ଗୋଟିଏ ସନ୍ତାନ ପ୍ରସବ କରି- ଥିଲା ; ଦୁର୍ଭାଗ୍ୟବଶତଃ ସନ୍ତାନଟି ସେହିଦିନ ପଞ୍ଚତ୍ୱ ପ୍ରାପ୍ତ ହେବାରୁ ପଡ଼ୋଶୀ ଗୋଟିଏ ୧୨ ବର୍ଷର ପିଲାକୁ ସେଠାରେ ଅଣି ଅପଣା ପିଲା ବୋଲି ଲୋକମାନଙ୍କରେ ପ୍ରଚାର ହେବା । ପିଲାଟିର ମାତା ପୋଲିସରେ ସେହି ସ୍ତ୍ରୀଲୋକ ନାମରେ ମୋକଦ୍ଦମା ଉପର କରିଅଛି ।—ମନ ଦହେ ।

ଗୋବର୍ଦ୍ଧନବାଟରେ ଶଯ୍ୟାରୁଥିବା ପଣ୍ଡିତ ପୁତ୍ରସ୍ୱର- ସେନ ବେଗୁନିଆ କଣ ପାଇବେ ଗୋଟିଏ ଗୁଜବର୍ଷୀୟସ୍ତ୍ରୀ କାଳିକା ଦେଖିଥିବାର ଜଣାଯାଏ । ଉକ୍ତ କାଳିକାର ନାମ

ଅବସ୍ଥା । ସେହି ବାଳିକା ସନ୍ଧରେ ପଣ୍ଡିତଙ୍କ ସ୍ତ୍ରୀ- ଗଣରେ ମନୋହରନ ଏବ ବେଦପଡ଼ଇରେ କଥାବାର୍ତ୍ତା କହୁଥିଲେ । ପଣ୍ଡିତ କହନ୍ତି ସେ ବାଳିକା ବଳିବାଲରେ ସଂସ୍କୃତ ଜେତେ ଅଦ୍ୱାର କରୁଥିଲେ ।—କଥା ସତ୍ୟ ହେଲେ ଏପରି ଅତ୍ଭୁତିସ୍ୱ ବାଳିକାର ସଂସ୍କାର ଅପାରତ୍ୱରେ ଅଉ କଣ କୋଡ଼ଇବ ? ଏଣୁ କହୁଅଛୁ ସେ ବାଳିକା ମନୋହରଙ୍କର ଅଉ କେଉଁଠି ଅବ ଜନ୍ମରେ ।—ଏହା ଜନ୍ ଲୁକେର ?

ବୋହିମିଆଠାରେ ଗୋଟିଏ ଅଷ୍ଟାଦଶବର୍ଷୀୟ ବାଳକ ଗୃହଦ୍ୱାର ପଶି ଘରର କରୁଥିଲା । ଏହିରେ ତାହାର ହଠାତ୍ ପିତା ଶବ୍ଦରେ ତାହାର ଗଳିସ ଭାଇ ଦେଖା ଦେଇ ସେ ଭୟରେ ! ପୂର୍ବସଙ୍କେତମ ଗୋଟିଏ ଲୁଚ ଲଗ ଭୁଷ୍ଟ ହୋଇ ଉଠିବାର ଶକ୍ତିରେ ପ୍ରକୃତ ହେଲା । ମାତ୍ର ଦଣ୍ଡରେ ଉଠିଗଲ ଦେଉରୂପ ଅଧିକ ହୋଇଅଛି ଏହା ତନ୍ତ୍ର ନ କରି ତନ୍ମୟ ବାଳକଟି ଅପଣା ମୃତ ମୁଖରେ ବନ୍ଦ ଫୁଲ କରି ଘରକଲା ସ୍ୱର୍ଗଲ କଲ ।—ଏହିପରି ବୈଦ୍ୟ- ବୃତ୍ତିଦାତାରେ ତାହା ଉଠିଲା ଏବ ସମୟରେ ଏହ ଥାନରେ ପ୍ରାଣ ଦେଲେ !

ଅମେରିକାର ବୃଷନଗରଠାରେ ଗୋଟିଏ ବୃହତ ଘୋଡ଼ା ହେଉଅଛି । ବଞ୍ଚିଥିବା ଏହା ଏକମାତ୍ର ଜୀଅର ହେବ । ବର୍ତ୍ତମାନ ଏଥର ଉଚ୍ଚତା ୪୧୦୮ ଫୁଟ ହୋଇଅଛି । ଏପରି ଜଙ୍ଘର ଉପ ଅବ ଦୁଇଗୋଟି ଲେଭେଲ ଇଲେକ୍ଟ୍ରିକରେ କଟାଯାଇ ଅଛି ।—ଅନେକବାର ଉନ୍ନତ ହେଉଛି ।

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେ- ମାନେ ଦାୟୀ ନୋହୁଁ ।

ମାନ୍ୟବର ଶ୍ରୀଲ ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ ମହାଶୟ !

ଗତ ୨୨ ଖ୍ୟଙ୍କ ଉତ୍କଳଦୀପିକାର ଏକ ସ୍ତମ୍ଭରେ କୁମାରବସ୍ତ ମଉଜାର ବାଠହ୍ନେରମାନଙ୍କ ଶେଷଫଳ ଉଲ୍ଲେଖ କରିବାର ପ୍ରକାଶ ହୋଇଥିଲା; ଯଥା; ଦଣ୍ଡବିଧି ଅଇନର ଦ ୩୭୯ ଧା ଅନୁସାରେ ବଦଅଣ୍ଡପାଲ ଓ ଭରିଭପାତ ମା ୪ ସ କଠିନ ପରିଶ୍ରମ ଓ ଟ ୨୦ କା ଅର୍ଥଦଣ୍ଡ ଏବ ଗଦାଇପାତ୍ତସାହାଣି ମା ୭ ସ ଓ ଟ ୫୦ କା ଅର୍ଥଦଣ୍ଡ ପୁନଃ ଫରେସ୍ତ୍ର ଅଇନ ଦ ୨୫ ଧାନୁସାରେ ସାର ବଳବନ୍ତସ୍ତ ଟ ୩୦ କା ଅର୍ଥଦଣ୍ଡ ଦେଇଗଲେ; ଅବଶିଷ୍ଟ ଖଲାସ ହୋଇଥିବା ଜ ୩ ଣ ଅସାମୀ ପ୍ରମାଣ ଅଭାବରୁ ଖଲାସ ପାଇଲେ, ତଥାପ ମନ ମୋହିଥିଲେହେଁ ଉକ୍ତ ଗ୍ରାମବାସିମାନେ ଶାନ୍ତି ଅବଲମ୍ବନ କଲାପରି ବୋଧ ହେଉ ନାହିଁ । ଖୋର୍ଦ୍ଧା ଫରେସ୍ତ୍ରର ମହାଶୟ ସଫଳକାମ ହେଲେ ସତ୍ୟ କିନ୍ତୁ ଯେଉଁ ମୋକଦ୍ଦମାରେ ଯେପରି ପ୍ରକାର

Digitized by srujanika@gmail.com

ପ୍ରାପ୍ତବ୍ୟ ତାହା ସେ ଅଙ୍ଗୀକାର୍ଯ୍ୟମୁ ବ୍ରୁଦ୍ଧଗଣ କର ନାହାନ୍ତି ବୋଧ ହୁଏ ଅଗାମୀ ବଜେଟରେ ଅବଶ୍ୟମନ୍ତର ହୋଇପାରବ ଜମଧବ—

୧୦।୭।୯୧—ଶ୍ରୀ ଜଗବନ୍ଧୁ ଶର୍ମା ଖୋରିଆ

ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ବନମାଳୀ ଦାସ | କଟକ | ୫ ୯୧ |
| „ ଦୁର୍ଗାପ୍ରସାଦ ଦତ୍ତ | ଗୋପ | ୫ ୩୯ |
| „ ଗୋପୀନାଥ ମହାନ୍ତି | କଟକ | ୫ ୯୯ |
| ମହନ୍ତ ଗୋପାଳଦାସ | „ | ୫ ୯୯ |
| ବାବୁ ଜଗନ୍ନାଥ ସତ୍ପଥୀ କସ୍ପୁର ହାକ୍ଷୀଗାଶ | | ୫ ୩୯ |
| „ ଜନାର୍ଦ୍ଦନ ସାହୁ ଢେଙ୍କାନାଳ ବାଉଁଶିଆ | | ୫ ୩୯ |

## ବିଜ୍ଞାପନ ।

ଶବ୍ଦମାଳାର ଅର୍ଥ ।

ବାବୁ ମଧୁସୂଦନ ରାଓଙ୍କୃତ ଶବ୍ଦମାଳାର ଅର୍ଥ-ପୁସ୍ତକ ମୋଟା ଏବଂ ମୂଲ୍ୟବାନ୍ କାଗଜରେ ଛପାହୋଇ କଟକପ୍ରିଣ୍ଟିଂ କମ୍ପାନୀଙ୍କର ଏବଂ ବାଲେଶ୍ୱର ଦେବ ପ୍ରେସର ଓ ବାମଣ୍ଡା ସ୍ପେଲ-ପ୍ରେସର ମେନେଜରମାନଙ୍କ ନିକଟରେ ଦୁଇ-ପଇସା ମୂଲ୍ୟରେ ବିକ୍ରୟ ହେଉଅଛି । ଦୁଇପଇସିଆ ଟିକଟରେ ୪ ୧୬ ଖଣ୍ଡ ବହି ଡାକରେ ଯାଇ ପାରେ ।

### NOTICE.

A tutor is required for the minor Raja of Dhenkanal salary Rs. 100 a month with free quarters (at Dhenkanal). Applications with copies of testimonials will be received by undersigned up to the 25th instant. A knowledge of English and Uriya is essential.

| | |
|---|---|
| Office of Supdt. Tributary Mehals Cuttack, the 13th July 1891. | Sd. G. TOYNBEE *Superintendent Tributary Mehals* |

ଉତ୍କଳଭାଷାରେ ଇଂରାଜୀ ପଠନ କରୁଥିବା ଛାତ୍ରମାନଙ୍କର ଅତି ପ୍ରୟୋଜନୀୟ ପୁସ୍ତକ ସଚିତ୍ର ।

### ଉତ୍କଳ ଅଭିଧାନ ।

ଶିକ୍ଷାବିଭାଗର ଡିରେକ୍ଟର ଏବଂ କମିଶନର ମହୋଦୟ ଇଣ୍ଡିଏ ଉତ୍କଳୀୟ ବୃହତ ଶବ୍ଦକୋଷର ଅଭାବ ବିଷୟ ସରକାରୀ ରିପୋର୍ଟରେ ପୁନଃ ପୁନଃ ଉଲ୍ଲେଖ କରିଥିବାରୁ ଅମ୍ଭେ ଏହି ଅଭାବ ମୋଚନ ନିମିତ୍ତ ପ୍ରାୟ ଦଶବର୍ଷ କାଳ ଯଥାସାଧ୍ୟ ପରିଶ୍ରମ କରି, କେତେକ ଗ୍ରନ୍ଥ ଅଭିଧାନ ଓ କେତେକ ବନ୍ଧୁଙ୍କ ସାହାଯ୍ୟରେ ଏହି ଅଭିଧାନ ସଙ୍କଳନ କରିଅଛୁଁ । ଏଥିରେ ଯାବୁ ପ୍ରତ୍ୟେକ ଶବ୍ଦର ଶବ୍ଦବ୍ୟୁତ୍ପତ୍ତି ଓ ଶବ୍ଦାର୍ଥ ଓ ପ୍ରଚଳିତ ପ୍ରସିଦ୍ଧ ପୁସ୍ତକ ଓ ଅଧୁନାତନ କବିମାନଙ୍କ ଗ୍ରନ୍ଥରୁ ଶିଷ୍ଟପ୍ରୟୋଗମାନ ଏବଂ ଦେଶରେ ଅଭୂତ ପୂର୍ବ ପ୍ରଚଳିତ ହୋଇଅଛି । ପ୍ରଚଳିତ ଅନ୍ୟ ଭାଷାମୂଳକ ଓ ଉତ୍କଳଦେଶଜ ଅନେକ ଶବ୍ଦ ମଧ୍ୟ ଦିଆଯାଇଅଛି । ମୂଳରେ ପ୍ରାୟ ଦ୍ୱାବିଂଶତି ସହସ୍ର ଶବ୍ଦ ଏହି ପୁସ୍ତକରେ ସମାବେଶିତ ହୋଇଅଛି । ପୁସ୍ତକର ଆକାର ରୟଲ ଅଠପେଜୀ ଆଠଶତ ପୃଷ୍ଠା । ମୂଲ୍ୟ ପାଞ୍ଚଟଙ୍କା ।

ଶିକ୍ଷାବିଭାଗର ଡାଇରେକ୍ଟର ମହୋଦୟ ଏହି ପୁସ୍ତକର ବ୍ୟୟ ସାହାଯ୍ୟ ସ୍ୱରୂପ ଅମ୍ଭଙ୍କୁ ଏକହଜାର ଟଙ୍କା ଦେଇ ଅଛନ୍ତି ଏବଂ କେତେକ ଖଣ୍ଡ ପୁସ୍ତକ ମଧ୍ୟ କିଣି ନେବାକୁ ପ୍ରତିଶ୍ରୁତ ହୋଇ ଅଛନ୍ତି ।

ପୁସ୍ତକ ଗ୍ରହଣେଚ୍ଛୁ ବ୍ୟକ୍ତିମାନେ ଅମ୍ଭ ନିକଟରେ ଟଙ୍କା ଦେଲେ ପୁସ୍ତକ ପାଇ ପାରିବେ । ମଫସଲ ଗ୍ରାହକମାନଙ୍କୁ ମୂଲ୍ୟ ଛଡ଼ା ଡାକମାସୁଲ ୫ ୦ ।/ ଦେବାକୁ ପଡ଼ିବ ।

ଯେଉଁମାନେ ଏକା ଥରକେ ଦଶଖଣ୍ଡି ପୁସ୍ତକ ଗ୍ରହଣ କରିବେ ସେମାନଙ୍କୁ ବିନାମୂଲ୍ୟରେ ଖଣ୍ଡିଏ ପୁସ୍ତକ ଦିଆଯିବ ।

ଯେଉଁ ପୁସ୍ତକରେ ଅମ୍ଭର ସ୍ୱାକ୍ଷର ନ ଥିବ ସେ ପୁସ୍ତକ ଚୋରା ବୋଲି ଗଣ୍ୟ ହେବ । ଏପରି ପୁସ୍ତକ କେହି ବିକ୍ରୟ କରୁଥିବାର ବା କେହି କିଣୁଥିବାର କେହି ଧରି ଦେଲେ ଅମ୍ଭେ ତାହାକୁ ଦଶଟଙ୍କା ପୁରସ୍କାର ଦେବୁଁ ।

ଶ୍ରୀ ଜଗନ୍ନାଥ ରାଓ  
ବାଲୁବଜାର, କାଳୀଗଳି, କଟକ

## ବାଟକାଭଣ୍ଡାର ।



ସହର ଓ ମଫସଲବାସିମାନଙ୍କ ସୁବିଧାର୍ଥ ଅନେକୁ ପ୍ରାୟ ଯାହେବଶ ହେବ ସ୍ଥାପିତ ହୋଇ ସୁବନୋବସ୍ତ ସହିତ କାର୍ଯ୍ୟ ଚଳୁଅଛି । ଏଥିରେ ନାନାବିଧ ଡାକ୍ତରୀ ଓ କବିରାଜୀ ଔଷଧ ବିକ୍ରୟ ହୁଅଇ । ଏହାଛଡ଼ା ଅନ୍ୟ ଯାହାର ଯେଉଁଦ୍ରବ୍ୟ ପ୍ରୟୋଜନ ହୁଏ ଲେଖିଲେ ଅତିସତ୍ୱର ଓ ବିଶେଷ ସାବଧାନତା ସହିତ ପଠାଇ ଦିଆଯାଏ । ମାଦକ ଦ୍ରବ୍ୟ ଛଡ଼ା ଅନ୍ୟାନ୍ୟ ସମୁଦାୟ ଦ୍ରବ୍ୟ ବିକ୍ରୟ ଓ ସରବରାହ କରୁଁ । ଯେଉଁ ଦ୍ରବ୍ୟମାନ ଅନ୍ୟସ୍ଥାନରୁ କିଣି କରି ପଠାଇବାକୁ ହୁଏ ତହିଁର ଉଚିତ ବଜାର ଦର ଉପରେ କିଣି ପଠାଇବାର ପରିଶ୍ରମନିମନ୍ତେ ଶଇକଡ଼ା ୫ ୨ ହିସାବରେ କମିଶନ ଗ୍ରାହକମାନଙ୍କଠାରୁ ନିଆଯାଏ । କେବଳ ପ୍ୟାକିଂ ଓ ଡାକଖର୍ଚ୍ଚ ପଠାଇଲେ ଔଷଧ ଓ ଦ୍ରବ୍ୟାଦି ଭାଲ୍ୟୁପେଏବଲ ଡାକରେ ମଧ୍ୟ ପଠାଯାଇ ପାରେ । କେଉଁ ବା ଇନସପିସିଏନ୍ସ ଯଦ ସ୍ପଷ୍ଟ ହୁଏ ନାହିଁ ଏବଂ ରିପ୍ଲାଇକାର୍ଡ ବା ଦୁଇପଇସିଆ ଟିକଟ ଖଣ୍ଡେ ନ ପଠାଇଲେ ପତ୍ରର ଉତ୍ତର ଦିଆଯାଏ ନାହିଁ ।

ମଫସଲବାସୀ ଅନେକ ଅନେକ ରଜା ଜମିଦାର ଓ ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କଠାରୁ ସର୍ବଦା ରୋଗର ବିବରଣ ଓ ଔଷଧ ପ୍ରେରଣ କରିବାସକାଶେ ପତ୍ରାଦି ପାଇଥାଉଁ । ଅତଏବ ସେମାନଙ୍କ ଓ ସର୍ବସାଧାରଣଙ୍କ ସୁବିଧାର୍ଥ ଜଣାଉଅଛୁଁ ଯେ ଯେଉଁମାନେ ଅମ୍ଭମାନଙ୍କ ଅତଃପର ଉପସ୍ଥିତ ହେବାକୁ

Digitized by srujanika@gmail.com

ଇଚ୍ଛା କରନ୍ତି ସେମାନେ ପୀଡ଼ାର ଅବସ୍ଥା ଉତ୍ପତ୍ତିର କାରଣ, ବ୍ୟାଧି କେତେ ଦିନ ହେଲା, ରୋଗୀ ପୁରୁଷ କି ସ୍ତ୍ରୀ, ରୋଗିର ପୂର୍ବ ଓ ବର୍ତ୍ତମାନ ଆଚରଣ, ବୟଃକ୍ରମ, ଆହାର, କୋଷ୍ଠଶୁଦ୍ଧି, ଧାତୁ ପ୍ରକୃତି ଇତ୍ୟାଦି ରୋଗର ବୃତ୍ତାନ୍ତ ଲେଖି ପଠାଇଲେ ତାହାର ଯଥାଯୋଗ୍ୟ ଔଷଧ ପଠାଇବୁଁ । ଟଙ୍କା, ଚିଠି ଓ ଔଷଧ ନିମ୍ନ ଠିକଣାରେ ଆମ୍ଭଠାକୁ ପଠାଇବାକୁ ହେବ ।

କଟକ ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ ।

## ନୂତନ ପୁସ୍ତକ ।

**A KEY TO NEW ROYAL READERS NO. IV MINOR COURSE.**

ଜୁଲାଇମାସର ମଧ୍ୟରେ ଗ୍ରାହକହେଲେ ମୂଲ୍ୟ ଟ ୦ ୷ ନଚେତ୍ ପରେ ମୂଲ୍ୟ ବୃଦ୍ଧିହେବ ।

Ditto An Abridged Edition ଟ ୷

ପ୍ରାକୃତିକ ଭୂଗୋଳର ପ୍ରଶ୍ନୋତ୍ତର ଟ ୦ ।, ସ୍ୱାସ୍ଥ୍ୟସାଧନର ପ୍ରଶ୍ନୋତ୍ତର ଟ ୦୵ , ପାଣ୍ଡୁଲିପିର ମାନେ ବହି ( ସରଳ ଓ ପରିଶୁଦ୍ଧ ) ଟ ୦ ୵

ଧ୍ରୁବ ଚରିତ ଟ ୦ ।

କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ଏବଂ ବାବୁ ରାମପ୍ରସନ୍ନ ମୁଖୋପାଧ୍ୟାୟଙ୍କ ପୁସ୍ତକ ଦୋକାନରେ ପ୍ରାପ୍ତବ୍ୟ । ପତ୍ରରେ "ଲଳିତମୋହନଙ୍କପ୍ରଣୀତ" ବୋଲି ଲେଖିବ । ନଚେତ୍ ଅନ୍ୟ ଗ୍ରନ୍ଥକାରଙ୍କ ପୁସ୍ତକ ଏହା ବଦଳରେ ପାଇବାର ସମ୍ଭାବନା ।

ସାମ୍ୟବାଦୀ ଇନଷ୍ଟି- } ଶ୍ରୀ ଲଳିତମୋହନ
ଟ୍ୟୁଶନ। କଟକ। } ଚକ୍ରବର୍ତ୍ତୀ ।

### ପ୍ରୟୋଜନୀୟଔଷଧ ।

ନିମ୍ନଲିଖିତ ପ୍ରଦ୍ୟୋତକାସ୍ୱ ଓ ନରବ୍ୟବହାର୍ଯ୍ୟ ପରୀକ୍ଷିତ ଔଷଧମାନ ଅଳ୍ପ ମୂଲ୍ୟରେ ଜନସ୍ୱାର୍ଥେ ପ୍ରସ୍ତୁତ ଅଛି ।

୧ । ପାରିଜାତ ତୈଳ—କେତୁ ଦକସନ୍ତୁ କେଶତନ୍ତୁ ଅନ୍ୱେଷଣା କରି ଏହି ଔଷଧ ପ୍ରସ୍ତୁତ ହୋଇଅଛି । ଏହା ବ୍ୟବହାର କଲେ, କେଶସ୍ଥୂଳତା, କେଶର ଅକାଳପକ୍ୱତା, ଅକାଳପତନ, ଏବଂ ଶିରଃପୀଡ଼ା, ଶୀର୍ଷଘୂର୍ଣ୍ଣନ ଇତ୍ୟାଦି ନିବାରିତ, ମସ୍ତକର କଣ୍ଡୂ ଓ ଖାଉଁଜି ନଷ୍ଟ ହୋଇ ଦେହ ଓ ମସ୍ତିଷ୍କ ସୁଶୀତଳ, କେଶ ବର୍ଦ୍ଧିତ, ଶୋଭାଯୁକ୍ତ ଓ ସୁବାସିତ ହୁଏ । ପ୍ରତି ଡିବିର ମୂଲ୍ୟ ବାରଅଣା ମାତ୍ର ।

୨ । ଦଦ୍ରୁ ହୁତାଶନ—ନାମ ହୁତାଶନ ସତ୍ୟ କିନ୍ତୁ ପ୍ରୟୋଗ କାଳେ ଜ୍ୱାଳା ଯନ୍ତ୍ରଣା କିଛିମାତ୍ର ଜଣା ଯାଏ ନାହିଁ । ମାତ୍ର ଏହା ଦଦ୍ରୁଙ୍କ ପକ୍ଷରେ ହୁତାଶନ ତୁଲ୍ୟ କାର୍ଯ୍ୟ କରେ ଏବଂ ତାହାକୁ ଏକାବେଳକେ ଭସ୍ମ କରେ, ଏଥିରେ ଆଉ ସନ୍ଦେହ ନାହିଁ । ଏହା ବ୍ୟବହାର କରି ୨୪ ଘଣ୍ଟାରେ ଦଦ୍ରୁ ରୋଗ ଆରୋଗ୍ୟ ହୋଇଅଛି, ପ୍ରତି ଡିବିର ମୂଲ୍ୟ ଛଅ ଅଣା ମାତ୍ର ।

୩ । ବ୍ରହ୍ମଚାରିଣୀ—ଏହା ଯଥାବିଧି ସେବନ କଲେ ନ ପ୍ରାଚୀନ ନ ନୂତନ ସବୁ ପ୍ରକାର ଅମ୍ଳଶୂଳ, ପିତ୍ତଶୂଳ, ବାୟୁ ଶୂଳ ( ଅମାଶୟ ), ଉଦରାମୟ ଓ ଅଜୀର୍ଣ୍ଣତାଜନିତ ଲକ୍ଷଣମାନ ନିବୃତ୍ତ ହୁଏ । ଏକପକ୍ଷ କାଳ ସେବନୀୟ ଔଷଧର ମୂଲ୍ୟ ଦୁଇ ଟଙ୍କା ଆଠ ଅଣା ।

୪ । କୋଷ୍ଠଭେଦ ବଟିକା—କୋଷ୍ଠବଦ୍ଧ ସର୍ବପ୍ରକାର ରୋଗର ଉତ୍ପତ୍ତି ଓ ବୃଦ୍ଧିର ପ୍ରଧାନ କାରଣ ଅଟେ । କୋଷ୍ଠଶୁଦ୍ଧି ନ ହେଲେ କୌଣସି ରୋଗ ଆରୋଗ୍ୟ କିମ୍ବା କୌଣସି ଔଷଧ ମଧ୍ୟ କାର୍ଯ୍ୟକାରକ ହୁଏ ନାହିଁ । ଏହି ଔଷଧ ବ୍ୟବହାର କଲେ ନ ପ୍ରାଚୀନ ନ ନୂତନ ସର୍ବପ୍ରକାର କୋଷ୍ଠବଦ୍ଧ ଏବଂ କୋଷ୍ଠବଦ୍ଧଜନିତ ଅନ୍ୟାନ୍ୟ ପୀଡ଼ା ଯଥା, କୋଷ୍ଠାଶ୍ରିତ ବାୟୁ, ଜ୍ୱର, ଅର୍ଶ, ଅଜୀର୍ଣ୍ଣ, ଶୋଥ, ଉଦରୀ, ଯକୃତ୍, ପାଣ୍ଡୁ ଓ ତଜ୍ଜନିତ ଶିରଃପୀଡ଼ା ଓ ଘୂର୍ଣ୍ଣାୟିତ ଇତ୍ୟାଦି ଦୂର ହୁଏ ।

ଏହି ଜର୍ଦ୍ଦୋଷ ଦରେଚକ । ସର୍ବପ୍ରକାର ପୀଡ଼ାରେ ଏମନ୍ତ କି ଅନ୍ୟାନ୍ୟ ଔଷଧ ବ୍ୟବହାରର ସଙ୍ଗେ ମଧ୍ୟ ଏହା ବ୍ୟବହାରର ଉପଯୁକ୍ତ ଅଟେ । ସୁସ୍ଥ, ଅସୁସ୍ଥ, ବାଳକ, ବୃଦ୍ଧ, ସ୍ତ୍ରୀ ଓ ପୁରୁଷ ସମସ୍ତେ ଏହା ସେବନ କରି ପାରନ୍ତି । ସପ୍ତାହ କାଳ ସେବନୀୟ, ଔଷଧର ମୂଲ୍ୟ ଏକ ଟଙ୍କା ।

୫ । କୁମାରୀର ଅରିଷ୍ଟ—ଏହା ସେବନ କଲେ ମ୍ୟାଲେରିଆ ବା ଦୂଷିତ ଜଳବାୟୁଜନିତ ଜ୍ୱର, ସର୍ବ ପ୍ରକାର ପାଳିଜ୍ୱର, ପୁରାତନ, ବିଷମ ଓ ଏକ ଜ୍ୱର, ପ୍ଲୀହା ଯକୃତ୍, ଅଜୀର୍ଣ୍ଣ, ଅରୁଚି, ଶୀର୍ଣ୍ଣତା, ରକ୍ତହୀନତା, ଅନିଦ୍ରିତ କୋଷ୍ଠ, ଶାରୀରିକ ଓ ମାନସିକ ଅବସନ୍ନତା ଇତ୍ୟାଦି ଦୂରୀଭୂତ ହୁଏ ଏବଂ ଦେହ, ପରିପୁଷ୍ଟ ହୋଇ ରକ୍ତ ସଞ୍ଚାରିତ ହୁଏ । ଏକ ପକ୍ଷକାଳ ସେବନୀୟ, ଔଷଧର ମୂଲ୍ୟ ଦୁଇ ଟଙ୍କା ଆଠ ଅଣା ।

୬ । ଶୋଣିତସଞ୍ଜୀବନୀ ( ସାଲସା )—ଶୋଣିତ ମାନବଦେହର ପ୍ରଧାନ ଉପାଦାନ ଅଟେ । ଏହା ପରିଶୁଦ୍ଧ ଥିଲେ କୌଣସି ପ୍ରକାର ବ୍ୟାଧିର ଉତ୍ପତ୍ତି ହୋଇପାରେ ନାହିଁ । କିନ୍ତୁ ଉକ୍ତ ଶୋଣିତ ସାମାନ୍ୟ ମାତ୍ର ଦୂଷିତ ହେଲେ ତହିଁରୁ କ୍ରମେ କ୍ରମେ ଶରୀରର ଭାବତ୍ ରକ୍ତ ଦୂଷିତ ହୋଇ ନାନା ପ୍ରକାର ଉତ୍କଟ ବ୍ୟାଧିର ଉତ୍ପତ୍ତି ହୁଏ । ଅନିୟମିତ ଆହାର,ବିହାର ଅତିରିକ୍ତ ଶାରୀରିକ ଓ ମାନସିକ ପରିଶ୍ରମ, ଦୂଷିତ ଜଳବାୟୁ ପାରଦାଦି ବିଷଦୋଷ, ପ୍ରମେହ, ଉପଦଂଶ ଇତ୍ୟାଦି ହେତୁ ଶରୀରର ରକ୍ତ ଦୂଷିତ ହୋଇ ଉଠେ ଏବଂ ନାନାପ୍ରକାର କ୍ଷତ, କଣ୍ଡୁରା, ପାଞ୍ଚ, କଣ୍ଡୂ, ଗଣ୍ଡଦେବତା, ନେତ୍ର ଓ ନାସିକା ରୋଗ ଶାରୀରିକ ଓ ମାନସିକ ଅବସନ୍ନତା ଇତ୍ୟାଦି ରୋଗ ଓ ଲକ୍ଷଣମାନ ଜାତ ହୋଇ ମନୁଷ୍ୟକୁ ଅକର୍ମଣ୍ୟ କରି ଦିଏ । ଏହି ସୁଧା ବ୍ୟବହାର କଲେ ନିର୍ଦ୍ଦିଷ୍ଟ ଉପଦ୍ରବମାନ ଉଚ୍ଛେଦିତ ହୋଇ ମାନବଦେହ ନବଜୀବନ ପ୍ରାପ୍ତ ଓ ଶୋଭାଯୁକ୍ତ ହୁଏ । ସୁସ୍ଥଶରୀରରେ ମଧ୍ୟ ବଳାଧାନନିମନ୍ତେ ଏହା ଉପଯୋଗୀ । ନାନାପ୍ରକାର ଚର୍ମ୍ମରୋଗ, କାନ୍ତି ବର୍ଦ୍ଧନ ଓ ସତାବ ଏହା ସେବନେ ଆରୋଗ୍ୟ ହୁଏ । ଚାରି ହପ୍ତା ସେବନୀୟ ଔଷଧର ମୂଲ୍ୟ ଦୁଇଟଙ୍କା ଆଠଅଣା ।

କାଲୁବଜାର, } ଡାକ୍ତର ।
କଟକ } ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ ।
ଔଷଧଭଣ୍ଡାର । } V. L. M. S.

Watches! Clocks! Time pieces! Repaired by an efficient workman the premises of the Cuttack Printing Company. Charge moderate.

## ଘଡିମରମତି ।

ନାନାପ୍ରକାର ଶ୍ରେଷ୍ଠ ବଡ଼ ସୂକ୍ଷ୍ମଘଡ଼ି ଉତ୍ତମରୂପେ ମରମତ ହେବା ଓ ଯଥା ସମୟରେ ପାଇପାରିବାର ଭଲ ବନ୍ଦୋବସ୍ତ ଏ ନଗରରେ ନ ଥିବାରୁ ଆମ୍ଭେ ଘଡି ମରାମତିର କାର୍ଯ୍ୟାରମ୍ଭ କରିଅଛୁଁ । ଯାହାଙ୍କର ଦରକାର ହେବ ଛାପାଖାନାଠାରେ ତତ୍ତ୍ୱ କଲେ ସମସ୍ତ ଜାଣି ପାରିବେ ।

ଘଡିର ଅବସ୍ଥା ଅନୁଯାୟୀ ୬ମାସଠାରୁ ୧ବର୍ଷ ପର୍ଯ୍ୟନ୍ତ ଗେରେଣ୍ଟି ଦିଆଯିବ ଅର୍ଥାତ୍ ମରମତ ଦୋଷରୁ ନିୟମିତ ସମୟ ମଧ୍ୟରେ ଘଡି ନ ଚାଲିଲେ ପୁନର୍ବାର ଦୁରସ୍ତ କରିଦିଆଯିବ ।

## ଗିଲ୍‌ଟି

ଘଡ଼ିର ଚେଇନ କେଶ, ମୁଦ, ସ୍ପେକଟେକଲ୍‌ର ଓ ଇନଷ୍ଟ୍ରୁମେଣ୍ଟର କମରହେବାର ଓଗେର ସାଜ, ( ଚମ୍ପାର ଓ ପିତ୍ତଳର ନାନାବିଧ ଅଳଙ୍କାରରେ ରୂପା ଅବା ସୁନାରେ; ରୂପାର ମୁଦ ଓଗେର ଅଳଙ୍କାର ସୁନାରେ ) ଗିଲ୍‌ଟି କରି ଦିଆଯିବ ।

କଟକ } ଶ୍ରୀ ଗୌରୀଶଙ୍କର ରାୟ
୧୭।୧୧।୮୯ }

## ମେହରୋଗ ।

ସ୨୪ଘଣ୍ଟାରେ ସମସ୍ତ ଜ୍ୱାଳା ଯନ୍ତ୍ରଣାର ନିବୃତ୍ତି ହେବ । ଦୁରନ୍ତ ପ୍ରମେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ଯନ୍ତ୍ରଣା ରୋଗଣଜନିତ ଲୁଚାଇ ନଦେଇ ସାମାନ୍ୟ ଅର୍ଥବ୍ୟୟର ସଙ୍କୋଚେ ଜୀବନର ମାୟା ପରିତ୍ୟାଗ କରନ୍ତୁ ନାହିଁ ।

ଏହି ଔଷଧ ଯଥାବିଧିରେ ଏକସପ୍ତାହ ସେବା କଲେ ନୂତନ ରୋଗ ଏବଂ ତିନି ସପ୍ତାହ ସେବନ କଲେ ପୁରାତନରୋଗ ଅବଶ୍ୟ ଆରୋଗ୍ୟ ହେବ। ଯେଉଁମାନେ ଆରୋଗ୍ୟ ନ ହେବେ କିମ୍ବା କହୁଅଛୁଁ ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗ ଛାଡ଼ି ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ଶରୀର ଚିରସ୍ଥିରରେ ପରିଣତ ନ ହେଲେ ଆଉ ଯିବ ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅବିଳମ୍ବରେ ପୁସ୍ତକାକାରେ ପ୍ରକାଶିତ ହେବ କଲିକତା ଅହିରୀଟୋଲା ନମ୍ବର ଭବନରେ ଏ, ବେ, ସର ଇତ୍ୟାଦିଙ୍କଠାରେ ଏବଂ କଟକ ଦରଘାବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଶିଶିକୁ ଟ୧୷ ଙ୍କା । ପ୍ରୋଭିଡେଣ୍ଟ ଓ ପ୍ରାଇଭେଟ ପୃଥକ୍

☞ ଏହି ଉତ୍କଳଦୀପିକା ପତ୍ରିକା କଟକ ଦରଘାବଜାର କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Split by PDF Splitter

# ଉତ୍କଳ ଦୀପିକା

ସାପ୍ତାହିକସମ୍ବାଦପତ୍ରିକା ।

ଭା ୨୬ ଭ
୩୧ ସଂଖ୍ୟା } ତା ୧ ଉଣ ମାହେ ଅଗଷ୍ଟ ସନ ୧ ୮୧ ଇଂରାଜୀ ମୁ ଶ୍ରାବଣ ୧୮ ଦିନ ସନ ୧୨୯୮ ସାଲ ଶନିବାର { ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩, ; ପଶ୍ଚାଦେୟ ଟ ୩୧

## ଭାରତବର୍ଷୀୟ ଦଣ୍ଡବିଧି ।

ଅର୍ଥାତ୍ ସନ ୧୮୬୦ ସାଲର ଆ ୪୫ ଆଇନ ଆରମ୍ଭରୁ ସନ ୧୮୯୦ ସାଲର ଅଗଷ୍ଟ ମାସ ତା ୧ ଦିନପର୍ଯ୍ୟନ୍ତ ଯେସମସ୍ତ ଆଇନଦ୍ୱାରା ସଂଶୋଧନ ହୋଇଅଛି ତାହାସବୁ ମିଶି ଏକତ୍ର ଓଡ଼ିଆଭାଷାରେ ଛପା ହୋଇ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି । ମୂଲ୍ୟ ଏକଖଣ୍ଡକୁ ଟ ୧। ଓ ଡାକଖର୍ଚ୍ଚା ଟ ୦/ ଅଳ୍ପସଂଖ୍ୟା ଛପା ହୋଇଅଛି । ଯାହାଙ୍କର ପ୍ରୟୋଜନ ଶୀଘ୍ର କ୍ରୟ କରନ୍ତୁ ।

---

ପଣ୍ଡିତ ଶ୍ରୀ ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କ ପୀଡ଼ା କେତେମାତ୍ର ଊଣା ହୋଇ ନାହିଁ ସେ ଅଧିକ ଶଯ୍ୟାଗତ ଏବଂ ଦିନକୁ ଦିନ ବଳ କ୍ଷୟ ହେବାରୁ ଭାରି ଚିନ୍ତାର ବିଷୟ ହୋଇଅଛି । ବର୍ଦ୍ଧମାନର ରାଜା ହୋମିଓପାଥ ଏହାଙ୍କ କୋଷ୍ଠୀ ଦେଖି ଏ ରୋଗରୁ ମୁକ୍ତ ପାଇବାର ଭରସା ଦେଇଅଛନ୍ତି । ଏହାଙ୍କ ଗଣନା ସଫଳ ହେଉ ।

—*—

ଶ୍ରୀଯୁକ୍ତ ଉଥଲସାହେବ କେଉଁଝର ମାନେଜର ନିଯୁକ୍ତ ହୋଇ କାର୍ଯ୍ୟଭାର ଗ୍ରହଣ କରିଅଛନ୍ତି । ସେ କେଉଁଝରରୁ ଏକହଜାର ଏବଂ ମୟୂରଭଞ୍ଜରୁ * ଶହ ଏପରି ମାସକୁ ଟ ୧୫୦୦ ଙ୍କା ବେତନ ପାଇ ଦୁଇ ରାଜ୍ୟର କାର୍ଯ୍ୟ କରିବେ । କେଉଁଝରର ନଗଦ ତହବିଲ ଶୂନ୍ୟ ହେବା ଟଣାଟଣି ଲାଗିବାର ଶୁଣାଯାଏ । ମହାରାଜା ଗତ ସପ୍ତାହରେ ଏଠାକୁ ଆସିଅଛନ୍ତି । ଅଧିକ କୌଣସି ଆଦେଶ ପାଇ ନାହାନ୍ତି ।

---

ଢେଙ୍କାନାଳର ବାଳକ ରାଜାଙ୍କନିମିତ୍ତ ଜଣେ ଶିକ୍ଷକର ପ୍ରୟୋଜନ ହୋଇ ବିଜ୍ଞାପନ ଦିଆଯାଇଥିବାରୁ କେତେଲୋକ ଦରଖାସ୍ତ କରିଅଛନ୍ତି ଏବଂ ନିଯୁକ୍ତ କରିବାର ସମୟ ହୋଇଅଛି ଶ୍ରୀଯୁକ୍ତ ଗଡ଼ଜାତ ସୁପ୍ରିଣ୍ଟେଣ୍ଡେଣ୍ଟ ସାହେବ ଜଣେ ଦେଶୀୟ ଲୋକକୁ ଏ କାର୍ଯ୍ୟ ଦେବାର କଳ୍ପନା କରି ବଡ ସୁବିଚାର କରିଅଛନ୍ତି । ଭରସା କରୁଁ ସେ ଜଣେ ହିନ୍ଦୁଧର୍ମାବଲମ୍ବୀ ନିଷ୍ଠାବାନ୍ ଓ ସଚ୍ଚରିତ୍ର ଲୋକକୁ ଏପଦରେ ନିଯୁକ୍ତ କରିବେ ।

---

ଆମ୍ଭେମାନେ ଅତ୍ୟନ୍ତ ଆନନ୍ଦସହିତ ଅବଗତହେଲୁଁ ଯେ ସମ୍ବଲପୁରଜିଲ୍ଲା ଅନ୍ତର୍ଗତ ସୋନପୁରର ମହାରାଜା ସାଧାରଣ ହିତକାର୍ଯ୍ୟରେ ବ୍ୟୟକରିବା କାରଣ ନଗଦ ଏକଶତ ଟଙ୍କା ଏ ନଗରର ଉତ୍କଳ ବ୍ରାହ୍ମସମାଜର ଆଚାର୍ଯ୍ୟଙ୍କ ନିକଟକୁ ପଠାଇଦେଇ ଅଛନ୍ତି । କେଉଁ ହିତକାର୍ଯ୍ୟରେ ଏଟଙ୍କା ବ୍ୟୟିତ ହେବ ତହିଁର ପ୍ରସ୍ତାବ ଆମ୍ଭେମାନେ ଶୁଣି ନାହୁଁ । ଏପରେ ତାହା ପ୍ରକାଶ କରିବାର ଆଶା କରୁଁ । ଆପାତତଃ ଏହି ବଦାନ୍ୟତାନିମିତ୍ତ ମହାରାଜାଙ୍କୁ ଧନ୍ୟବାଦ ଦେଉଅଛୁଁ ।

---

କଲ୍ୟାଣପୁର ମଧ୍ୟମଶ୍ରେଣୀ ବର୍ଣ୍ଣାକ୍ୟୁଲର ବିଦ୍ୟାଳୟର ଛାତ୍ର ଚୈତନ୍ୟଚରଣ ମିଶ୍ର ପ୍ରବଞ୍ଚନାପୂର୍ବକ କାଇପଡ଼ା ଉଚ୍ଚପ୍ରାଇମେରୀ ବିଦ୍ୟାଳୟର ଛାତ୍ର ବୋଲି ପରିଚୟ ଦେଇ ଗତ ଉଚ୍ଚପ୍ରାଇମେରୀ ପରୀକ୍ଷାରେ ଉପସ୍ଥିତ ହୋଇ ପରୀକ୍ଷା ଦେଇଥିବା ଅପରାଧରେ ତାହାକୁ ପରୀକ୍ଷୋତ୍ତୀର୍ଣ୍ଣ ହୋଇଥିବା ସତ୍ତ୍ୱେ ପାସ ସାର୍ଟିଫିକଟରୁ ବଞ୍ଚିତ କରାଗଲା ବୋଲି ଶ୍ରୀଯୁକ୍ତ ଜଏଣ୍ଟ ଇନସ୍ପେକ୍ଟର ଆଦେଶ ଦେଇଅଛନ୍ତି । ଏପ୍ରକାର ପ୍ରବଞ୍ଚନାର ଏହାଠାରୁ ଗୁରୁତର ଦଣ୍ଡ ନାହିଁ ପରା !

---

ବଙ୍ଗର ଯୁବରାଜଙ୍କର କନ୍ୟାମାନେ ଗାନ୍ଧି-ବାଦ୍ୟ ଶିଖିଅଛନ୍ତି ରନ୍ଧାବଢ଼ା କରନ୍ତି ଏବଂ ରୁଟି ପିଷ୍ଟକାଦି ପ୍ରସ୍ତୁତ କରିବା ଅନେକ ଭଲ ମୂହିଁ ଲବଣୀ ତାହାର କରି ଜାଣନ୍ତି । ବଙ୍ଗର ରାଜକନ୍ୟାମାନଙ୍କର ଗୁଣ ଏବଂ କାର୍ଯ୍ୟ ଏପରି କିନ୍ତୁ ବର୍ତ୍ତମାନରୁ ଏଦେଶର ବଡଘରର ସ୍ତ୍ରୀମାନେ କଲିତ ବିଳଙ୍କ ଅନୁକରଣରେ ଘରକରଣା କାର୍ଯ୍ୟ କିଛି ନ କରି କେବଳ ଠାକୁରାଣୀ ହୋଇ ବସିଥାନ୍ତି । ଏପରି ସ୍ୱଭାବ ନ ହେଲେ ଦେଶର ଦୁର୍ଦ୍ଦଶା କିପରି ଘଟିବ ?

---

Digitized by srujanika@gmail.com

Split by PDF Splitter



ଗତ ଶନିବାର ପ୍ରାତଃକାଳ ପୂର୍ବରୁ ଝଡ଼ି ଆରମ୍ଭ ହୋଇ ରବିବାର ଅନେକ ଜଳ ବୃଷ୍ଟି ହୋଇଥିଲା । ମାତ୍ର ରବିବାରଠାରୁ ଖରାପାଗ ଏପର୍ଯ୍ୟନ୍ତ ଆଉ ବୃଷ୍ଟି ହୋଇ ନାହିଁ । ଉପରି ମୁଣ୍ଡରେ ଅଧିକ ବୃଷ୍ଟି ହେବାରୁ ମହାନଦୀ ଓ ତାହାର ଶାଖାମାନ ଗତ ସୋମବାର ବଢ଼ିବାର ଆରମ୍ଭ ହୋଇ ସେହିଦିନ ପୂର୍ଣ୍ଣ ହୋଇ ଗଲା । ନାଠଯୋଡ଼ିରେ ଫୁ ୨୨ ଟ ଜଳ ହୋଇଥିଲା ଗତ କାଲିଠାରୁ ଶୁଖିବାର ଆରମ୍ଭ ହୋଇଅଛି । ଏହି ବୃଷ୍ଟି ଏବଂ ନଦୀବଢ଼ି ଜଳରେ କୃଷିର ବିଶେଷ ଉପକାର ହୋଇ ଅଛି । ତଥାପି ଆହୁରି ଜଳର ପ୍ରୟୋଜନ ।

---

ବାଲେଶ୍ୱରର ବ୍ରାହ୍ମସମାଜ ଦୁଇ ଦଳରେ ବିଭକ୍ତ ହୋଇ ଥିବାର ଏଥିପୂର୍ବେ ଜଣାଇ ଥିଲୁଁ । ସମ୍ପ୍ରତି ସେଠାକାର ସମ୍ବାଦପତ୍ରମାନଙ୍କରୁ ଅବଗତ ହେଲୁଁ ଯେ ବ୍ରାହ୍ମସମାଜର ସାମ୍ବତ୍ସରିକ ଉତ୍ସବକାର୍ଯ୍ୟ ଉକ୍ତ ଦୁଇଦଳ ପୃଥକ୍ ରୂପେ ନିର୍ବାହ କରିଅଛନ୍ତି । ଏଥିରୁ ପ୍ରକାଶ ଯେ ସେହି ପାର୍ଥକ୍ୟ ଦୃଢ଼ୀଭୂତ ହେଲା । ଏଥିର ଫଳ ଧର୍ମହାନି ଭିନ୍ନ ଆମ୍ଭେମାନେ ଆଉ କିଛି ଅନୁମାନ କରି ପାରୁ ନାହୁଁ । ଦଳାଦଳି କେତେବେଳେ ଉନ୍ନତିର ପୋଷକ ନୁହଇ ଦୁର୍ଭାଗ୍ୟକ୍ରମେ ଓଡ଼ିଶାମଧ୍ୟରେ ବାଲେଶ୍ୱରରେ ସବୁବିଷୟରେ ଦଳାଦଳି ଦେଖାଯାଏ ।

---

କୃଷ୍ଣପଦ୍ମାରର ଗୋଳଯୋଗ ମୀମାଂସା ପାଇଥିବାରି ଜଣା ଯାଇ ଥିଲା । ମାତ୍ର ବର୍ତ୍ତମାନ ଦେଖା ଯାଉଅଛି ଯେ ପାର୍ବତୀୟମାନେ ତାହା ଛଡ଼ି ନାହାନ୍ତି । ହାସିମଅଲି ନାମକ ଜଣେ ପୁରାତନ ବିଦ୍ରୋହୀ ପୁନର୍ବାର ସୈନ୍ୟ ସଂଗ୍ରହ କରି ଦକସାର ଦନ ହାଜୀଗ ସାମାନ୍ତିକ ଇଂରେଜଙ୍କ ଦୁର୍ଗ ଆକ୍ରମଣ କରି ଥିଲା ମାତ୍ର ଇଂରେଜ ସେନାଙ୍କଦ୍ୱାରା ପରାସ୍ତ ହୋଇ ପଳାୟନ କଲା । ଏଥିଉତ୍ତାରୁ ୯୯ ହଜାର ଗାଜୀ ଜାତୀୟ ସୈନ୍ୟ ସଂଗ୍ରହ କରି ଯୁଦ୍ଧ ଘୋଷଣା କରୁଅଛି । ହାସିମଅଲି ଧୃତ ବା ହତ ନ ହେଲେ କୃଷ୍ଣପଦ୍ମାରରେ ଶାନ୍ତି ସ୍ଥାପିତ ହେବ ନାହିଁ ।

---

କଲିକତାର ପୁଲିସରିପୋର୍ଟରୁ ଜଣାଯାଏ ଯେ ସେଠା ମାଜିଷ୍ଟ୍ରେଟମାନଙ୍କର କାର୍ଯ୍ୟ ବଡ଼ ସନ୍ତୋଷଜନକ ହୋଇଅଛି । ପ୍ରଧାନ ମାଜିଷ୍ଟ୍ରେଟଙ୍କ ବର୍ଷବିବରଣରେ ୩୪ ଗୋଟି ଅପିଲ ହାଇକୋର୍ଟରେ ହୋଇଥିଲା ତହିଁମଧ୍ୟରୁ କେବଳ ଏକଗୋଟାରେ ରାଏ ରଦ ହେଲା । ଉତ୍ତରବିଭାଗର ମାଜିଷ୍ଟ୍ରେଟଙ୍କ ବର୍ଷବିବରଣରେ ୫୧ ଅପିଲ ହୋଇଥିଲା ମାତ୍ର କେହି ସଫଳ ହେଲା ନାହିଁ । ଅବୈତନିକ ମାଜିଷ୍ଟ୍ରେଟଙ୍କ ବିଚାର ବିରୁଦ୍ଧରେ ୧୬ ଅପିଲ ହୋଇ କେବଳ ଏକଗୋଟି ସଫଳ ହେଲା । ହାଇକୋର୍ଟରେ ଯେସମସ୍ତ ମୋସଲ ହୋଇଥିଲା ତହିଁର ଫଳମଧ୍ୟ ଏହିପରି ଅଟଇ । କଲିକତାର ବେତନଭୋଗି ଏବଂ ଅବୈତନିକ ମାଜିଷ୍ଟ୍ରେଟମାନଙ୍କ କାର୍ଯ୍ୟର ଏପରି ଫଳ ଦେଖି ମାନ୍ୟବର ଲେଫ୍ଟେନାଣ୍ଟ ସେମାନଙ୍କ ସୁବିଚାରର ପ୍ରଶଂସା କରିଅଛନ୍ତି ।

---

ସନ ୧୮୯୦ ସାଲର କୁଲିସ୍ଥାନ ରିପୋର୍ଟ ସମ୍ପର୍କରେ ବଙ୍ଗୀୟ ଗବର୍ଣ୍ଣମେଣ୍ଟଙ୍କର ଯେଉଁ ମନ୍ତବ୍ୟ ବାହାରିଅଛି ତହିଁରୁ ପ୍ରକାଶ ଯେ ଏହିବର୍ଷ ଯେସବୁ ନୂତନ ନିୟମ ପ୍ରଚଳିତ ହୋଇଅଛି ତହିଁମଧ୍ୟରୁ ଗୋଟିଏ ପ୍ରଧାନ ନିୟମ ଏହି କି ଯେଉଁମାନେ ଗୁଆଲନ୍ଦ ବାଟରେ କୁଲି ପଠାଇବେ ସେ କୁଲିମାନଙ୍କୁ ପଠାଇବାପୂର୍ବେ ଡାକ୍ତରଙ୍କଦ୍ୱାରା ପରୀକ୍ଷା କରାଇବେ । ମାନ୍ୟବର ଲେଫ୍ଟେନାଣ୍ଟ ସ୍ୱୟଂ ଅନୁସନ୍ଧାନଦ୍ୱାରା ଦେଖିଅଛନ୍ତି କି ଏହି ନିୟମ ସନ ୧୮୯୦ ସାଲ ଡିସେମ୍ବର ମାସରେ ଜାରି ହୋଇଥିବା ପ୍ରତ୍ୟକ୍ଷେ ଅବିଧି ପ୍ରତିପାଳିତ ହୋଇ ନାହିଁ । ଏଥିପାଇଁ ମାନ୍ୟବର ମହୋଦୟ ତାଗିଦ କରିଅଛନ୍ତି ଏବଂ ନିୟମଭଙ୍ଗର ଦଣ୍ଡ ଦେଖାଇ ଦେଇଅଛନ୍ତି । କୁଲିସ୍ଥାନ ବିଷୟରେ ଯେତେ ଅତ୍ୟାଚାର ଶୁଣାଯାଏ ତହିଁରେ ଦୃଢ଼ରୂପେ ନିୟମ ପାଳିବା ନିତାନ୍ତ ଆବଶ୍ୟକ ଏଥିରେ ସନ୍ଦେହ ନାହିଁ । କୁଲିମାନଙ୍କର ସ୍ୱାସ୍ଥ୍ୟ ଗତବର୍ଷଠାରୁ ଭଲ ଥିଲା ।

---

ଆମ୍ଭେମାନେ ଗଭୀରବିଷାଦରେ ଡାକ୍ତର ରାଜା ରାଜେନ୍ଦ୍ରଲାଲମିତ୍ର, ବିଶେଷପାଣ୍ଡିତ ଥିବା ବିଷୟ ପାଠକମାନଙ୍କୁ ଜଣାଇଁ ଥିଲୁଁ । ଅତ୍ୟନ୍ତ ଦୁଃଖସହିତ ଅବଗତ ହେଲୁଁ, ଗତ ରବିବାରରାତ୍ର ୯ ଘଣ୍ଟା ସମୟରେ ରାଜା ରାଜେନ୍ଦ୍ରଲାଲ ଇହଲୋକରୁ ବିଦାୟ ହୋଇଯାଇ ଅଛନ୍ତି । ପକ୍ଷାଘାତ ରୋଗରେ ବହୁଦିନରୁ ପାଡ଼ିତ ଓ ମୃତ୍ୟୁପୂର୍ବ ଦୁଇଦିନରୁ ଅଜ୍ଞାନ ଥିଲେ ରାଜେନ୍ଦ୍ରଲାଲ ପୃଥିବୀର ସକଳ ପଣ୍ଡିତସମାଜରେ ପୂଜିତ ହୋଇଥିଲେ ।

---

ଏହାଙ୍କପରି ସ୍ୱାଧୀନଚେତା, ନିଷ୍ଠାବାନ୍ ଏବଂ ସାହସୀ ବ୍ୟକ୍ତି ଓ ପଣ୍ଡିତ ଅଳ୍ପ ଦେଖିବାକୁ ମିଳଇ । ସେ ଓଡ଼ିଶାର ପ୍ରାଚୀନମନ୍ଦିରାଦି କୀର୍ତ୍ତିମାନ ଗବର୍ଣ୍ଣମେଣ୍ଟଙ୍କ ଅଦେଶମତେ ଦେଖିଯାଇ ସେବିଷୟରେ ଖଣ୍ଡିଏ ଇତିହାସ ଲେଖି ଅଛନ୍ତି ଏବଂ ଅନ୍ୟାନ୍ୟ ଅନେକ ପୁସ୍ତକ ପ୍ରସ୍ତୁତ କରିଅଛନ୍ତି । ଏପରି ରତ୍ନ ହରାଇ ଏହାଙ୍କ କାହିଁକି ଭାରତବର୍ଷ ଓ ପୃଥିବୀର ଅନ୍ୟାନ୍ୟ ଦେଶର ବିଦ୍ୱାନ୍‌ମଣ୍ଡଳୀ ମହା ଦୁଃଖିତ । ଏହାଙ୍କ ବୟସ ୭୦ ବର୍ଷ ହୋଇଥିଲା ।

---

ଆମ୍ଭେମାନେ ଏକଖଣ୍ଡ ପାରଚାୟକ ଧାତ୍ରୀଶିକ୍ଷା ପୁସ୍ତିକା ସମାଲୋଚନାର୍ଥେ ଉପହାର ପ୍ରାପ୍ତ ହୋଇ ଅଛୁଁ । ଏହା କାମସ୍ତ୍ରା ଜଗନ୍ନାଥବଲ୍ଲଭ ପ୍ରେସରେ ମୁଦ୍ରିତ ଓ ବାବୁ ଶ୍ରୀ ଲକ୍ଷ୍ମୀନାରାୟଣ ନାୟକଙ୍କଦ୍ୱାରା ରଚିତ । ପୁସ୍ତକର ମୂଲ୍ୟ ଟ ୦।୵ ହେଲେହେଁ ତହିଁର ଆବଶ୍ୟକତା ତୁଳନାରେ ଅଧିକ ନୁହେ । ପୁସ୍ତକଟି ପ୍ରଶ୍ନୋତ୍ତରମାଳାରେ ବାବୁ ଯଦୁନାଥ ମୁଖୋପାଧ୍ୟାୟଙ୍କ ବଙ୍ଗଳା ଧାତ୍ରୀଶିକ୍ଷା ପ୍ରଣାଳୀରେ ରଚିତ ହୋଇ ଅଛି । ଧାତ୍ରୀଶିକ୍ଷା ଅତୀବ ଆବଶ୍ୟକୀୟ ଓ ବହୁମୂଲ୍ୟର ପୁସ୍ତକ ଓ ସମସ୍ତ ଗୃହକର୍ତ୍ତାଙ୍କ ନିକଟରେ ଥିବା ଏକାନ୍ତ ଆବଶ୍ୟକ । ଅମ୍ଭେମାନେ ପାଠକରି ଦେଖିଅଛୁଁ ଯେ ଏହା ସନ୍ନିକଟରେ ଥିଲେ ସମୟେ ସମୟେ ଅସନ୍ନ ବିପଦରେ ରକ୍ଷା ପ୍ରାପ୍ତ ହେବାର ସମ୍ଭାବନା ଦୁଃଖର ବିଷୟ ଯେ ଡାକ୍ତର ରାମକୃଷ୍ଣ ସାହୁଙ୍କ ଶିଶୁପାଳନପରି ଏ ପୁସ୍ତକର ଆଦର ଏ ପ୍ରଦେଶରେ ବଢ଼ିନାହିଁ । ମୂଢ଼ଲୋକର ଦୋଷରୁ ବର୍ଷକୁବର୍ଷ ଅନେକ ଶିଶୁ ଓ ପ୍ରସୂତି ଅକାଳରେ ମାରି ପଡ଼ୁଅଛନ୍ତି ତଥାପି ଲୋକେ ପୂର୍ବକାଳର ଭୁଲଧାରଣାପୂର୍ଣ୍ଣ ପଦ୍ଧତିକୁ ଅବଲମ୍ବନ କରି ରହି ଅଛନ୍ତି । ନୂତନ କିଛି ଶିଖିବାକୁ ଇଚ୍ଛା କରୁ ନାହାନ୍ତି ।

---

ଡାକ୍ତର ପେଣ୍ଟିକଷ୍ଟ ଆମେରିକାରୁ ବଙ୍ଗଳାକୁ ଖ୍ରୀଷ୍ଟଧର୍ମ ପ୍ରଚାର କରିବାକୁ ଆସିଥିଲେ । ସେଠାରୁ ଫେରିଯାଇ ସେଦେଶର ଅନ୍ୟାନ୍ୟବିଷୟମଧ୍ୟରେ ଲେଖିଅଛନ୍ତି ବଙ୍ଗଳାର ଜଣେ ଉଚ୍ଚଶିକ୍ଷାପ୍ରାପ୍ତ ବାଙ୍ଗାଳୀୟ ଭଦ୍ରଲୋକ ଯାହାଙ୍କ ନାମର ପ୍ରଥମ ଅକ୍ଷର ‘ ହ ’ ଅଟଇ ତାହାଙ୍କଠାରୁ ଶୁଣି ଅଛନ୍ତି ଯେ ବଙ୍ଗାଳୀମାନେ ବଡ଼ ମିଥ୍ୟାବାଦୀ । ଏହି ‘ ହ ’ ସାହେବ ଜଣେ ବିଚାରଠାରେ ଶପଥ ପଢ଼ିଥିଲେ ସେ କୌଣସି ମିଥ୍ୟା କଥା

Digitized by srujanika@gmail.com